

ବିବାଦୀୟ ମନ୍ତବ୍ୟ ଦେଇ ଅଡୁଆରେ ଶାହ | ୬

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ଅନ୍ଧେରି ୱେଷ୍ଟ ଅଫିସ୍‌କୁ ଭଡ଼ାରେ ଦେଲେ ମାଧୁରୀ | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୨୬୦ Vol. 21 No-260 19 DECEMBER 2024 THURSDAY BHUBANESWAR ଗୁରୁବାର, ୧୯ ଡିସେମ୍ବର ୨୦୨୪ ପୃଷ୍ଠା-୮ ମୂଲ୍ୟ: ୭.୦୦


## ସଂକ୍ଷେପରେ...

### ୫ ଦିନିଆ ଗସ୍ତରେ ଦିଲ୍ଲୀ, ରାଜସ୍ଥାନ ଯିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୮।୧୨ (ଭାସ୍କର ନ୍ୟୁଜ): ଗୁରୁବାରଠାରୁ ୨୧ ତାରିଖ ପର୍ଯ୍ୟନ୍ତ ୫ ଦିନିଆ ଗସ୍ତରେ ଦିଲ୍ଲୀ ଓ ରାଜସ୍ଥାନ ଯିବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ତେବେ ଗୁରୁବାରଠାରୁ ୨୧ଯାଏ ରାଜସ୍ଥାନରେ ରହିବେ । ପରେ ଦିଲ୍ଲୀରେ ୫୫ତମ ଜିଏସ୍‌ଟି ବୈଠକରେ ଯୋଗ ଦେବେ । ମଙ୍ଗଳବାର ତିନି ଦିନିଆ କେନ୍ଦୁଝର ଗସ୍ତରେ ଯାଇଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।

### ଜେପିସି ପୁନର୍ଗଠିତ

ନୂଆଦିଲ୍ଲୀ, ୧୮।୧୨: ଯୁଗ୍ମ ସଂସଦୀୟ କମିଟିର ପୁନର୍ଗଠନ କରାଯାଇଛି। ଏଥିରେ ଲୋକସଭାର ୨୧ ସାଂସଦ ସଦସ୍ୟ ରହିଥିବାବେଳେ ରାଜ୍ୟସଭାର ୧୦ଜଣ ସାଂସଦ ସଦସ୍ୟ ରହିଛନ୍ତି। ତେବେ ଓଡ଼ିଶା ସାଂସଦଭାବେ ସମ୍ବିତ ପାତ୍ର ଏବଂ ଭର୍ତ୍ତୃହରି ମହତାବ କମିଟିରେ ସ୍ଥାନ ପାଇଥିବା ସୂଚନା ମିଳିଛି।


### ଜଳିଗଲା କୋଟିଏ ଟଙ୍କାର ସାମଗ୍ରୀ

ଖଲ୍ଲିକୋଟ, ୧୮।୧୨ (ଭାସ୍କର ନ୍ୟୁଜ): ବୁଧବାର ସକାଳେ ଗଞ୍ଜାମ ଜିଲ୍ଲା କୋଦଳା ମୁଖ୍ୟ ରାସ୍ତାରେ ଥିବା ତେଜ୍ ଆଗ୍ରେ ଫ୍ୟାକ୍ଟ୍ରିରେ ଅଗ୍ନିକାଣ୍ଡ ଘଟି କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି। ଅଗ୍ନିଶମବାହିନୀ ଦୁଇଘଣ୍ଟା ଅକ୍ଲାନ୍ତ ପରିଶ୍ରମ କରି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ହୋଇନଥିବାବେଳେ ସର୍ଟ ସର୍କିଟରୁ ଏହି ନିଆଁ ଲାଗିଥିବା ସନ୍ଦେହ କରାଯାଉଛି। ଅଗ୍ନିକାଣ୍ଡରେ ମୃଦୁ ପାନୀୟ, କେକ୍ ଭଳି ସାମଗ୍ରୀର କଞ୍ଚାମାଲଗୁଡ଼ିକ ସଂପୂର୍ଣ୍ଣ ପୋଡ଼ିଯାଇଛି। ଏ ନେଇ ତଦନ୍ତ ମଧ୍ୟ ଆରମ୍ଭ ହୋଇଛି।

ସେନ୍‌ସେକ୍ସ: ୮୦,୧୮୨.୨୦
ସର୍ବାଧିକ: ୨୮.୦ ଡିଗ୍ରୀ
ସର୍ବନିମ୍ନ: ୨୦.୨ ଡିଗ୍ରୀ

**୧୮।୧୨।୨୦୨୪ର ମତାମତ**

ଏକକ ନିର୍ବାଚନ ଦେଶର ଆର୍ଥିକ ସଂକଟକୁ ଦୂର କରିବାରେ ସହାୟକ ହେବ କି?




**ଆଜିର ପ୍ରସଙ୍ଗ**

ଦୁର୍ନୀତି ବିରୋଧରେ ସରକାରଙ୍କ ପଦକ୍ଷେପ ଗ୍ରହଣଯୋଗ୍ୟ ନୁହେଁ କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ସମ୍ମାନ ପାଇବେ ସାଂସଦ- ବିଧାୟକ

# ଅଫିସର ରାଜ୍‌ରେ ପଡ଼ିବ ପୂର୍ଣ୍ଣଚ୍ଛେଦ



- ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି
- ସାଂସଦ, ବିଧାୟକଙ୍କୁ ଅଣଦେଖା କରିବେନି ଅଧିକାରୀ
- ପ୍ରତିମାସରେ ହେବ ଉଚ୍ଚସ୍ତରୀୟ ସମୀକ୍ଷା
- ନିଯୁକ୍ତ ହେବେ ନୋଡାଲ-ଡିଲିଂ ଅଫିସର
- ବୁକ୍ ସର୍କୁଲାର ଉଲ୍ଲଂଘନ ହେଲେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, ୧୮।୧୨ (ଭାସ୍କର ନ୍ୟୁଜ): ବିଜେଡି ଶାସନ କାଳରୁ ଚାଲି ଆସିଥିବା ଅଫିସର ରାଜ୍‌ରେ ପଡ଼ିବ ସଂପୂର୍ଣ୍ଣ ପୂର୍ଣ୍ଣଚ୍ଛେଦ। ଏଣିକି ସାଂସଦ ଓ ବିଧାୟକମାନଙ୍କୁ ଅଣଦେଖା କରିପାରିବେନି ସରକାରୀ ଅଧିକାରୀ। ସମ୍ମାନ ଜଣାଇବେ। ସେମାନଙ୍କ କଥା ଶୁଣି ଆଇନର ଗଣ୍ଡିଭିତରେ ରହି ପଦକ୍ଷେପ ଗ୍ରହଣ କରିବେ। ପ୍ରତ୍ୟେକ ମାସରେ ବିଧାୟକ ଓ ସାଂସଦମାନେ କେଉଁ ବିଭାଗ ସହ କ'ଣ ପତ୍ର ବିନିମୟ କରିଛନ୍ତି ତା'ର ମଧ୍ୟ ମାସିକ ଉଚ୍ଚସ୍ତରୀୟ ସମୀକ୍ଷା କରାଯିବ। ଏ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ସବୁ ବିଭାଗର ସଚିବମାନଙ୍କୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ବୁକ୍ ସର୍କୁଲାର-୪୭ରେ ଥିବା ପ୍ରାବଧାନ ଆଧାରରେ ସାଂସଦ ଓ ବିଧାୟକମାନଙ୍କୁ ପ୍ରଶାସନିକ ଅଧିକାରୀ ସମ୍ମାନ ଦେବା ବାଧ୍ୟତାମୂଳକ ବୋଲି ଏହି ନିର୍ଦ୍ଦେଶନାମାରେ ସ୍ପଷ୍ଟଭାବେ ଉଲ୍ଲେଖ କରାଯାଇଛି। ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସୁରେନ୍ଦ୍ର କୁମାର ସମସ୍ତ ବିଭାଗର ସଚିବଙ୍କୁ ଚିଠି ଲେଖି ବିଧାୟକ ଓ ସାଂସଦମାନଙ୍କୁ ବୁକ୍ ସର୍କୁଲାର-୪୭ର ପ୍ରାବଧାନ ଅନୁଯାୟୀ ଆବଶ୍ୟକ ସମ୍ମାନ ଦେବାପାଇଁ ନିର୍ଦ୍ଦେଶ ଦେଇଛନ୍ତି। ବିଧାୟକ ଓ ସାଂସଦମାନଙ୍କ ଚିଠି ଓ ସୁପାରିସ ଆଦି ଉପରେ ବିଚାର କରିବାପାଇଁ ଯେଉଁ ବିଭାଗମାନେ ବର୍ତ୍ତମାନ ସୁଦ୍ଧା ସ୍ୱତନ୍ତ୍ର ସେଲ୍ ଖୋଲିନାହାନ୍ତି ସେମାନେ ତୁରନ୍ତ ଏହି ସେଲ ଖୋଲିବାକୁ ଚିଠିରେ ଉଲ୍ଲେଖ କରାଯାଇଛି। ଏହି ସେଲ୍ ଦାୟିତ୍ୱରେ ବିଭାଗ ପକ୍ଷରୁ ଜଣେ ନୋଡାଲ ଅଫିସର ଓ ଜଣେ ଡିଲିଂ ଅଫିସର ମଧ୍ୟ ନିଯୁକ୍ତ ହେବେ। ଯେଉଁମାନେ ସାଂସଦ ଓ ବିଧାୟକଙ୍କ ଚିଠି, ସୁପାରିସ ଓ ଅନ୍ୟାନ୍ୟ ଅଭିଯୋଗ ଉପରେ ତ୍ୱରିତ ପଦକ୍ଷେପ ଗ୍ରହଣ କରିବେ। ସଂପୃକ୍ତ ବିଭାଗ ଅଧୀନରେ ଥିବା ନିର୍ଦ୍ଦେଶାଳୟ, ଜିଲ୍ଲା, ବ୍ଲକସ୍ତରୀୟ କାର୍ଯ୍ୟାଳୟ ମଧ୍ୟ ବିଧାୟକ ଓ ସାଂସଦଙ୍କ ଚିଠି ଓ ସୁପାରିସ ଉପରେ କ'ଣ ପଦକ୍ଷେପ ଗ୍ରହଣ କରିଛନ୍ତି, ପ୍ରତିମାସର ୧୦ ତାରିଖ ମଧ୍ୟରେ ନିଜ ବିଭାଗକୁ ରିପୋର୍ଟ ଦେବେ। ଏହାକୁ ନିର୍ଦ୍ଧାରିତ ଫର୍ମାଟରେ ପ୍ରତିମାସ ୧୫ ତାରିଖରେ ସାଧାରଣ ପ୍ରଶାସନ ବିଭାଗକୁ ପଠାଯିବ। ମୁଖ୍ୟ ସଚିବ ପ୍ରତିମାସ ୨୦ ତାରିଖରେ ଏହାର ସମୀକ୍ଷା କରିବେ। ଯଦି ବୁକ୍ ସର୍କୁଲାର ଉଲ୍ଲଂଘନ ହୋଇଥିବା ପ୍ରମାଣ ମିଳେ, ତାହାହେଲେ ସଂପୃକ୍ତ ଅଧିକାରୀଙ୍କ ବିରୋଧରେ ବୁକ୍ ସର୍କୁଲାର ରୁଲ୍-୧୨ ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସୂଚନାଯୋଗ୍ୟ ଯେ ରାଜ୍ୟରେ ମୋହନ ଚରଣ ମାଝୀଙ୍କ ସରକାର କ୍ଷମତାକୁ ଆସିବା ପରେ ଗତ ଅଗଷ୍ଟ ୭ ତାରିଖରେ ସବୁ ବିଭାଗକୁ ଚିଠି ଲେଖି ସାଧାରଣ ପ୍ରଶାସନ ବିଭାଗ ୨୦୦୫ ଡିସେମ୍ବର ୨ରେ ଜାରି ବୁକ୍ ସର୍କୁଲାର-୪୭ର ପ୍ରାବଧାନକୁ କଡ଼ାକଡ଼ି ପାଳନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ବୁକ୍ ସର୍କୁଲାରର ପ୍ରାବଧାନ ଅନୁଯାୟୀ ବିଧାୟକ ଏବଂ ସାଂସଦମାନଙ୍କୁ ସରକାରୀ ଅଧିକାରୀମାନେ ଉପଯୁକ୍ତ ସମ୍ମାନ ଦେବାକୁ ବାଧ୍ୟ। ଯଦି କେହି ବିଧାୟକ ଓ ସାଂସଦ କୌଣସି ଅଫିସକୁ ଯାଉଛନ୍ତି, ତେବେ ସଂପୃକ୍ତ ଅଧିକାରୀ ତାଙ୍କ ଆସନ ନିକଟରେ ଛିଡ଼ା ହୋଇ ସେମାନଙ୍କୁ ସ୍ୱାଗତ ଓ ବିଦାୟ ଜଣାଇବେ। ଏପରିକି ଫୋନ୍ କଲେ ତାଙ୍କ କଥା ଶୁଣିବେ ଓ ସଙ୍ଗେ ସଙ୍ଗେ କଲ୍‌ବ୍ୟାକ କରିବେ।



କେନ୍ଦୁଝର ହ୍ୟାଣ୍ଡବଲ୍ ଷ୍ଟାଡିୟମଠାରେ ଆୟୋଜିତ ସବ୍‌ଜୁନିୟର ହ୍ୟାଣ୍ଡବଲ ଚାମ୍ପିଅନସିପ୍‌ର ଉଦ୍‌ଯାପନୀ ଦିବସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥିଭାବେ ବିଜେତା ଦଳକୁ ପୁରସ୍କୃତ କରୁଛନ୍ତି।

## ମୁମ୍ବାଇ ବୋଟ୍ ଟ୍ରାଜେଡି, ୧୩ ମୃତ

- ୧୦୧ ସୁରକ୍ଷିତ ଉଦ୍ଧାର
- ମୃତକଙ୍କ ମଧ୍ୟରେ ୩ ନୌସେନା ଅଧିକାରୀ
- ୫ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା

ମୁମ୍ବାଇ, ୧୮।୧୨: ବୁଧବାର ଦେଶର ଆର୍ଥିକ ରାଜଧାନୀ କୁହାଯାଉଥିବା ମୁମ୍ବାଇରେ ଏକ ବଡ଼ ଧରଣର ଅଘଟଣ ଘଟିଛି। ସମୁଦ୍ରର ଗଭୀର ଜଳରାଶିରେ ଏକ ଯାତ୍ରୀବାହୀ ଡଙ୍ଗାକୁ ଏକ ସ୍ପିଡ୍ ବୋଟ୍ ଧକ୍କା ଦେବା ଫଳରେ ୧୩ଜଣଙ୍କର ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୩ଜଣ ନୌସେନା ଅଧିକାରୀ ରହିଥିବାବେଳେ ୧୦ଜଣ ସାଧାରଣ ନାଗରିକ ରହିଛନ୍ତି। ଅନ୍ୟ ସମସ୍ତଙ୍କୁ ଉଦ୍ଧାର ପାଇଁ ଜୋରଦାର ପ୍ରୟାସ ଜାରି ରହିଛି। ଏହି ବିଶାଳକାୟ ଯାତ୍ରୀବାହୀ ଡଙ୍ଗାଟି ୧୦୦ରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କୁ ଧରି ଗେଟ୍ ୱେ ଅଫ୍ ଇଣ୍ଡିଆରୁ ଏଲିଫାଣ୍ଟା ଯାଉଥିଲା। ଉଦ୍ଧାର କାର୍ଯ୍ୟରେ ବହୁ ବୋଟ୍‌କୁ ନିୟୋଜିତ କରାଯାଇଛି। ଏବେ ବି ଅନେକ ନିଖୋଜ ଥିବା ସୂଚନା ଦିଆଯାଇଛି। ଉଦ୍ଧାର କରାଯାଇଥିବା ଲୋକଙ୍କୁ ଜୀବନ ରକ୍ଷାକାରୀ ଜ୍ୟାକେଟ୍ ପିନ୍ଧାଯାଇ ଅନ୍ୟଏକ ବୋଟ୍‌ରେ ସୁରକ୍ଷିତ ସ୍ଥାନକୁ ପଠାଯାଉଛି। ମହାରାଷ୍ଟ୍ର ସରକାର ଏହି ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ନିକଟ ସଂପର୍କୀୟଙ୍କ ପାଇଁ ୫ ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା କରିଛନ୍ତି। ଏହି ବୋଟ୍ ଟ୍ରାଜେଡିର ତଦନ୍ତ ପାଇଁ ମଧ୍ୟ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ନୌସେନା ଓ ପୋଲିସ ମିଳିତ ଭାବେ ଏହି ଟ୍ରାଜେଡିର ତଦନ୍ତ କରିବେ।

## ୧୦ଲକ୍ଷ ଟଙ୍କା ଲାଞ୍ଚ ମାମଲା

# ଗିରଫ ୩ ଅଭିଯୁକ୍ତଙ୍କୁ ଜାମିନ

ଭୁବନେଶ୍ୱର, ୧୮।୧୨ (ଭାସ୍କର ନ୍ୟୁଜ): ଭୁବନେଶ୍ୱରର ଏକ ତାରକା ହୋଟେଲ ସମ୍ମୁଖରୁ ସିବିଆଇ ୧୦ଲକ୍ଷ ଟଙ୍କା ଜବତ କରିବା ଘଟଣାରେ ଗିରଫ କରିଥିବା ୩ ଅଭିଯୁକ୍ତଙ୍କୁ ବୁଧବାର ସିବିଆଇର ସ୍ୱତନ୍ତ୍ର କୋର୍ଟ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ବ୍ରିଜ୍ ଆଣ୍ଡ ରୁଫ୍ କମ୍ପାନୀର ଜିଜିଏମ୍ ଚଞ୍ଚଳ ମୁଖାର୍ଜୀ, କଣ୍ଟ୍ରାକ୍ଟର ସନ୍ତୋଷ ମହାରଣା ଏବଂ ମଧ୍ୟସ୍ଥ ଦେବଦତ୍ତ ମହାପାତ୍ରଙ୍କୁ ସ୍ୱତନ୍ତ୍ର କୋର୍ଟ ଜାମିନ ଦେଇଛନ୍ତି। ସେମାନେ ବିନା ଅନୁମତିରେ ସହର ବାହାରକୁ ଯାଇପାରିବେ ନାହିଁ ବୋଲି ସର୍ତ୍ତ ରଖାଯାଇଛି। ଏପରିକି ପ୍ରମାଣ ନଷ୍ଟ ପାଇଁ କୌଣସି ଉଦ୍ୟମ କରିବେ ନାହିଁ ବୋଲି ଅଦାଲତ କହିଛନ୍ତି । ୧ ଲକ୍ଷ ଟଙ୍କା ଲେଖାଏଁ ବ୍ୟକ୍ତିଗତ ମୁଚାଲିକାରେ ସେମାନେ ଜାମିନ ପାଇଛନ୍ତି। ଏହି ୩ ଅଭିଯୁକ୍ତଙ୍କୁ ସିବିଆଇ ଦୁଇଥରରେ ୮ ଦିନ ପାଇଁ ରିମାଣ୍ଡରେ ନେଇ ପଚରାଉଚୁରା କରିଥିଲା। ଅନ୍ୟପକ୍ଷରେ ଆଇଏଏସ୍ ଅଧିକାରୀ ବିଷ୍ଣୁପଦ ସେଠୀଙ୍କ ପାଇଁ ଅଡୁଆ ବଢ଼ିବାରେ ଲାଗିଛି। ରାଜ୍ୟ ସରକାର ତାଙ୍କ ହାତରେ ଥିବା ୩ଟି ଗୁରୁତ୍ୱପୂର୍ଣ୍ଣ ବିଭାଗ କାଢ଼ି ନେବାପରେ ତାଙ୍କ ବିରୋଧରେ ଆଉକିଛି କାର୍ଯ୍ୟାନୁଷ୍ଠାନ ସରକାର ନେବେ କି? ସେ ନେଇ ଚର୍ଚ୍ଚା ମଧ୍ୟ ଲାଗି ରହିଛି। ତାଙ୍କ ବିରୋଧରେ ବିଭାଗୀୟ ପ୍ରୋସିଡିଂ ହେବାର ମଧ୍ୟ ସମ୍ଭାବନା ରହିଛି। ଗତ ୧୦ ତାରିଖରେ ସିବିଆଇ ବିଷ୍ଣୁପଦଙ୍କୁ ହାଜର ପାଇଁ ସମନ ଜାରି କରିଥିଲା। ୧୧ ତାରିଖରେ ହାଜର ହେବାକୁ ସମନରେ ନିର୍ଦ୍ଦେଶ ରହିଥିଲା। ତେବେ ଶ୍ରୀ ସେଠୀ ସିବିଆଇ ନିକଟରେ ହାଜର ନ ହୋଇ ଦିଲ୍ଲୀର ଅଶୋକା ହୋଟେଲରେ ୩ ଦିନ ରହିଥିବା ସୂଚନା ମିଳିଛି। ବିଷ୍ଣୁପଦ ସିବିଆଇ ସମନକୁ କାହିଁକି ଏଡାଉଛନ୍ତି ତାହାର କାରଣ ମଧ୍ୟ ସ୍ପଷ୍ଟ ହୋଇପାରୁ ନାହିଁ। ବ୍ରିଜ୍ ଆଣ୍ଡ ରୁଫ୍ କମ୍ପାନୀର ୧୦ଲକ୍ଷ ଟଙ୍କା ଲାଞ୍ଚ ମାମଲାରେ ସିବିଆଇ ସମନ ପରେ ବିବାଦ ଘେରକୁ ଆସିଥିଲେ ବିଷ୍ଣୁପଦ। ତେବେ ସେ ସିବିଆଇରେ ବୁଧବାର ହାଜର ହେବାର ଥିଲେ ମଧ୍ୟ ହାଜର ହୋଇଛନ୍ତି କି ନାହିଁ ସେ ନେଇ କୌଣସି ସୂଚନା ମିଳିପାରି ନାହିଁ । ଏପରିକି ବ୍ରିଜ୍ ଆଣ୍ଡ ରୁଫ୍ କମ୍ପାନୀ ସହ ତାଙ୍କର ସଂପୃକ୍ତି ନେଇ କୌଣସି ସ୍ପଷ୍ଟୀକରଣ ମଧ୍ୟ ସେ ରଖିନାହାନ୍ତି।



**ବିଷ୍ଣୁପଦଙ୍କ ପାଇଁ ବଢୁଛି ଅଡୁଆ !**

## ଆମ୍ବେଦକର ପ୍ରସଙ୍ଗରେ କଂଗ୍ରେସକୁ ଧୋଇଲେ ମୋଦୀ

# ପାପର ତାଲିକା ଦେଲେ



ନୂଆଦିଲ୍ଲୀ, ୧୮।୧୨: କଂଗ୍ରେସ ଓ ଏହାର ପ୍ରଚାର ବ୍ୟବସ୍ଥା ଦୀର୍ଘବର୍ଷ ଧରି ସମ୍ବିଧାନ ପ୍ରତିଷ୍ଠାତା ବି.ଆର. ଆମ୍ବେଦକରଙ୍କୁ ଅପମାନିତ କରି ଚାଲିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଭିଯୋଗ କରିଛନ୍ତି। ଏଥିସହ କଂଗ୍ରେସ କରିଥିବା ପାପର ତାଲିକା ମଧ୍ୟ ମୋଦୀ ଜାରି କରିଛନ୍ତି। ମଙ୍ଗଳବାର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ ରାଜ୍ୟସଭାରେ ଆମ୍ବେଦକରଙ୍କ ସଂପର୍କରେ • ପୃଷ୍ଠା ୫ ଦେଖନ୍ତୁ


### କଂଗ୍ରେସ ଦଳ ମିଥ୍ୟାର ଗନ୍ତାଘର: ଧର୍ମେନ୍ଦ୍ର

ନୂଆଦିଲ୍ଲୀ/ଭୁବନେଶ୍ୱର, ୧୮।୧୨ (ବ୍ୟୁରୋ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଗୃହମନ୍ତ୍ରୀ ଅମିତ ଶାହ ବାବା ସାହେବ ଆମ୍ବେଦକରଙ୍କ ପାଇଁ କଂଗ୍ରେସ କରିଥିବା ଷଡ଼ଯନ୍ତ୍ରର ବାସ୍ତବ ତଥ୍ୟକୁ ଦେଶବାସୀଙ୍କ ସାମ୍ନାରେ ରଖିଛନ୍ତି। ଏହି ପ୍ରସଙ୍ଗରେ କଂଗ୍ରେସ ପାଖରେ ତଥ୍ୟଭିତ୍ତିକ ଉତ୍ତର ନଥିବା କାରଣରୁ ଜାଣିଶୁଣି ଗୃହମନ୍ତ୍ରୀଙ୍କ ଭିଡିଓ ଏଡିଟ୍ କରି ଲୋକଙ୍କୁ ଭ୍ରମିତ କରିବା ପାଇଁ ଚେଷ୍ଟା କରାଯାଉଛି। ଏପରି କାର୍ଯ୍ୟରେ ସେମାନେ କେବେ ବି ସଫଳ ହେବେ ନାହିଁ ବୋଲି ପ୍ରତିକ୍ରିୟା ରଖି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ କହିଛନ୍ତି, ଆମ ସରକାର ବିଗତ ଏକ ଦଶନ୍ଧି ଧରି ବାବା ସାହେବ ଆମ୍ବେଦକରଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ଅକ୍ଳାନ୍ତ ପରିଶ୍ରମ କରୁଛନ୍ତି। ୨୫ କୋଟି ଲୋକଙ୍କୁ ଦାରିଦ୍ର୍ୟରୁ ମୁକ୍ତ କରିବା, ଏସ୍‌ସି/ଏସ୍‌ଟି ଆଇନକୁ ମଜବୁତ କରିବା ସହ ସ୍ୱଚ୍ଛ ଭାରତ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଜଳଜୀବନ ମିଶନ, ଉଜ୍ଜ୍ୱଳା ଯୋଜନା ଭଳି ଆମ ସରକାରଙ୍କ ପ୍ରମୁଖ କାର୍ଯ୍ୟକ୍ରମଗୁଡ଼ିକ ଗରିବ ଓ ଅବହେଳିତଙ୍କ ଜୀବନରେ ପରିବର୍ତ୍ତନ ଆଣିଛି। ତେବେ କ୍ରମାଗତ ପରାଜୟ ଏବଂ ଦେଶର ଦଳିତ ଓ ପଛୁଆ ସମାଜ ଦ୍ୱାରା ହୋଇଥିବା ପ୍ରତ୍ୟାଖ୍ୟାନର ହତାଶା ଭାବ ଯୋଗୁ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ୍‌ଗେ, ରାହୁଲ ଗାନ୍ଧୀ ଏବଂ କଂଗ୍ରେସ ଦଳ ମିଥ୍ୟାର ଗନ୍ତାଘର ଭାବେ ପରିଣତ ହୋଇଛି। କଂଗ୍ରେସ ଏବେ ନିଜ ହିସାବରେ ଭିଡିଓ ଏଡିଟ୍ କରି ଦେଶବାସୀଙ୍କୁ ଠକିବାର କାମ • ପୃଷ୍ଠା ୫ ଦେଖନ୍ତୁ



## ତୀର୍ଯ୍ୟକ


ଅର୍ଚ୍ଚିତ ଅନିର୍ବାଣ



ବିଷ୍ଣୁପଦ ସେଠୀ ବଡ ଅଫିସର
ହାତଗୋଡ ବଡ ବଡ,
କଅଣ କେଜାଣି ଏପଟ ସେପଟ
କରିଛନ୍ତି ଗଡବଡ !
ଯେଉଁଥିପାଇଁକି ତୋଡ,
କଟାଡୁ ଅଛନ୍ତି ସିବିଆଇବାଲା
ଥାଉ କି ନଥାଉ ଦାଢ !!

## ୨୩୧ କୋଟି ଠକେଇ

# ବିଶ୍ୱ ଏନ୍‌ଜିଓ ଉପରେ ଇଡିର ଚଢାଉ



ସମ୍ବଲପୁର, ୧୮।୧୨ (ଭାସ୍କର ନ୍ୟୁଜ): ୨୩୧ କୋଟି ଟଙ୍କା ଠକେଇ ଅଭିଯୋଗରେ ବିଶ୍ୱ ଏନଜିଓ ଉପରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପକ୍ଷରୁ ବୁଧବାର ସକାଳୁ ଚଢାଉ ହୋଇଛି। ସମ୍ବଲପୁରର ୩ଟି ଏବଂ ଦିଲ୍ଲୀର ଗୋଟିଏ ସ୍ଥାନରେ ଏହି ଚଢାଉ ଚାଲିଛି। ବିଶ୍ୱ ଏନ୍‌ଜିଓର ମୁଖ୍ୟ ସ୍ୱର୍ଗତଃ କ୍ଷୀରୋଦ ମଲ୍ଲିକ ଏକାଧିକ ରାଷ୍ଟ୍ରାୟତ ଓ ଘରୋଇ ବ୍ୟାଙ୍କରୁ ଋଣ ଆଣିଥିଲେ। କିନ୍ତୁ ପରବର୍ତ୍ତୀ ପର୍ଯ୍ୟାୟରେ ତାହା ପରିଶୋଧ କରିନଥିଲେ। ଏହି ଠକେଇ ଟଙ୍କା ଗତ ନିର୍ବାଚନ କାର୍ଯ୍ୟରେ ବ୍ୟବହାର କରାଯାଇଥିବା ସୂଚନା ମିଳିବା • ପୃଷ୍ଠା ୫ ଦେଖନ୍ତୁ

## ପାଣିପାଗ ବିଭାଗର ସୂଚନା

# ୨୧ ଯାଏ ଲାଗି ରହିବ ବର୍ଷା, ଚିନ୍ତାରେ ଚାଷୀ

ଭୁବନେଶ୍ୱର, ୧୮।୧୨ (ଭାସ୍କର ନ୍ୟୁଜ): ଆସନ୍ତା ୨୧ ତାରିଖ ଯାଏ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷାର ସମ୍ଭାବନା ରହିଛି। ଏ ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନକେନ୍ଦ୍ର ପକ୍ଷରୁ ସୂଚନା ଦିଆଯିବା ପରେ ଚାଷୀକୁଳ ଚିନ୍ତାରେ ପଡ଼ିଛନ୍ତି। ଓଡ଼ିଶାର କିଛି ଅଞ୍ଚଳରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ଥିବାରୁ ଚାଷୀମାନଙ୍କୁ ବର୍ଷା ଭୟ ଘାରିଛି। ବହୁ ସ୍ଥାନରେ ଧାନକଟା ସଂପୂର୍ଣ୍ଣ ହୋଇନଥିବାବେଳେ କେତେକ ଚାଷୀ ଖଳାରେ ଗଦା ହୋଇଥିବା ଏକର ଏକର ଫସଲର ଧାନ ନଷ୍ଟ ହେବା ନେଇ ଆଶଙ୍କା କରୁଛନ୍ତି। ଦକ୍ଷିଣ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ କ୍ଷେତ୍ର ପ୍ରଭାବରେ ବର୍ଷା ସମ୍ଭାବନା ରହିଥିବା ପାଣିପାଗ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି। ତେବେ ଆଗାମୀ ୫ ଦିନ ପାଗ ପ୍ରାୟତଃ ଶୁଖିଲା ସହ ମେଘୁଆ ରହିବ ଓ କେତେକ ସ୍ଥାନରେ ବର୍ଷା ହେବ। ପୁରୀ, କେନ୍ଦ୍ରାପଡ଼ା, ଗଜପତି, ଜଗତସିଂହପୁର, କୋରାପୁଟ, ରାୟଗଡ଼ା ଜିଲ୍ଲାମାନଙ୍କରେ ହାଲୁକା ବର୍ଷାର ସମ୍ଭାବନା • ପୃଷ୍ଠା ୫ ଦେଖନ୍ତୁ



## ବିଶିଷ୍ଟ ସାହିତ୍ୟିକ ବୈଷ୍ଣବ ଚରଣ ସାମଲଙ୍କୁ

# କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର

ଭୁବନେଶ୍ୱର, ୧୮।୧୨ (ଭାସ୍କର ନ୍ୟୁଜ): ୨୦୨୪ ବର୍ଷ ପାଇଁ ବିଶିଷ୍ଟ ସାହିତ୍ୟିକ ବୈଷ୍ଣବ ଚରଣ ସାମଲଙ୍କୁ ମିଳିବ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର। 'ଭୂତି, ଭକ୍ତି, ବିଭୂତି' ପ୍ରବନ୍ଧ ପୁସ୍ତକ ପାଇଁ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ। ଏ ନେଇ କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଘୋଷଣା କରାଯାଇଛି। ଆଧ୍ୟାତ୍ମିକ ଚିନ୍ତନ, ବିଶ୍ୱ ଦୃଷ୍ଟି ଏବଂ ମାନବିକ ଭାବନାରେ ଋଦ୍ଧିମନ୍ତ ଏହି ପୁସ୍ତକଟି ବିଭିନ୍ନ ମହଲରେ ବେଶ୍ ଉଚ୍ଚ ପ୍ରଶଂସିତ ହୋଇଛି। ଜଣେ ଉଚ୍ଚ ମୂଲ୍ୟବୋଧ ଭିତ୍ତିକ ପ୍ରାବନ୍ଧିକ ଏବଂ ସମାଲୋଚକ ଭାବେ ଶ୍ରୀ ସାମଲଙ୍କ ବେଶ୍ ସୁଖ୍ୟାତି ରହିଛି। ୧୯୩୯ ମସିହା ଫେବୃଆରୀ ୨୭ରେ କେନ୍ଦ୍ରାପଡ଼ାର ଚାରିଗାଁଠାରେ ଜନ୍ମଗ୍ରହଣ କରିଥିବା ଶ୍ରୀ ସାମଲ ୧୯୬୪-୬୫ ମସିହାରୁ ପ୍ରବନ୍ଧ ଓ ସମାଲୋଚନା ସାହିତ୍ୟ ଲେଖିବା ଆରମ୍ଭ କରିଥିଲେ। ତାଙ୍କର ପ୍ରଥମ ପ୍ରବନ୍ଧ ଥିଲା 'ମରୁତୀର୍ଥ'। ତାଙ୍କ ଲେଖା ବହୁ ପତ୍ରପତ୍ରିକାରେ ମଧ୍ୟ ପ୍ରକାଶ ପାଇଛି। ଅଧ୍ୟାପନାକୁ ବୃତ୍ତିଭାବେ ଗ୍ରହଣ କରିଥିବା ଶ୍ରୀ ସାମଲ ୧୯୬୬ ମସିହାରେ ଫକୀରମୋହନ ବିଶ୍ୱବିଦ୍ୟାଳୟରୁ • ପୃଷ୍ଠା ୫ ଦେଖନ୍ତୁ



ଓଡ଼ିଶା ଭାସ୍କର
ODISHA BHASKAR
# ରାଜ୍ୟ ଖବର





ଅନ୍ତଗଙ୍ଗ (ଭାସ୍କର ନ୍ୟୁଜ): ସେବା ମନୋବୃତ୍ତି ପାଇଁ ଟଙ୍କା ଦରକାର ନାହିଁ। ଦରକାର ହୁଏ ବଡ଼ ହୃଦୟ । ଆଉ ଏପରି ବଡ଼ ହୃଦୟ ଦେଖାଇଛନ୍ତି ଅନ୍ତଗଙ୍ଗ -କାକଟପୁର ବଜରଙ୍ଗ ଦଳର ସଦସ୍ୟ । ସ୍ୱାର୍ଥପର ଦୁନିଆରେ ଜୀବ ସେବା ହେଉଛି ନିସ୍ୱାର୍ଥପର ମଣିଷ । ଗୋସେବାରେ ନିଜକୁ ସମର୍ପି ଦେଇଛନ୍ତି । ପରିବାର ଲୋକଙ୍କୁ ପଛକୁ କରି ସବୁବେଳେ ନିଜକୁ ପ୍ରସ୍ତୁତ କରିଥାନ୍ତି ଗୋସେବା ପାଇଁ । ଆଷାଢ଼ରେ ବର୍ଷା ହେଉ କି ବୈଶାଖ ପ୍ରଚଣ୍ଡ ଖରା କିମ୍ବା ମାଘ ମାସର ଶୀତରୁ ଖାତିରି ନକରି ରାତି ଦିନ ଏକ କରି ଲାଗି ପଡ଼ନ୍ତି ଗୋସେବାରେ । ଦୁର୍ଘଟଣାଗ୍ରସ୍ତ ଗାଈ ଗୋରୁ କିମ୍ବା ଅସୁସ୍ଥ ଗାଈଗୋରୁଙ୍କ କଥା କାନରେ ବାଜିଲେ ବଜରଙ୍ଗ ଦଳର ସଦସ୍ୟଙ୍କ ମନ ସ୍ଥିର ରହି ପାରେନି । ଯାହାକି କିଛି ଦିନ ହେବ ଅନ୍ତଗଙ୍ଗ ବଜାରରେ ସନ୍ଧ୍ୟା ହେଲେ ମୁଖ୍ୟରାସ୍ତାରେ ଗାଈ ଗୋରୁ ରାତ୍ରରେ ଶୋଇ ରହୁଥିବା ବେଳେ ଦୁର୍ଘଣା ଶିକାର ହେଉଛନ୍ତି । ଯାହାକୁ ନେଇ ଗାଡି ଚାଳକ ସଚେତନ ସହ ଗାଈ ଗୋରୁଙ୍କ ସୁରକ୍ଷା ପାଇଁ ଅନ୍ତଗଙ୍ଗ -କାକଟପୁର ବଜରଙ୍ଗ ଦଳ ତରଫରୁ ସଂଯୋଜକ ଲିଙ୍ଗରାଜ ଦାସ ଙ୍କ ନେତୃତ୍ୱରେ ସାଥି କୁନା ସ୍ୱାଇଁ, ସିପୁନା ବିଶ୍ୱାଳ, ତପୁ ଦାସ, ଅରୁଣ କୁମାର ବିଶ୍ୱାଳ, ବାଟି ବିଶ୍ୱାଳ ପ୍ରମୁଖ ସୋମବାର, ମଙ୍ଗଳବାର ଅନ୍ତଗଙ୍ଗ ବଜାରରେ ରାତ୍ରରେ ଗାଈ ଗୋରୁଙ୍କ ବେକରେ ରେଡିୟମ ଷ୍ଟିକର ପକାଇଛନ୍ତି । ଯାହାକି ଗାଡି ଲାଇଟ ପଡ଼ିଲେ ଗାଡ଼ି ଚାଳକ ଅବଗତ ହୋଇ ପାରିବେ ବର୍ତ୍ତମାନ ସମାଜରେ ଯୁବପିଢ଼ିଙ୍କ ମଧ୍ୟରୁ ଅନେକ ଯୁବକ ଜୀବନ ଜୀବିକା ପାଇଁ ଧାଇଁଥିବାବେଳେ ଅନ୍ତଗଙ୍ଗ - କାକଟପୁର ବଜରଙ୍ଗ ଦଳର ଯୁବକଙ୍କ ନିଆରା ପ୍ରୟାସକୁ ସମସ୍ତେ ପ୍ରଶଂସା କରିଛନ୍ତି ।

## ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଠାକୁରମୁଣ୍ଡା କଲେଜ ନାମରେ ତଞ୍ଚକତା ଅଭିଯୋଗ





କରଞ୍ଜିଆ (ଭାସ୍କର ନ୍ୟୁଜ): ମୟୂରଭଞ୍ଜ ଜିଲ୍ଲାର ଠାକୁରମୁଣ୍ଡାସ୍ଥିତ ମା' ବାସୁଳି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ନାମରେ ଗୁରୁତର ଅଭିଯୋଗ । ୧୬ ତାରିଖରେ କରଞ୍ଜିଆ ଠାରେ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଗଛ କଟା ଜାଲିଆତି ନେଇ ତଦନ୍ତ ଦାବି ହୋଇଛି । ଅଭିଯୋଗର ଗୁରୁତ୍ୱକୁ ଉପଲବ୍ଧି କରି ଜିଲ୍ଲାପାଳ ତୁରନ୍ତ ତଦନ୍ତ ନିର୍ଦ୍ଦେଶ ଜାରି କରିଛନ୍ତି । ଘଟଣାରୁ ପ୍ରକାଶଯେ, ମା' ବାସୁଳି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଥିବା ପୁରୁଣା ଆକାଶିଆ ଓ ଇଉକାଲିପଟାସ ଗଛଗୁଡ଼ିକ କାଟିବା ପାଇଁ ଡ଼ିଏଫଓଙ୍କୁ ଅନୁମତି ମଗାଯାଇଥିଲା । କାରଣ ସ୍କୁଲର ଦର୍ଶାଯାଇଥିଲା ଯେ, ଗଛ ଗୁଡିକ ଶ୍ରେଣୀ ଗୃହ ପାଇଁ ବିପଦ ଏବଂ ଗଛ ଥିବାରୁ ସାପ ଏବଂ ଅନ୍ୟ ସରୀସୃପ ପଶି ଆସୁଛନ୍ତି । ଏହି ବାହାନାରେ ପରିସରରେ ଥିବା ୬୦ ଟି ଆକାଶିଆ ଏବଂ ୩୨୦ ଟି ଇଉକାଲିପଟାସ ଗଛ କାଟି ବିକିଦିଆଗଲା । ମାତ୍ର ବନ ବିଭାଗ ଦ୍ୱାରା ମାପ କିମ୍ବା ଚାଲାଣ ପାଇଁ ପରମିଟ ନିଆଯାଇନାହିଁ । ବିକ୍ରି ପାଇଁ ଟେଣ୍ଡର ( ବିଜ୍ଞାପନ ) ମଧ୍ୟ ଦିଆଯାଇନାହିଁ । ସାଲାସୁତ୍ରରେ କୌଣସି ଜଣେ ବ୍ୟବସାୟୀଙ୍କୁ ଗଛ ବିକ୍ରି କରାଗଲା । ସେଥିରେ କେତେ ଗଣ୍ଡି କାଠ କେତେ ଜାଳ କାଠ ତାର କୌଣସି ହିସାବ ଅନୁଷ୍ଠାନ ଦେଇ ପାରୁନାହିଁ । ନୀତିନିୟମ କୁ ଜଳାଞ୍ଜଳି ଦେଇ ଅଧିକ ଗଛ କାଟି ବିକିଦେଲେ । ୩୮୦ ଟି ଗଛରୁ ଅନୁଷ୍ଠାନକୁ ସମୁଦାୟ ୭୦୦୦୦ ( ସତୁରି ହଜାର ) ଟଙ୍କା ଆସିଥିବା ଆରଟିଆଇ ତଥ୍ୟରୁ ଜଣାପଡିଛି । ଗଛ କାଟି ବିକିବାର ଇତି ମଧ୍ୟରେ ଗୋଟିଏ ବର୍ଷ ବିତିଯାଇଛି । ମାତ୍ର ୭୦ ହଜାର ଟଙ୍କା ବାଦ ବାକି ଅର୍ଥ କାହା ପକେଟକୁ ଗଲା । ହରେକୃଷ୍ଣ ତ୍ରିପାଠୀ ନାମକ ଜନୈକ ସାମ୍ବାଦିକ ଆରଟିଆଇ ତଥ୍ୟ ସଂଗ୍ରହ କରି ଜାଲିଆତି ଅନୁଭବ କରି ଜିଲ୍ଲାପାଳଙ୍କ ନିକଟରେ ୧୬ ତାରିଖ ଜନଶୁଣାଣୀ ସମୟରେ ଅଭିଯୋଗ ଆଣିଥିଲେ । ଜିଲ୍ଲାପାଳ ତୁରନ୍ତ ଉପଜିଲ୍ଲାପାଳ ଏବଂ ଡିଇଓଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି । ଅଧକ୍ଷଙ୍କୁ ପଚାରିବାରୁ କଣ୍ଟ୍ରାକ୍ଟରଙ୍କୁ ବାକି ଟଙ୍କା ଜମା କରିବାକୁ ଲେଖାଯାଇଥିବା ଏବଂ ଗତ ୬ ମାସ ହେଲା ସ୍ୱାସ୍ଥ୍ୟ ଖରାପ ଥିବାରୁ କଣ୍ଟ୍ରାକ୍ଟର ସମୟ ମାଗିଥିବା ସେ କହିଛନ୍ତି । ତେବେ ବାକି ଅର୍ଥ ପରିମାଣ ଉଲ୍ଲେଖ କରିପାରିନାହାନ୍ତି ।

## ଭଡ଼ାରେ ଲାଗିଛି ଗଣେଶ୍ୱରପୁର ଜଳସଂପଦ ବିଭାଗ କାର୍ଯ୍ୟାଳୟ

■ଛତୁ ଚାଷୀଙ୍କୁ ଦିଆଯାଇଛି ଲିଜ୍ ■ବର୍ଷକୁ ମିଳୁଛି ୩୦ ହଜାର ଟଙ୍କା



ଗୋପ (ଭାସ୍କର ନ୍ୟୁଜ): ଭଡାରେ ଲାଗିଛି ଗୋପ ଜଳସଂପଦ ବିଭାଗ ଉପଖଣ୍ଡ କାର୍ଯ୍ୟାଳୟ ଅଧୀନ ଗଣେଶ୍ୱରପୁର ଜଳସଂପଦ ବିଭାଗ କାର୍ଯ୍ୟାଳୟ । ବାର୍ଷିକ ୩୦ ହଜାର ଟଙ୍କା ଭଡାରେ ଦିଆଯାଇଛି ଛତୁ ଚାଷୀଙ୍କୁ । ପରିସରରେ ଚାଲିଛି ଛତୁ ଚାଷ । ମାଲାମାଲ ହେଉଛନ୍ତି ଅଧିକାରୀ ଓ କର୍ମଚାରୀ । ସରକାରୀ କାର୍ଯ୍ୟାଳୟ ଏବଂ ଏହାର ପରିସରର ବେଆଇନ ଭାବେ ଭଡାଦେବାକୁ ନେଇ ଉଠିଛି ଅଭିଯୋଗ । କେବଳ ସେତିକି ନୁହେଁ ଏହାର ପରିସର ମଧ୍ୟରେ ଲୋଳଶ ବେରି ଚାଷ ହେଉଥିବାର ମଧ୍ୟ ଦେଖିବାକୁ ମିଳିଛି । ଯଦ୍ଦ୍ୱାରା ଭଡାରେ ଦିଆଯାଇଥିବା ବ୍ୟକ୍ତିମାନେ ସେଠାରେ ରୋଷେଇବାସ କରିବା ସହିତ ମଦ୍ୟପାନ କରୁଛନ୍ତି । ଏହି କାର୍ଯ୍ୟାଳୟ ମଦ୍ୟପଙ୍କ ଆଡ୍ଡାସ୍ଥଳୀ ପାଲଟିଥିବା ବେଳେ ଏଠାରେ ଦିନରାତି ମଦର ଆସର ଜମୁଛି । ମଦ୍ୟପାନ କରି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରୁଥିବାରୁ ସେହି ରାସ୍ତା ଦେଇ ଯାଉଥିବା କଲେଜ ଛାତ୍ରୀ, ସ୍କୁଲ ଛାତ୍ରୀ ଓ ସାଧାରଣ ଲୋକେ ନିଜକୁ ନିରାପଦ ମଣୁନାହାଁନ୍ତି । ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖା ଦେଇଛି । ତେବେ କାହା ନିର୍ଦ୍ଦେଶରେ ଉକ୍ତ କାର୍ଯ୍ୟାଳୟ ପରିସରକୁ ଭଡାରେ ଦିଆଯାଇଛି ତାହା ତଦନ୍ତ ସାପେକ୍ଷ । ଏହା ଉପରେ ବିଭାଗୀୟ ମୁଖ୍ୟଯନ୍ତ୍ରୀ, ଅଧିକ୍ଷଣ ଯନ୍ତ୍ରୀ, ନିର୍ବାହୀଯନ୍ତ୍ରୀ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବା ନିମନ୍ତେ ଦୁର୍ନିତି ନିବାରଣ ମଂଚ ଆବାହକ ଗଙ୍ଗାଧର ପାଇକରାୟ ଦାବି କରିଛନ୍ତି । ଏ ସମ୍ପର୍କରେ ଗୋପ ଜଳସଂପଦ ବିଭାଗ ନିର୍ବାହୀ ଯନ୍ତ୍ରୀ ସଂଗ୍ରାମ କେଶରୀ ମହାନ୍ତି କହିଛନ୍ତି ଯେ ମୁଁ ଏହା ଉପରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବି ।

### ବିଧାୟକଙ୍କ ହସ୍ତକ୍ଷେପ ପରେ ଜଲ୍ଲାରପୁର-ପହଙ୍ଗା ରାସ୍ତାକାମ ଯାଞ୍ଚ



ନିଆଳି(ଭାସ୍କର ନ୍ୟୁଜ): ଗତ ୧୩ ତାରିଖରେ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉ ସାହେବ ସିନ୍ଧେ ଆସିଥିବା ବେଳେ ଜନସାଧାରଣଙ୍କ ଅଭିଯୋଗ କ୍ରମେ ବିଧାୟକ ଛବି ମଲ୍ଲିକ ଓ ଜିଲ୍ଲାପାଳ ଜଲ୍ଲାରପୁର-ପହଙ୍ଗା ରାସ୍ତା ପରିଦର୍ଶନ କରିଥିଲେ । ଏଠାରେ ସୂଚନାଯୋଗ୍ୟ ୧୭ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ଏହି ରାସ୍ତା କାମ ଅତ୍ୟନ୍ତ ନିମ୍ନମାନର ହୋଇଥିବା ନେଇ ପୂର୍ବରୁ ବିଧାୟକ ଶ୍ରୀ ମଲ୍ଲିକ ସମ୍ପୃକ୍ତ ବିଭାଗର ଉଚ୍ଚ ପଦାଧିକାରୀଙ୍କୁ ଲିଖିତ ଭାବେ ଅଭିଯୋଗ କରିଥିଲେ । ତେବେ ବିଧାୟକଙ୍କ ହସ୍ତକ୍ଷେପ ଯୋଗୁଁ ଆଜି ରାସ୍ତା କାମ ଯାଞ୍ଚ କରିବାକୁ କ୍ୱାଲିଟି କଣ୍ଟ୍ରୋଲ ବିଭାଗ ଅଧିକାରୀମାନେ ପହଞ୍ଚି ରାସ୍ତା ଯାଞ୍ଚ କରିଥିଲେ । ରାସ୍ତା ନିର୍ମାଣ ହେବା ପରେ ରାସ୍ତାର ବିଭିନ୍ନ ସ୍ଥାନରେ ଗର୍ତ୍ତ ସୃଷ୍ଟି ହେବା ସହ ଫାଟ ସୃଷ୍ଟି ହୋଇଛି । ଏପରିକି ରାସ୍ତାରେ ଗୋଡି ମଧ୍ୟ ଦେଖାଯାଉଛି । ଏଠାରେ ସୂଚନାଯୋଗ୍ୟ ବିଧାୟକ ଶ୍ରୀ ମଲ୍ଲିକ ଏହି ରାସ୍ତାର କାମ ନିମ୍ନମାନର ହୋଇଥିବା ନେଇ ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ । ଏପରିକି ସମ୍ପୃକ୍ତ ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀଙ୍କ ଦ୍ୱାରା ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲେ ବୋଲି ବିଧାୟକ ଶ୍ରୀ ମଲ୍ଲିକ ଚେତାବନୀ ଦେଇଥିଲେ । ସେ ଯାହା ହେଉ ଆଜି କ୍ୱାଲିଟି କଣ୍ଟ୍ରୋଲ ଦ୍ୱାରା ପ୍ରାରମ୍ଭିକ ଭାବେ ରାସ୍ତାର କାମ ଯାଞ୍ଚ କରାଯିବା ପରେ ସ୍ଥାନୀୟ ବିଧାୟକ ସାଧାରଣ ଲୋକଙ୍କର ଆସ୍ଥାଭାଜନ ହୋଇ ପାରିଛନ୍ତି ବୋଲି ନିଆଳିରେ ଚର୍ଚ୍ଚା ହେଉଛି । ତେବେ ଏ ସମ୍ପର୍କରେ ପୂର୍ତ୍ତ ଓ ଗୃହ ନିର୍ମାଣର କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାରୁ ସାରଙ୍କୁ ପଚାରନ୍ତୁ ବୋଲି କହି ଫୋନ୍ କାଟି ଦେଇଥିଲେ, ପରେ ଫୋନ୍ ଉଠାଇ ନଥିଲେ । ପହଙ୍ଗାରୁ ଜଲ୍ଲାରପୁର ୧୧ କିଲୋମିଟର ବିଶିଷ୍ଟ ରାସ୍ତା ପାଇଁ ବ୍ୟୟ ଅଟକଳ ମୂଲ୍ୟ ଥିଲା ୧୬ କୋଟି ୬୬ ଲକ୍ଷ ଟଙ୍କା । ଏହି ରାସ୍ତା ଉପରେ କଟକ, ଜଗତ୍‌ସିଂହପୁର, ପୁରୀ ଜିଲ୍ଲାର ହଜାର ହଜାର ଲୋକ ନିର୍ଭର କରିଥାନ୍ତି ।

## ରିଜର୍ଭ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ



ମାଲକାନଗିରି (ଭାସ୍କର ନ୍ୟୁଜ): ରିଜର୍ଭ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ତରଫରୁ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ମାଥିଲି ଶାଖା ପରିଚାଳକ ଦେବପ୍ରସାଦ ବିଶ୍ୱାସଙ୍କ ଅଧ୍ୟକ୍ଷତାରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଭୁବନେଶ୍ୱର ସ୍ଥିତ ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ ଶାଖା ପରିଚାଳକ ନିଳାଞ୍ଚଳ ସୁବୁଦ୍ଧି ଯୋଗ ଦେଇ କ୍ୟୁ ଆର କୋର୍ଡ ସ୍କାନିଙ୍ଗ ଦ୍ୱାରା ପେମେଣ୍ଟ କରିବା ସମୟରେ ସତର୍କତା ଅବଲମ୍ବନ କରନ୍ତୁ। ଅନଲାଇନ ଲୋନ ଅପ୍ସ ଏବଂ ତୁରନ୍ତ ବିଜୟ ଲଟେରୀ ଯୋଜନା ଗୁଡିକ ଠାରୁ ସାବଧାନ ରୁହନ୍ତୁ ବୋଲି ଉପସ୍ଥିତ ବ୍ୟାଙ୍କ ଗ୍ରାହକମାନଙ୍କୁ ବୁଝାଇଥିଲେ। ଏଭଳି ଅଫର ଦେଉଥିବା ଲିଙ୍କ ପ୍ରତି ସାବଧାନ ରୁହନ୍ତୁ। ଅନଧିକାର ଡିଜିଟାଲ ଋଣ ପ୍ରଦାନକାରୀ ଅପ୍ସ ନକଲି ଲଟେରୀ ଯୋଜନା ଠାରୁ ଦୂରେଇ ରହିବା ସହିତ ଯଦି କେହି ବ୍ୟକ୍ତି ଏପରି ଫୋନ ମାଧ୍ୟମରେ ପ୍ରଲୋଭିତ କରାଏ ତାହାଲେ ତୁରନ୍ତ ନିକଟସ୍ଥ ଶାଖା ପରିଚାଳକଙ୍କ ସହିତ ଯୋଗାଯୋଗ କରନ୍ତୁ ବୋଲି ଅଭିଭାଷଣରେ କହିଥିଲେ। ସେହିପରି ମୁଖ୍ୟବକ୍ତା ଭାବରେ ମାଲକାନଗିରି ଜିଲ୍ଲାର ୟୁପିଆଇ ଏଲଡିଏମ୍ ଚକ୍ରଧର ନାୟକ ଯୋଗଦେଇ ଭବିଷ୍ୟତ ଧନକୁ ଆପଣନ୍ତୁ ଡିଜିଟାଲ ରୂପୀ ବିଷୟରେ ଜାଣନ୍ତୁ ଯାହା ଆରବିଆଇ ଦ୍ୱାରା ନଗଦ କ୍ୟାସ ଭଳି ସୁବିଧାଜନକ ଡିଜିଟାଲ ରୂପରେ ଜାରି ଏକ ବୈଧାନିକ ମୁଦ୍ରା ବା କରେନ୍ସି ଅଟେ ।ସହଜରେ ଡିଜିଟାଲ ନେଣ ଦେଣ ର ଅନୁଭବ ପାଆନ୍ତୁ,ସାରା ଦେଶରେ ଯେ କୌଣସି ବ୍ୟବସାୟୀ ସହିତ ଯେକୌଣସି ୟୁପିଆଇ କ୍ୟୁଆର କୋର୍ଡ଼ ଲେଣଦେଣର ଉତ୍ତମ ସୁବିଧାର ଲାଭ ଉଠାନ୍ତୁ, ସିବିଡ଼ିସିରେ ବ୍ୟବସାୟୀଙ୍କୁ କୌଣସି ଖର୍ଚ୍ଚ ବିନା ସେଟଲମେଣ୍ଟ ମିଳି ପାରିବ। କିନ୍ତୁ ଆଜିକାଲି ଫୋନପେ ପରି ଅନେକ ଅନଲାଇନ ଡିଜିଟାଲ ଫ୍ରଡ୍‌ମାନଙ୍କ ଠାରୁ ସାବଧାନ ରହିବା ପାଇଁ ପରାମର୍ଶ ଦେଇଥିଲେ। ତାହା ସହିତ ମାଲକାନଗିରି ଜିଲ୍ଲା ଏଫଲସି ହରିନାଥ ପଣ୍ଡା ସମ୍ମାନିତ ଅତିଥି ଭାବରେ ସିବିଡ଼ିସି, ସମାଜିକ ସୁରକ୍ଷା ଯୋଜନା ତଥା ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା,ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା, ଅଟଳ ପେନସନ ଯୋଜନା ଓ ୟୁପିଆଇ ନେଣ ଦେଣ ଉପରେ ପୁଙ୍ଖାନୁପୁଙ୍ଖ ଭାବରେ ଉପସ୍ଥିତ ଗ୍ରାହକ ମାନଙ୍କୁ ବୁଝାଇଥିଲେ। ଶେଷରେ ମାଥିଲି ଶାଖା ପରିଚାଳକ ଶ୍ରୀଯୁକ୍ତ ବିଶ୍ୱାସ ଏହି ସଚେତନତା କାର୍ଯ୍ୟକ୍ରମକୁ ଧନ୍ୟବାଦ ଅର୍ପଣ କରିଥିଲେ ।ଆଜି ଏହି ସଚେତନତା କାର୍ଯ୍ୟକ୍ରମର ମାଥିଲି ଅଞ୍ଚଳର ଶତାଧିକ ମହିଳା ଓ ପୁରୁଷ ଗ୍ରାହକମାନେ ଯୋଗ ଦେଇଥିଲେ।

## ବିଦ୍ୟାଳୟ ଗେଟ୍‌ରେ ତାଲା ପକାଇଲେ ଛାତ୍ର-ଅଭିଭାବକ




କଣାସ(ଭାସ୍କର ନ୍ୟୁଜ୍):କଣାସ ବ୍ଲକ ତ୍ରିଲୋଚନପୁର ଗ୍ରାମ ପଞ୍ଚାୟତର ତ୍ରିଲୋଚନପୁର ଗ୍ରାମରେ ସ୍ଥାପିତ ବହୁପୁରାତନ ଉ.ଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବକୁ ନେଇ ଗ୍ରାମବାସୀ ମାନେ ବାରମ୍ବାର ନୂତନ ଶିକ୍ଷକ ନିଯୁକ୍ତି କରିବାପାଇଁ ବ୍ଲକ ଶିକ୍ଷାଧିକାରୀ, ଜିଲ୍ଲା ଶିକ୍ଷାଧିକାରୀ ଏବଂ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଦାବିକରି ନିରାଶ ହେବାପରେ ଆଜି ଛାତ୍ର ଅଭିଭାବକମାନେ ତ୍ରିଲୋଚନପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଗେଟ୍‌ରେ ତାଲାପକାଇ ବସିରହିଥିଲେ। ଖବର ପାଇ କଣାସ ବ୍ଲକ ଶିକ୍ଷାଧିକାରୀ ଦାୟିତ୍ୱରେ ଥିବା ନାରାୟଣ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ଧାରଣାରେ ବସିଥିବା ଅଭିଭାବକମାନଙ୍କ ସହିତ ଆଲୋଚନା କରି ଶୀଘ୍ର ନୂତନ ଶିକ୍ଷକ ନିଯୁକ୍ତି କରିବାପାଇଁ ପ୍ରତିଶ୍ରୁତି ଦେବାରୁ ଛାତ୍ର ଅଭିଭାବକମାନେ ଧାରଣାରୁ ଉଠିଥିଲେ। ପ୍ରକାଶଥାଉକି ପ୍ରଥମରୁ ଅଷ୍ଟମ ଶ୍ରେଣୀ ୮ଟି ଶ୍ରେଣୀ ପାଇଁ ୪ଜଣ ଶିକ୍ଷକ କାର୍ଯ୍ୟ କରୁଥିବାବେଳେ ପ୍ରଧାନ ଶିକ୍ଷକ ପଦବୀ ଦୀର୍ଘଦିନ ହେଲା ଖାଲିପଡିଛି ।

## ଭାଙ୍ଗିଲା ଦଦରା ଚାର; ଯୋରରେ ବୁଡି ଯୁବକଙ୍କ ମୃତ୍ୟୁ



ରଘୁନାଥପୁର(ଭାସ୍କର ନ୍ୟୁଜ): ସନ୍ଧ୍ୟା ସମୟରେ ବାସନ୍ଦରା ଗ୍ରାମ ନିକଟରେ ଥିବା କଡମ୍ବଯୋରରେ କରାଯାଇ ଥିବା ବାଉଁଶ ଚାର ପାରିହେବା ବେଳେ ଉକ୍ତ ଚାରଟି ଭାଙ୍ଗିଯିବାରୁ ସେହି ଯୋରର ପାଣିରେ ବୁଡିଯାଇ ଜନୈକ ଯୁବକ ମୃତ୍ୟୁବରଣ କରିଥିଲେ । ମୃତ ବ୍ୟକ୍ତି ଜଣଙ୍କ ବାସନ୍ଦରା (କୁଳସାହି)ଗ୍ରାମର ଅଜୟ ମଲ୍ଲିକ (୫୦ ) ବୋଲି ଜଣା ପଡିଛି । ଖବର ଅନୁଯାୟୀ ମୃତକ ଅଜୟ ମଲ୍ଲିକ ଜଣେ ଦିନମଜୁରିଆ। ସେ ପ୍ରତିଦିନ କାଠ ହାଣି ସେଥିରୁ ମିଳୁଥିବା ଦୁଇ ପଇସା ରେ ପରିବାର ପ୍ରତି ପୋଷଣ କରିଆସୁଥିଲେ। ସେ ପ୍ରତିଦିନ ଭଳି ରବିବାରଦିନ ସନ୍ଧ୍ୟାରେ କାମସାରି ଘରେ ପହଞ୍ଚି ଘରେ କାଠହଣା ଯନ୍ତ୍ରପାତି ରଖିଥିଲେ । ପରେ ଶୌଚ ପାଇଁ ଗ୍ରାମ ନିକଟରେ ଥିବା କଡମ୍ବଯୋରର ବାଉଁଶ ଚାର ପାରି ହୋଇ ଅପରପାର୍ଶ୍ୱକୁ ଯିବା ସମୟରେ ଉକ୍ତ ବାଉଁଶ ଚାରଟି ଦଦରା ଥିବାରୁ ଭାଙ୍ଗି ଯାଇଥିଲା । ଫଳରେ ଅଜୟ ପାଣିରେ ପଡି ବୁଡିଯାଇଥିଲେ ଏବଂ ସେହିଠାରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା ।

## ପୂର୍ବତନ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଦେଲେ ପୁରାତନ ଛାତ୍ରଛାତ୍ରୀ






କରଞ୍ଜିଆ (ଭାସ୍କର ନ୍ୟୁଜ): କରଞ୍ଜିଆ ନିକଟ ତିନିଧାରିଆ ଠାରେ ୧୯୯୨ ବ୍ୟାଚ ପ୍ରାକ୍ଟିସିଂ ଉପ୍ରା ବିଦ୍ୟାଳୟରେ ପଞ୍ଚମ ଶ୍ରେଣୀରେ ପାଠ ପଢୁଥିବା ଛାତ୍ର, ଛାତ୍ରୀ ମାନଙ୍କ ଦ୍ୱାରା ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଏଥିରେ ସେହି ସମୟରେ ଶିକ୍ଷା ଦାନ କରାଉଥିବା ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ମଧ୍ୟରୁ ପ୍ରଧାନ ଶିକ୍ଷକ ସାଧୁ ଚରଣ ଦାସ,ଶିକ୍ଷୟିତ୍ରୀ ମାଣିକ ହେମ୍ବ୍ରମ, ଶିକ୍ଷୟିତ୍ରୀ ଦୀପାଳୀ ବୋଷ,ଶିକ୍ଷୟିତ୍ରୀ ଆଞ୍ଜୁଳା ମହାନ୍ତ, ଶିକ୍ଷୟିତ୍ରୀ ସୁକାନ୍ତି ସାହୁ ପ୍ରମୁଖ ଙ୍କୁ ସେତେବେଳେର ଛାତ୍ର ଛାତ୍ରୀ ମାନେ ନିମନ୍ତ୍ରିତ କରିଥିଲେ ଓ ପାଖରେ ପୁରାତନ ଛାତ୍ର, ଛାତ୍ରୀ ମାନଙ୍କୁ ପାଖରେ ପାଇ ଶିକ୍ଷକ, ଶିକ୍ଷୟିତ୍ରୀମାନେ ଭାବୁକ ହୋଇଯାଇଥିଲେ। ପରେ ପରେ ପୁରାତନ ଛାତ୍ର ଅରୁଣ କୁମାର ବେହେରା ଙ୍କ ସଭାପତିତ୍ୱରେ ଏକ ସମ୍ବର୍ଦ୍ଧନା ଶୋଭା ଅନୁଷ୍ଠିତ ହୋଇଥିଲା ପ୍ରଥମେ ମୃତ୍ୟୁବରଣ କରିଥିବା ଶିକ୍ଷକ ଓ ଛାତ୍ର ମାନଙ୍କ ପାଇଁ ୧ମିନିଟ ର ନିରବ ପ୍ରାଥନା କରାଯାଇଥିଲା ।ଅରୁଣ କୁମାର ବେହେରା ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପରିଚୟ ପ୍ରଦାନ କରିବା ସହିତ ମଞ୍ଚ ପରିଚାଳନା କରିଥିଲେ ଓ ଉପସ୍ଥିତ ଥିବା ଛାତ୍ର ଛାତ୍ରୀମାନେ ନିଜ ନିଜର ପରିଚୟ ପ୍ରଦାନ କରିଥିଲେ ଏବଂ ମଞ୍ଚାସୀନ ଥିବା ଶିକ୍ଷକ ଶିକ୍ଷୟିତ୍ରୀମାନେ ଉପସ୍ଥିତ ଥିବା ପୁରାତନ ଛାତ୍ରଛାତ୍ରୀ ମାନଙ୍କ ଉଜ୍ଜ୍ୱଳ କାମନା କରିଥିଲେ । ସେତେବେଳେର ପୁରୁଣା ସ୍ମୃତି କୁ ମନେ ପକାଇ ସମସ୍ତେ କିଛି ମୁହୂର୍ତ୍ତପାଇଁ ଭାବ ବିହ୍ୱଳ ହୋଇପଡିଥିଲେ। ତାପରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଫୁଲତୋଡା ମାନପତ୍ର ଓ ଶାଲ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସଭା ଶେଷରେ ପୁରାତନ ଛାତ୍ରୀ ମମତା ମୁର୍ମୁ ଧନ୍ୟବାଦ ଅର୍ପଣ କରିଥିଲେ । ପରେ ପରେ ଆୟୋଜନ ହୋଇଥିବା ବଣ ଭୋଜିରେ ସମସ୍ତେ ମଜା ନେଇଥିଲେ ।ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମ ରେ ପୁରାତନ ଛାତ୍ର ରବୀନ୍ଦ୍ର ମର୍ରାଣ୍ଡି,ଆସଗୋର ଇମାମ, କୁଳମଣି ବେହେରା,ଶିବ ବେହେରା ,ଦେବାଶିଷ ବେହେରା ଙ୍କ ସମେତ ୧୯୯୨ ମସିହାରେ ପଞ୍ଚମ ଶ୍ରେଣୀ ରେ ପଢୁଥିବା ସମସ୍ତ ଛାତ୍ର ଛାତ୍ରୀ ଉପସ୍ଥିତ ରହି ସାହାଯ୍ୟ ସହଯୋଗ କରିଥିଲେ ।

## ନିମ୍ନମାନର କୋଠା ନିର୍ମାଣ ନେଇ ଗ୍ରାମବାସୀଙ୍କ ଅଭିଯୋଗ

■ ଅଧିକାରୀ ନିରବଦ୍ରଷ୍ଟା





କୋରୁକୋଣ୍ଡା (ଭାସ୍କର ନ୍ୟୁଜ): ନୂତନ କୋଠା ନିର୍ମାଣରେରେ ବାରି ହୋଇପଡୁଛି ଗନ୍ଧ ଦୁର୍ନୀତିର । ଜନସାଧାରଣଙ୍କ ନିମନ୍ତେ ସରକାର ଅଜସ୍ର ଟଙ୍କା ବ୍ୟୟ କରୁଥିବା ବେଳେ ଠିକାଦାର ଏବଂ ଅଧିକାରୀଙ୍କ ମଧୁଚନ୍ଦ୍ରିକାରେ ନିମ୍ନ ମାନର କାର୍ଯ୍ୟ ହେଉଥିବାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅଧୀନ ମାରିଓ୍ୱାଡା ଗ୍ରାମ ପଞ୍ଚାୟତ କୁଟିଗୁଡା ଗ୍ରାମରେ । ଗ୍ରାମବାସୀଙ୍କ କହିବା ଅନୁଯାଇ ଗ୍ରାମର ଖେଳ ପଡିଆ ନିକଟରେ ଏକ ବନସୁରକ୍ଷା ସମିତି ଗୃହ କାର୍ଯ୍ୟ ଆରମ୍ଭ ହୋଇଛି । କିନ୍ତୁ ଉକ୍ତ କୋଠା ନିର୍ମାଣ କାର୍ଯ୍ୟ ନିମ୍ନମାନର ହେଉଥିବା ଦେଖି ଗ୍ରାମବାସୀ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ । ହେଲେ ଅଧିକାରୀ ନୀରବ ରହିଥିବା ବେଳେ ଉକ୍ତ କାର୍ଯ୍ୟ କରୁଥିବା ଠିକାଦାରଙ୍କୁ ସମର୍ଥନ କରୁଥିବାର କହିଛନ୍ତି ଗ୍ରାମବାସୀ। ସ୍ଥାନୀୟ ବାସୀଙ୍କ କହିବା ଅନୁଯାୟୀ ଉକ୍ତ କୋଠା ନିର୍ମାଣ କାର୍ଯ୍ୟରେ ମେଟାଲ ବାଲି ସିମେଣ୍ଟ ମିଶା ଫାଉଣ୍ଡେସନ ପଡିବା ଜାଗାରେ ଠିକାଦାର ପ୍ରଥମେ ଖଣ୍ଡିଏ ଖଣ୍ଡିଏ ଗାଟୁଇଟା ପକାଇଦେଇ ପିଲର ଉଠାଯାଇଛି । ପିଲର ଗୁଡିକରେ ମଧ୍ୟ ଅତି ନିମ୍ନମାନର ଛଡ ଦିଆଯାଇଛି ଯାହାକି ଖାଲି ହାତରେ ମୋଡିହୋଇ ଯାଉଛି । ସେଥିରେ ମଧ୍ୟ ଜମିଠାରୁ ମାତ୍ର ତିନି ଚାରି ଫୁଟ ଉଚ୍ଚତା ରହିଛି ଏବଂ ସେଥିରେ ପୁଣି ଖଣ୍ଡିଆ ଛଡ ବନ୍ଧାଯାଇଛି । ଉକ୍ତ କୋଠା ଛାତ ପଡିବାକୁ ଥିବାବେଳେ ଅତି ପତଳା ଏବଂ ନିମ୍ନ ମାନର ଛଡ ଯୋଡି ଯୋଡି କୋଠା ନିର୍ମାଣର ବୟସ କେତେ ବୋଲି ଗ୍ରାମ ବାସୀଙ୍କ ସମେତ ଓ୍ୱାର୍ଡ ମେମ୍ବର ଏବଂ ଉକ୍ତ ପଞ୍ଚାୟତର ସମିତି ସଭ୍ୟ ଇର୍ମା ମାଡ଼ି ପ୍ରଶ୍ନ କରିଛନ୍ତି । ଏନେଇ କୋରୁକୋଣ୍ଡା ପଞ୍ଚାୟତ ସମିତି ନିର୍ବାହୀ ଯନ୍ତ୍ରୀ ସୁକାନ୍ତ କୁମାର ସ୍ୱାଇଁଙ୍କୁ ପଚାରିବାରୁ ସେକହିଛନ୍ତି ଉକ୍ତ କୋଠାଟି ଆର୍ଥିକ ବର୍ଷ ୨୦୨୩/ ୨୦୨୪ରେ ଆଠ ଲକ୍ଷ ପଚାଶ ହଜାର ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ଆରମ୍ଭ କରାଯାଇଛି । ହେଲେ ଉକ୍ତ କାର୍ଯ୍ୟ ନିମ୍ନମାନର ହେଉଥିବା ନେଇ ସେ ଅବଗତ ନାହାନ୍ତି, ଆନୁଧ୍ୟାନ କରିବି ଯଦି ନିମ୍ନ ମାନର ହୋଇଥିବ ତେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।ଉକ୍ତ କୋଠା ନିର୍ମାଣ ଦାଇତ୍ୟରେ ଥିବା କନିଷ୍ଠ ଯନ୍ତ୍ରି କାଇରା ପୂର୍ତ୍ତିଙ୍କୁ ନିମ୍ନମାନର କାର୍ଯ୍ୟକୁ ନେଇ ପଚାରି ବାରୁ ସେକହିଥିଲେ ନୂତନ ଭାବେ ନିର୍ମାଣ କୋଠାର ଫାଉଣ୍ଡେସନ ଦୁଇ ଫୁଟ ଚଉଡା ଏବଂ ମାଟି ତଳକୁ ଦୁଇ ଫୁଟ ଖାଲ କରାଯାବ କହିଥିବା ବେଳେ, କିଛି ଖୋଳା ଯାଇ ମେଣ୍ଟାଲ,ବାଲି ସହିତ ସିମେଣ୍ଟ ମିଶାଇ କଂକ୍ରିଟ କରାଯିବା କଥା କହିଥିବା ବେଳେ ନଯାଇ ମାଟି ଉପରେ ଖଣ୍ଡିଏ ଲେଖାଏଁ ଗାଟୁ ଇଟା ମାଧ୍ୟମରେ ଫାଉଣ୍ଡେସନ ପଡିଥିବାର ଦେଖିବାକୁ ମିଳୁଛି ସେହିପରି ଭାବେ ଉକ୍ତ କୋଠା ନିର୍ମାଣ ନିମନ୍ତେ ଠିଆ ହୋଇଥିବା ପିଲର ଗୁଡିକରେ ୧୨ଏମ ଏମ ଛଡଲଗାଯିବ କହୁଥିଲା ବେଳେ ଉକ୍ତ ପିଲାର ଗୁଡିକରେ ୬ଏମ ଏମର ନିମ୍ନମାନର ଛଡରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଉଛି। ଏନେଇ ସେହିକୋଠା ନିର୍ମାଣରେ କଣ ହେଇଛି ଯାଇ ଦେଖିଲା ପରେ ଯଦିଓ ନିମ୍ନମାନର ହୋଇଥାଏ ତେବେ ପୁଣି ନୂତନ ଭାବେ ନିର୍ମାଣ କରିବାକୁ କହିବି ବୋଲି କନିଷ୍ଠଯନ୍ତ୍ରି ଶ୍ରୀ ପୂର୍ତ୍ତି କହିଛନ୍ତି । ଦାୟିତ୍ୟରେ ଥିବା ଉଭୟ ଅଧିକାରୀଙ୍କ କଥାରୁ ଜଣାପଡୁଛି କାର୍ଯ୍ୟକୁ କୌଣସି ଠିକାଦାରଙ୍କୁ ହସ୍ତାନ୍ତର କରିବା ପରେ ଅଧିକାରୀମାନେ କାର୍ଯ୍ୟ ଅନୁଧ୍ୟାନ ନିମନ୍ତେ କାର୍ଯ୍ୟ କ୍ଷେତ୍ରକୁ ଯାଉନଥିବା ଭଳି ଜଣା ପଡୁଛି । ସରକାରଙ୍କ ନିୟମ ଅନୁଯାୟୀ କୌଣସି କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ଉକ୍ତ କାର୍ଯ୍ୟର ସବିଶେଷ ତଥ୍ୟ ସୂଚନା ଫଳକ ମାଧ୍ୟମରେ ସ୍ଥାନୀୟ ଜନସାଧାରଣଙ୍କୁ ଅବଗତ କରାଯିବା କଥା କିନ୍ତୁ ପଞ୍ଚାୟତ ସମିତି ଅଧୀନରେ କରାଯାଉଥିବା ବିଭିନ୍ନ କାର୍ଯ୍ୟ ଶେଷ ପର୍ଯ୍ୟନ୍ତ ସୂଚନା ଫଳକ ଲଗାନଯିବାର ବିଭିନ୍ନ ସ୍ତରରେ ଦେଖିଥିବାକୁ ମିଳିଥିବା ବେଳେ ବର୍ତ୍ତମାନ ଏହି ନୂତନ କୋଠା ନିର୍ମାଣ କାର୍ଯ୍ୟରେ ମଧ୍ୟ ସୂଚନା ଫଳକ ଲାଗିନଥିବାରୁ ସ୍ଥାନୀୟ ବାସୀଙ୍କ ମନରେ ଦ୍ୟନ୍ଦ ସୃଷ୍ଟି କରିବା ସହିତ ନିମ୍ନମାନର କାର୍ଯ୍ୟ କରିବାରେ ଠିକାଦାରଙ୍କୁ ବହୁ ମାତ୍ରାରେ ସାହାଯ୍ୟ କରୁଛି ବୋଲି ସ୍ଥାନୀୟବାସୀ ଅନୁମାନ କରୁଛନ୍ତି । ଆଗାମୀ ଦିନରେ ଦେଖିବାର ବାକି ରହିଲା କିପରି ହେଉଛି ଉକ୍ତ କୋଠାକାର୍ଯ୍ୟ ।

## ସଇଁତଳାକୁ ଏନ୍ଏସି ଘୋଷଣା: ନୂତନ ସରକାର କାର୍ଯ୍ୟକାରୀ କରିବେ କି ?

ସଇଁତଳା(ଭାସ୍କର ନ୍ୟୁଜ୍): ସରକାର ବଦଳିବା ପରେ ଅନେକ କିଛି ସମୀକରଣ ବଦଳି ଯାଇଛି। ନୂତନ ସରକାରଙ୍କ କାର୍ଯ୍ୟଶୈଳୀ ବଦଳିବା ସାଙ୍ଗକୁ ସରକାରୀ ବଡବାବୁମାନଙ୍କ ଚୌକି ମଧ୍ୟ ବଦଳିବାର ନଜିର ରହିଛି। ଲୋକଙ୍କ ତୁଷ୍ଟିକରଣ ପାଇଁ କରାଯାଇଥିବା ସରକାରୀ ଘୋଷଣା ବଦଳିବାର ଯଥେଷ୍ଟ ଆଶଙ୍କା ସୃଷ୍ଟି ହୋଇଛି । ୨୪ ବର୍ଷ ଧରି ରାଜ୍ୟରେ ବିଜେଡି ସରକାର ଶାସନ କରିବା ପରେ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ମଧ୍ୟ ଦିଆଯାଇଥିଲା। କିନ୍ତୁ ବଲାଙ୍ଗୀର ଜିଲ୍ଲା ସଇଁତଳା କୁ ଏନଏସି ପାଇଁ ଅଞ୍ଚଳବାସୀ ବାରମ୍ବାର ଦାବି କରୁଥିଲେ ସୁଦ୍ଧା ହୋଇପାରିନାହିଁ । ଅଞ୍ଚଳବାସୀଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଦେଖା ଦେବା ସହ ସ୍ଥାନୀୟ ବିଧାୟକଙ୍କୁ ଲୋକେ ଦାୟୀ କରିଥିଲେ । ଏଥର ବିଜେପି ନିରଙ୍କୁଶ ସଂଖ୍ୟା ଗରି ଗରିଷ୍ଠତା ହାସଲ କରି ସରକାର ଗଠନ କରିଛି। ବିଜେଡି ସରକାର କରିଥିବା ଅନେକ ଘୋଷଣା ନୂତନ ସରକାର କାର୍ଯ୍ୟକାରୀ କରିବେକି ନାହିଁ ତାହା ଆଲୋଚନାର ବିଷୟ ହୋଇଛି। ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ ଜାନୁଆରୀ ମାସ ରାଜ୍ୟରେ ପ୍ରାୟ ୩୪ ଟି ନୂତନ ଏନ୍ଏସି (ବିଜ୍ଞାପିତ ଅଞ୍ଚଳ ପରିଷଦ) ଘୋଷଣା କରିଥିଲେ। ବଲାଙ୍ଗୀର ଜିଲ୍ଲା ର ସଇଁତଳା ସହର କୁ ଏନଏସି ଘୋଷଣା କରିଥିଲେ। ଏନ୍ଏସି ଘୋଷଣା ପରେ ସଇଁତଳା ତଥା ଆଖପାଖ ଅଞ୍ଚଳବାସୀଙ୍କ ମଧ୍ୟରେ ବେଶ ଉତ୍ସାହ ଦେଖା ଦେଇଥିଲା । କିନ୍ତୁ ସାଧାରଣ ନିର୍ବାଚନ ପରେ ରାଜ୍ୟ ସରକାର ବଦଳି ଯାଇଛନ୍ତି । ଟିଟିଲାଗଡ଼ ନିର୍ବାଚନ ମଣ୍ଡଳୀରେ ଗତ ଥରର ବିଜେଡି ଦଳର ବିଧାୟିକା ଟୁକୁନି ସାହୁ ପରାଜିତ ହୋଇଛନ୍ତି। ଏଥର ଟିଟିଲାଗଡ଼ ରେ ବିଜେପିର ନବୀନ ଜୈନ ବିପୁଳ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି । ରାଜ୍ୟରେ ବିଜେପି ସରକାର ଗଠନ ହୋଇଥିବା ବେଳେ ପ୍ରଥମ ଥର ବିଧାୟକ ସ୍ୱାଦ ଚାଖୁଥିବା ନବୀନ ଜୈନ ତାଙ୍କ ନିର୍ବାଚନ ମଣ୍ଡଳୀରେ ପୂର୍ବ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଘୋଷିତ ସଇଁତଳା କୁ ଏନ୍ଏସିର ବାସ୍ତବ କାର୍ଯ୍ୟକାରୀତାକୁ କେତେ ଦୂର ସଫଳ କରିବେ ତାକୁ ନେଇ ସଚେତନ ନାଗରିକ ମହଲରେ ବେଶ ଉତ୍କଣ୍ଠା ସୃଷ୍ଟି ହୋଇଛି । ନୂତନ ସରକାର ସେହି ପୂର୍ବ ଏନ୍ଏସି ଘୋଷଣାକୁ କାର୍ଯ୍ୟକାରୀ କରିବେ ନା'ନୂତନ ଭାବେ ଅନ୍ୟ କିଛି ପନ୍ଥା ଗ୍ରହଣ କରିବେ ତାକୁ ନେଇ ଉତ୍କଣ୍ଠା ସୃଷ୍ଟି ହୋଇଛି। ଏହି ପ୍ରସଙ୍ଗ ନବନିର୍ବାଚିତ ବିଧାୟକଙ୍କ ପାଇଁ ସମ୍ମାନର ପ୍ରଶ୍ନ ହୋଇଛି।

## ସ୍ତ୍ରୀ ଓ ଝିଅକୁ ଅପହରଣ କରିଛି ଦାଦନ ସର୍ଦ୍ଦାର, ଅଭିଯୋଗ ଆଣିଲେ ପରିବାର



ନୂଆପଡା (ଭାସ୍କର ନ୍ୟୁଜ): ନୂଆପଡ଼ା ଜିଲ୍ଲା ଖଡିଆଳ ଥାନା ଅନ୍ତର୍ଗତ ଠେଲକୋଦାବରୀ ଗାଁର ଜଣେ ଦାଦନ ଶ୍ରମିକ ପରିବାର ତେଲେଙ୍ଗାନାକୁ ଦାଦନ ଖଟିବାକୁ ଯାଇଥିଲେ । ଏହାରି ଭିତରେ ଦାଦନ ସର୍ଦ୍ଦାର ସେମାନଙ୍କୁ ଅପହରଣ କରିନେଇ ଅକଥନୀୟ ନିର୍ଯାତନା ଦେଇଥିବା ଅଭିଯୋଗ କରିଛନ୍ତି ପରିବାର ଲୋକେ । ଓଡିଆ ଦାଦନ ଶ୍ରମିକଙ୍କ ସ୍ତ୍ରୀ ଓ ତାଙ୍କ ୨ ବର୍ଷର ଶିଶୁ କନ୍ୟାକୁ ଦାଦନ ସର୍ଦ୍ଦାର ଅପହରଣ କରିନେଇଛି । ଦାଦନ ସର୍ଦ୍ଦାର କବଳରୁ ସେମାନଙ୍କୁ ତୁରନ୍ତ ଉଦ୍ଧାର କରିବା ପାଇଁ ନୂଆପଡା ଜିଲ୍ଲାପାଳ ଓ ଏସପିଙ୍କ ନିକଟରେ ନେହୁରା ହୋଇଛନ୍ତି ଅପହୃତ ହୋଇଥିବା ଦାଦନ ଶ୍ରମିକଙ୍କ ପରିବାର ଲୋକେ । ଅଭିଯୋଗ ଅନୁସାରେ ନୂଆପଡା ଜିଲ୍ଲା ଖଡିଆଳ ଥାନା ଅନ୍ତର୍ଗତ ଠେଲ କୋଦାବରୀ ଗାଁର ଭୂବନ ବାଗ ତାଙ୍କ ସ୍ତ୍ରୀ ଯଯାତି ଗହିର ଓ ୨ ବର୍ଷର ଶିଶୁ କନ୍ୟାକୁ ନେଇ ଗତ ନଭେମ୍ବର ୮ ତାରିଖ ଦିନ ଦାଦନ ଖଟିବା ପାଇଁ ତେଲେଙ୍ଗାନାକୁ ଯାଇଥିଲେ । ଏଥିପାଇଁ ଭୁବନ ଖଡିଆଳ ଥାନା ଅନ୍ତର୍ଗତ କୁଲିଗାଁର ଦାଦନ ଦଲାଲ ତରୁଣଙ୍କ ଜରିଆରେ ବଲାଙ୍ଗୀର ଜିଲା ଲାଠୋର ଗାଁର ଶ୍ରମିକ ଦଲାଲ ରତନ ମେହେରଙ୍କ ଠାରୁ ଅଗ୍ରିମ ଟଙ୍କା ନେଇଥିଲେ । ଶ୍ରମିକ ଦଲାଲ ଜଣକ ଭୁବନ ବାଗଙ୍କ ପରିବାରକୁ ନେଇ ତେଲେଙ୍ଗାନା ରାଜ୍ୟର ପଇଦାପାଲୀ ଥାନା ଅନ୍ତର୍ଗତ ବାଇଗନପେଟ ଏକ୍ସରୋଡ ସ୍ଥିତ ରାମଗିରି ଇଟାଭାଟିରେ ଛାଡିଦେଇ ଆସିଥିଲେ । ହେଲେ ସେଠାରେ ଭୁବନଙ୍କ ପରିବାର ୨୦ ଦିନ କାମ କରିବା ପରେ ତାଙ୍କ ୨ ବର୍ଷ ଝିଅର ଦେହ ଅସୁସ୍ଥ ହେଲା । ତେଣୁ ସେ କାମ ଛାଡ଼ି ଇଟାଭାଟିରୁ ଗତ ୩୦ ତାରିଖ ଦିନ ଏକ ଅଟୋରେ ସପରିବାରକୁ ନେଇ ଫେରିଆସୁଥିଲେ । ଠିକ୍ ଏତିକି ବେଳେ ପଇଦାପାଲି ବାଇଗନ ରୋଡ ନିକଟରେ ଅନ୍ୟ ଜଣେ ଦାଦନ ଦଲାଲ ବଳ ପୂର୍ବକ ଶ୍ରମିକ ପରିବାରକୁ ଅଟକାଇ ଭୁବନଙ୍କ ପତ୍ନି ଓ ଶିଶୁ କନ୍ୟାକୁ ଅପହରଣ କରି ନେଇଥିଲେ। ସେଠାରେ ଭୂବନ ବହୁ ଖୋଜାଖୋଜି କରିବା ପରେ ମଧ୍ୟ ତାଙ୍କ ସ୍ତ୍ରୀ ଓ ଝିଅର କୌଣସି ସନ୍ଧାନ ପାଇନଥିଲେ । ପରେ ଭୁବନ ସେଠାକାର ଥାନାରେ ଅଭିଯୋଗ କରିବାକୁ ଯିବା ସମୟରେ ଦାଦନ ସର୍ଦ୍ଦାରଙ୍କ ଲୋକ ତାଙ୍କ ମୋବାଇଲ ଫୋନ ଓ ଟଙ୍କାକୁ ଛଡାଇ ନେଇ ମାରପିଟ କରିଥିଲେ । କୌଣସି ପ୍ରକାରେ ଜୀବନ ବଞ୍ଚାଇ ଭୁବନ ଘରକୁ ପଳାଇ ଆସିଥିଲେ । ଭୂବନ ତାଙ୍କ ସ୍ତ୍ରୀ ଓ ଝିଅକୁ ଦାଦନ ସର୍ଦ୍ଦାରଙ୍କ କବଳରୁ ତୁରନ୍ତ ଉଦ୍ଧାର କରିବା ପାଇଁ ନୂଆପଡା ଜିଲାପାଳ ଓ ନୂଆପଡା ଏସପିଙ୍କ ନିକଟରେ ଲିଖିତ ଭାବେ ଜଣେଇଛନ୍ତି । ସେହିପରି ଭୂବନଙ୍କ ମାଆ ଓ ତାଙ୍କ ବଡଭାଇ ନୂଆପଡା ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣୀ ଶିବିରକୁ ଆସି ଜିଲ୍ଲାପାଳ ଓ ନୂଆପଡା ଏସପିଙ୍କୁ ଭେଟି ତାଙ୍କ ଝିଅ ବୋହୂଙ୍କୁ ଉଦ୍ଧାର କରି ଆଣିବା ପାଇଁ ଅନୁରୋଧ କରିଛନ୍ତି । ଅପରପକ୍ଷେ ନୂଆପଡା ଜିଲ୍ଲାପାଳ ମଧୁସୂଦନ ଦାଶ ତେଲେଙ୍ଗାନାରେ ଅପହୃତ ହୋଇଥିବା ଦୁଇ ଓଡିଆ ଦାଦନ ଶ୍ରମିକଙ୍କୁ ଖୁବଶୀଘ୍ର ଉଦ୍ଧାର କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଗରିବ ପରିବାର ଏମାନେ । ଖଟିଲେ ପେଟକୁ ଦି ମୁଠା ଦାନା ମିଳେ । ଏପରିସ୍ଥିତିରେ ନିଜ ପରିବାରକୁ କେମିତି ମୁକୁଳାଇବେ ଚିନ୍ତାରେ ଅଛନ୍ତି । ଏ ଗରିବ ପରିବାରକୁ ଯଦି ପ୍ରଶାସନର ସାହାଯ୍ୟ ମିଳିବ ତେବେ ଏ ପରିବାରର ଝିଅ ବୋହୂ ଘରକୁ ଫେରି ଆସି ପାରିବେ ।

## ଆର୍‌ଟି ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ଉତ୍ସବ

ପୁରୁଷୋତ୍ତମପୁର (ଭାସ୍କର ନ୍ୟୁଜ): ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ଅନ୍ତର୍ଗତ ପ୍ରତାପୁର ସ୍ଥିତ ରାଙ୍ଗା ଭାଟଲା ତ୍ରମ୍ବନାଥ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଦୁଇଦିନ ବ୍ୟାପି ଅନୁଷ୍ଠିତ ହେଉଅଛି । ସ୍କୁଲ ପ୍ରଧାନ ଶିକ୍ଷୟତ୍ରୀ ମିନାକ୍ଷୀ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବାର୍ଷିକ କ୍ରୀଡା ପ୍ରତିଯୋଗିତାର ଉଦଘାଟନୀ ସମାରୋହରେ ଭାରତୀୟ ଜନତା ପାର୍ଟି ଘୁମୁସର ଜିଲ୍ଲା ସଧାରଣ ସମ୍ପାଦକ ତଥା ସମସ୍ତଙ୍କ ପ୍ରିୟ ଅନିଲ କୁମାର ପଣ୍ଡା (ଟୁଲୁ) ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସୁସଂଗଠକ ତଥା ସମାଜ ସେବୀ ସୀତାରାମ ପାଣିଗ୍ରାହୀ ଓ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଅଞ୍ଚଳର ବରିଷ୍ଠ ସାମ୍ବାଦିକ ତଥା ପୁରୁଷୋତ୍ତମପୁର ବିଜ୍ଞାପିତ ଅଞ୍ଚଳ ପରିଷଦର କାଉନସିଲର ଭାସ୍କର ବେହେରା, ବିପିନ ବିହାରୀ ମହାପାତ୍ର , ବିନାୟକ ଆଚାର୍ଯ୍ୟ , କେ.ଗୁରୁମୂର୍ତ୍ତୀ ପ୍ରଧାନ, ବରିଷ୍ଠ ଶିକ୍ଷକ ନିହାର ରଞ୍ଜନ ଦାସ ଓ ଭାସ୍କର ପାଣିଗ୍ରାହୀ ଅତିଥି ଭାବେ ଯୋଗ ଦେଇଥିଲେ । କ୍ରୀଡା ଶିକ୍ଷକ କାଲୁ ଚରଣ ମହାକୁଡ଼ଙ୍କ ସଂଯୋଜନାରେ ଏନ୍ସିସି, ରେଡକ୍ରସ୍, ସ୍କାଉଟ ଛାତ୍ର ଛାତ୍ରୀଙ୍କ ଦ୍ୱାରା ଭବ୍ୟ ସମ୍ବର୍ଦ୍ଧନା ଦେବା ସହ ପ୍ରାରମ୍ଭିକ ସଙ୍ଗୀତର ଝଲସି ଉଠିଥିଲା ମଞ୍ଚ। ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତି ନାୟକ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାପୀଠରେ ନୂତନ ଭାବେ ଯୁକ୍ତଦୁଇ ପାଠ୍ୟଶାଳା ଖୋଲିଥିବାରୁ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଭୂୟସୀ ପ୍ରଶଂସା କରିଥିଲେ । ଏହି କ୍ରୀଡ଼ାରେ ନବମ, ଦଶମ, ଯୁକ୍ତ ଦୁଇ ପ୍ରଥମ ବର୍ଷ ଛାତ୍ର ଛାତ୍ରୀ ଭାଗ ନେଇଥିଲେ । କବାଡି ଓ ଖୋ ଖୋ ସହ ଦୌଡ଼ ପ୍ରତିଯୋଗୀତାକୁ ଅତିଥିମାନେ ଉଦଘାଟନ କରିଥିଲେ । ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି ସହଯୋଗ କରିଥିଲେ ।

ଓଡ଼ିଶା ଭାସ୍କର
ORISSA BHASKAR
# ମହାନଗର



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅନୁକୂଲ୍ୟରେ ଆୟୋଜିତ ଷଷ୍ଠ ଓଡିଶା ରାଜ୍ୟ ପୁସ୍ତକ ମହୋତ୍ସବ-୨୦୨୪ରେ ଉତ୍କଳ ସମ୍ମିଳନୀ ଯୋଗ ଦେଇଥିବାରୁ ଉଦ୍‌ଯାପନ ସମାରୋହରେ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଉତ୍କଳ ସମ୍ମିଳନୀକୁ ସମ୍ବର୍ଦ୍ଧିତ କରିଛନ୍ତି । ଉତ୍କଳ ସମ୍ମିଳନୀ ପକ୍ଷରୁ ଏହି ସମ୍ବର୍ଦ୍ଧନା ସମ୍ମିଳନୀର ସାଧାରଣ ସମ୍ପାଦକ ତଥା ମଞ୍ଜେଶ୍ୱର ଶିକ୍ଷାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ଗ୍ରହଣ କରିଛନ୍ତି । ଉତ୍କଳ ସମ୍ମିଳନୀର ପୂର୍ବତନ ଉପଦେଷ୍ଟା ସାତକଡି ହୋତା ମଞ୍ଚରେ ଏହି ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିବାରୁ ସମ୍ମିଳନୀର ସାଧାରଣ ସମ୍ପାଦକ ଶ୍ରୀ ଦାଶଶର୍ମା ସଂସ୍କୃତି ବିଭାଗକୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।




### ସର୍ଗିଫୁଲ ଉତ୍ସବ ଶୁଭାରମ୍ଭ

## କିଶୋର ସୃଜନଶକ୍ତିକୁ ଅଧିକ ଋଦ୍ଧିମନ୍ତ କରିବ ସର୍ଗିଫୁଲ: ମନ୍ତ୍ରୀ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆରମ୍ଭ ହୋଇଯାଇଛି ବହୁ ପ୍ରତୀକ୍ଷିତ ସର୍ଗିଫୁଲ ଉତ୍ସବ ୨୦୨୪ । ତିନିଦିନବ୍ୟାପୀ ହେବାକୁ ଥିବା ଉତ୍ସବର ଶୁଭାରମ୍ଭ କରିଛନ୍ତି ମନ୍ତ୍ରୀ, ପଞ୍ଚାୟତିରାଜ ଏବଂ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ରବି ନାରାୟଣ ନାଏକ । ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି ରାଜ୍ୟସ୍ତରୀୟ ଉତ୍ସବରେ ଯୋଗ ଦେଇ ମନ୍ତ୍ରୀ ଏସସି/ଏସଟି ଛାତ୍ରଛାତ୍ରୀମାନଙ୍କୁ ସମ୍ବୋଧନ କରିଛନ୍ତି । ସେହିପରି ଅନୁସୂଚିତ ଜନଜାତି ନିର୍ଦ୍ଦେଶକ ଡ. ପୋମା ଟୁଡୁ, ଅନୁସୂଚିତ ଜାତି ନିର୍ଦ୍ଦେଶକ ଲକ୍ଷ୍ମଣ କୁମାର ମଲ୍ଲିକ୍, ବିଭାଗୀୟ ଅତିରିକ୍ତ ଶାସନସଚିବ ତଥା ବିତ୍ତ ପରାମର୍ଶଦାତା ବନିତା ଦାଶ, ଅତିରିକ୍ତ ଶାସନ ସଚିବ ନାରାୟଣ ଧଳ ପ୍ରମୁଖ ଉପସ୍ଥିତ ଥିଲେ । ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀ ନାଏକ ସର୍ଗିଫୁଲର ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରି କହିଛନ୍ତି, ଆଦିବାସୀମାନେ ହେଉଛନ୍ତି ପ୍ରକୃତିର ଉପାସକ । ସମୟାନୁକ୍ରମେ ଜନଜାତି ସମ୍ପ୍ରଦାୟ ସର୍ଗିଫୁଲ ବା ଶାଳ ଫୁଲକୁ ଖାଦ୍ୟ ଭାବେ ଗ୍ରହଣ କରିଆସୁଥିଲେ । ପରେ ଏହାକୁ ଜାହିରା ଭାବେ ପୂଜା କରିବା ଆରମ୍ଭ କରିଥିଲେ ତେଣୁ ସର୍ଗିଫୁଲ ହେଉଛି ପ୍ରେରଣାର ଉତ୍ସ । ସେ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇ ଏହା ମଧ୍ୟ କହିଛନ୍ତି ଯେ କିଶୋର ସୃଜନଶକ୍ତିକୁ ଅଧିକ ଋଦ୍ଧିମନ୍ତ କରିବା ଉଦ୍ଦେଶ୍ୟରେ ସର୍ଗିଫୁଲ ଉତ୍ସବ ଆରମ୍ଭ । ଆମ ପିଲାମାନେ ରାଜ୍ୟକୁ ପ୍ରତିନିଧିତ୍ୱ କରିବା ଭଳି ଦକ୍ଷତା ଓ ସାମର୍ଥ୍ୟ ରଖିଛନ୍ତି । ସେମାନଙ୍କ ଅନ୍ତର୍ନିହିତ ପ୍ରତିଭା ଓ ଗୁଣାବଳୀ ଦେଖାଇବା ହେଉଛି ଏହି ଉତ୍ସବ ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ । ସୂଚନାଯୋଗ୍ୟ, ଉଦଯାପନୀ ଅବସରରେ ୨୦୨୪ ଦଶମ ବୋର୍ଡ଼ ପରୀକ୍ଷାରେ ଭଲ ପ୍ରଦର୍ଶନ କରିଥିବା ୧୦ ଜଣ ଏସସି ଏସଟି ଛାତ୍ରଛାତ୍ରୀଙ୍କୁ ମନ୍ତ୍ରୀ ଶ୍ରୀ ନାଏକ ୫୦୦୦ ଟଙ୍କା ଲେଖାଏଁ ପୁରସ୍କାର ରାଶି ପ୍ରଦାନ କରିବା ସହ ମାନପତ୍ର ଓ ଜନଜାତି ସମ୍ପର୍କିତ ପୁସ୍ତକ ପ୍ରଦାନ କରାଯାଇଥିଲା । ଜଗତସିଂହପୁରରୁ ମିଲି ଟୁଡୁ, କଳାହାଣ୍ଡିରୁ ସୁପ୍ରଭା ନାଏକ, ମହେଶ ମହାର, ନନ୍ଦିନୀ ନାଏକ, ଚୁମକି ନାଏକ, ଲଭଲି ନାଏକ, ଖୋର୍ଦ୍ଧାରୁ କ୍ରିଷ୍ଟା ଟୁଡୁ, ସମ୍ବଲପୁରରୁ ସୁନେଲି ପ୍ରଧାନ, ନବରଙ୍ଗପୁରରୁ ରଶ୍ମିତା ଭତ୍ରା, ଗଜପତିରୁ କବିତା ଗମାଙ୍ଗ ଏହି ଅବସରରେ ସମ୍ମାନିତ ହୋଇଛନ୍ତି । ଏଥିସହିତ ଏସସି/ଏସଟି ଛାତ୍ରଛାତ୍ରୀଙ୍କୁ ନେଇ ଆୟୋଜିତ ରାଜ୍ୟସ୍ତରୀୟ ବିଜ୍ଞାନ ମେଳାକୁ ଉଦଘାଟନ କରିଛନ୍ତି ମନ୍ତ୍ରୀ ଶ୍ରୀ ନାଏକ । ତିନିଦିନବ୍ୟାପୀ ହେବାକୁ ଥିବା ଉତ୍ସବରେ ରାଜ୍ୟସ୍ତରୀୟ ବିଜ୍ଞାନ ମେଳାର ଆୟୋଜନ କରାଯାଇଛି । ୪୦ ଷ୍ଟଲରେ ୮୦ ଛାତ୍ରଛାତ୍ରୀଙ୍କ ସମେତ ୪୦ ଗାଇଡ୍ ଶିକ୍ଷକ ଅଂଶଗ୍ରହଣ କରିଛନ୍ତି । ସାମୁଦ୍ରିକ ପରିମଣ୍ଡଳର ସଂରକ୍ଷଣ, ପରିବେଶ ଅନୁକୂଳ ବାତାବରଣ, କୃତ୍ରିମ ବୁଦ୍ଧିମତ୍ତା, ଭାରତୀୟ ଅନ୍ତରୀକ୍ଷ ଗବେଷଣା, ସ୍ମାର୍ଟ କ୍ଲାସ ରୁମ୍ ବିଷୟବସ୍ତୁକୁ ନେଇ ପ୍ରସ୍ତୁତ ୫ ଟି ଡୋମ୍‌ରେ ତିନିଦିନ ଧରି ବିଭିନ୍ନ କର୍ମଶାଳାର ଆୟୋଜନ କରାଯିବ ।

## ଓଡ଼ିଶା ବରିଷ୍ଠ ନାଗରିକ ମହାସଂଘର ୧୪ତମ ପ୍ରତିଷ୍ଠା ଦିବସ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶା ବରିଷ୍ଠ ନାଗରିକ ମହାସଂଘର ୧୪ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ମଧ୍ୟ ଭୁବନେଶ୍ୱରର ବିଧାୟକ ଅନନ୍ତ ନାରାୟଣ ଜେନା ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଏକାମ୍ର ଭୁବନେଶ୍ୱରର ବିଧାୟକ ବାବୁ ସିଂ ଏବଂ ବିଶିଷ୍ଟ ଅତିଥି ଭାବେ ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ ଯୋଗଦେଇଥିଲେ । ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ଏକ ପତ୍ରିକା ଉନ୍ମୋଚିତ ହୋଇଥିଲା। ମହାସଂଘର ପ୍ରତିଷ୍ଠାତା ସଭାପତି କୃପାସିନ୍ଧୁ ସାହୁ, ପୂର୍ବତନ ସଭାପତି ଏବଂ ଖ୍ୟାତିସମ୍ପନ୍ନ କ୍ୟାନସର ସର୍ଜନ ଡାକ୍ତର ପ୍ରଫେସର କୃପାସିନ୍ଧୁ ପଣ୍ଡା, ଇଂ. ସୁରେଶ ଚନ୍ଦ୍ର କର, ଚିତ୍ତରଞ୍ଜନ ଦାସ ଓ ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ଅଧିକାରୀ ସୁରେଶ ଚନ୍ଦ୍ର ମନ୍ତ୍ରୀ ଉପଦେଷ୍ଟାଗଣ ଉପସ୍ଥିତ ଥିଲେ । ଏଥିରେ ଡ଼. ପି.କେ. ଦାସ ସଭାପତିତ୍ୱ କରିଥିବାବେଳେ କାର୍ଯ୍ୟକାରୀ ସଭାପତି ଇଂ. ଗିରିଜା ନନ୍ଦନ ମହାନ୍ତି ପରିଚାଳନା କରିଥିଲେ । ଏହି ଅବସରରେ ସାଧାରଣ ସମ୍ପାଦକ ରାଜ କିଶୋର ସାମନ୍ତରାୟ ମହାସଂଘର ସଫଳତା ଓ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ ବିଷୟରେ ଅବଗତ କରାଇଥିଲେ । କୋଷାଧ୍ୟକ୍ଷ ଫଗୁ ବାରିକ ଚଳିତ ବର୍ଷର ଆୟ-ବ୍ୟୟ ତଥା ଆଗାମୀ ବର୍ଷର ବଜେଟ ଉପସ୍ଥାପନ କରିଥିଲେ। ପ୍ରତିଷ୍ଠାତା ସଭାପତି ଶ୍ରୀ ସାହୁ, ପାଟ୍ରନ ସଦସ୍ୟ ଏବଂ ନୂତନ ଅନୁବନ୍ଧିତ ସଙ୍ଘମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜରୁରୀ ଆବଶ୍ୟକତା ପାଇଁ କଳିଙ୍ଗ ହସ୍ପିଟାଲ ପକ୍ଷରୁ ଏକ ଆମ୍ବୁଲାନ୍ସର ବ୍ୟବସ୍ଥା କରିଥିଲେ । ଏଚ୍‌ଡିଏଫ୍‌ସି ବ୍ୟାଙ୍କ ସାରା ରାଜ୍ୟର ବରିଷ୍ଠଙ୍କ ପାଇଁ ସେବା ପ୍ରତିଯୋଗିତା ଶୁଭାରମ୍ଭ କରିଥିଲା । ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୫୦୦ରୁ ଅଧିକ ପ୍ରତିନିଧି କାର୍ଯ୍ୟକ୍ରମରେ ଯୋଗଦେଇ ବରିଷ୍ଠ ନାଗରିକମାନଙ୍କ ସମସ୍ୟା ଓ ସମାଧାନ ବିଷୟରେ ଆଲୋଚନା କରିଥିଲେ । ପରେ ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଉନ୍ମଣି ନାହାକ, ଅରୁଣ ପଟ୍ଟନାୟକ, ପ୍ରକାଶ ଚନ୍ଦ୍ର ମିଶ୍ର, ଅରବିନ୍ଦ ଶତପଥୀ, ଗଦାଧର ବେହେରା, ଉପେନ୍ଦ୍ର ମହାନ୍ତି, ଧିରେନ ପଟ୍ଟନାଏକ, ଅରୁଣ ମହାନ୍ତି, କେନ୍ଦୁଝର, ଅରୁଣ ମହାନ୍ତି, ବସନ୍ତ ବାରିକ, ପ୍ରହଲ୍ଲାଦ ରାଉତ, ଅଭିରାମ ଜେନା ସହଯୋଗ କରିଥିଲେ । ଶେଷରେ କାର୍ଯ୍ୟକାରୀ ସଭାପତି ଇଂ. ଗିରିଜା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁଇ ମାସରେ ସରିବ ଆବାସ ସର୍ଭେ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଦୁଇ ମାସରେ ସରିବ ଆବାସ ସର୍ଭେ । ଏବେ ଗ୍ରାମାଂଚଳରେ ସର୍ଭେ ଆରମ୍ଭ ହୋଇଛି । ଗ୍ରାମସଭା ମାଧ୍ୟମରେ ପ୍ରତି ଗାଁରେ ସଚେତନତା କରାଯାଉଛି । ଲୋକଙ୍କୁ ସର୍ଭେରେ ସାମିଲ କରାଯାଉଛି ବୋଲି କହିଛନ୍ତି ପଂଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ । ଯେଉଁମାନେ ବି ଆବାସ ପାଇବାରୁ ବାଦ ପଡ଼ିଛନ୍ତି । କାହାକୁ ବାଦ ଦିଆଯିବ ନାହିଁ । ବ୍ୟବସ୍ଥା ଲୋକଙ୍କ ପାଖରେ ପହଂଚାଇବାର ଆବଶ୍ୟକତା ଅଛି । ବିଭାଗର ଟ୍ରେନର ମାନେ ଗାଁ ଗାଁରେ ଲୋକଙ୍କୁ ଡାକି ସଚେତନ କରୁଛନ୍ତି । ଯିଏ ବଞ୍ଚିତ ହୋଇଛନ୍ତି, ଗରିବ ଅଛନ୍ତି, ବଞ୍ଚିତ ଅଛନ୍ତି, ସେମାନଙ୍କୁ ସାମିଲ କରାଯାଉଛି । ପୂର୍ବ ସରକାରରେ ଆକ୍ରୋଶ ମୂଳକ ଭାବେ ରାଜନୈତିକ ଅଭିସନ୍ଧି ରଖି ଗରିବ ଲୋକଙ୍କୁ ଆବାସ ତାଲିକାରୁ ବାଦ ଦିଆଯାଇଥିଲା । ସର୍ଭେକୁ ବିଭାଗ ଅଧିକ ଗୁରୁତ୍ୱ ଦେଉଛି । ମନ୍ତ୍ରୀ ମାନେ ଜିଲ୍ଲା ଗସ୍ତ ସମୟରେ ଆବାସ ସର୍ଭେର ସମୀକ୍ଷା କରୁଛନ୍ତି । ବିଗତ ଗସ୍ତ ସମୟରେ ମଧ୍ୟ କେନ୍ଦ୍ର ମନ୍ତ୍ରୀଙ୍କ ସହ ଆବାସ ବାବଦରେ ଆଲୋଚନା କରିବେ ବୋଲି କହିଛନ୍ତି ପଞ୍ଚାୟତିରାଜ ମନ୍ତ୍ରୀ ।

## ବସ୍ତି ବାସିନ୍ଦାଙ୍କୁ ସୁରକ୍ଷିତ ବ୍ୟବସ୍ଥା ଦାବି

କଟକ(ଭାସ୍କର ନ୍ୟୁଜ୍): କଟକ ସହରର ବିଭିନ୍ନ ସ୍ଥାନରେ ଦୀର୍ଘଦିନ ଧରି ସରକାରୀ ଜମି ଦଖଲ କରି ରହିଥିବା ବସ୍ତି ବାସିନ୍ଦାଙ୍କ ପ୍ରତି ସୁରକ୍ଷିତ ବ୍ୟବସ୍ଥା କରିବାକୁ ବସ୍ତି ବାସିନ୍ଦାଙ୍କ ମିଳିତ ମଞ୍ଚ ପକ୍ଷରୁ ଦାବି କରାଯାଇଛି । ମଞ୍ଚର ଆବାହକ ଖଗେଶ୍ୱର ସେଠୀ ଦାବି ଏକ ବିବୃତିରେ କହିଛନ୍ତି ବାତ୍ୟା ସମୟରେ ଚାରି ଦିନ ଧରି ସିଏମ୍‌ସି ଓ ପ୍ରଶାସନ ପକ୍ଷରୁ ବସ୍ତି ବାସିନ୍ଦା ଏବଂ ସହର ଭିତର ତଳିଆ ସ୍ଥାନମାନଙ୍କରୁ ଲୋକ ମାନଙ୍କୁ ଆଶ୍ରୟସ୍ଥଳ ନିଆ ଯିବାର ବ୍ୟବସ୍ଥା ହୋଇ ଥିବାର ପ୍ରଚାର କରିଥିଲେ । ମାତ୍ର ଏବାବଦରେ ପ୍ରଚାର ଓ ବାସ୍ତବ ବ୍ୟବସ୍ଥା ଥିଲା କେବଳ ଧର୍ମକୁ ଆଖିଠାର । । ଏପରି କ୍ଷେତ୍ରରେ ତୁରନ୍ତ ପ୍ରଶାସନ ପକ୍ଷରୁ ବସ୍ତିବାସିନ୍ଦାଙ୍କ ନିମନ୍ତେ ଯୁଦ୍ଧକାଳୀନ ଭିତିରେ ବ୍ୟବସ୍ଥା କରିବାକୁ ମଂଚ ପକ୍ଷରୁ ଦାବି କରାଯାଇଛି ।

### ବକେୟା ବିଦ୍ୟୁତ ଶୁଳ୍କ ଆଦାୟର ସମୀକ୍ଷା କଲେ ଉପମୁଖ୍ୟମନ୍ତ୍ରୀ

## ବିଚାରାଧୀନ ଦେୟ ଏବଂ ମାମଲାର ସମାଧାନ ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ପରାମର୍ଶ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବୁଧବାର ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓଙ୍କ ଅଧ୍ୟକ୍ଷତାରେ ଶିଳ୍ପ ସଂସ୍ଥା ମାନଙ୍କ ଉପରେ ରହିଥିବା ବକେୟା ବିଦ୍ୟୁତ ଶୁଳ୍କ ଆଦାୟ ଉପରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଶିଳ୍ପ ସଂସ୍ଥା ଗୁଡିକରୁ ନିଜସ୍ୱ ଉତ୍ପାଦନ ଉପରେ ବକେୟା ଥିବା ବିଦ୍ୟୁତ ଶୁଳ୍କ ଏବଂ ଏହାର ସବିଶେଷ କାରଣ ଉପରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା । ବିଦ୍ୟୁତ ଶୁଳ୍କ ଛାଡ ଉପରେ ଉଚ୍ଚ ନ୍ୟାୟାଳୟ ଏବଂ ଅନ୍ୟାନ୍ୟ ଅଦାଲତରେ ବିଚାରାଧିନ ଥିବା ବିଭିନ୍ନ ମାମଲା ଯୋଗୁଁ ବକେୟା ଶୁଳ୍କ ଆଦାୟ କରିବା ପ୍ରାୟତଃ ସମ୍ଭବପର ହେଉନଥିବାର ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଥିଲେ ଯେ, ବକେୟା ବିଦ୍ୟୁତ ରାଶି ଆଦାୟ ପାଇଁ ସରକାରୀ ନିୟମ ଅନୁଯାୟୀ ପଦକ୍ଷେପ ନିଆ ଯାଉଛି କ୍ଷ ଆଡଭୋକେଟ ଜେନେରାଲ ଏବଂ ବିଭାଗୀୟ ପରାମର୍ଶଦାତାଙ୍କ ପରାମର୍ଶ ଅନୁଯାୟୀ ଅଦାଲତର ବିଚାରାଧିନ ଥିବା ବିଭିନ୍ନ ମାମଲା ଗୁଡିକର ସମାଧାନ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ ଦେବ, ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ) ଓ ବିଭାଗର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ରହି ନିଜ ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ । ଶକ୍ତି ବିଭାଗ ଆଇନ ପରାମର୍ଶଦାତା ସଞ୍ଜୟ ସେନ ଅନଲାଇନ ମାଧ୍ୟମରେ ଯୋଡ଼ିହୋଇ ବୈଠକରେ ଯୋଗଦେଇ ବକେୟା ବିଦ୍ୟୁତ ଶୁଳ୍କ ଆଦାୟ ପାଇଁ ଉପାୟ ଉପରେ ଆଲୋକପାତ କରିଥିଲେ ।

## ୧୦ହଜାର ନୂଆ ବିଜେଡି ସଭ୍ୟ ସଂଗ୍ରହ ପାଇଁ ଲକ୍ଷ୍ୟ ଧାର୍ଯ୍ୟ

କଟକ(ଭାସ୍କର ନ୍ୟୁଜ୍): କଟକ ଜିଲ୍ଲା ବିଭିନ୍ନ ମହାବିଦ୍ୟାଳୟରେ ଆଜିଠାରୁ ବିଜେଡ଼ି ଦଳର ସଭ୍ୟ ସଂଗ୍ରହ ଅଭିଯାନ ଆରମ୍ଭ ହୋଇଛି । ସ୍ଥାନୀୟ ଖ୍ରୀଷ୍ଟ ମହାବିଦ୍ୟାଳୟରୁ ଏହି ଅଭିଯାନର ଶୁଭାରମ୍ଭ କରାଯାଇଛି । କଟକ ଜିଲ୍ଲା ଛାତ୍ର ବିଜେଡ଼ି ସଭାପତି ଅସିଫ୍ ଅମିନ୍ ଏହି ସଭ୍ୟ ସଂଗ୍ରହ ଅଭିଯାନକୁ ଆରମ୍ଭ କରିଥିଲେ । କଟକ ସହରର ସମସ୍ତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ସମେତ ଜିଲ୍ଲାର ସବୁ ମହାବିଦ୍ୟାଳୟରୁ ପର୍ଯ୍ୟାୟକ୍ରମେ ସଭ୍ୟ ସଂଗ୍ରହ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି । ଚଳିତ ବର୍ଷ କେବଳ କଟକ ଜିଲ୍ଲାର ମହାବିଦ୍ୟାଳୟଗୁଡ଼ିକରୁ ୧୦ହଜାର ନୂଆ ସଭ୍ୟ ସଂଗ୍ରହ ପାଇଁ ଲକ୍ଷ୍ୟ ରଖାଯାଇଥିବା କଟକ ଜିଲ୍ଲା ଛାତ୍ର ବିଜେଡ଼ି ସଭାପତି କହିଛନ୍ତି ।

## କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଁ ମନୋନୀତ ସାହିତ୍ୟିକ ଡ଼.ବୈଷ୍ଣବ ଚରଣ ସାମଲଙ୍କୁ ଶୁଭେଚ୍ଛା ଜଣାଇଲେ ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଁ ମନୋନୀତ ସାହିତ୍ୟିକ ଡ଼.ବୈଷ୍ଣବ ଚରଣ ସାମଲଙ୍କୁ ଶୁଭେଚ୍ଛା ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏକ୍ସ ହ୍ୟାଣ୍ଡେଲରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଚଳିତବର୍ଷ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇବାକୁ ମନୋନୀତ ହୋଇଥିବା ଓଡ଼ିଶାର ବିଶିଷ୍ଟ ସାହିତ୍ୟିକ ପ୍ରଫେସର ବୈଷ୍ଣବ ଚରଣ ସାମଲଙ୍କୁ ଶୁଭେଚ୍ଛା । ତାଙ୍କ ଦ୍ୱାରା ରଚିତ ପ୍ରବନ୍ଧ ପୁସ୍ତକ 'ଭୂତି ଭକ୍ତି ବିଭୂତି' ପାଇଁ ସେ ଏହି ସମ୍ମାନଜନକ ପୁରସ୍କାର ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଓଡ଼ିଆ ସାହିତ୍ୟରେ ନିଜର ଅନନ୍ୟ ପରିଚୟ ସୃଷ୍ଟି କରି ଓଡ଼ିଶାକୁ ଗର୍ବିତ କରିଥିବାରୁ ଧନ୍ୟବାଦ ।

## ବିଳମ୍ବିତ ରାତିରେ ରେଭେନ୍ସା କ୍ୟାମ୍ପସ୍‌ରେ ଆତସ୍‌ବାଜି

କଟକ(ଭାସ୍କର ନ୍ୟୁଜ୍): ଗତକାଲି ବିଳମ୍ବିତ ରାତିରେ ରେଭେନ୍ସା ବିଶ୍ୱ ବିଦ୍ୟାଳୟ କ୍ୟାମ୍ପସ ଭିତରେ ଫୁଟିଲା ବାଣ । ଯଦିଓ ଘଟଣାରେ ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ, କିନ୍ତୁ କ'ଣ ପାଇଁ ବିଳମ୍ବିତ ରାତିରେ ଆତଶବାଜି ହେଉଛି ତାହା ଜାଣିପାରି ନଥିଲେ । କାରଣ କୌଣସି ବିଭାଗୀୟ କାର୍ଯ୍ୟକ୍ରମ ନଥିଲା । ଜଣେ ଛାତ୍ରନେତାଙ୍କ କିଛି ପ୍ରଶଂସକ ଏଭଳି କରିଥିବା ଜଣାପଡ଼ିଛି । କ୍ୟାମ୍ପସ ମଧ୍ୟରେ ଏସବୁ ବାରଣ ହୋଇଥିଲେ ମଧ୍ୟ ସୁରକ୍ଷା କର୍ମୀ ଘଟଣାରେ ଚୁପ ରହିଥିଲେ । କିଛିଦିନ ପୂର୍ବରୁ କ୍ୟାମ୍ପସରେ ଜଣେ ଛାତ୍ରଙ୍କୁ ମାଡ଼ ମାରି ଛାତ୍ର ନେତା ବବି ଖାନ୍ ଗିରଫ ହୋଇଥିଲେ । ଗତକାଲି ସେ ଜାମିନରେ ଆସିବା ପରେ ରେଭେନ୍ସା ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ମଧ୍ୟରେ ଏଭଳି ଆୟୋଜନ ଦେଖିବାକୁ ମିଳିଥିଲା । ତେବେ ସୁରକ୍ଷା କର୍ମୀଙ୍କ ଉପସ୍ଥିତିରେ ଏଭଳି ଆୟୋଜନ କିପରି ହେଲା ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

## କାର୍ ଡିଲରସିପ୍ କରାଇ ଦେବାକୁ କହି ୪୦ ଲକ୍ଷ ଟଙ୍କା ଠକେଇ

କଟକ(ଭାସ୍କର ନ୍ୟୁଜ୍): କାର ଡିଲରସିପ୍ କରାଇଦେବାକୁ କହି କଟକ ସିଡିଏ ସେକ୍ଟର-୯ ଅଞ୍ଚଳର ଜଣେ ବ୍ୟବସାୟୀଙ୍କ ଠାରୁ ସାଇବର ଠକ ମାନେ ୪୦ ଲକ୍ଷ ଟଙ୍କା ଲୁଟିନେଇଛନ୍ତି । ଠକାମୀରେ ଶିକାର ହୋଇଥିବା ଜାଣି ବ୍ୟବସାୟୀ ଜଣକ ସାଇବର ଥାନାରେ ଦ୍ୱାରସ୍ଥ ହୋଇଛନ୍ତି । କଟକ ସାଇବର ଥାନା ପୋଲିସ୍ ମାମଲା ରୁଜୁ କରି ଘଟଣାର ତଦନ୍ତ ଚାଇଥିଲେ ବି ସାଇବର ଠକଙ୍କୁ ଠାବ କରିପାରିନାହିଁ ପୋଲିସ୍ । ପୋଲିସର ସୂଚନା ଅନୁସାରେ କଟକ ସିଡିଏ ସେକ୍ଟର ୯ ଅଞ୍ଚଳର ଜଣେ ବ୍ୟବସାୟୀ 'କିଆ' କମ୍ପାନୀର କାର ଡିଲରସିପ୍ ସମ୍ବଲପୁର କରିବାକୁ ଚାହୁଁଥିଲେ । ଏଥିପାଇଁ ସେ ଗୁଗଲ୍‌ରେ ସର୍ଚ୍ଚକରି ଗୋଟିଏ ଟେଲିଫୋନ୍ ନମ୍ବର ପାଇଥିଲେ । ସେହି ଫୋନ୍ ନମ୍ବରଟି 'କିଆ' କମ୍ପାନୀର ବୋଲି ଭାବେ କଲ୍ କରିଥିଲେ । ଆଉ ଫୋନ ଉଠାଇଥିବା ବ୍ୟକ୍ତି ଜଣକ ନିଜକୁ 'କିଆ'ର ଅଧିକାରୀ ବୋଲି ପରିଚୟ ଦେଇଥିଲେ । ଅଧିକାରୀ ଜଣକ ଡିଲରସିପ୍ କରାଇଦେବା ଲାଗି ସିକ୍ୟୁରିଟି ଟଙ୍କା ବାବଦରେ ଦୁଇଟି ପର୍ଯ୍ୟାୟରେ ୪୦ ଲକ୍ଷ ଟଙ୍କା ଜମା କରିବାକୁ ସମ୍ପୃକ୍ତ କହିଥିଲେ । ଫଳରେ ବ୍ୟବସାୟୀ ଜଣକ ନଭେମ୍ବର ୨୯ ତାରିଖରେ ୨୫ ଲକ୍ଷ ଓ ଡିସେମ୍ବର ୧୦ ତାରିଖରେ ୧୫ ଲକ୍ଷ ଟଙ୍କା ପଞ୍ଜାବ ନ୍ୟାସନାଲ୍ ବ୍ୟାଙ୍କ ଓ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ ଦୁଇଟି ଆକାଉଣ୍ଟରେ ଜମା କରିଥିଲେ । ଏହାପରେ ସେହି ବ୍ୟକ୍ତି ଜଣକ ଆହୁରି ୧୭ ଲକ୍ଷ ଟଙ୍କା ମାଗିବାରୁ ସନ୍ଦେହ ବଢିଥିଲା । ବ୍ରବସାୟୀ ଜଣକ ଠକାମୀର ଶିକାର ହୋଇଛନ୍ତି ବୋଲି ଜାଣି ସାଇବର ଥାନାରେ ଏତଲା ଦେଇଛନ୍ତି । ଅଭିଯୋଗକୁ ଭିତ୍ତିକରି ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି ।

### ଜିଲ୍ଲାପାଳଙ୍କ ଜାଲ ଦସ୍ତଖତ ଅଭିଯୋଗ

## ରେଭେନ୍ସା ପ୍ରଫେସରଙ୍କ ବିରୋଧରେ ଏତଲା

କଟକ(ଭାସ୍କର ନ୍ୟୁଜ୍): କଟକ ଜିଲ୍ଲାପାଳଙ୍କ ଦସ୍ତଖତ ଜାଲିଆତି ହୋଇଥିବା ଅଭିଯୋଗରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ଆସିଷ୍ଟାଣ୍ଟ ପ୍ରଫେସର ବିଜୟଲକ୍ଷ୍ମୀ ଦାଶଙ୍କ ବିରୋଧରେ କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଧେ ଲାଲବାଗ ଥାନାରେ ଏତଲା ଦେଇଛନ୍ତି । ୨୦୧୯ ମସିହାରେ ନିର୍ବାଚନ ବେଳେ ବିଜୟଲକ୍ଷ୍ମୀ ଦାଶ ଛୁଟି ପାଇଁ ଆବେଦନ କରିଥିଲେ । ନିର୍ବାଚନ ପାଇଁ କୋଡ୍ ଅଫ୍‌କଣ୍ଡକ୍ଟ ଲାଗିଥିବାରୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ବିଜୟଲକ୍ଷ୍ମୀଙ୍କୁ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀଙ୍କଠାରୁ ଅନୁମତି ଆଣିବାକୁ କହିଥିଲେ । ମାତ୍ର ବିଜୟଲକ୍ଷ୍ମୀ ତତ୍‌କାଳୀନ ଜିଲ୍ଲାପାଳଙ୍କ ଜାଲି ଦସ୍ତଖତ କରି ଛୁଟିରେ ଯାଇଥିଲେ । ତେବେ ୫ ବର୍ଷ ପରେ ଜିଲ୍ଲାପାଳଙ୍କ ଦସ୍ତଖତ ଜାଲ୍ ହୋଇଥିବା ସ୍ପଷ୍ଟ ହୋଇଥିବାରୁ ତାଙ୍କ ନାମରେ ଏତଲା ଦିଆଯାଇଛି ।

## ୨୬ରେ ପାଳନ ହେବ ବିଜେଡି ପ୍ରତିଷ୍ଠା ଦିବସ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପ୍ରତି ବର୍ଷ ପରି ଚଳିତ ବର୍ଷ ଡିସେମ୍ବର ୨୬ରେ ବିଜେଡି ପ୍ରତିଷ୍ଠା ଦିବସ ସବୁ ନିର୍ବାଚନ ମଣ୍ଡଳୀରେ ପାଳନ ହେବ । ସଂକଳ୍ପ ନିଆଯିବ ଯେ ଯେଉଁ ଲକ୍ଷ୍ୟ ଓ ଆଭିମୁଖ୍ୟ ନେଇ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶାବାସୀଙ୍କ ସ୍ୱାଭିମାନଙ୍କ ରକ୍ଷା କରିବୁ ବୋଲି କହିଛନ୍ତି ସଂଜୟ ଦାସବର୍ମା । ଆସନ୍ତା ଜାନୁଆରୀ ୬ରେ ଦରଦାମ ବୃଦ୍ଧି ବିରୋଧରେ ଆନ୍ଦୋଳନ କରି ରାଜରାସ୍ତାକୁ ଓହ୍ଲାଇବ । ଦର ଦାମ ନିୟନ୍ତ୍ରଣ ନ ହେଲେ ସାରା ରାଜ୍ୟରେ ଆନ୍ଦୋଳନ ହେବ । ନୂଆ ସରକାର ଲୋକସେବା ଭବନ ଆଗରେ ବିକ୍ଷୋଭ ହେବ । ସରକାର ଗଠନର ଛ ମାସରେ ଦରଦାମ ବଢ଼ି ଚାଲିଛି । ସରକାର ଯେଉଁ ପ୍ରତିଶ୍ରୁତି ଦେଇ ଆସିଥିଲେ, ୫୦୦୦୦ ହଜାର ସୁଭଦ୍ରା, ୩୦୦ ୟୁନିଟ ମାଗଣା ବିଜୁଳି, ୩୧୦୦ ଏମଏସପି, ଭତ୍ତା, ଏ ସବୁରେ ବିଫଳ ହୋଇଛନ୍ତି । ନିତ୍ୟ ବ୍ୟବହାର ଜିନିଷ, ଡିଜେଲ, ପେଟ୍ରୋଲ ଓ ଗ୍ୟାସ ଦର ବୃଦ୍ଧି ଯୋଗୁଁ ଲୋକ ତ୍ରାହି ତ୍ରାହି ଡାକିଲେଣି । ସୁଭଦ୍ରାର ଏସଓପି ୯ ଥର ବଦଳିଲାଣି । ଆଳୁ ୬୦, ଡାଲି ୧୫୦, ଏହା ପ୍ରଶାସନିକ ଓ ସରକାରୀ ବିଫଳତା ବୋଲି ସାମ୍ବାଦିକ ସମ୍ମିଳନୀରେ ବିଜେଡି କାର୍ଯ୍ୟକାରୀ କମିଟିର ଆବାହକ ସଞ୍ଜୟ ଦାସବର୍ମା କହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଏହି ସାମ୍ବାଦିକ ସମ୍ମିଳନୀରେ ଦେବୀ ମିଶ୍ର, ସ୍ନେହାଙ୍ଗିନୀ ଛୁରିଆ, ପ୍ରତାପ ଜେନା, ଓ ବ୍ୟୋମକେଶ ରାୟ ଉପସ୍ଥିତ ଥିଲେ ।


## ସବୁ ନିର୍ବାଚନ ମଣ୍ଡଳୀରେ ପାଳନ ହେବ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଜେଡି ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଶକ୍ତିଶାଳୀ ଆଞ୍ଚଳିକ ଦଳ ହୋଇଛି । ପ୍ରତିବର୍ଷ ଭଳି ଏଥର ବି ଡିସେମ୍ବର ୨୬ରେ ସବୁ ନିର୍ବାଚନ ମଣ୍ଡଳୀରେ ପ୍ରତିଷ୍ଠା ଦିବସ ପାଳନ ହେବ ବୋଲି କହିଛନ୍ତି ବିଜେଡି ସମନ୍ୱୟ କମିଟି ଅଧ୍ୟକ୍ଷ ଦେବୀ ମିଶ୍ର । ଏହା ୨୮ ତମ ପ୍ରତିଷ୍ଠା ଦିବସ, ବିକାଶର ଅନ୍ୟ ନାଁ ବିଜେଡି, ଏହା ଲୋକଙ୍କୁ ପୁଣି ଜଣାଇବୁ । ବିଜେପି ପ୍ରତିଶ୍ରୁତି ପାଳନ ନ କରିବା, ଦରଦାମ ବୃଦ୍ଧି କଥା ବି କୁହାଯିବ । ନୂଆ ବର୍ଷରେ ଜାନୁଆରୀ ୬ ତାରିଖରେ ଆନ୍ଦୋଳନ ହେବ ଭୁବନେଶ୍ୱରରେ । ଜନସାଧାରଣ ଯେପରି ଦରଦାମରେ ଅତିଷ୍ଠ ହେଲାଣି, ସେଥିପାଇଁ ସଚେତନ କରାଯିବ ବୋଲି ଦେବୀ ମିଶ୍ର କହିଛନ୍ତି ।

## ୨୧ରୁ ଅଲ୍ ଇଣ୍ଡିଆ ଲୟରସ୍ ଆସୋସିଏସନ ଫର୍ ଜଷ୍ଟିସ୍‌ର ସମ୍ମିଳନୀ

କଟକ(ଭାସ୍କର ନ୍ୟୁଜ୍): ଅଲ ଇଣ୍ଡିଆ ଲୟରସ ଆସୋସିଏସନ ଫର ଜଷ୍ଟିସ୍ (ଏଆଇଏଲଏଜେ)ର ଦ୍ୱିତୀୟ ଜାତୀୟ ସ୍ତରୀୟ ସମ୍ମିଳନୀ ଡିସେମ୍ବର ୨୧ ଓ ୨୨ ତାରିଖ ସ୍ଥାନୀୟ କଳାବିକାଶ କେନ୍ଦ୍ରରେ ଅନୁଷ୍ଠିତ ହେବ । ସମ୍ମିଳନୀରେ ସଂଗଠନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଯଥା ସାଧାରଣ ଜନତା ପ୍ରତି ହେଉଥିବା ଅନ୍ୟାୟ, ଓକିଲମାନଙ୍କ ପ୍ରତି ଧମକ ଓ ଆକ୍ରମଣ, ଓକିଲାତି ପେଶାରେ ଆର୍ଥିକ ଅନିଶ୍ଚିତତା ଓ ସେଥିପାଇଁ ପ୍ରୋତ୍ସାହନର ଅଭାବ, ସମ୍ବିଧାନର ମୌଳିକତା କ୍ଷୁର୍ଣ୍ଣ କରିବା ପାଇଁ ହେଉଥିବା ଉଦ୍ୟମ ବିରୁଦ୍ଧରେ ଓକିଲ ସମାଜ ଏକଜୁଟି ହୋଇ ଦୃଢ଼ ପ୍ରତବାଦ କରିବା ପାଇଁ ବିସ୍ତୃତ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି । ଭାରତ ବର୍ଷର ବିଭିନ୍ନ ପ୍ରଦେଶରୁ ପ୍ରାୟ ୨୦୦ ଓକିଲ ଏହି ସମ୍ମିଳନୀରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ସମ୍ମିଳନୀରେ ସୁପ୍ରିମକୋର୍ଟର ପୂର୍ବତନ ବିଚାରପରି ଜଷ୍ଟିସ ଅନଙ୍ଗ କୁମାର ପଟ୍ଟନାୟକ ଓ ମାଡ୍ରାସ ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ କେ. ଚନ୍ଦ୍ର 'ନ୍ୟାୟପାଳିକାର ସ୍ୱାଧୀନତା' ଉପରେ ଆଲୋକପାତ କରିବାର କାର୍ଯ୍ୟକ୍ରମ ରହିଛି ବୋଲି ଅଲ ଇଣ୍ଡିଆ ଲୟରସ ଆସୋସିଏସନ ଫର ଜଷ୍ଟିସ ପକ୍ଷରୁ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ଅନୁଷ୍ଠାନର କେନ୍ଦ୍ରୀୟ କମିଟିର ସଂପାଦକ କ୍ଲିପଟନ ଡି ରୋଜାରିଓ, ଓଡ଼ିଶା ସଂଗଠନ ଦାୟିତ୍ୱରେ ଥିବା ସଂଗଠନ ଗୁରୁ ପ୍ରସାଦ ମହାନ୍ତି, ବରିଷ୍ଠ ଆଇନଜୀବି ଧନୋଜ ସାହୁ, ଅଗସ୍ତି କାନୁନଗୋ, ପ୍ରଶାନ୍ତ ଜେନା, ବିଜୟ ବେହେରା, ଆଲୋକ ନନ୍ଦ, ରାଜେନ୍ଦ୍ର ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

## ସିପିଆଇ (ଏମ୍)ର ନୂତନ ରାଜ୍ୟ ସଂପାଦକ ଭାବେ ସୁରେଶ ପାଣିଗ୍ରାହୀ ନିର୍ବାଚିତ



କଟକ(ଭାସ୍କର ନ୍ୟୁଜ୍): ତିନି ଦିନ ଧରି ସ୍ଥାନୀୟ ବାରବାଟି ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହୋଇଥିବା ସି.ପି.ଆଇ.(ଏମ୍)ର ୨୩ତମ ରାଜ୍ୟ ସମ୍ମିଳନୀରେ ଆଗାମୀ ତିନି ବର୍ଷ ପାଇଁ ଏକ ୩୦ଜଣିଆ ରାଜ୍ୟ କମିଟି ନିର୍ବାଚିତ ହୋଇଛନ୍ତି । ବିଶିଷ୍ଟ କୃଷକ ନେତା ସୁରେଶ ପାଣିଗ୍ରାହୀ ନୂତନ ରାଜ୍ୟ ସଂପାଦକ ନିର୍ବାଚିତ ହୋଇଛନ୍ତି । ଛାତ୍ର ଓ ଯୁବ ଆନ୍ଦୋଳନ ମଧ୍ୟ ଦେଇ ବାମପନ୍ଥୀ ଆଦର୍ଶ ପ୍ରତି ଆକୃଷ୍ଟ ହୋଇ ଦୀର୍ଘ ବର୍ଷ ସୁରେଶ ପାଣିଗ୍ରାହୀ ସି.ପି.ଆଇ.(ଏମ୍) ରାଜ୍ୟ ସଂପାଦକ ମଣ୍ଡଳୀ ସଭ୍ୟ ଭାବେ କାର୍ଯ୍ୟ କରିଛ'ନ୍ତି ଏବଂ ତାଙ୍କ ନେତୃତ୍ୱରେ ଓଡ଼ିଶାରେ ବାମପନ୍ଥୀ ଆନ୍ଦୋଳନ ଶକ୍ତିଶାଳୀ ଆନ୍ଦୋଳନ ହେବ ବୋଲି ସମ୍ମିଳନୀ ଆଶା ପୋଷଣ କରିଛି ।

### ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ୧୦୮ ଫୁଟ ଉଚ୍ଚତାରେ ଉଡିଲା ଜାତୀୟ ପତାକା

## ଭାରତୀୟତାର ପରିଚୟକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ସଭିଏଁ ଏକାଠି ଲଢିବା : ଉପମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ପ୍ରଶାସନିକ ଭବନ ଆଗରେ ବୁଧବାର ୧୦୮ ଫୁଟ ଉଚ୍ଚତାର ଖମ୍ବ ଉପରେ ୨୫ ଫୁଟ ଲମ୍ବ ଓ ୨୪ ଫୁଟ ଓସାରର ଜାତୀୟ ପତାକା ଉତ୍ତୋଳନ କରାଯାଇଅଛି । ଫ୍ଲାଗ ଇଣ୍ଡିଆ ପ୍ରତିଷ୍ଠାନର ପ୍ରୋତ୍ସାହନରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଏହାକୁ ଆୟୋଜନ କରିଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟର ଉପ-ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ଓଡିଶା ବିଧାନସଭା ବାଚସ୍ପତି ସୁରମା ପାଢୀ, କୁଳପତି ପ୍ରଫେସର ଅପରାଜିତା ଚୌଧୁରୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସମସ୍ତ ପ୍ରୋଟୋକଲ ଅନୁଯାଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଏହା ପରେ ଅଡିଟୋରିୟମରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ସଭାରେ ମୁଖ୍ୟ ଅତିଥି କନକ ବର୍ଦ୍ଧନ ସିଂହଦେଓ କହିଥିଲେ ଯେ, ମା' ରମାଦେବୀ ସମଗ୍ର ଦେଶରେ ପରିଚିତ ଏବଂ ସମସ୍ତେ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ଉଚିତ । ମାତୃଶକ୍ତି ଚିରବନ୍ଦନୀୟ । ଏହି ପରିପ୍ରେକ୍ଷୀରେ ସେ ରାମାୟଣର ମାତା ସୀତାଙ୍କ କଥା ଉଲ୍ଲେଖ କରିଥିଲେ । ବେଦପୁରାଣରେ ମଧ ଦେବଦେବୀମାନଙ୍କୁ ସେମାନଙ୍କ ମା'ଙ୍କ ପରିଚୟରେ ଜଣା ଯାଉଥିଲା । ସେହିଭଳି ଭାରତ ବର୍ଷରେ ଆମେ ମାତୃଭୂମିକୁ ମଧ ମା' ବୋଲି ମାନି ଆରାଧନା କରିଥାଉ । ଓଡ଼ିଶାର ଇତିହାସ ଅତି ସମୃଦ୍ଧ । ନାରୀଜାତିର ଅଗ୍ରଗତି ଆମ ଇତିହାସର ମୂଳ ପିଣ୍ଡରେ ଅଛିବୋଲି ସେ କହିଥିଲେ । ଏହା ଆମ ଇତିହାସ ଓ ସଂସ୍କୃତିର ଶକ୍ତି । ଛାତ୍ରୀଙ୍କୁ ଦେଶ ତଥା ବିଶ୍ୱର ଇତିହାସ ଜାଣିବା ସହ ଓଡ଼ିଶାର ଗୌରବମୟ ଇତିହାସ ଜାଣିବାକୁ ସେ ପରାମର୍ଶ ଦେଇଥିଲେ । ଅନ୍ୟତମ ସମ୍ମାନିତ ଅତିଥି ବାଚସ୍ପତି ସୁରମା ପାଢୀ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଛାତ୍ରୀ ଭାବେ ଗର୍ବ ଅନୁଭବ କରନ୍ତି ବୋଲି କହିବା ସହ ଆଜି ବିଶ୍ୱବିଦ୍ୟାଳୟ ପରିସରରେ ଜାତୀୟ ପତାକା ଆରୋହଣ ବର୍ଷତମାମ୍ ଛାତ୍ରୀମାନଙ୍କ ମଧ୍ୟରେ ଜାତୀୟତାବାଦ ଉଦ୍ରେକ କରିବ ବୋଲି କହିଥିଲେ । ସାଂସଦ ତଥା ଫ୍ଲାଗ ଇଣ୍ଡିଆ ପ୍ରତିଷ୍ଠାନର ଅଧ୍ୟକ୍ଷ ନବୀନ ଜିନ୍ଦଲଙ୍କ ବକ୍ତବ୍ୟ ଭିଡିଓ ମାଧ୍ୟମରେ ପ୍ରଦର୍ଶିତ ହୋଇଥିଲା । ସେ ୧୫୮ତମ ଜାତୀୟ ପତାକା ଧ୍ୱଜା ରୋହଣ ପାଇଁ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟକୁ ଧନ୍ୟବାଦ ଜଣାଇଥିଲେ ତଥା ମା' ରମାଦେବୀଙ୍କ ତ୍ୟାଗ ଓ ଆଦର୍ଶକୁ ସ୍ମରଣ କରିଥିଲେ । କୁଳପତି ପ୍ରଫେସର ଅପରାଜିତା ଚୌଧୁରୀ ସ୍ୱାଗତ ଭାଷଣ ଦେଇଥିବାବେଳେ ମେଜର ଅସୀମ କୋହଲି ବକ୍ତବ୍ୟ ରଖିଥିଲେ । ଜିନ୍ଦଲ ଇସ୍ପାତର କର୍ପୋରେଟ ସାମାଜିକ ଦାୟିତ୍ୱ ମୁଖ୍ୟ ଡ଼ ପ୍ରଶାନ୍ତ କୁମାର ହୋତା ଜାତୀୟ ପତାକା ସମ୍ପର୍କରେ ବର୍ଣ୍ଣନା କରିଥିଲେ । ବିଶ୍ୱବିଦ୍ୟାଳୟ ତରଫରୁ କୁଳସଚିବ ଶ୍ୟାମଳୀ ମହାପାତ୍ର, ପ୍ରଫେସର ଚଣ୍ଡୀ ଚରଣ ରଥ, ସିଣ୍ଡିକେଟ ସଭ୍ୟ ମେଜର କଳ୍ପନା ଦାସ, ଡ଼ ମାନସ ବେହେରା, ଡ଼ ନବନୀତ କାଉର, ଡ଼ ଦିଲୀପ କୁମାର ବିଶି, ଡ଼ ସରିତା ମିଶ୍ର, ଡ଼ ସାୟନ୍ତିନି ବେହୁରା, ଡ଼ ମନୀଷା ମିଶ୍ର ଏହି କାର୍ଯ୍ୟକ୍ରମର ପରିଚାଳନା କରିଥଲେ ।



"ଖୁସି ସେତେବେଳେ ହୁଏ, ଯେତେବେଳେ ଆମେ କ'ଣ ଭାବୁ, କ'ଣ କହୁ, କ'ଣ କରୁ ସବୁ ସମନ୍ୱୟରେ ହୁଏ ।"
- ମହାତ୍ମା ଗାନ୍ଧୀ



"ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ ମୋ ଜୀବନ ପଛେ ନର୍କେ ପଡିଥାଉ ଜଗତ ଉଦ୍ଧାର ହେଉ ।"
-ସନ୍ଥକବି ଭୀମଭୋଇ




## ବିଭାଜନର ଦ୍ୱାରଦେଶରେ ଇଣ୍ଡିଆ !

# ଇଭିଏମ୍ ପ୍ରସଙ୍ଗରେ ନେତାଙ୍କ ଭିନ୍ନମତ

କେନ୍ଦ୍ର ନରେନ୍ଦ୍ର ମୋଦୀ ସରକାରକୁ କ୍ଷମତାଚ୍ୟୁତ କରିବା ଉଦ୍ଦେଶ୍ୟରେ ଗତ ସାଧାରଣ ନିର୍ବାଚନ ଅବ୍ୟବହିତ ପୂର୍ବରୁ ଗଠିତ ହୋଇଥିବା ବିରୋଧୀ ଦଳଗୁଡ଼ିକର ମହାମେଣ୍ଟ 'ଇଣ୍ଡିଆ'ରେ ମତଭେଦ କ୍ରମଶଃ ବଢ଼ିବାରେ ଲାଗିଛି । ଏହି ମହାମେଣ୍ଟରେ ସାମିଲ ହୋଇଥିବା ଅଣବିଜେପି ରାଜନୈତିକ ଦଳର ନେତାମାନଙ୍କ ମଧ୍ୟରେ ବାକ୍ଯୁଦ୍ଧ ଚରମ ସୀମାରେ ପହଞ୍ଚିଥିବା ବେଳେ ବିଭିନ୍ନ ପ୍ରସଙ୍ଗରେ ପରସ୍ପର ବିରୋଧରେ ଆକ୍ଷେପ-ପ୍ରତି ଆକ୍ଷେପ ଜୋର ଧରିଥିବାର ଲକ୍ଷ୍ୟ କରାଯାଉଛି । ଇଣ୍ଡିଆ ମେଣ୍ଟର ମୁଖ୍ୟ ସହଯୋଗୀ କଂଗ୍ରେସର ମୁରବୀ ପଣିଆକୁ ଅନ୍ୟ ଦଳମାନେ ଆଉ ଗ୍ରହଣ କରୁନାହାନ୍ତି ଏବଂ ଖୋଲାଖୋଲି ଭାବରେ କଂଗ୍ରେସ ନେତୃତ୍ୱକୁ ଚ୍ୟାଲେଞ୍ଜ କରୁଥିବା ଦେଖାଯାଉଛି । ମହାରାଷ୍ଟ୍ର ଓ ହରିୟାଣା ବିଧାନସଭା ନିର୍ବାଚନରେ କଂଗ୍ରେସର ଶୋଚନୀୟ ପରାଜୟ ପରେ 'ଇଣ୍ଡିଆ'ର ଅନ୍ୟ ସହଯୋଗୀ ଦଳଗୁଡ଼ିକ ଏହାଠାରୁ ଦୂରେଇ ଯାଉଛନ୍ତି । ଏହି ଫାଟ ଦିନକୁ ଦିନ ଯେପରି ବଢ଼ି ଚାଲିଛି, ସେଥିରେ 'ଇଣ୍ଡିଆ' ମେଣ୍ଟ ଏବେ ବିଭାଜନର ଦ୍ୱାରଦେଶରେ ପହଞ୍ଚିଯାଇଛି କହିଲେ ଅତ୍ୟୁକ୍ତି ହେବନାହିଁ । ନିର୍ବାଚନରେ ଇଲେକ୍ଟ୍ରୋନିକ ଭୋଟିଂ ମେସିନ ବା ଇଭିଏମ୍ ବ୍ୟବହାରକୁ ନେଇ 'ଇଣ୍ଡିଆ' ମେଣ୍ଟ ବସ୍ତୁତଃ ଦୁଇଭାଗରେ ବିଭକ୍ତ ହୋଇଯାଇଛି । ମହାରାଷ୍ଟ୍ର ଓ ହରିଆନାରେ ପରାଜୟ ପାଇଁ କଂଗ୍ରେସ ଇଭିଏମ୍‌କୁ ଦାୟୀ କରୁଥିବା ବେଳେ ମହାମେଣ୍ଟର ଅନ୍ୟ ଦୁଇ ସହଯୋଗୀ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏବଂ କାଶ୍ମୀରର ନ୍ୟାସନାଲ୍ କନ୍‌ଫରେନ୍ସ ଭିନ୍ନ ମତ ପୋଷଣ କରିଛନ୍ତି । ତୃଣମୂଳ କଂଗ୍ରେସର ବରିଷ୍ଠ ନେତା [illegible] କହିଛନ୍ତି, ଯେଉଁମାନେ ଇଭିଏମ୍‌ର ବିଶ୍ୱସନୀୟତା ଉପରେ ପ୍ରଶ୍ନ ଉଠାଉଛନ୍ତି, ସେମାନେ ଏହାକୁ କିପରି ହ୍ୟାକ୍ କରାଯାଇ ପାରିବ ତାହାର ପ୍ରମାଣ ଦେବା ଆବଶ୍ୟକ । ସେମାନେ ନିର୍ବାଚନ କମିଶନଙ୍କ ନିକଟକୁ ଯାଇ ପ୍ରମାଣ ଦାଖଲ କରନ୍ତୁ । ନିର୍ବାଚନ ପୂର୍ବରୁ ଇଭିଏମ୍ ଯାଞ୍ଚ ଓ ମକ୍ ଭୋଟ ଗ୍ରହଣ ଯଦି ସଠିକ୍ ରହିଛି, ତେବେ ଏଭଳି ଅଭିଯୋଗର କୌଣସି ଯଥାର୍ଥତା ନାହିଁ ବୋଲି ଟିଏମ୍‌ସି ସ୍ପଷ୍ଟ କରିଛି । କେବଳ ଇଭିଏମ୍ ନୁହେଁ ଅନ୍ୟ କେତେକ ପ୍ରସଙ୍ଗକୁ ନେଇ ମଧ୍ୟ କଂଗ୍ରେସ ଓ ଟିଏମ୍‌ସି ଭିତରେ ଫାଟ ବୃଦ୍ଧି ପାଇଛି । ସଂସଦରେ ଆଦାନି ଲାଞ୍ଚ ପ୍ରସଙ୍ଗ ଉଠାଇ କଂଗ୍ରେସ ସଦସ୍ୟମାନେ ହଟ୍ଟଗୋଳ କରୁଥିବା ବେଳେ ଟିଏମ୍‌ସି ସାଂସଦମାନେ ସେଥିରୁ ଦୂରେଇ ରହିଥିଲେ । 'ଇଣ୍ଡିଆ' ମେଣ୍ଟର ନେତୃତ୍ୱକୁ ନେଇ ମଧ୍ୟ ଦୁଇଦଳ ଭିତରେ ବିବାଦ ଦେଖାଦେଇଛି । ସେହିପରି 'ଇଣ୍ଡିଆ'ର ଅନ୍ୟତମ ସହଯୋଗୀ ନ୍ୟାସନାଲ୍ କନଫରେନ୍ସ ନେତା ତଥା ଜମ୍ମୁ-କାଶ୍ମୀର ମୁଖ୍ୟମନ୍ତ୍ରୀ ଓମାର୍ ଅବଦୁଲ୍ଲା ଇଭିଏମ୍ ପ୍ରସଙ୍ଗରେ କଂଗ୍ରେସର ଆଭିମୁଖ୍ୟକୁ କଡ଼ା ସମାଲୋଚନା କରି ମନ୍ତବ୍ୟ ରଖିବା ଦେଶ ବ୍ୟାପୀ ଚର୍ଚ୍ଚାର ପ୍ରସଙ୍ଗ ହୋଇଛି । ସେ ଇଭିଏମ୍ ସପକ୍ଷରେ ମତ ରଖି କହିଛନ୍ତି ଯେ, କେବଳ ନିର୍ବାଚନରେ ହାରିଲେ ଇଭିଏମ୍‌କୁ ଦାୟୀ କରାଯାଉଛି । ଗୋଟିଏ ଦଳ ଯେତେବେଳେ ଇଭିଏମ୍ ଭୋଟିଂ ବ୍ୟବସ୍ଥାରେ ଲୋକସଭାରେ ୧୦୦ ଆସନରେ ବିଜୟୀ ହୋଇ ଉତ୍ସବ ମନାଉଛି, ସେତେବେଳେ ଇଭିଏମ୍‌କୁ ଦୋଷ ଦେଉନାହିଁ । ମାତ୍ର କିଛି ମାସ ପରେ ବିଧାନସଭା ନିର୍ବାଚନରେ ହାରିଗଲେ ଇଭିଏମ୍ ଦାୟୀ ବୋଲି କହୁଛି । ଏହା ସମ୍ପୂର୍ଣ୍ଣ ଅନୁଚିତ୍ । ଇଭିଏମ୍ ଉପରେ ଯଦି ଭରସା ପାଉନାହିଁ, ତେବେ ଆଦୌ ନିର୍ବାଚନ ଲଢ଼ିବା ଉଚିତ୍ ନୁହେଁ ବୋଲି କଂଗ୍ରେସକୁ ଟାର୍ଗେଟ୍ କରି ଓମାର୍ ଅବଦୁଲ୍ଲା କହିଛନ୍ତି । ତାଙ୍କର ଏହି ମନ୍ତବ୍ୟର ତୁରନ୍ତ ଜବାବ୍ ରଖି କଂଗ୍ରେସ ପକ୍ଷରୁ ଦର୍ଶାଯାଇଛି ଯେ, ଇଭିଏମ୍ ହେରଫେର ନେଇ ନ୍ୟାସନାଲ କନ୍‌ଫରେନ୍ସ ପୂର୍ବରୁ ଭିନ୍ନ ମତ ରଖୁଥିଲା । ମାତ୍ର ଜାମ୍ମୁ-କାଶ୍ମୀରରେ ମୁଖ୍ୟମନ୍ତ୍ରୀ ହୋଇଯିବା ପରେ ତାଙ୍କ ଦୃଷ୍ଟିଭଙ୍ଗୀରେ ପରିବର୍ତ୍ତନ ଘଟିଛି । ଅଳ୍ପ କିଛିଦିନ ପୂର୍ବେ 'ଇଣ୍ଡିଆ'ରେ ବିଦ୍ରୋହର ପ୍ରଥମ ପଦଧ୍ୱନି ଶୁଣାଯାଇଥିଲା । ଆମ୍ ଆଦ୍‌ମୀ ପାର୍ଟିର ଅରବିନ୍ଦ କେଜରିୱାଲ, ଶିବସେନାର ଉଦ୍ଧବ ଠାକରେ, ଏନ୍‌ସିପିର ଶରଦ ପାୱାର, ସମାଜବାଦୀ ପାର୍ଟିର ଅଖିଳେଶ ଯାଦବ ଏବଂ ଆରଜେଡିର ଲାଲୁ ଯାଦବଙ୍କ ଭଳି ବରିଷ୍ଠ ନେତାମାନେ ରାହୁଲ ଗାନ୍ଧୀଙ୍କ ପରିବର୍ତ୍ତେ ଟିଏମ୍‌ସି ସୁପ୍ରିମୋ ମମତା ବାନାର୍ଜୀ 'ଇଣ୍ଡିଆ' ମେଣ୍ଟର ନେତୃତ୍ୱ ନେବାର ସପକ୍ଷରେ ମତ ରଖିଥିଲେ । ଅନ୍ୟପକ୍ଷରେ କଂଗ୍ରେସ କୌଣସି ପରିସ୍ଥିତିରେ 'ଇଣ୍ଡିଆ' ମେଣ୍ଟର ନେତୃତ୍ୱରୁ ଓହରିଯିବାର ସୂଚନା ମିଳୁନାହିଁ । ତେଣୁ ନିକଟ ଭବିଷ୍ୟତରେ ଏହି ମେଣ୍ଟରେ ବିଭାଜନ ଘଟିବାକୁ ଯାଉଛି, ଏଥିରେ ସନ୍ଦେହର ଅବକାଶ ନାହିଁ ।

# ନୀଳାଚଳନାଥ : ଶ୍ରୀରାମ



ଡାକ୍ତର ଦିଲ୍ଲୀପ କୁମାର ମହାରଣା
ଶିଖରପୁର ଉପରସାହି, କଟକ
ମୋ: ୯୪୩୮୫୮୩୨୮୯

ତ୍ରେତୟା ଯୁଗର କଥା । ଭଗବାନ ରାମ ତାଙ୍କର ଲୀଳା ଖେଳା ଶେଷ କରି ପରମ ଧାମକୁ ପ୍ରତ୍ୟାବର୍ତ୍ତନ କରିବାକୁ ଯୋଜନା କଲେ । ସଙ୍ଗରେ ଭାଇମାନଙ୍କୁ, ସୁଗ୍ରୀବ ଓ ବାନରମାନଙ୍କୁ ନେବାକୁ ନିଶ୍ଚୟ କରି ଜାମ୍ୱମାନ, ବିଭୀଷଣ, ହନୁମାନ, ମୈନ୍ଦ, ଦ୍ୱିବିନ୍ଦ - ଏହି ପାଞ୍ଚ ଜଣଙ୍କୁ ମର୍ତ୍ତ୍ୟରେ ଛାଡ଼ି ଦେଇ ଗଲେ । ସେ ରାକ୍ଷାସଧ୍ୱସ ଲଙ୍କେଶ ବିଭୀଷଣଙ୍କୁ ପାଖକୁ ଡାକି କହିଲେ, ହେ ମହାବଳୀ ରାକ୍ଷାସ ରାଜ ସେତେ ଦିନ ପର୍ଯ୍ୟନ୍ତ ଚନ୍ଦ୍ର ଓ ସୂର୍ଯ୍ୟ ରହିଥିବେ, ସେତେଦିନ ପର୍ଯ୍ୟନ୍ତ ଏ ଧରାପୃଷ୍ଠରେ ତିଷ୍ଠି ରହିଥିବ ଓ ଯେତେଦିନ ପର୍ଯ୍ୟନ୍ତ ସଂସାରରେ ମୋ କଥା ପ୍ରଚଳିତ ଥିବ, ସେତେଦିନ ତୁମେ ରାଜୁତି କରିବ । ଏତିକି କହିସାରି ପୁଣି ସେ କହିଲେ ତୁମକୁ ଆଉ ଗୋଟିଏ କଥା କହିବାକୁ ଚାହୁଁଛି । ଆମ ଇକ୍ଷାକୁ କୁଳର ଦେବତା ହେଉଛନ୍ତି ପ୍ରଭୁ ଜଗନ୍ନାଥ । ଇନ୍ଦ୍ରାଦି ଦେବତାମାନେ ତାଙ୍କୁ ନିରନ୍ତର ଆରାଧନା କରନ୍ତି । ତୁମେ ବି ସଦାସର୍ବଦା ତାଙ୍କର ପୂଜା କରୁଥିବ । 'ଆରାଧୟ ଜଗନ୍ନାଥଃ ଇକ୍ଷାକୁ କୁଳଦୈବତମ୍, ଆରାଧନୀୟମନିଶଂ ଦେବୈରପି ସଦା ସର୍ବୈଃ ।' ଭଗବାନ ରାମଚନ୍ଦ୍ରଙ୍କ ଆଜ୍ଞାକୁ ଶିରୋଧାର୍ଯ୍ୟ କରି ଲଙ୍କାରେ ବିଭୀଷଣ ରାଜୁତି କରିବାକୁ ଲାଗିଲେ । କିନ୍ତୁ ସେ ପ୍ରତିଦିନ ଆସି ଜଗନ୍ନାଥ ମହାପ୍ରଭୁଙ୍କୁ ଦର୍ଶନ କରି ଯାଆନ୍ତି । ସେଥିପାଇଁ ପୁରୀ ଶ୍ରୀମନ୍ଦିର ଉପରି ଭାଗରେ ଦକ୍ଷିଣ ଦିଗକୁ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ତ୍ରିମୂର୍ତ୍ତି ଶୋଭା ପାଉଛନ୍ତି । କାରଣ ଲଙ୍କା ରାଜ୍ୟ ଭାରତର ଦକ୍ଷିଣ ଦିଗରେ ଅବସ୍ଥିତ ।

ହଜାର ହଜାର ବର୍ଷ ପୂର୍ବରୁ ମହର୍ଷି ବାଲ୍ମିକୀ ଯାହା ଲିପିବଦ୍ଧ କରିଯାଇଛନ୍ତି, ଆଜିକାଲି ବି ପୁରୀରେ ଲୋକମୁଖରେ ବିଭୀଷଣ ପ୍ରତିଦିନ ଜଗନ୍ନାଥ ମହାପ୍ରଭୁଙ୍କୁ ଦର୍ଶନ କରୁଥିବାର ପ୍ରବାଦ ଶୁଣିବାକୁ ମିଳେ । ଏ ବିଷୟରେ ଏଠାରେ ଉତ୍ଥାପନ କରିବାର କାରଣ ହେଉଛି ନୀଳାଚଳନାଥ ନୀଳାଦ୍ରି ବିହାରୀ ନୀଳ ଶୈଳାଧିପତି ହେଉଛନ୍ତି ଦାରୁବ୍ରହ୍ମ ଜଗନ୍ନାଥ ମହାପ୍ରଭୁ । ସେହି ହେଉଛନ୍ତି ଇକ୍ଷାକୁ ସୂର୍ଯ୍ୟକୁଳ ଜାତ ପୁରୁଷୋତ୍ତମ ରାମଚନ୍ଦ୍ର । ସେଥିପାଇଁ ଏ କ୍ଷେତ୍ରକୁ ପୁରୁଷୋତ୍ତମ କ୍ଷେତ୍ର ବା ପୁରସ୍ତମ ବା ସଂକ୍ଷେପରେ ପୁରୀ କୁହାଯାଏ ।

ପୁରୁଷୋତ୍ତମ କ୍ଷେତ୍ରର ମାହାତ୍ମ୍ୟ ଯୁଗେ ଯୁଗେ ରହି ଆସିଅଛି । ନୀଳାଚଳ ହେଉଛି ପରମାତ୍ମାଙ୍କର ନିତ୍ୟ ଲୀଳାକ୍ଷେତ୍ର । ଜଗନ୍ନାଥ ମହାପ୍ରଭୁ ହେଉଛନ୍ତି ପରମ ଅବତାରି । ସେ ସବୁ ଅବତାର ମଧ୍ୟରେ ଶ୍ରେଷ୍ଠ । ସେ ହିଁ ସକଳ ତତ୍ତ୍ୱର ସକଳ ସତ୍ୟର ସତ୍ୟ ଓ ସକଳ ପ୍ରକାଶର ପ୍ରକାଶ । ନୀଳାଦ୍ରି ବା ପୁରୁଷୋତ୍ତମ ଧାମ ହେଉଛି ତୀର୍ଥସାର । ଜଗନ୍ନାଥ ମହାପ୍ରଭୁ ଓ ରାମଚନ୍ଦ୍ର ଉଭୟ ଇକ୍ଷାକୁ କୁଳ ସଂଭୂତ ହୋଇଥିବାରୁ ତ୍ରେତୟାର ଭଗବାନ ରାମଚନ୍ଦ୍ର ଓ କଳିର ଜଗନ୍ନାଥ ମହାପ୍ରଭୁ ଏକ ଓ ଅଭିନ୍ନ । ଏଥିରେ ସନ୍ଦେହ ନାହିଁ । ଆହୁରି ମଧ୍ୟ ସେତେବେଳେ ରାମଚନ୍ଦ୍ର ପିତୃ ଆଜ୍ଞା ପାଳନ କରି ବନ ଗମନ କରିଥିଲେ, ସେତେବେଳେ ଆଗରେ ରାମଚନ୍ଦ୍ର, ମଝିରେ ସୀତା ଓ ପଛରେ ଲକ୍ଷ୍ମଣ ଚାଲୁଥିଲେ । ସନ୍ଥ ତୁଳସୀ ଦାସଙ୍କ ଭାଷାରେ – 'ଆଗେ ରାମ ଅନୁଜ ପୁନି ପାଛେଁ । ମୁନିବର ବେଶ ବନେ ଅତି କାଛେଁ ।। ଉଭୟ ବୀଚ ଶ୍ରୀ ସେହଇ କୈସସୀ । ବ୍ରହ୍ମ ଜୀବ ବିଚ ମାୟା ଜୈସୀ । ମୁନିବେଶ ଧାରଣ କରି ରାମଚନ୍ଦ୍ର ଆଗରେ, ପଛରେ ଲକ୍ଷ୍ମଣ ଓ ମଝିରେ ସୀତା । ସୀତାଙ୍କୁ ଲକ୍ଷ୍ୟ କରି ତୁଳସୀ ଦାସ କହିଛନ୍ତି– ବ୍ରହ୍ମ ଓ ଜୀବ ମଧ୍ୟରେ ସୀତା ଶୋଭା ପାଉଛନ୍ତି । ଶକ୍ତି ରୂପିଣୀ ସୀତା ମାୟା ରୂପରେ ବ୍ରହ୍ମ ଓ ଜୀବ ମଧ୍ୟରେ ସଂଯୋଗ ସ୍ଥାପନ କରୁଛନ୍ତି । ସାଧାରଣତଃ ମାୟା ଦୁଇ ପ୍ରକାର, ବିଦ୍ୟା ମାୟା, ଓ ଅବିଦ୍ୟା ମାୟା । ବିଦ୍ୟା ମାୟାକୁ ମଧ୍ୟ ଯୋଗମାୟା କୁହାଯାଏ । ବିଦ୍ୟା ମାୟା ବ୍ରହ୍ମ ଓ ଜୀବ ମଧ୍ୟରେ ସଂଯୋଗ ସ୍ଥାପନ କରି ଜୀବକୁ ଭଗବତମୁଖୀ କରାଏ । ଅପରପକ୍ଷରେ ଅବିଦ୍ୟା ମାୟା । ଜୀବକୁ ଭଗବାନ ଠାରୁ ଦୂରେଇ ଦେଇ ତାକୁ ବିଷୟାଭିମୁଖୀ କରାଏ । କିନ୍ତୁ ଏ କ୍ଷେତ୍ରରେ ସୀତା ହେଉଛନ୍ତି ବିଦ୍ୟା ମାୟା । ଏହି ଦୃଷ୍ଟିରୁ ଆମେ ଯଦି ରତ୍ନ ସିଂହାସନ ଉପରେ ଅଧିଷ୍ଠିତ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କୁ ଲକ୍ଷ୍ୟ କରିବା ତାହାହେଲେ ଜାଣି ପାରିବା ଜଗନ୍ନାଥ ଓ ବଳଭଦ୍ର ମଧ୍ୟରେ ଶକ୍ତି ସ୍ୱରୂପିଣୀ ସୁଭଦ୍ରା ମାତା ଅଧିଷ୍ଠିତା । ସେ ହେଉଛନ୍ତି ଜୀବ ଓ ବ୍ରହ୍ମ ମଧ୍ୟରେ ସଂଯୋଗକାରଣୀ ଆଦିଶକ୍ତି ।

ଶ୍ରୀମନ୍ଦିରକୁ ପ୍ରବେଶ କଲାବେଳେ କୁରୁମ ବେଢ଼ା ଦୁଆର ଉପରେ ରାମ ତିଳକ ଶୋଭ ପାଉଛି । ଏହା ବ୍ୟତୀତ ପ୍ରଧାନ ମନ୍ଦିର ଉପରେ ଦଧି ନଉତି ପାଖରେ ପୂର୍ବ ଦିଗକୁ ମଧ୍ୟ ରାମ ତିଳକ ଦେଖିବାକୁ ମିଳେ । ଏହି ସଂକେତରୁ ସ୍ପଷ୍ଟ ପ୍ରମାଣ ମିଳୁଛି ଯେ ଜଗନ୍ନାଥ ମହାପ୍ରଭୁ ହିଁ ସ୍ୱୟଂ ରାମଚନ୍ଦ୍ର ଭଗବାନ । ଦ୍ୱାଦଶ ଶତାବ୍ଦୀରେ ବୈଷ୍ଣବାଚାର୍ଯ୍ୟ ବିଷ୍ଣୁ, ସ୍ୱାମୀ ରାମଙ୍କୁ ବିଷ୍ଣୁଙ୍କର ପୂର୍ଣ୍ଣ ଅବତାର ରୂପରେ ଗ୍ରହଣ କରିଥିଲେ । ସେ ଜଗନ୍ନାଥଙ୍କୁ ରାମଚନ୍ଦ୍ରଙ୍କର ପରିପୂର୍ଣ୍ଣ ମୂର୍ତ୍ତି ରୂପେ ପରିକଳ୍ପନା କରିଥିଲେ । ୧୪ଶ ଶତାବ୍ଦୀରେ ରାମାନନ୍ଦ ମଧ୍ୟ ରାମଙ୍କୁ ପୂର୍ଣ୍ଣ ବ୍ରହ୍ମ ରୂପେ ଗ୍ରହଣ କରିଥିଲେ । ସେ ଜଗନ୍ନାଥଙ୍କ ମଧ୍ୟରେ ରାମଙ୍କୁ ଦର୍ଶନ କରିଥିଲେ । ୧୫ଶ ଶତାବ୍ଦୀରେ ଶେଷ ଭାଗରେ ଜଗନ୍ନାଥ ମହାପ୍ରଭୁଙ୍କର ଅନନ୍ୟ ଭକ୍ତ ପଞ୍ଚସଖା ମଧ୍ୟରୁ ଅନ୍ୟତମ ବଳରାମ ଦାସ ଜଗନ୍ନାଥଙ୍କ ଠାରେ ରାମଙ୍କୁ କଳ୍ପନା କରି ଶ୍ରୀମନ୍ଦିରସ୍ଥିତ ଜଗମୋହନ ମଣ୍ଡପରେ ଦାଣ୍ଡି ବୃତ୍ତରେ ରାମାୟଣ ରଚନା କରିଥିଲେ । ଏହାକୁ ଜଗମୋହନ ରାମାୟଣ କୁହାଯାଏ । ୧୬ଶ ଶତାବ୍ଦୀରେ ସନ୍ଥ ତୁଳସୀ ଦାସ ଜଗନ୍ନାଥ ମହାପ୍ରଭୁଙ୍କୁ ରାମଚନ୍ଦ୍ରଙ୍କ ଅବତାର ମନେକରି ଦର୍ଶନ କରିବାକୁ ଚାଲି ଚାଲି ପୁରୀ ଆସିଥିଲେ । ସେ ପୁରୀରେ ପହଞ୍ଚି ପାଣି ପାଦ ହୀନ ବିକୃତ ଜଗନ୍ନାଥ ରୂପକୁ ଦେଖି ତାଙ୍କ ମନରେ ବିକାର ଉଦୟ ହେଲା । ତାଙ୍କର ସନ୍ଥ ପଥ ଶ୍ରମ ବୃଥା ହେଲା ଭାବି ମନସ୍ତାପରେ ଫେରିଯାଇ ତୁଳସୀ ଚଉଁରା ଗ୍ରାମ (ପୁରୀ ନିକଟବର୍ତ୍ତୀ)ରେ ଥିବା ଗୋଟିଏ ଚଉତରା ଉପରେ ରାତ୍ରୀ ଯାପନ କଲେ । ଅଖିଆ ଅପିଆ ସେ ଦିନ ରାତି ଅଧରେ ସିଏ ଶୋଇଥିବା ଅବସ୍ଥାରେ ସ୍ୱପ୍ନରେ ଜଣେ କିଏ ଦିବ୍ୟ ଜ୍ୟୋତିର୍ମୟ ପୁରୁଷ ତାଙ୍କୁ ବେତ ବାଡ଼ିରେ କେଞ୍ଚି ଉଠାଇଲା । ତାଙ୍କ ପାଖରୁ ସବୁ ବିବରଣୀ ଶୁଣି ତୁଳସୀ ଦାସଙ୍କୁ କହିଲେ ବାବୁ ! ଏହା ନୀଳାଚଳ ଧାମ । ଏଠି ଭୋକ ଓପାସରେ କେହି ରହନ୍ତି ନାହିଁ । ପ୍ରଭୁଙ୍କ ଆନନ୍ଦ ବଜାର ସବୁବେଳେ ଖୋଲା । ଜଗନ୍ନାଥ ମହାପ୍ରଭୁଙ୍କ ଦୁଆର ସାହାଣ ମେଲା । ତୁମେ ମୋ କଥା ମାନି ପୁରୀ ଫେରିଯାଅ ମହାପ୍ରସାଦ ଗଣ୍ଡିଏ ଖାଇଦେବ । ସକାଳୁ ସକାଳୁ ନୀଳାଦ୍ରି ବିହାରୀ ନୀଳାଚଳ ନାଥଙ୍କୁ ଦର୍ଶନ କଲେ ତୁମର ମନସ୍କାମନା ପୂର୍ଣ୍ଣ ହେବ ।

ତୁଳସୀ ଦାସଙ୍କ ନିଦ ଚାଉଁକିନା ଭାଙ୍ଗିଗଲା । ନିଦରୁ ଉଠି ଚାରି ଆଡ଼କୁ ଅନେଇଲେ । ପାଖରେ କାହାକୁ ଦେଖିବାକୁ ପାଇଲେ ନାହିଁ । ବିଶ୍ୱାସ ଓ ଅର୍ଦ୍ଧବିଶ୍ୱାସରେ ସେ ଭୋରୁ ଭୋରୁ ଶ୍ରୀମନ୍ଦିର ଆଡ଼େ ପାଦ ବଢ଼ାଇଲେ । ଚୁମ୍ବକ ଟାଣିଲା ପରି ପାଦ ଆଗକୁ ଚାଲିଥାଏ । ମନ୍ଦିରରେ ମଙ୍ଗଳ ଆରତୀ ଚାଲିଛି – ଘଣ୍ଟାଧ୍ୱନି, କାହାଳୀ ତୁରୀ । ତୁଳସୀ ଦାସ ଗରୁଡ଼ ଖମ୍ବ ପାଖରେ ଠିଆ ହୋଇ ରତ୍ନ ସିଂହାସନକୁ ଦୃଷ୍ଟିପାତ କଲେ । ସେ ଦେଖିଲେ ନବ ନୀରଦ ବପୁଧାରୀ ଧନୁର୍ଦ୍ଧାରୀ ରାମ ରତ୍ନ ସିଂହାସନ ଉପରେ ଠିଆ ହୋଇ ହସୁଛନ୍ତି । ତାଙ୍କ ପାଖରେ ଜାନକୀ ଓ ଅନୁଜ ଲକ୍ଷ୍ମଣ । ଭକ୍ତ ବତ୍ସଳ ଭଗବାନ ଭକ୍ତିର ଅଳି ରଖିଲେ । ଆନନ୍ଦରେ ତୁଳସୀଙ୍କ ଆଖିରୁ ଧାର ଧାର ଲୁହ ବୋହି ଯାଉଥାଏ । ଭଗବାନ ଭାବଗ୍ରାହୀ । ଭକ୍ତର ଭାବ ଅନୁସାରେ ସେ ରୂପ ଧାରଣ କରନ୍ତି । ଗୀତାରେ ଭଗବାନ କହିଛନ୍ତି – ଯେ ଯଥା ଯାଂ ତାଂସ୍ତଥୈବ ଭଜାମ୍ୟହମ । ଅତଏବ ତ୍ରେତୟାର ଭଗବାନ ରାମ ଓ କଳିର ନୀଳାଦ୍ରି ବିହାରୀ ନୀଳାଚଳ ନାଥ, ନୀଳମଣି, ନୀଳମାଧବ, ଜଗନ୍ନାଥ ମହାପ୍ରଭୁଙ୍କ ଭଗବାନ ରାମ ରୂପରେ ଦର୍ଶନ କଲାପରେ ସନ୍ଥ ତୁଳସୀ ଦାସ ଏତେ ଦୂର ପ୍ରଭାବିତ ହୋଇଯାଇଥିଲେ ଯେ ସେ ପରବର୍ତ୍ତୀ କାଳରେ ଯେତେବେଳେ ରାମ ରଚିତ ମାନସ ରଚନା କଲେ, ସେତେବେଳେ ରାମଚନ୍ଦ୍ରଙ୍କ ରୂପ ବର୍ଣ୍ଣନା କରି ଲେଖିଛନ୍ତି – 'ନୀଳ ସରୋରୂହ ନୀଳମଣି ନୀଳ ନୀରଧର ଶ୍ୟାମ' ଏହିଥିରୁ ସ୍ପଷ୍ଟ ସ୍ଫୁରିତ ହୁଏ, ଜଗନ୍ନାଥ ଓ ରାମଚନ୍ଦ୍ର ଉଭୟଙ୍କର ସ୍ୱରୂପ ନୀଳ କେନ୍ଦ୍ରିକ ।

# ଟ୍ରାଫିକ ଜାମ୍ ଓ ମାନସିକ ଚାପ



ଡାକ୍ତର ସମ୍ରାଟ କର
ମାନସିକ ରୋଗ ବିଶେଷଜ୍ଞ
ଦି'ବ୍ରେନ୍, ପୁରୀଘାଟ ରୋଡ଼, କଟକ
ମୋ : ୯୧୩୨୪୩୩୩୩୩

ଅନୁଜ ପ୍ରତୀମ ଶ୍ରୀକାନ୍ତ ତାଙ୍କ ନିୟମିତ କର୍ମକ୍ଷେତ୍ର ପ୍ରତିଦିନ ବିଡ଼ାନାସୀରୁ ଓଏମ୍‌ପି ଯିବା ଆସିବା ପାଇଁ ପାଖାପାଖି ୩୦ କିଲୋମିଟରରୁ ଊର୍ଦ୍ଧ୍ୱ ବାଟ ଯିବା ଆସିବା କରନ୍ତି । ତାଙ୍କ କହିବାନୁଯାୟୀ ରାସ୍ତାରେ ସେ ଅନ୍ୟୁନ୍ୟ ବାଟରେ ୨୦ରୁ ଊର୍ଦ୍ଧ୍ୱ ଟ୍ରାଫିକ ଜାମ୍‌କୁ ସାମ୍ନା କରନ୍ତି ଆଉ ଗାଡ଼ି ଅଟକାଇ ତାଙ୍କର ମୂଲ୍ୟବାନ ସମୟ ସେହିଠାରେ ନଷ୍ଟ ହୁଏ । ସେ ଦିନ ତାଙ୍କ ବ୍ୟସ୍ତଭରା କଥାଟି ମୋ ପାଇଁ ଅନେକ ଗୁରୁତ୍ୱ ରଖିଥିଲା । କାରଣ କେବଳ ଓଡ଼ିଶା ନୁହେଁ ଭାରତ ବର୍ଷର ତମାମ ଏହି ଟ୍ରାଫିକ ଜାମ୍ ଜନିତ ମାନସିକତାକୁ ନେଇ ଅନେକଙ୍କ ସମସ୍ୟା ଓ ଅଭିଯୋଗ ରହିଥାଏ । ଭାରତର ସବୁଠାରୁ ବିରକ୍ତିକର ଟ୍ରାଫିକକୁ ମହାନଗରୀ ବାଙ୍ଗାଲୋରରେ ସାମ୍ନା କରିବା ପାଇଁ ପଡ଼େ । ଏଠାରେ ୧୦ କିଲୋମିଟର ରାସ୍ତା ଅତିକ୍ରମ କରିବାକୁ ସର୍ବନିମ୍ନ ୩୦ମିନିଟ ସମୟ ଲାଗିଥାଏ । ଆଜିର ସମୟକୁ ଦେଖିଲେ ବିଶେଷକରି କଟକ-ଭୁବନେଶ୍ୱର ପରି ଦ୍ୱୈତନଗରୀରେ ଯେଉଁପରି ଘଣ୍ଟା ଘଣ୍ଟା ଧରି ଟ୍ରାଫିକ ଜାମ୍ ଦେଖାଦେଉଛି ଓ ଏହାକୁ ନେଇ ଅନେକ ସମୟରେ ଅପ୍ରୀତିକର ପରିସ୍ଥିତି ମଧ୍ୟ ସୃଷ୍ଟି ହେଉଛି ।

ଟ୍ରାଫିକ ଜାମ୍ ପାଇଁ ଘଣ୍ଟା ଘଣ୍ଟା ଅପେକ୍ଷା କରିବା ଫଳରେ ବିରକ୍ତି ବଢ଼ିଥାଏ । ଏହା ମାନସିକ ଚାପ ସୃଷ୍ଟି କରେ । କ୍ରମାଗତ ଏହିଭଳି ସମସ୍ୟା ଭୋଗିଲେ ବିଭିନ୍ନ ପ୍ରକାର ଶାରୀରିକ ଅସୁସ୍ଥତା ଦେଖାଦେଇପାରେ । ମାନସିକ ଚାପ ବଢ଼ିବା ଉଚ୍ଚ ରକ୍ତଚାପ ଏବଂ ମଧୁମେୟ ରୋଗୀଙ୍କ ପାଇଁ କ୍ଷତିକାରକ ହୋଇଥାଏ । ଟ୍ରାଫିକ ଜାମ୍ କାର୍ଯ୍ୟଦକ୍ଷତା ହ୍ରାସ କରିଥାଏ । ଠିକ୍ ସମୟରେ ଠିକଣା ସ୍ଥାନରେ ପହଞ୍ଚି ନପାରିବା କାରଣରୁ କାମର ଗୁଣାତ୍ମକ ମାନ ମଧ୍ୟ ହ୍ରାସ ପାଇଥାଏ । ସର୍ଜନଶୀଳତା ଉପରେ ଏହାର ନକରାତ୍ମକ ପ୍ରଭାବ ମଧ୍ୟ ପଡ଼ିଥାଏ । ଟ୍ରାଫିକ ଜାମ୍‌ରେ ଫଶିବା ଫଳରେ ପରୀକ୍ଷାର୍ଥୀମାନେ ପରୀକ୍ଷା ହଲ୍‌ରେ ଠିକ୍ ସମୟରେ ପହଞ୍ଚିବାକୁ ନେଇ ଯେଉଁ ଅନିଶ୍ଚିତତା ଭିତରେ ରହନ୍ତି ତାହା ସେମାନଙ୍କର ପ୍ରଦର୍ଶନକୁ ପ୍ରଭାବିତ କରିଥାଏ । ପରୀକ୍ଷା ଦେବାକୁ ଯିବା ପୂର୍ବରୁ ସେମାନଙ୍କ ଅବଚେତନରେ ଠିକ୍ ସମୟରେ ପହଞ୍ଚିବାକୁ ନେଇ ଯେଉଁ ଅନିଶ୍ଚିତତା ଥାଏ ତାହା ଅନେକ ସମୟରେ ସେମାନଙ୍କ ଏକାଗ୍ରତାକୁ ହ୍ରାସ କରିଥାଏ । ଟ୍ରାଫିକ ଜାମ୍ ବିକାଶର ମଧ୍ୟ ଏକ ବାଧକ । ଟ୍ରାଫିକ ଜାମ୍ ପାଇଁ ଶ୍ରମ ଶକ୍ତିର ପୁରା ବିନିଯୋଗ ହୋଇପାରୁ ନାହିଁ । ଅନେକ ସମୟ ଟ୍ରାଫିକ ଜାମ୍‌ରେ ଅଟକି ରହିବା କାରଣରୁ ନଷ୍ଟ ହୁଏ । ଟ୍ରାଫିକ ଜାମ୍‌ରେ ଅଟକି ରହିବା ଫଳରେ ପ୍ରଦୂଷିତ ବାୟୁ ପ୍ରଶ୍ୱାସରେ ଆମ ଫୁସ୍‌ଫୁସ୍ ଭିତରକୁ ଯାଇ ବିଭିନ୍ନ ଫୁସ୍‌ଫୁସ୍ ଜନିତ ରୋଗ ମଧ୍ୟ ସୃଷ୍ଟି କରୁଛି ।

ଏତେକଥା କହିବାର କାରଣ ହେଉଛି ଆମ ଦେଶର ବଡ଼ ବଡ଼ ସହର ଗୁଡ଼ିକରେ ଟ୍ରାଫିକ ଜାମ୍ ଉତ୍କଟ ରୂପ ଧାରଣ କରିବାକୁ ଲାଗିଛି । ବିଶ୍ୱର ସର୍ବାଧିକ ଟ୍ରାଫିକ ଜାମ୍ ପ୍ରଭାବିତ ୧୦ଟି ସହର ମଧ୍ୟରେ ସ୍ଥାନ ପାଇଛି ବେଙ୍ଗାଲୁରୁ ଏବଂ ପୁନେ । ବେଙ୍ଗାଲୁରୁ ଷଷ୍ଠ ସ୍ଥାନରେ ଥିବା ସମୟରେ ପୁନେ ରହିଛି ସପ୍ତମ ସ୍ଥାନରେ । ବିଶ୍ୱର ୩୮୭ଟି ସହର ଟ୍ରାଫିକ ଜାମ୍ ଜନିତ ସମସ୍ୟାରେ ଭୀଷଣ ଭାବେ ପ୍ରଭାବିତ ହୋଇଛି । ବିଶ୍ୱରେ ବ୍ରିଟେନର ରାଜଧାନୀ ଲଣ୍ଡନ ସର୍ବାଧିକ ପ୍ରଭାବିତ ନଗରୀ ପାଲଟିଛି । ଟମ୍ ଟମ୍ ଟ୍ରାଫିକ ଇଣ୍ଡେକ୍ସ ତରଫରୁ କରାଯାଇଥିବା ସର୍ଭେରୁ ଜଣାଯାଇଛି ବେଙ୍ଗାଲୁରୁରେ ପ୍ରତି ୧୦ କିଲୋମିଟର ଯାତ୍ରା ପାଇଁ ହାରାହାରି ୨୮ ମିନିଟ ୧୦ ସେକେଣ୍ଡ ଲାଗୁଥିବା ସମୟରେ ପୁନେରେ ଏହା ୨୭ ମିନିଟ ୫୦ ସେକେଣ୍ଡ ରହିଛି । ଯାନବାହନ ସଂଖ୍ୟା ଲଗାମଛଡ଼ା ଭାବରେ ବୃଦ୍ଧି ପାଇବା କାରଣରୁ ପ୍ରତିଟି ଛୋଟବଡ଼ ସହରରେ ଏବେ ଟ୍ରାଫିକ ଜାମ୍ ସମସ୍ୟା ଦେଖାଦେଲାଣି । ଟ୍ରାଫିକ ପରିଚାଳନା ମଧ୍ୟ ସେତେଟା ଆଶାନୁରୂପକ ନୁହେଁ ଅନେକ ସହରରେ ।

ଲୋକେ ଗଣପରିବହନ ଉପରେ ନିର୍ଭର କରୁନାହାନ୍ତି । ତା'ଛଡ଼ା ଚାରିଚକିଆ ଚଢ଼ିବା ଏକ ଷ୍ଟାଟସ୍ ସିମ୍ବଲ ପାଲଟିଛି । ପରିବାର ସଦସ୍ୟ ସଂଖ୍ୟା ଠାରୁ ଗାଡ଼ି ସଂଖ୍ୟା ଅଧିକ ହେଲାଣି । ଛୋଟ ପରିବାରରେ ମଧ୍ୟ ଗାଡ଼ି ସଂଖ୍ୟା ଅଧିକ ଥିବାର ଦେଖିବାକୁ ମିଳୁଛି । ପରିବାର ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦିଆଯିବା ଭଳି ଗାଡ଼ି ମଟର ସଂଖ୍ୟା ବୃଦ୍ଧି ଉପରେ ମଧ୍ୟ ନିୟନ୍ତ୍ରଣ ରଖାଯିବାର ସମୟ ଆସିଛି । ଏକ ସୁଖୀ ପରିବାର ପାଇଁ ଏକ ସୁସ୍ଥ ପରିବେଶ ମଧ୍ୟ ଜରୁରି ଏକଥା ଗାଡ଼ି ଚଢ଼ାର ସଉକରେ ଏକାଧିକ ଗାଡ଼ି କିଣୁଥିବା ଲୋକେ ବୁଝିବା ଦରକାର । ଟ୍ରାଫିକ ଜାମ୍ ଯେ ବିକାଶର ବାଧକ ହୋଇପାରେ ଏଭଳି ସମ୍ଭାବନାକୁ ମଧ୍ୟ ଏଡ଼େଇ ଦେଇ ହେଉନି । ଏହାବଡ଼ କଥା ଯେ ଏହି ଟ୍ରାଫିକ ଜାମ୍ ଜନିତ କାରଣରୁ ଲୋକମାନଙ୍କ ଭିତରେ ମାନସିକ ବିରକ୍ତି ବିଶେଷକରି ଚିଡ଼ଚିଡ଼ାପଣ ଓ ଅବସାଦକୁ ସୃଷ୍ଟି କରି କେତେକଙ୍କୁ ଅପ୍ରିତୀକର ପରିସ୍ଥିତି ସୃଷ୍ଟି କରିବାକୁ ବାଧ କରିଥାଏ । ତେଣୁ ଏ କ୍ଷେତ୍ରରେ ଜଣେ କିପରି ଏହାକୁ ମୁକାବିଲା କରି ରାସ୍ତାଟି ଅତିକ୍ରମ କରିବ ଓ ନିରାପଦରେ ତାଙ୍କ ଗନ୍ତବ୍ୟସ୍ଥଳରେ ପହଞ୍ଚିବ ଏହା ହିଁ ବଡ଼ ଆହ୍ୱାନ ।

# ବ୍ୟାଙ୍କିଂରେ ସାଇବର ସୁରକ୍ଷା



ତପନ କୁମାର ପାଲ
ଦେଉଳ ସାହି, ତୁଳସୀପୁର, କଟକ
ମୋ : ୯୯୩୭୬୫୮୩୬୨


ବର୍ତ୍ତମାନ ବ୍ୟାଙ୍କିଂ କ୍ଷେତ୍ରରେ ସାଇବର ସିକ୍ୟୁରିଟିର ଆବଶ୍ୟକତା ବହୁତ ବେଶି । କାରଣ ଏବେ ଲୋକମାନେ ସମୟ ଅଭାବରୁ ଅନ୍‌ଲାଇନ୍ ମାଧ୍ୟମରେ ବ୍ୟାଙ୍କ କାରବାର କରୁଛନ୍ତି । ଆଉ ସାଇବର ଠକେଇ ବି ବଢ଼ିଯାଇଛି । ଏଥିପାଇଁ ସାଇବର ସିକ୍ୟୁରିଟି ବିଷୟରେ ଜାଣିବା ଜଣେ ଖାତାଧାରକ ଲାଗି ଜରୁରି ହୋଇପଡ଼ିଛି ।

ସର୍ବପ୍ରଥମେ ଆସନ୍ତୁ ଜାଣିବା ବ୍ୟାଙ୍କିଂ ସାଇବର ସୁରକ୍ଷା କ'ଣ : ସଫ୍ଟଓୟାର ପରିଚାଳିତ ବିଭିନ୍ନ ତନଖି ବ୍ୟବସ୍ଥା ଦ୍ୱାରା ବ୍ୟାଙ୍କ ତା'ର ଗ୍ରାହକଙ୍କ ଖାତା ଓ କାରବାରକୁ ସୁରକ୍ଷିତ କରିଥାଏ । ପ୍ରତି ଆର୍ଥିକ ପ୍ରତିଷ୍ଠାନ ସେମାନଙ୍କ ଗ୍ରାହକଙ୍କୁ ସାଇବର ଠକେଇରୁ ରକ୍ଷା କରିବା ଲାଗ ଏହି ବ୍ୟବସ୍ଥା ଗ୍ରହଣ କରୁଛନ୍ତି । ଖାତାଧାରକଙ୍କ ଜରୁରି ତଥ୍ୟ, କାରବାର ଓ ବ୍ୟକ୍ତିଗତ ସୂଚନାକୁ ସୁରକ୍ଷିତ ରଖିବା ଏହାର ମୂଳ ଲକ୍ଷ୍ୟ । ବର୍ତ୍ତମାନ ସମୟରେ ସାଇବର ସୁରକ୍ଷା କାହିଁକି ଜରୁରି: ବ୍ୟାଙ୍କ ଗ୍ରାହକଙ୍କ ବ୍ୟକ୍ତିଗତ ପରିଚୟ ବିବରଣୀ ଓ ଆର୍ଥିକ ସୂଚନା ସହିତ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ରଖିଥାଏ । ସାଇବର ସିକ୍ୟୁରିଟି ନରହିଲେ ବ୍ୟକ୍ତିଗତ ତଥ୍ୟ ଚୋରି ହୋଇପାରେ ଏବଂ ଏହା ସହିତ ଆର୍ଥିକ କ୍ଷତି ମଧ୍ୟ ହୋଇପାରେ । ଗୁରୁତ୍ୱପୂର୍ଣ୍ଣ ଭାବେ ବିଶ୍ୱାସ ବଜାୟ ରଖନ୍ତୁ : ସାଇବର ସୁରକ୍ଷା ବ୍ୟବସ୍ଥା ଦ୍ୱାରା ବ୍ୟାଙ୍କ ସେମାନଙ୍କର ଟଙ୍କା ଓ ବ୍ୟକ୍ତିଗତ ସୂଚନାକୁ ସୁରକ୍ଷା ଦେଇପାରିବ ବୋଲି ଗ୍ରାହକମାନେ ଆସ୍ଥା ରଖନ୍ତି । ସାମଗ୍ରିକ ଓ ସମସ୍ତ ନିୟାମକ ଅନୁପାଳନ : ଆର୍ଥିକ ପ୍ରତିଷ୍ଠାନଗୁଡ଼ିକ ତଥ୍ୟ ସୁରକ୍ଷା ସମ୍ବନ୍ଧରେ କଠୋର ନିୟମ ମାନିବା ଆବଶ୍ୟକ । ଏଥିରେ ବିଫଳ ହେଲେ ପ୍ରତିଷ୍ଠାନ ଗୁଡ଼ିକ କଠୋର ଦଣ୍ଡର ସମ୍ମୁଖୀନ ହେବା ସହିତ ସେମାନେ ପ୍ରତିଷ୍ଠା ହରାଇପାରନ୍ତି । ଆର୍ଥିକ କ୍ଷତି ରୋକିବା : ସାଇବର ଆକ୍ରମଣ ଦ୍ୱାରା ବ୍ୟାଙ୍କ ଓ ଖାତାଧାରକଙ୍କ ପାଇଁ ସିଧାସଳଖ ଆର୍ଥିକ କ୍ଷତି ହୋଇପାରେ । ପ୍ରଭାବଶାଳୀ ସାଇବର ସୁରକ୍ଷା ଏହି ବିପଦକୁ କମ୍ କରିଥାଏ ।

ସାଇବର ଠକେଇରୁ କିପରି ବର୍ତ୍ତିବେ : ଶକ୍ତିଶାଳୀ ପାସୱାର୍ଡ଼ - ଅକ୍ଷର, ସଂଖ୍ୟା ଓ ଚିହ୍ନ ବ୍ୟବହାର କରି ଜଟିଳ ପାସୱାର୍ଡ଼ ତିଆରି କରନ୍ତୁ । ଜନ୍ମଦିନ କିମ୍ବା ସାଧାରଣ ଶବ୍ଦ ପରି ସହଜରେ ଅନୁମାନଯୋଗ୍ୟ ତଥ୍ୟ ବ୍ୟବହାର କରି ପାସୱାର୍ଡ଼ ଗଠନରୁ ଦୂରେଇ ରୁହନ୍ତୁ । ମଲ୍ଟି-ଫ୍ୟାକ୍ଟର ଅଥେଣ୍ଟିକେସନ : ଏମଏଫଏ ଆପଣଙ୍କ ପାସୱାର୍ଡ଼ ବ୍ୟତୀତ ଭେରିଫିକେସନ ଅନ୍ୟ ଦିଗ ମଧ୍ୟ ଯାଞ୍ଚ କରିଥାଏ । ଏହାଦ୍ୱାରା ହ୍ୟାକିଂର ଆଶଙ୍କା କମିଯାଏ । ସୂଚନା ପ୍ରଦାନରେ ସତର୍କତା : ବ୍ୟକ୍ତିଗତ ସୂଚନା ମାଗୁଥିବା ଅବାଞ୍ଛିତ ଇ-ମେଲ୍, ଫୋନ୍ କଲ୍ କିମ୍ବା ବାର୍ତ୍ତା ପ୍ରତି ସତର୍କ ରହନ୍ତୁ । କୌଣସି ବିବରଣୀ ପ୍ରଦାନ କରିବା ପୂର୍ବରୁ ସର୍ବଦା ତାହାର ଉତ୍ସ ଯାଞ୍ଚ କରନ୍ତୁ । ନିୟମିତ ସଫ୍ଟୱେୟାର ଅପଡେଟ : ଠକେଇରୁ ରକ୍ଷା ପାଇବା ପାଇଁ ଆପଣଙ୍କ କମ୍ପ୍ୟୁଟର ଓ ଫୋନ୍‌ର ଅପରେଟିଂ ସିଷ୍ଟମ, ବ୍ରାଉଜର ଓ ବ୍ୟାଙ୍କିଂ ଆପକୁ ନିୟମିତ ଅପଡେଟ କରନ୍ତୁ । ନିୟମିତ ଆକାଉଣ୍ଟ ଯାଞ୍ଚ: କୌଣସି ଅନଧିକୃତ କାରବାର ସମ୍ପର୍କରେ ଜାଣିବା ଲାଗି ନିୟମିତ ଭାବେ ବ୍ୟାଙ୍କ ଷ୍ଟେଟମେଣ୍ଟ ଓ ଆକାଉଣ୍ଟ କାର୍ଯ୍ୟକଳାପକୁ ଯାଞ୍ଚ କରନ୍ତୁ । ଡିଭାଇସ୍ ସୁରକ୍ଷା: ଆପଣଙ୍କ ଡିଭାଇସ୍‌କୁ ମାଲୱେରରୁ ରକ୍ଷା କରିବା ପାଇଁ ଆଣ୍ଟିଭାଇରସ ସଫ୍ଟୱେୟାର ଓ ଫାୟାରୱାଲ୍ ବ୍ୟବହାର କରନ୍ତୁ । ବ୍ୟାଙ୍କିଂ କାରବାର ପାଇଁ ସର୍ବସାଧାରଣ ୱାଇ-ଫାଇ ବ୍ୟବହାର କରନ୍ତୁ ନାହିଁ ।

ଏସବୁ ଛଡ଼ା ସାଧାରଣ ସାଇବର ବିପଦକୁ କିପରି ଚିହ୍ନିହେବ ସେ ବିଷୟରେ ସର୍ବଦା ଅବଗତ ରହିବା ଜରୁରି । ଗ୍ରାହକମାନଙ୍କୁ ଅନ୍‌ଲାଇନ୍ କାରବାରରେ ସଚେତନ ରହିବାକୁ ଅନେକ ବ୍ୟାଙ୍କ ତାଲିମ ଦେଇଥାନ୍ତି । ତଥାପି ହ୍ୟାକରମାନେ ଲୋକମାନଙ୍କୁ ଠକିବାର ନୂଆ ନୂଆ କୌଶଳ ଆପଣାନ୍ତି । ସେ ସବୁକୁ ପ୍ରତିହତ କରିବା ପାଇଁ ନିଜର ଗୁରୁତ୍ୱପୂର୍ଣ୍ଣ ତଥ୍ୟ କାହାକୁ ଜଣାଇବା ଅନୁଚିତ । ନିଜେ ସଚେତନ ରହିଲେ ହିଁ ଏପରି ବିପଦକୁ ଏଡ଼ାଇ ପାରିବେ । ବର୍ତ୍ତମାନ ସମୟରେ ଦିନକୁ ଦିନ ବ୍ୟାଙ୍କିଂ ସେବା ପ୍ରଭାବିତ ଓ ଟେକ୍ନୋଲୋଜିକୁ ଦେଖି ଅତ୍ୟାଧୁନିକ ବ୍ୟବସ୍ଥା ମାଧ୍ୟମରେ ପରିଚାଳିତ ହେଉଛି । ଆପଣଙ୍କର ବ୍ୟାଙ୍କିଂ ସମ୍ବନ୍ଧୀୟ କୌଣସି ତଥ୍ୟ ଅଜଣା ବ୍ୟକ୍ତିଙ୍କୁ ଦିଅନ୍ତୁ ନାହିଁ । ବ୍ୟାଙ୍କିଂ ଓ ଆର୍ଥିକ କାରବାର ପ୍ରସଙ୍ଗରେ କୌଣସି ସମସ୍ୟା ଦେଖାଯିବା ମାତ୍ରେ ଆପଣ ତୁରନ୍ତ ନିକଟସ୍ଥ ବ୍ୟାଙ୍କ କିମ୍ବା ଆପଣଙ୍କ ପାସ୍‌ବୁକ୍ ରହିଥିବା ଶାଖା ସହ ଯୋଗାଯୋଗ ରଖନ୍ତୁ । ଆପଣଙ୍କର ସତର୍କତା ଓ ସଚେତନତା କେବଳ ଆପଣଙ୍କର ନୁହେଁ ବ୍ୟାଙ୍କ ସହିତ ଆମ ଜାତୀୟ ଅର୍ଥନୀତିର ଏକ ସୁରକ୍ଷିତ ଦିଗ ପ୍ରତି ଆପଣ ଯେ ଯତ୍ନବାନ ଏହା ମଧ୍ୟ ପ୍ରମାଣିତ ହୋଇପାରିବ ।

# ୱାହା ଉସ୍ତାଦ୍ : ଛିଡ଼ିଗଲା ତବଲାର ତାନ



ଅନୁପମା ଭୂୟାଁ
'ସାଇବିଥି' ୭ଡି/୧୩୫୪
ସେକ୍ଟର-୯, ସିଡିଏ, କଟକ

ବିଶ୍ୱରେ ଭାରତୀୟ ସଙ୍ଗୀତ ଜଗତର ଉଜ୍ଜ୍ୱଳ ଦୀପଶିଖା ଜାକିର ହୁସେନଙ୍କ ଜୀବନ ଦୀପ ଲିଭି ଯାଇଛି । ୭୩ ବର୍ଷ ବୟସରେ ତବଲାରେ ତାଙ୍କ ଆଙ୍ଗୁଠି ରହି ହିଁ ଯାଇଛି । ତାଙ୍କ ଆଙ୍ଗୁଠି ଚାଲିବା ସମୟରେ ଯେଉଁ ନାଦ ଓ ତାଳ ସୃଷ୍ଟି ହେଉଥିଲା ତାହା ସମସ୍ତଙ୍କୁ ବାନ୍ଧି ରଖିଥିଲା । ମୁକୁଳା କେଶ ଗୁଚ୍ଛା ସହ ସୌମ୍ୟକାନ୍ତୀ ଚେହେରାର ଜାକିର ଯେ କେବଳ ଜଣେ ବିଖ୍ୟାତ ତବଲା ବାଦକ ବା ସଙ୍ଗୀତଜ୍ଞ ଥିଲେ ତାହା ନୁହଁ, ଜଣେ ନମ୍ର ଓ ଭଦ୍ରବ୍ୟକ୍ତି ଭାବେ ପରିଚିତ ଥିଲେ । ଭାରତର ମୁମ୍ବାଇରେ ୧୯୫୧ ମସିହାରେ ଜନ୍ମିତ ଜାକିର ୨୦୨୪ ମସିହାରେ ଆମେରିକାର ସାନ୍‌ଫ୍ରାନସିସ୍କୋରେ ଆରପାରିକୁ ଚାଲି ଯାଇଛନ୍ତି । ତାଙ୍କ ପରଲୋକରେ ଭାରତ ଏବଂ ବିଶ୍ୱ ସଂଗୀତ ଜଗତ ଜଣେ ଖ୍ୟାତନାମା ସଂଗୀତଜ୍ଞଙ୍କୁ ହରାଇଛି । ଭାରତୀୟ ସଙ୍ଗୀତର କିମ୍ବଦନ୍ତୀ ପୁରୁଷ ଉସ୍ତାଦ୍ ଜାକିର ହୁସେନଙ୍କ ବିୟୋଗରେ ଏକ ଯୁଗର ଅବସାନ ଘଟିଛି । ସେ କେବଳ ଜଣେ ବିଖ୍ୟାତ ତବଲା ବାଦକ ନଥିଲେ, ସେ ଥିଲେ ଭାରତୀୟ ସଙ୍ଗୀତର ଆତ୍ମା । ତାଙ୍କ ତବଲା ବାଦନର ଟିପା ଧ୍ୱନି ଥିଲା ଭାରତୀୟ ସଙ୍ଗୀତର ହୃଦସ୍ପନ୍ଦନ । ତାଙ୍କ ତବଲାର ସ୍ୱରରେ ଆମେରିକାରୁ ନେଇ ଅଷ୍ଟ୍ରେଲିଆ ଏବଂ ଲଣ୍ଡନରୁ ନେଇ ଜର୍ମାନୀ ପର୍ଯ୍ୟନ୍ତ ସବୁଠି ଭାରତର ସଙ୍ଗୀତ ଝଙ୍କୃତ ହେଉଥିଲା । ସାଧନା, ନିଷ୍ଠା ଓ ଅଧ୍ୟବସାୟ ବଳରେ ଜଣେ ସାଧାରଣ ମଣିଷ କିଭଳି ଅସାଧାରଣ ଉଚ୍ଚତାରେ ପହଞ୍ଚି ପାରନ୍ତି ତା'ର ଜ୍ୱଳନ୍ତ ଉଦାହରଣ ଥିଲେ ପଦ୍ମବିଭୂଷଣ ଜାକିର ହୁସେନ ।

ତବଲା ଓ ସଙ୍ଗୀତପ୍ରେମୀମାନଙ୍କ ହୃଦୟରେ ଜାକିର ଏକ ଅଭୁଲା ଛାପ ଛାଡ଼ି ଯାଇଛନ୍ତି । ତାଙ୍କ ବାପା ଆଲ୍ଲା ରଖା କ୍ୟୁରେସି ଜଣେ ମହାନ ତବଲା ବାଦକ ଥିଲେ । ଏକଦା ଜାକିର କହିଥିଲେ ଯେ ସେ ଯେତେବେଳେ ଜନ୍ମ ହେଲେ ତାଙ୍କ ବାପା ତାଙ୍କ କାନରେ ପ୍ରାର୍ଥନା ପରିବର୍ତ୍ତେ 'ତବଲାର ତାଳ' ଶୁଣାଇଥିଲେ । ଜୀବନକାଳ ମଧ୍ୟରେ ସେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ବହୁ ସମ୍ମାନରେ ସମ୍ମାନିତ ହୋଇଛନ୍ତି । ଭାରତ ସରକାରଙ୍କ ତାଙ୍କୁ ୧୯୮୮ରେ ପଦ୍ମଶ୍ରୀ, ୨୦୦୨ରେ ପଦ୍ମଭୂଷଣ ଏବଂ ୨୦୨୩ରେ ପଦ୍ମବିଭୂଷଣ ସମ୍ମାନ ପ୍ରଦାନ କରିଥିଲେ । ୧୯୯୦ ଦଶକରେ ସେ ସଙ୍ଗୀତ ନାଟକ ଏକାଡ଼େମୀ ସମ୍ମାନ ପାଇଥିଲେ । ଜାକିରଙ୍କୁ ଚାରଟି ଗ୍ରାମି ପୁରସ୍କାର ମିଳିଛି । ସେଥିରୁ ତିନୋଟି ପୁରସ୍କାର ସେ ଚଳିତବର୍ଷ ପାଇଛନ୍ତି । ଜାକିର ମୁମ୍ବାଇର



ମାହିମରେ ଥିବା ସେଣ୍ଟ ମାଇକେଲ ସ୍କୁଲରେ ପାଠ ପଢ଼ିଥିଲେ । ଏହା ବ୍ୟତୀତ ସେ ମୁମ୍ବାଇର ସେଣ୍ଟ ଜାଭିୟର୍ସ କଲେଜରୁ ସ୍ନାତକ ଡିଗ୍ରୀ ହାସଲ କରିଥିଲେ । ସେ ମାତ୍ର ୧୧ ବର୍ଷ ବୟସରେ ଆମେରିକାରେ ନିଜର ପ୍ରଥମ କନସର୍ଟ କରିଥିଲେ । ୧୯୭୩ ମସିହାରେ ସେ ତାଙ୍କର ପ୍ରଥମ ଆଲବମ୍ ଲିଭିଂ ଇନ ଦି ମ୍ୟାଟେରିଆଲ ୱାର୍ଲ୍ଡ ଆରମ୍ଭ କରିଥିଲେ । ଜାକିର ହୁସେନଙ୍କୁ ଯେତେବେଳେ ୧୨ ବର୍ଷ ହୋଇଥିଲା, ସେ ତାଙ୍କ ବାପାଙ୍କ ସହ ଏକ କନସର୍ଟକୁ ଯାଇଥିଲେ । ଏହି ସମାରୋହରେ ପଣ୍ଡିତ ରବିଶଙ୍କର, ଉସ୍ତାଦ ଅଲି ଆକବର ଖାନ, ବିସମିଲ୍ଲା ଖାନ, ପଣ୍ଡିତ ଶାନ୍ତା ପ୍ରସାଦ ଓ ପଣ୍ଡିତ କିଷନ ମହାରାଜଙ୍କ ଭଳି ସଙ୍ଗୀତ ଶିଳ୍ପୀମାନେ ଯୋଗ ଦେଇଥିଲେ । ଜାକିର ହୁସେନ ତବଲାକୁ କେବଳ ବିଶ୍ୱ ମଞ୍ଚକୁ ନେଇନଥିଲେ । ଏକଦା ତବଲାକୁ ତାଙ୍କର ବନ୍ଧୁ, ଭାଇ ଓ ସାଥୀ ବୋଲି କହୁଥିବା ଜାକିରଙ୍କର ମୃତ୍ୟୁରେ ଛଅ ଦଶନ୍ଧି ତବଲା ବାଦନ ଜୀବନରେ ପୂର୍ଣ୍ଣଚ୍ଛେଦ ପଡ଼ିଛି । ସ୍ୱତନ୍ତ୍ର ତବଲା ବାଦନ ଶୈଳୀ ପାଇଁ ପରିଚିତ ଜାକିର ଭାରତର ଶାସ୍ତ୍ରୀୟ ସଙ୍ଗୀତ ଓ ପାଶ୍ଚାତ୍ୟ ସଙ୍ଗୀତ ମଧ୍ୟରେ ସମ୍ପର୍କ ସ୍ଥାପନର ଏକ ସେତୁ ଥିଲେ । ସେ ତାଙ୍କ ତବଲାର ଅତୁଳନୀୟ ତାଳରେ କୋଟି କୋଟି ଲୋକଙ୍କୁ ବାନ୍ଧି ରଖିବା ସହ ଭାରତର ଶାସ୍ତ୍ରୀୟ ସଙ୍ଗୀତକୁ ସେ ବିଶ୍ୱ ସଙ୍ଗୀତ ସହ ମିଶାଇ ପାରିଥିଲେ । ଏଥିପାଇଁ ସେ ସାଂସ୍କୃତିକ ଏକତାର ଦୂତ ପାଲଟିଥିଲେ । ତାଙ୍କ ପ୍ରଦର୍ଶନ ଆତ୍ମାକୁ ଛୁଇଁଲାଭଳି । ସଙ୍ଗୀତଜ୍ଞ ଓ ସଙ୍ଗୀତପ୍ରେମୀଙ୍କୁ ତାହା ପିଢ଼ି ପରେ ପିଢ଼ି ପ୍ରେରଣା ଯୋଗାଇବ ।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର



ଡିହିଡ଼ି (ଭାସ୍କର ନ୍ୟୁଜ): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ଅଧୀନ ଫଟେପୁର ପଞ୍ଚାୟତ ନୂତନ କାର୍ଯ୍ୟାଳୟ ପାଇଁ ଜମି ଚିହ୍ନଟ କରାଯାଇଛି । ନୂତନ ପଞ୍ଚାୟତ ଗଠନ ହେବାର ୮ବର୍ଷ ବିତି ଯାଇଥିଲେ ମଧ୍ୟ କାର୍ଯ୍ୟାଳୟ ପାଇଁ ଜମି ଚିହ୍ନଟ ହୋଇ ପାରୁନଥିଲା । ପଞ୍ଚାୟତ କାର୍ଯ୍ୟାଳୟ କେଉଁ ସ୍ଥାନରେ ହେବ ସେ ନେଇ ବାଦ ବିବାଦ ଲାଗି ରହିଥିଲା । ଫଳରେ ତହସିଲ ପକ୍ଷରୁ ଜମି ଚିହ୍ନଟ ପ୍ରକ୍ରିୟା ହୋଇ ପାରୁନଥିଲା । ପଞ୍ଚାୟତର ସରପଞ୍ଚମାନେ କାର୍ଯ୍ୟାଳୟ ପାଇଁ ବହୁବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନଥିଲା । ଏପରିକି ସରପଞ୍ଚ ପ୍ରଧାନ ବଳ ପଞ୍ଚାୟତ ସମିତି ବୈଠକରେ ଧାରଣାରେ ବସିଥିଲେ । ଶେଷରେ ବୁଧବାର ଫଟେପୁର ଗ୍ରାମରେ ତହସିଲ ପକ୍ଷରୁ କାର୍ଯ୍ୟାଳୟ ପାଇଁ ଦୁଇଟି ପ୍ଲଟ ୩୧ ଡିସିମିଲ ଜମି ଚିହ୍ନଟ କରାଯାଇଥିବା ଜଣାପଡ଼ିଛି ।



### ମୁକୁନ୍ଦା ସତ୍ୟନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ

# ଶିକ୍ଷା ହେଉଛି ମାନବ ସଭ୍ୟତାର ବିକାଶର ପ୍ରଥମ ପାହାଚ: ମୁଖ୍ୟମନ୍ତ୍ରୀ



କେନ୍ଦୁଝର(ଭାସ୍କର ନ୍ୟୁଜ): ଶିକ୍ଷା ହେଉଛି ମାନବ ସଭ୍ୟତାର ବିକାଶର ପ୍ରଥମ ପାହାଚ ଯେଉଁ ପ୍ରାଚୀନ କାଳରୁ ଭାରତରେ ଗୁରୁକୁଳଠାରୁ ଆରମ୍ଭ କରି ନାଳନ୍ଦା ବିଶ୍ୱବିଦ୍ୟାଳୟ ତକ୍ଷଶିଳା ଭଳି ଶିକ୍ଷା ସଂସ୍ଥା ଛାତ୍ରମାନଙ୍କୁ ବିଦ୍ୱାନ କରି ଗଢ଼ି ତୋଳୁଥିଲେ ବେଳେ ଏସବୁ ପ୍ରାଚୀନ ବିଶ୍ୱବିଦ୍ୟାଳୟରୁ ଦେଶର କୋଣ ଅନୁକୋଣରୁ ଛାତ୍ରମାନେ ପାଠ ପଢ଼ିବା ପାଇଁ ଆସୁଥିଲେ । ଭାରତ ଥିଲା ବିଶ୍ୱର ଜ୍ଞାନକେନ୍ଦ୍ର ତାହା ସହିତ ବାଣିଜ୍ୟ କଳା ଆଦି ଦେଶରେ ଅଗ୍ରଣୀ ଥିଲା ଭାରତ । ପୂର୍ବ ସରକାର ସମୟରେ ଶିକ୍ଷା ଭୁଶୁଡ଼ି ପଡିଛି ଅନେକ ବିଦ୍ୟାଳୟରେ ଜଣେ ଶିକ୍ଷକରେ ଶିକ୍ଷାଦାନ କରୁଥିଲା ଆମ ସରକାର ଶିକ୍ଷକ ନିଯୁକ୍ତି କ୍ଷେତ୍ରରେ ଇତିହାସ ସୃଷ୍ଟି କରିଛି । ଏକା ବେଳେ ୧୬ ହଜାର ଶିକ୍ଷକ ନିଯୁକ୍ତି କରିଛନ୍ତି ଚଳିତ ବର୍ଷ । ସ୍ମାର୍ଟ ସ୍କୁଲ ହେଲେ ଚଳିବ ନାହିଁ ଆବଶ୍ୟକ ଭିତ୍ତି ଭୂମିର ଆବଶ୍ୟକତା ରହିଛି ଯାହା ଆମ ସରକାର ସମୟରେ ହେବ ୨୦୩୬ ପାଇଁ ସରକାର ଡକ୍ୟୁମେଣ୍ଟ ପ୍ରସ୍ତୁତ କରୁଛି ଜନତାର ସହଯୋଗର ଆବଶ୍ୟକତା ରହିଛି । କେନ୍ଦୁଝରର ପୂର୍ବତନ ଜିଲ୍ଲାପାଳ ଆଶିଷ ଠାକରେଙ୍କ ବିରୋଧରେ ବର୍ଷିଥିଲେ ମୁଖ୍ୟମନ୍ତ୍ରୀ । ଆମ ସରକାର ସମୟରେ ପ୍ରତି ପଞ୍ଚାୟତର ମୁଖ୍ୟ ପ୍ରାଥମିକ ବିଦ୍ୟାଳୟକୁ ଗଦାବରିଶ ଆଦର୍ଶ ବିଦ୍ୟାଳୟରେ ପରିଣତ କରାଯିବ. ଯେଉଁଥିରେ ୪ କୋଟି ଖର୍ଚ୍ଚ ହେବ, ରାଜ୍ୟରେ ପ୍ରାୟ ୮ହଜାର ବିଦ୍ୟାଳୟ କରାଯିବ । କେନ୍ଦୁଝର ଧରଣୀଧର ଭେଷଜ ମହାବିଦ୍ୟାଳୟରୁ କେମ୍ପସଡ଼ା ଦେଇ ସେକ୍ସଖପ ରାଇକଳା କାଜିଆସୁଲା ଚମ୍ପୁଆ ପର୍ଯ୍ୟନ୍ତ ଦୁଇଧାଡ଼ିଆ ରାସ୍ତା ନିର୍ମାଣ ହେବ ବୋଲି କହିଛନ୍ତି । କେନ୍ଦୁଝର ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ବାଉରୀପଦା ପଞ୍ଚାୟତ ମୁକୁନ୍ଦା ଗ୍ରାମର ସତ୍ୟନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟର ୫୦ ବର୍ଷ ପୂର୍ତ୍ତି ଅବସରରେ ସୁବର୍ଣ୍ଣ ଜୟନ୍ତୀ ଉତ୍ସବର ଶୁଭାରମ୍ଭ ଓ ଶୁଭ ଉଦଘାଟନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି । ସୁବର୍ଣ୍ଣ ଜୟନ୍ତୀ ପାଳନ କରୁଥିବା ମୁକୁନ୍ଦା ଉଚ୍ଚ ବିଦ୍ୟାଳୟ ଆଗାମୀ ଦିନରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପରିଣତ ହେବ, ଭଲ ଖେଳ ପଡ଼ିଆ ହେବ, ଉଦ୍ୟାନର ବିକାଶ ହେବ, ରାମ ମନ୍ଦିରର ଉନ୍ନତି ହେବ ବୋଲି କହିବା ସହ ବିଦ୍ୟାଳୟ ପ୍ରତି ଅବଦାନ ଦେଇଥିବା ବ୍ୟକ୍ତି ବିଶେଷଙ୍କ ମନେ ପକାଇଥିଲେ ଏବଂ ଏହି ଅଞ୍ଚଳରୁ ହିଁ ରାଜନୀତି ଜୀବନ ଆରମ୍ଭ କରିଥିଲେ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ । ସମ୍ମାନୀତ ଭାବେ କେନ୍ଦୁଝର ପୌରପାଳିକା ନାଙ୍କୁ ସାହୁ, ମୁଖ୍ୟବକ୍ତା ଭାବେ ଡ ସୁଧା ଦାସ, ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀ ଅଟୋଲ, ପୁରାତନ ଛାତ୍ର ସଂଗଠନର ସଭାପତି ନରୋତ୍ତମ ନାୟକ, ସୁବର୍ଣ୍ଣ ଜୟନ୍ତୀ ସଂଯୋଜକ ନାରାୟଣ ଦେହୁରୀ ପ୍ରମୁଖ ମଞ୍ଚାସୀନ ଅତିଥି ଭାବେ ଯୋଗଦେଇ ବହୁ ମୂଲ୍ୟ ଅଭିଭାଷଣ ପ୍ରଦାନ କରିଥିଲେ । ଏଥିରେ ଭାମସେନ ମହନ୍ତ ମଞ୍ଚ ପରିଚାଳନା ପ୍ରଭାରୀ ଦାୟିତ୍ୱ ନିର୍ବାହ କରିଥିବା ବେଳେ ସଦର ବ୍ଲକ ପ୍ରତିନିଧି ଧନୁର୍ଜୟ ମହାନ୍ତ, ସଦର ନିର୍ବାଚନ ମଣ୍ଡଳୀ ସଂଯୋଜକ ବିବେକାନନ୍ଦ ମହନ୍ତ ଙ୍କ ସହ ବିଜେପି କର୍ମକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମ ସଫଳ କରିଥିଲେ । ୧୮ ଏବଂ ୧୯ ତାରିଖ ପର୍ଯ୍ୟନ୍ତ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ କାର୍ଯ୍ୟକ୍ରମ ଚାଲୁ ରହିବ ବୋଲି କମିଟିର ପୂର୍ଣ୍ଣ ଚନ୍ଦ୍ର ନୁନହାଣ୍ଡୀ, ବସନ୍ତ ସାହୁ, ଭାମସେନ ମହନ୍ତ, ବଟକୃଷ୍ଣ ସେଠୀ, ଉଗ୍ରସେନ ଦେହୁରୀ, ରାଜକିଶୋର ଦେହୁରୀ, କୋମଳ ଲୋଚନ ମହନ୍ତ ସୂଚନା ଦେଇଛନ୍ତି ।

# 'ଓଡ଼ିଶା ଭାସ୍କର'ରେ ଖବର ପ୍ରକାଶ ପରେ ଧଳାଜହର ବ୍ୟବସାୟୀଙ୍କୁ ଧରିଲା ପୋଲିସ

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ାରେ ବ୍ୟାପକ ପରିମାଣରେ ବ୍ରାଉନ୍ ସୁଗାର ବିକ୍ରି ହେଉଥିବାରୁ ଏହାକୁ ସେବନ କରି ଯୁବଗୋଷ୍ଠୀ ବିପଥଗାମୀ ହେଉଥିବା ଖବର 'ଓଡ଼ିଶା ଭାସ୍କର'ରେ ପ୍ରସାରଣ ହେବା ପରେ ପୋଲିସର ତତ୍ପରତା ପ୍ରକାଶ ପାଇଛି । ପୋଲିସ ଜଣେ ଧଳାଜହର ବ୍ୟବସାୟୀଙ୍କୁ ଗିରଫ କରିବାରେ ସଫଳ ହୋଇଛି । ବୁଧବାର ପୂର୍ବାହ୍ନରେ ବଳଙ୍ଗା ଥାନା ଅନ୍ତର୍ଗତ ଦଣ୍ଡିପୁର ଛକରେ ବଳଙ୍ଗା ପୋଲିସ ପକ୍ଷରୁ ଚଢ଼ାଉ କରାଯାଇ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ତା' ନିକଟରୁ ୧୬ ଗ୍ରାମ ବ୍ରାଉନ୍ ସୁଗାର ଜବତ କରାଯାଇଛି । ଗିରଫ ଅଭିଯୁକ୍ତ ଜଣକ ପୁରୀ କୁମ୍ଭାରପଡ଼ା ଥାନା ପଲିପୁର ଗାଁରନ୍ଦରୀ ସହିର ଅଜୟ ଓରଫ କାଳୁ (୩୫) ବୋଲି ପୋଲିସ ସୂଚନା ଦେଇଛି । ଏ ନେଇ ଥାନାରେ ଏକ ମାମଲା ରୁଜୁ କରାଯାଇଥିବା ବେଳେ ଅଭିଯୁକ୍ତ ଅଜୟଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି । ସୂଚନା ମୁତାବକ ବୁଧବାର ପୂର୍ବାହ୍ନରେ ଦଣ୍ଡିପୁର ଛକରେ ଅଭିଯୁକ୍ତ ଅଜୟ ବ୍ରାଉନ୍ ସୁଗାର ବେପାର ପାଇଁ ଗ୍ରାହକ ଅପେକ୍ଷାରେ ରହିଥିବା ନେଇ ବଳଙ୍ଗା ଥାନା ଏସ୍.ଆଇ. କେଦାର ଚନ୍ଦ୍ର ଦୋରାଙ୍କୁ ସୂଚନା ମିଳିଥିଲା । ସୂଚନା ଆଧାରରେ ଶ୍ରୀ ଦୋରାଙ୍କ ନେତୃତ୍ୱରେ ଥାନା ଏଏସ୍ଆଇ ପ୍ରଶାନ୍ତ କୁମାର ବେହେରା, ହାବିଲଦାର ବିଷ୍ଣୁ ଚରଣ ସ୍ୱାଇଁ, ରକ୍ଷୀ ଖଟୋଇ, ଦିବାକର ସେଠୀ ପ୍ରମୁଖ ସାମିଲ ହୋଇ ଦଣ୍ଡିପୁର ଛକରେ ଚଢ଼ାଉ କରିଥିଲେ । ଅଭିଯୁକ୍ତ ଅଜୟ ପୋଲିସ ଟିମ୍‌କୁ ଦେଖି ଖସି ଯିବାକୁ ଉଦ୍ୟମ କରିବା ବେଳେ ପୋଲିସ ତାକୁ କାବୁ କରିବାରେ ସକ୍ଷମ ହୋଇଥିଲେ । ପରେ ଅଭିଯୁକ୍ତ ପାଖ ପକେଟ୍ ଭିତରୁ ଏକ ଜରିରେ ବନ୍ଧା ହୋଇଥିବା ବ୍ରାଉନ୍ ସୁଗାର ଜବତ କରିଥିଲେ ।

### କାକଟପୁର ବୋମାମାଡ ଘଟଣା

# ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣିବ ପୋଲିସ୍



କାକଟପୁର(ଭାସ୍କର ନ୍ୟୁଜ): କାକଟପୁର ଥାନା ଅଧିନସ୍ଥ କଳକଣା ଗ୍ରାମ ନିବାସୀ ଡିଜେନ ବ୍ୟବସାୟୀ ଖେଷ ସାମାନ୍ତଙ୍କୁ ଗତ ସୋମବାର ବିଳମ୍ବିତ ରାତ୍ରିରେ ଶେଖ ଜୁନେଦ ଓରଫ ଗୋରା ପୂର୍ବ ଶତ୍ରୁତାକୁ ନେଇ ବୋମାମାଡ କରିଥିବାବେଳେ କାକଟପୁର ପୋଲିସ ତୁରନ୍ତ ଅଭିଯୁକ୍ତଙ୍କୁ ଥାନାକୁ ଆଣି ପଚରାଉଚରା କରିବା ପରେ ମଙ୍ଗଳବାର କୋର୍ଟ ଚାଲାଣ କରିଥିଲା । ତେବେ ଏ ସଂକ୍ରାନ୍ତରେ ଅଭିଯୁକ୍ତ ଜୁନେଦ ଉକ୍ତ ଘଟଣାରେ କୌଣସି ସମ୍ପୃକ୍ତ ନାହିଁ ବୋଲି ପୋଲିସକୁ ସୂଚନା ଦେଇଥିଲେ ମଧ୍ୟ କାକଟପୁର ପୋଲିସ ଅଭିଯୁକ୍ତ ଜୁନେଦକୁ କେଶ ନମ୍ବର ୨୪୮/ ୨୪ ରେ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଅପରପକ୍ଷରେ ଉକ୍ତ ଘଟଣାକୁ ନେଇ ଥାନା ଆଇଆଇସି ଉମେଶ ଚନ୍ଦ୍ର ସାହୁଙ୍କୁ ପଚାରିବାରୁ ଆସାମୀ ଜୁନେଦଙ୍କୁ କାକଟପୁର ପୋଲିସ ରିମାଣ୍ଡରେ ଆଣି ଅଧିକ ଖୋଳତାଡ଼ କରିବା ସହିତ ଜୁନେଦର ଅପରାଧିକ କାର୍ଯ୍ୟକଳାପ ସମ୍ପର୍କରେ ତଥ୍ୟ ଯୋଗାଡ଼ କରାଯିବ । ଏଠାରେ ସୂଚନା ଥାଉ କି ଗତ ୩ ମାସ ପୂର୍ବେ ଜୁନେଦ ଗୁଳିକାଣ୍ଡ ଘଟଣା, ପ୍ରିପେଡ଼ କାର୍ଡ ଅଫିସ ଡକାୟତି ଘଟଣା ଏବଂ ବିଭିନ୍ନ ମଠ ମନ୍ଦିରରୁ ଚୋରୀ ଘଟଣାରେ କାକଟପୁର ପୋଲିସ ଅଭିଯୁକ୍ତଙ୍କୁ ଧରିବାରେ ସକ୍ଷମ ହୋଇନଥିବା ବେଳେ କାକଟପୁର ମୁଖ୍ୟ ବଜାରରେ ଏକ ବୋମାମାଡ ଘଟଣାକୁ ନେଇ ପୋଲିସର କାର୍ଯ୍ୟଦକ୍ଷତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ ହୋଇଛି ।

# ମହଙ୍ଗା ପଡ଼ିଲା ଦ୍ୱିତୀୟ ବିବାହ

ନିଆଳି(ଭାସ୍କର ନ୍ୟୁଜ): ମହଙ୍ଗା ପଡ଼ିଛି ନାବାଳକଙ୍କ ଦ୍ୱିତୀୟ ବିବାହ । ଦ୍ୱିତୀୟ ବିବାହ ପାଇଁ ଘରେ ଆଣି ଆଉ ଜଣେ ଝିଅ ରଖିଥିବା ବେଳେ ଗିରଫ ହୋଇଛି ଉକ୍ତ ନାବଳକ । ନିଆଳି ଥାନା ଅଧିନସ୍ତ ବିଳାଶୁଣୀ ପଞ୍ଚାୟତରେ ୨୦୨୨ ମସିହାରେ ସପ୍ତମ ଶ୍ରେଣୀରେ ପଢୁଥିବା ନାବାଳକ ପୁଅ ପଶ୍ଚିମବଙ୍ଗ ମେଦିନୀପୁରର ଜଣେ ନାବାଳିକା ଝିଅ ଯାଜପୁର ଜିଲ୍ଲାରେ ଏକ ମେଳାକୁ ଆସିଥିବା ବେଳେ ଝିଅଟିକୁ ଆଣି ବିବାହ ବନ୍ଧନରେ ବାନ୍ଧି ଘରେ ଆଣି ରଖିଥିଲା । ଏମିତିକି ବର୍ତ୍ତମାନ ତାଙ୍କର ୧୧ ମାସର ପୁଅଟିଏ ଅଛି । ଏବେ ନାବାଳକ ଜଣକ ନବମରେ ପଢୁଥିବା ବେଳେ ଛୁଆ ମୋର ନୁହେଁ କହି ଦ୍ୱିତୀୟ ବିବାହ ପାଇଁ ଝିଅଟିଏ ଆଣି ଘରେ ରଖିଥିଲା । ତେଣୁ ପ୍ରଥମ ନାବାଳିକା ମା'କୁ ଘରୁ ତଡ଼ି ଦେଇଥିଲା ନାବାଳକ । ନାବାଳିକା ମା' ନିଆଳି ଥାନାରେ ଅଭିଯୋଗ କରିବା ପରେ ଘଟଣା ପଦାକୁ ଆସିଛି । ଖବର ପାଇ ସଙ୍ଗେ ସଙ୍ଗେ ନିଆଳି ଥାନା ଆଇଆଇସି ବିଜୟ କୁମାର ମଲିକ ବିଳାଶୁଣୀ ଅଞ୍ଚଳରେ ଚଢ଼ାଉ କରି ନାବାଳକକୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି । ଏ ନେଇ ନିଆଳି ଥାନାରେ ୪୭୫/୨୦୨୪ ରେ ମାମଲା ରୁଜୁ ହୋଇଛି ।

# ନୃତତ୍ତ୍ୱ ବିଭାଗର ଆଲୋଚନାଚକ୍ର



ପରଜଙ୍ଗ(ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ମହାବିଦ୍ୟାଳୟ ପରିସରରେ ବୁଧବାର ଦିନ ନୃତତ୍ତ୍ୱ ବିଜ୍ଞାନ ବିଭାଗର ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ବିକାଶ କୁମାର ପ୍ରଧାନଙ୍କ ଅଧକ୍ଷତାରେ ପ୍ରାକ୍ତନ ଅଧକ୍ଷ ତଥା ନୃତତ୍ତ୍ୱ ବିଜ୍ଞାନ ବିଭାଗର ପ୍ରାଧ୍ୟାପକ ତ୍ରିଲୋଚନ ଭୂତିଆ ମୁଖ୍ୟବକ୍ତା ଭାବେ ଯୋଗଦେଇ ସାମ୍ପ୍ରତିକ ଭାରତରେ ନୃତତ୍ତ୍ୱର ଭୂମିକା ବିଷୟବସ୍ତୁ ଉପରେ ଆଧାରିତ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଅନୁଷ୍ଠିତ ଆଲୋଚନାଚକ୍ରରେ ସମ୍ମାନିତ ଅତିଥି ଭାବେ ନୃତତ୍ତ୍ୱ ବିଭାଗର ମୁଖ୍ୟ ଅଧାପିକା ଜୟଯୁକ୍ତା ପଟ୍ଟନାୟକ , ଅଧାପକ ସଞ୍ଜୟ କୁମାର ମୁଦୁଲି ପ୍ରମୁଖ ନୃତତ୍ତ୍ୱ ବିଭାଗ ଉପରେ ଛାତ୍ର ଛାତ୍ରୀମାନଙ୍କୁ ମାର୍ଗଦର୍ଶନ ଦେଇଥିଲେ ।ବିଭାଗୀୟ ଅଧାପିକା କବିତା ସ୍ୱାଇଁ ଆୟୋଜିତ କାର୍ଯ୍ୟକ୍ରମକୁ ସଞ୍ଚାଳିତ କରିଥିବା ବେଳେ ଅଧାପିକା ଦିବ୍ୟଦର୍ଶନୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

### କଥା ଦେଇ କଥା ରଖିଲେ ସରକାର

# ଧାନମଣ୍ଡି ଖୋଲିବା ନେଇ ବୁଲିଲା ସଚେତନ ରଥ

ନିମାପଡ଼ା(ଭାସ୍କର ନ୍ୟୁଜ୍): ନିମାପଡ଼ା ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ଧାନ କିଣା ପାଇଁ ସଚେତନତା ରଥ ପ୍ରତ୍ୟେକ ପଞ୍ଚାୟତ ଗସ୍ତ କରି ଚାଷୀଙ୍କୁ ସଚେତନ କରାଉଥିବା ଜଣାପଡ଼ିଛି । ଜାନୁୟାରୀ ୩ ତାରିଖରୁ ନିମାପଡ଼ାରେ ଧାନକିଣା ଆରମ୍ଭ ହେବା ପାଇଁ ସୂଚନା ଦିଆଯାଇଛି । କେନ୍ଦ୍ର ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଣ୍ଟାଲ ପିଛା ୨ ହଜାର ୩ଶହ ଟଙ୍କା ରହିଥିବା ବେଳେ ଏହା ଉପରେ ରାଜ୍ୟ ସରକାରଙ୍କ ପକ୍ଷରୁ ଚାଷୀ ବିକ୍ରି କରିଥିବା ପ୍ରତି କ୍ୱିଣ୍ଟାଲ ପିଛା ୮୦୦ ଟଙ୍କା ଇନ୍‌ପୁଟ୍ ସହାୟତା ରାଶି ଦିଆଯିବା ପାଇଁ ସ୍ଥିର କରାଯାଇଛି । ବିକ୍ରି ହୋଇଥିବା ଧାନ ବାବଦରେ ଚାଷୀ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ପାଇବ । ସାଧାରଣ କିସମ ଏଫ୍‌ଏକ୍ୟୁ ମାନର ଧାନ ନିମନ୍ତେ ପ୍ରଯୁଜ୍ୟ ସମସ୍ତ ଚାଷୀଙ୍କୁ ଭଲ ଭାବେ ଜଣାଇ ଦିଆଯାଇଛି ଧାନକୁ ଶୁଖାଇ ସଫା କରି ମଣ୍ଡିକୁ ଆଣିବା ପାଇଁ । ଧାନରେ ଯେପରି କୌଣସି ଅଳିଆ ନ ରହେ ନିମାପଡ଼ା ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ସଚେତନତା ରଥ ଗାଁ ଗାଁ ବୁଲି ପ୍ରଚାର କରୁଛି । ନିମାପଡ଼ା ନିୟନ୍ତ୍ରିତ ବଜାର କମିଟି ତରଫରୁ ପ୍ରଚାର କରାଯାଉଥିବା ବେଳେ ୩ ତାରିଖରୁ ପିପିଲି, ବ୍ରହ୍ମଗିରି, କୃଷ୍ଣପ୍ରସାଦ ବ୍ଲକ୍‌ରେ ମଣ୍ଡି ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି । ୬ରୁ ପୁରୀ ସତ୍ୟବାଦୀ, ୭ରୁ ଅନ୍ୟାନ୍ୟ ବ୍ଲକ୍‌ରେ ମଣ୍ଡି ଆରମ୍ଭ ହେବ । ରାଜ୍ୟ ସରକାର ଚାଷୀଙ୍କୁ କଥା ଦେଇ କଥା ରଖିଛନ୍ତି । ଏଫଏକ୍ୟୁ ଧାନର ସ୍ଥିରିକୃତ ସର୍ବନିମ୍ନ ସହାୟକ କ୍ୱିଣ୍ଟାଲ ପିଛା ୨୩୦୦ ଟଙ୍କା ଥିବା ବେଳେ ୮ଶହ ଟଙ୍କା ଇନ୍‌ପୁଟ୍ ସହାୟତା ରହିଛି । ଏ ସଂପର୍କରେ ସୂଚନା ଦେଇଛନ୍ତି ଉପ-ଜିଲ୍ଲାପାଳ ପୁରୀ ତଥା ଅଧକ୍ଷ ନିୟନ୍ତ୍ରିତ ବଜାର କମିଟି ନିମାପଡ଼ା ।

# ଭଡାରେ ଲାଗିଛି ଜଳସମ୍ପଦ କାର୍ଯ୍ୟାଳୟ, ଛତୁ ଚାଷୀଙ୍କୁ ଦିଆଯାଇଛି ଲିଜ୍



ଗୋପ (ଭାସ୍କର ନ୍ୟୁଜ): ଭଡାରେ ଲାଗିଛି ଗୋପ ଜଳସମ୍ପଦ ବିଭାଗ ଉପଖଣ୍ଡ କାର୍ଯ୍ୟାଳୟ ଅଧିନ ଗଣେଶ୍ୱରପୁର ଜଳସଂପଦ ବିଭାଗ କାର୍ଯ୍ୟାଳୟ । କାର୍ଯ୍ୟାଳୟ ପରିସରରେ ଚାଲିଛି ଛତୁ ଚାଷ । ମାଲାମାଲ ହେଉଛନ୍ତି ଅଧିକାରୀ ଓ କର୍ମଚାରୀ । ସରକାରୀ କାର୍ଯ୍ୟାଳୟ ଏବଂ ଏହାର ପରିସରର ବେଆଇନ ଭାବେ ଭଡା ଦେବାକୁ ନେଇ ଉଠିଛି ଅଭିଯୋଗ । କେବଳ ସେତିକି ନୁହେଁ ଏହାର ପରିସର ମଧ୍ୟରେ କୋଳଥ ଓ ବିରି ଚାଷ ହେଉଥିବାର ମଧ୍ୟ ଦେଖିବାକୁ ମିଳିଛି । ଯଦ୍ୱାରା ଭଡାରେ ନେଇଥିବା ବ୍ୟକ୍ତିମାନେ ସେଠାରେ ରୋଷେଇବା କରିବା ସହିତ ମଦ୍ୟପାନ କରୁଛନ୍ତି । ଏହାକୁ ସଂପୂର୍ଣ୍ଣ ସହଯୋଗ କରୁଛନ୍ତି ବିଭାଗୀୟ କର୍ମଚାରୀମାନେ । ଏପରିକି ଏହି କାର୍ଯ୍ୟାଳୟ ମଦ୍ୟପଙ୍କ ଆଡ୍ଡାସ୍ଥଳୀ ପାଲଟିଥିବା ବେଳେ ଏଠାରେ ଦିନରାତି ମଦର ଆସାର ଜମୁଛି । ମଦ୍ୟପାନ କରି ଅଶ୍ଳିଳ ଭାଷାରେ ଗାଳିଗୁଲଜ କରୁଥିବାରୁ ସେହି ରାସ୍ତା ଦେଇ ଯାଉଥିବା କଲେଜ ଛାତ୍ରୀ , ସ୍କୁଲ ଛାତ୍ରୀ ଓ ସାଧାରଣ ଲୋକେ ନିଜକୁ ନିରାପଦ ମଣୁନାହାଁନ୍ତି । ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି । ଏହା ଉପରେ ବିଭାଗୀୟ ମୁଖ୍ୟଯନ୍ତ୍ରୀ, ଅଧିକ୍ଷଣ ଯନ୍ତ୍ରୀ, ନିର୍ବାହୀଯନ୍ତ୍ରୀ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବା ନିମନ୍ତେ ଦୁର୍ନିତି ନିବାରଣ ମଂଚ ଆବାହକ ଗଙ୍ଗାଧର ପାଇକରାୟ ଦାବି କରିଛନ୍ତି ।

# ଗ୍ରାମର ୧୫ ମୁରବୀଙ୍କୁ ସଜା ପରେ ପରିବାରକୁ ଭେଟିଲେ ପୂର୍ବତନ ମନ୍ତ୍ରୀ



ନିମାପଡ଼ା(ଭାସ୍କର ନ୍ୟୁଜ୍): ନିମାପଡ଼ା ବ୍ଲକ୍ ଅରିଷଣ୍ଡ ଗ୍ରାମ ପଞ୍ଚାୟତ ବାମାଝାଟିପାଟଣା ଗ୍ରାମରେ ଘରପୋଡ଼ି ଓ ଆକ୍ରମଣ ଘଟଣାରେ ୧୫ ଜଣଙ୍କୁ ଜେଲ ଓ ଜୋରିମାନା ହୋଇଥିବା ବେଳେ ଆସାମୀମାନେ ନିମାପଡ଼ା ବିଚାର ବିଭାଗୀୟ ଜେଲରେ ରହିଛନ୍ତି । ଏହି ଘଟଣାକୁ ନେଇ ପରିବାର ମଧ୍ୟରେ ଅଶାନ୍ତକର ପରିବେଶ ସୃଷ୍ଟି ହୋଇଥିବା ବେଳେ ପୂର୍ବତନ ମନ୍ତ୍ରୀ ବାମଝାଟିଗ୍ରାମରେ ପହଞ୍ଚି ପରିବାରକୁ ସାନ୍ତ୍ୱନା ପ୍ରଦାନ କରିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ, ନିମାପଡ଼ା ବ୍ଲକ୍ ଅରିଷଣ୍ଡ ପଞ୍ଚାୟତ ବାମଝାଟିଗ୍ରାମରେ ୧୯୯୪ ମସିହାରେ ଘରପୋଡ଼ି ଓ ଗଣ୍ଡଗୋଳ ଘଟଣାରେ ରାୟ ପ୍ରକାଶ ପାଇଥିବା ବେଳେ ଗ୍ରାମର ୧୫ ଜଣ ମୁରବୀଙ୍କୁ ସଜା ହୋଇଛି । ଦୁଃଖି ପରିବାରକୁ ପୂର୍ବତନ ମନ୍ତ୍ରୀ ସମୀର ରଂଜନ ଦାଶ ବାମଝାଟି ଗ୍ରାମରେ ପହଞ୍ଚି ପରିବାରକୁ ସାନ୍ତ୍ୱନା ପ୍ରଦାନ କରିଛନ୍ତି । ଏପରି ଅଧୈର୍ଯ୍ୟ ନ ହୋଇ ଧୈର୍ଯ୍ୟର ସହକାରେ ମୁକାବିଲା କରିବାକୁ କହିଛନ୍ତି । ଗ୍ରାମର ଅନେକ ବ୍ୟକ୍ତି ପୂର୍ବତନ ମନ୍ତ୍ରୀଙ୍କୁ ଘଟଣା ସଂପର୍କରେ କହିଥିବା ବେଳେ ପୂର୍ବତନ ମନ୍ତ୍ରୀ ସାନ୍ତ୍ୱନା ଦେଇଛନ୍ତି ।

# ବିଦ୍ୟାର୍ଥୀଙ୍କ ସଫଳତା ପାଇଁ ଶିକ୍ଷାଦାନ



ବୋଲଗଡ଼(ଭାସ୍କର ନ୍ୟୁଜ): ବୋଲଗଡ଼ ଗୋଷ୍ଠୀ ଶିକ୍ଷାଧିକାରୀ ଗୋକୁଳ ଚନ୍ଦ୍ର ବଳବନ୍ତରାୟଙ୍କ ପ୍ରସ୍ତାବ ଅନୁଯାୟୀ ସମ୍ପୃକ୍ତ ବ୍ଲକ ଅନ୍ତର୍ଗତ ୨୮ଟି ମାଧ୍ୟମିକ ବିଦ୍ୟାଳୟକୁ ବୋଲଗଡ଼, ବାଂକୋଇ ଓ ପିଟୁକୁଳି ଜୋନରେ ବିଭକ୍ତ କରାଯାଇଛି । ମଙ୍ଗଳବାର ଦିନ ଆସନ୍ତା ମେଟ୍ରିକ ପରୀକ୍ଷାରେ ଏ୧ଗ୍ରେଡ ପାଇଁ ଆଶାୟୀ ବିଦ୍ୟାର୍ଥୀମାନଙ୍କୁ ପ୍ରଥମ ଦୁଇଟି ଜୋନର ପିଲାଙ୍କୁ ଯଥାକ୍ରମେ ବାମନ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ପୀତାବାସ ଲେଙ୍କା ଏବଂ ସରକାରୀ ଉଚ୍ଚ ବିଦ୍ୟାଳୟ, ବାଙ୍କୋଇରେ ପ୍ରଧାନ ଶିକ୍ଷକ ବଦ୍ଦୁଲ ହାସନ ଖାଁଙ୍କ ତତ୍ତ୍ୱାବଧାନରେ ରିଶୋର୍ସ ପର୍ସନଙ୍କ ଦ୍ୱାରା ଶିକ୍ଷାଦାନ କରାଯାଇଛି । ବୋଲଗଡ଼ ଜୋନର ୩୮ପିଲାଙ୍କୁ ରଘୁନାଥ ମଧୁସୂଦନ ସରକାରୀ ଉଚ୍ଚ ବିଦ୍ୟାଳୟ, ଟାଙ୍ଗୀସାହି ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ସାହୁ ସାହିତ୍ୟ, ସଂପୁରସ୍ଥିତ ଚତୁର୍ଭୁଜ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁ ଇଂରାଜୀ ଏବଂ ପୀତାବାସ ଲେଙ୍କା ଗଣିତ ଶିକ୍ଷାଦାନ କରିଥିଲେ । ବାଂକୋଇ ଜୋନର ୪୪ ଜଣ ବିଦ୍ୟାର୍ଥୀଙ୍କୁ ସରକାରୀ ଉଚ୍ଚ ବିଦ୍ୟାଳୟ, ବାଂକୋଇର ଶିକ୍ଷୟିତ୍ରୀ ନୀଳିମାରାଣୀ ସେଠୀ ସାହିତ୍ୟ, ଶିକ୍ଷକ ଶୁଭେନ୍ଦୁ କୁମାର ସ୍ୱାଇଁ ଗଣିତ ଏବଂ ସରକାରୀ ଉଚ୍ଚ ବିଦ୍ୟାଳୟ, ସାଗରଗୁଆଁର ଶିକ୍ଷକ ରସାନନ୍ଦ ପାତ୍ର ଇଂରାଜୀ ପଢ଼ାଇଥିଲେ ।

# କଟକ ଜିଲ୍ଲା ବିଜେପିର ସମୀକ୍ଷା ବୈଠକ




ବରଙ୍ଗ(ଭାସ୍କର ନ୍ୟୁଜ): ବୁଧବାର ଅପରାହ୍ନ ରେ ବିଜେପି ସଂଗଠନ ପର୍ବ ୨୦୨୪ ଅବସରରେ ବାରଙ୍ଗସ୍ଥ ମଧୁବନ କାର୍ଯ୍ୟାଳୟରେ କଟକ ଜିଲ୍ଲା ବିଜେପିର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଭାପତି ରାମ ନାରାୟଣ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲା ତଥା ରାଜ୍ୟ କାର୍ଯ୍ୟକର୍ତ୍ତା ଏବଂ ସାଙ୍ଗଠନିକ ନିର୍ବାଚନ ପର୍ବରେ ଦାୟିତ୍ୱ ନିର୍ବାହ କରୁଥିବା ଦଳୀୟ ପଦାଧିକାରୀ ଯୋଗଦେଇ ଆଗାମୀ ଦିନରେ ଦଳକୁ ତୃଣମୂଳ ସ୍ତରରେ ଅଧିକ ସୁଦୃଢ଼ କରିବା ସଂଗେ ସଙ୍ଗେ ସାଧାରଣ ଜନତାଙ୍କ ସମସ୍ୟାକୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ସମାଧାନ କରିବାକୁ ପ୍ରାଥମିକତା ଦେବାକୁ, ସମସ୍ତଙ୍କୁ ଅନୁରୋଧ କରିଥିଲେ । ଏହି ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକରେ ନିଆଳି, କଟକ ସଦର, ବାଙ୍କୀ, ବାରବାଟୀ କଟକ, ଚୌଦ୍ୱାର କଟକ, ସାଲେପୁର, ଆଠଗଡ ଓ ବଡମ୍ବା ନିର୍ବାଚନ ମଣ୍ଡଳୀର ଦଳୀୟ କର୍ମକର୍ତ୍ତା ଆଲୋଚନାରେ ଭାଗ ନେଇଥିଲେ । ନିଆଳି ବିଧାୟକ ଛବି ମଲିକ, କାର୍ଯ୍ୟକର୍ତ୍ତା ସୁକାନ୍ତ ବିଶ୍ୱାଳ, ସୁଦୀପ୍ତ ରାୟ, ବଜେନ୍ଦ୍ର ରାୟ, ସତ୍ୟବାଦୀ ଚଇନି ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ବାଙ୍କୀ ବିଧାୟକ ପ୍ରାର୍ଥୀ ତଥା ଜିଲ୍ଲାପରିଷଦ ସଭ୍ୟ ତୁଷାରକାନ୍ତ ଚକ୍ରବର୍ତ୍ତୀ ଆୟୋଜନ କରିଥିଲେ । ଏଥିରେ ଭୂପତି ଭୂଷଣ ପାଣି, ଦିପକ ସ୍ୱାଇଁ, ମଳୟ ଦାସ, ସୁନୀଲ ସ୍ୱାଇଁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

# ସମବାୟ ସମିତି କର୍ମଚାରୀ ସଂଘର ଧାରଣା



ଛତ୍ରପୁର(ଭାସ୍କର ନ୍ୟୁଜ): ପ୍ରାଥମିକ କୃଷି ସମବାୟ ସମିତି କର୍ମଚାରୀ ସଂଘ ପକ୍ଷରୁ ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଆସିକା କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ବିଭିନ୍ନ ସମସ୍ୟା ସମାଧାନ କରୁନଥିବାରୁ ଏହି ଆନ୍ଦୋଳନ ଆରମ୍ଭ ହୋଇଛି । ଦାବି ପୂରଣ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି ସଂଘ ପକ୍ଷରୁ କୁହାଯାଇଛି । କୃଷି ଋଣ ଲଗାଣ ମାଧ୍ୟମରେ କୃଷି ତଥା କୃଷକଙ୍କ ଆୟରେ ଅଭିବୃଦ୍ଧି ସକାଶେ କୃଷି ସମବାୟ ସମିତି ଏକ ମାତ୍ର ବିକଳ୍ପ । ଏହି ଗୁରୁଦାୟିତ୍ୱ ଠିକ ଭାବରେ ନିର୍ବାହ କରିବା ପାଇଁ ସମିତିରେ ଏମାନଙ୍କୁ ନିଯୁକ୍ତି କରାଯାଇଛି । କେନ୍ଦ୍ର ସମବାୟ ବ୍ୟାଙ୍କ ଓ ସମିତି କୃଷକଙ୍କୁ ତତ୍କାଳ ସୁଧ ରିହାତି ତଥା ବିନା ସୁଧରେ ଋଣ ପ୍ରଦାନ ବେଳେ ଆସିକା କେନ୍ଦ୍ର ସମବାୟ ବ୍ୟାଙ୍କ ସମିତିରୁ ସୁଧ ଶୋଷଣ କରୁଥିବା ଅଭିଯୋଗ ହୋଇଛି । ସମିତିର ପ୍ରାପ୍ୟଗୁଡିକ ପ୍ରଦାନରେ ଅହେତୁକ ବିଳମ୍ବ ବ୍ୟାଙ୍କ ପକ୍ଷରୁ କରାଯାଉଛି । ଏପରିକି କର୍ମଚାରୀଙ୍କ ଦରମା ପ୍ରଦାନରେ ମଧ୍ୟ ବ୍ୟାଙ୍କ ବାଧକ ସାଜୁଛି । ୨୩ରୁ ଧାନ କିଣା ପ୍ରକ୍ରିୟା ଆରମ୍ଭ ହେବ । କର୍ମଚାରୀ ସଂଘ ସଭାପତି ଶିବରାମ ମହାଙ୍କୁଡ, କାର୍ଯ୍ୟକାରୀ ସଭାପତି ଅଶୋକ କୁମାର ସ୍ୱାଇଁ, ସାଧାରଣ ସଂପାଦକ ପ୍ରତାପ ଚନ୍ଦ୍ର ପାତ୍ର, ଯୁଗ୍ମ ସମ୍ପାଦକ କାହ୍ନୁଚରଣ ସ୍ୱାଇଁ, କୋଷାଧ୍ୟକ୍ଷ ଓ ସତ୍ୟନାରାୟଣ ରେଡି, ଅରୁଣ ବେହେଲା, କୃଷ୍ଣଚନ୍ଦ୍ର ଗୌଡ, ସୁଧାଂଶୁ ବିଷୋୟୀ, ସୋମନାଥ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ ।

# ଆରଡେଣ୍ଟ ଷ୍ଟିଲ ପକ୍ଷରୁ ମେଗା ସ୍ୱାସ୍ଥ୍ୟ ଶିବିର




କେନ୍ଦୁଝର(ଭାସ୍କର ନ୍ୟୁଜ): କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ ଅନ୍ତର୍ଗତ ଫୁଲଝରସ୍ଥିତ ଆରଡେଣ୍ଟ ଷ୍ଟିଲ ପ୍ରାଇଭେଟ ଲିଃ ପରିସରରେ କେନ୍ଦୁଝର ସ୍ଥିତ ମା' ତରିଣୀ ସୁପର ସ୍ପେସିଆଲିଷ୍ଟ ହସ୍ପିଟାଲ ସହଯୋଗରେ ବାର୍ଷିକ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଆରଡେଣ୍ଟ ଷ୍ଟିଲର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ଡକ୍ଟର ଶୁଭାଶିଷ ଦାସ ଏହାକୁ ଉଦ୍‌ଘାଟନ କରିଥିଲେ । ଏଥିରେ କେନ୍ଦୁଝର ସ୍ଥିତ ମା' ତରିଣୀ ସୁପର ସ୍ପେସିଆଲିଷ୍ଟ ହସ୍ପିଟାଲର ପରିଚାଳକ ନିର୍ଦ୍ଦେଶକ ଡ଼ ଗଣେଶ୍ୱର ମହାନ୍ତ ଉପସ୍ଥିତ ଥିଲେ । ସ୍ୱାସ୍ଥ୍ୟ ଶିବିରରେ କାରଖାନରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ବାର୍ଷିକ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ଏଥିରେ କେନ୍ଦୁଝରସ୍ଥିତ ମା' ତରିଣୀ ସୁପର ସ୍ପେସିଆଲିଷ୍ଟ ହସ୍ପିଟାଲର ଡାକ୍ତର ମୋନାଲୀ ମହାନ୍ତ, ଡାକ୍ତର ଇପ୍ସିତା ପ୍ରିୟଦର୍ଶନି ସାହୁ ଏବଂ ଭେଷଜ ବିଭାଗର ବରିଷ୍ଠ ଡାକ୍ତର ଶ୍ରୀଜା ଜୋଗାଡିଆଙ୍କ ଦ୍ୱାରା ସମୁଦାୟ ୨୦୦ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ବିଶେଷ କରି ରକ୍ତଚାପ, ଇସିଜି, ମଧୁମେହ, ହିମଗ୍ଲୋବିନ, କ୍ରିଏଟିନିନ, ଶ୍ୱାସ, ରେସପିରୋଟାରୀ, ଅକ୍ସିଜେନ ସ୍ତର ପରୀକ୍ଷା କରାଯାଇଥିଲା । ବିଭିନ୍ନ ରୋଗରୁ ବର୍ତ୍ତିବା ପାଇଁ ଅଧୁନା କ'ଣ କ'ଣ ପଦକ୍ଷେପ ନେବା ଜରୁରି ସେ ସଂପର୍କରେ ଅବଗତ କରାଇଥିଲେ । ମୁଖ୍ୟତଃ ବର୍ଷକୁ ୨ଥର ପ୍ରତ୍ୟେକ ବ୍ୟକ୍ତି ୨ଥର ବ୍ଲଡପ୍ରେସର ଏବଂ ବ୍ଲଡସୁଗାର କରାଇବା ଉଚିତ ବୋଲି ପରାମର୍ଶ ଦେଇଥିଲେ । ନିୟମିତ ବ୍ୟାୟାମ କଲେ ଶରୀର ସୁସ୍ଥ ରହିବ ବୋଲି ପରାମର୍ଶ ଦେଇଥିଲେ । ଏଜିଏମ(ଏଚ୍ଆର) ରଞ୍ଜନ କୁମାର ନାୟକ ଏହି ଶିବିରକୁ ପରିଚାଳନା କରିଥିଲେ । ମେଗା ସ୍ୱାସ୍ଥ୍ୟ ଶିବିରକୁ ପ୍ଲାଣ୍ଟ ହେଡ ଇଂ ସନ୍ତୋଷ କୁମାର ଲେଙ୍କା, ଫାକ୍ଟ୍ରି ମ୍ୟାନେଜର ଦିଲ୍ଲୀପ ପାଣି, ସମସ୍ତ ମାନବ ସମ୍ବଳ କର୍ମଚାରୀ, ସମସ୍ତ ବିଭାଗୀୟ ମୁଖ୍ୟା ଏବଂ ମା' ତାରିଣୀ ସୁପର ସ୍ପେସିଆଲିଷ୍ଟ ହସ୍ପିଟାଲର ପଙ୍କଜ କୁମାର ସାହୁ ସହ ପାରା ମେଡିକାଲ ଷ୍ଟାଫ୍ ପରିଚାଳନାରେ ସହଯୋଗ କରିଥିଲେ । ଏହି ସ୍ୱାସ୍ଥ୍ୟ ଶିବିର ଗତ ୧୭ରୁ ୧୮ ଦୁଇ ଦିନ ଧରି ସକାଳ ୯ଘଟିକାଠାରୁ ସନ୍ଧ୍ୟା ୫ଘଟିକା ପର୍ଯ୍ୟନ୍ତ ଚିକିତ୍ସା ଚାଲୁ ରହିଥିଲା ।

### ପରବ-୨୦୨୪ରେ ଆଦିବାସୀ ଐତିହ୍ୟ ପାଳନ କଲା ବେଦାନ୍ତ

# ଆଦିବାସୀ କଳା ସଂସ୍କୃତିର ପ୍ରୋତ୍ସାହନ ପାଇଁ ପ୍ରତିଶ୍ରୁତିବଦ୍ଧ




କୋରାପୁଟ(ଭାସ୍କର ନ୍ୟୁଜ): ଓଡ଼ିଶାର ଆଦିବାସୀ ଅଧ୍ୟୁଷିତ କୋରାପୁଟ ଜିଲ୍ଲାର ସମୃଦ୍ଧ ସାଂସ୍କୃତିକ ପର୍ବ ପରବ-୨୦୨୪କୁ ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ଗର୍ବର ସହ ସମର୍ଥନ କରିଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମେଳାକୁ ଉଦଘାଟନ କରିଥିବା ବେଳେ ଆଦିବାସୀ କଳା, ସଂସ୍କୃତି, ସଙ୍ଗୀତ ଓ ନୃତ୍ୟ ପ୍ରଦର୍ଶନ କରି ଭବ୍ୟ କାର୍ଯ୍ୟକ୍ରମ ହଜାର ହଜାର ଦର୍ଶକଙ୍କୁ ଆକର୍ଷିତ କରିଥିଲା । ମୁଖ୍ୟମନ୍ତ୍ରୀ କେବଳ ଓଡ଼ିଶାର ସମୃଦ୍ଧ ସସ୍କୃତି ଉପରେ ଆଲୋକପାତ କରିନଥିଲେ ବରଂ ଆଦିବାସୀ କଳାକୃତି, ପରମ୍ପରା ଓ ଐତିହ୍ୟ ସମ୍ପର୍କରେ ପର୍ଯ୍ୟଟକଙ୍କୁ ଅବଗତ କରାଇବା ପାଇଁ ପ୍ରଦର୍ଶନୀ ଷ୍ଟଲ୍ ଉନ୍ମୋଚନ କରିଥିଲେ । ଲାଞ୍ଜିଗଡ଼ର ପ୍ରତିଭାବାନ ଆଦିବାସୀ କାରିଗରଙ୍କ ଦ୍ୱାରା ପ୍ରସ୍ତୁତ ସଉରା କଳା ଓ ଡୋକ୍ରା ଉତ୍ପାଦ ସମେତ ଆଦିବାସୀ କଳାକୁ ନେଇ ବେଦାନ୍ତ ପକ୍ଷରୁ ଏକ ଷ୍ଟଲ୍ ଖୋଲାଯାଇଥିଲା । ସ୍ଥାନୀୟ କାରିଗରଙ୍କୁ ସଶକ୍ତ କରିବା ଏବଂ ପାରମ୍ପରିକ ହସ୍ତଶିଳ୍ପର ସଂରକ୍ଷଣ ଉଦ୍ଦେଶ୍ୟରେ କମ୍ପାନୀର ଗୋଷ୍ଠୀ ବିକାଶ ପଦକ୍ଷେପ ମାଧ୍ୟମରେ ବିଲୁପ୍ତ ହେବାକୁ ବସିଥିବା କଳା ପୁନରୁଦ୍ଧାର କରାଯାଇଥିଲା । ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଛନ୍ତି ଯେ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ପ୍ରୋତ୍ସାହିତ କରିବା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ । ପରବ ଭଳି ଉତ୍ସବକୁ ସମର୍ଥନ କରିବା କେବଳ ପାରମ୍ପରିକ କଳାକୁ ପ୍ରୋତ୍ସାହିତ କରେ ନାହିଁ, ବରଂ ସାମୂହିକ ସମ୍ପର୍କକୁ ସୁଦୃଢ଼ କରିଥାଏ ଏବଂ ଆମର ବିବିଧ ସାଂସ୍କୃତିକ ପରମ୍ପରା ପ୍ରତି ଗର୍ବ ବଢ଼ାଇଥାଏ । କୋରାପୁଟ ଜିଲ୍ଲାର ବାସିନ୍ଦା ରାଜୁ ମହାନ୍ତି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ପରବ ହେଉଛି ଏକ ବାର୍ଷିକ ପର୍ବ ଯାହାକୁ ଆମେ ପ୍ରତିବର୍ଷ ଅପେକ୍ଷା କରିଥାଉ । ସ୍ଥାନୀୟ ସାଂସ୍କୃତିକ ପଦକ୍ଷେପକୁ ସମର୍ଥନ କରିବା ଏବଂ ଆମର ସମୃଦ୍ଧ କଳା ଓ ସଂସ୍କୃତିକୁ ବିଶ୍ୱ ସହ ସେୟାର କରିବା ପାଇଁ ସ୍ଥାନୀୟ ସମୁଦାୟକୁ ଉତ୍ସାହିତ କରିଥିବାରୁ ମୁଁ ବେଦାନ୍ତକୁ ଗଭୀର ପ୍ରଶଂସା କରୁଛି । ବେଦାନ୍ତ ଉତ୍ସବ ପାଇଁ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ସହାୟତା ପ୍ରଦାନ କରିଥିଲା, ଯାହା ସ୍ଥାନୀୟ ସମୁଦାୟର ସାମାଜିକ-ଅର୍ଥନୈତିକ ବିକାଶ ଏବଂ ତୃଣମୂଳ ସ୍ତରର କଳା ଓ ସଂସ୍କୃତିର ସଂରକ୍ଷଣ ପ୍ରତି ନିଜର ନିରନ୍ତର ପ୍ରତିବଦ୍ଧତାକୁ ଦୃଢ଼ କରିଥିଲା । ପୂର୍ବରୁ ବେଦାନ୍ତ ଆଲୁମିନିୟମ ସୁନ୍ଦରଗଡ଼ରେ ବିଶ୍ୱର ଦୀର୍ଘତମ ସମ୍ବଲପୁରୀ ଥିଏଟର, କୋରାପୁଟରେ ବିଶ୍ୱ ଆଦିବାସୀ ଦିବସର ସାମୂହିକ ଉତ୍ସବ, ନମଯଜ୍ଞ ଏବଂ ଜାମକାଣୀରେ ବାର୍ଷିକ ରଥଯାତ୍ରା ରେ ବାହୁଡ଼ା ଯାତ୍ରାକୁ ସମର୍ଥନ କରିସାରିଛି । ପୂର୍ବରୁ ଓଡ଼ିଆ ସଂସ୍କୃତିରେ ଅବଦାନ ପାଇଁ କମ୍ପାନୀ ସମ୍ବଲପୁରୀ ଲୋକ କଣ୍ଠଶିଳ୍ପୀ ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ଜିତେନ୍ଦ୍ର ହରିପାଲଙ୍କୁ ମଧ୍ୟ ସମ୍ମାନିତ କରିଥିଲା ।



ବେତନଟୀ,(ଭାସ୍କର ନ୍ୟୁଜ): ସ୍ଥାନୀୟ ରାଗଧା ସ୍ଥିତ ଶ୍ରୀରାମଚନ୍ଦ୍ର ଭଞ୍ଜ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳନ ହେବା ସଙ୍ଗେ ଶ୍ରୀରାମ ଚନ୍ଦ୍ର ଭଞ୍ଜଙ୍କ ୧୫୪ ତମ ଜନ୍ମ ଜୟନ୍ତୀ ପାଳନ ହୋଇଯାଇଛି । ଏହି ଅବସରରେ ଅଧକ୍ଷ ଅନନ୍ତ ନାରାୟଣ ମିଶ୍ରଙ୍କ ଅଧକ୍ଷତାରେ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ବିଦ୍ୟାଳୟ ପରିଚାଳନା କମିଟିର ପୂର୍ବତନ ସମ୍ପାଦକ ସୁକାନ୍ତ କୁମାର ମହାନ୍ତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ ବିଜେପିର ରାଜ୍ୟ ପ୍ରବକ୍ତା ତଥା ବିଶିଷ୍ଟ ସାହିତ୍ୟିକ ଓ ସ୍ତମ୍ଭକାର କବି ବିଷ୍ଣୁ ଶତପଥୀ। ସେହିପରି ଅନ୍ୟତମ ଅତିଥି ଭାବେ +୩ ର ପ୍ରତିଷ୍ଠାତା ସମ୍ପାଦକ ଆକୁଳ ଚନ୍ଦ୍ର ମହାନ୍ତ ଓ ବୁଢିଖମାରି ଷ୍ଟେଟବ୍ୟାଙ୍କର ମ୍ୟାନେଜର ମାନସ ରଞ୍ଜନ ନାୟକ ଯୋଗଦାନ କରିଥିଲେ। ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଡକ୍ଟର ହାଡିବନ୍ଧୁ ବେହେରା, ବେଦପାଠ କରିଥିଲେ ଅଧ୍ୟାପକ ନବ କିଶୋର ବେହେରା ଓ ଧନ୍ୟବାଦ୍ ଅର୍ପଣ କରିଥିଲେ ଅଧ୍ୟାପକ ଦୀପ୍ତି ପ୍ରକାଶ ମହାନ୍ତ । ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ ଅଧ୍ୟାପକ ଶତ୍ରୁଘ୍ନ ମହାନ୍ତ ଅଧ୍ୟାପିକା ତନୁଶ୍ରୀ ସେନାପତି, ଲିଲିରାନୀ ନାୟକ, ଶିପ୍ରା ମଡୁଆଳ ଓ ରେଣୁବାଳା ମହାନ୍ତ। କାର୍ଯ୍ୟକ୍ରମରେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ ଛାତ୍ରୀ ତ୍ରିଶା ପ୍ରିୟଦର୍ଶିନୀ, ରଶ୍ମିରେଖା, ବିଦ୍ୟାବିନିତା, ସମୀରା, ଭୂମିକା ଓ ସସ୍ମିତା।



'ଓଡ଼ିଶା ଭାସ୍କର'ର ମହାପ୍ରଭାବ

# ଖବର ପ୍ରସାରଣ ପରେ ଚେତିଲା ପ୍ରଶାସନ

ଚମ୍ପୁଆ, (ଭାସ୍କର ନ୍ୟୁଜ): ନିର୍ମାଣାଧିନ ସରକାରୀ କୋଠା ଘରେ ଲାଗିଲା ସୂଚନା ଫଳକ। ଖବର ପ୍ରସାରଣ ପରେ ଚେତିଲା ପ୍ରଶାସନ। ନିର୍ମାଣାଧିନ କୋଠାରେ ଲାଗିଲା ସୂଚନା ଫଳକ। ସରକାରୀ ନିୟମ ଅନୁସାରେ ସରକାରଙ୍କ ପାଣ୍ଠି ବିନିଯୋଗରେ ନିର୍ମାଣ କରାଯାଉଥିବା ଯେକୌଣସି ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବା ପୂର୍ବରୁ ସେହି କାର୍ଯ୍ୟ ସମ୍ବନ୍ଧରେ ଜନସାଧାରଣଙ୍କ ଅବଗତି ନିମନ୍ତେ ଏକ ସୂଚନା ଫଳକ ଲଗାଯିବାର ନିର୍ଦ୍ଦେଶ ରହିଛି। ଚମ୍ପୁଆ ବ୍ଲକ୍ ଅଞ୍ଚଳରେ ସରକାରଙ୍କ ଉକ୍ତ ନିୟମକୁ ଜଳାଞ୍ଜଳି ଦେଇ ବିନା ସୂଚନା ଫଳକରେ ଅନେକ କାର୍ଯ୍ୟ ସମ୍ପାଦନ ହେଉଥିବା ଦେଖାଯାଉଥିବା ବେଳେ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସର ମଧ୍ୟରେ ଦେଖାଯାଇଥିଲା ସରକାରୀ ନିୟମର ଖୋଲାଖୋଲି ଉଲ୍ଲଂଘନ। କୌଣସି ସରକାରୀ



ଅନୁଦାନ ପ୍ରାପ୍ତ ରାସ୍ତାଘାଟ, କୋଠା ବାଡି ବା ଅନ୍ୟ କୌଣସି ପ୍ରକଳ୍ପର ନିର୍ମାଣକାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ସେହି କାର୍ଯ୍ୟ ସମ୍ବନ୍ଧରେ ସବିଶେଷ ବିବରଣୀ ସହିତ ସୂଚନା ଫଳକ ଲଗାଯିବା ପରେ କାର୍ଯ୍ୟ ଆରମ୍ଭ କରାଯିବା ନେଇ ନିୟମ ରହିଛି। ଉକ୍ତ ସୂଚନା ଫଳକରେ କେଉଁ ସରକାରୀ ପାଣ୍ଠିର କେଉଁ ଆର୍ଥିକ ବର୍ଷର କେତେ ଟଙ୍କା ଆର୍ଥିକ ଅନୁଦାନରେ ଉକ୍ତ କାର୍ଯ୍ୟ କରାଯାଉଛି, କେଉଁ ବିଭାଗ ଦ୍ୱାରା ଉକ୍ତ କାର୍ଯ୍ୟ ସମ୍ପାଦନ କରାଯାଉଛି ଏବଂ କାର୍ଯ୍ୟ କାହା ଦ୍ୱାରା କରାଯାଉଛି ତାହା ଉଲ୍ଲେଖ କରିବା ନିୟମ ରହିଛି। କିନ୍ତୁ, ଉକ୍ତ ସରକାରୀ ନିୟମକୁ ଉଲ୍ଲଂଘନ କରି ଚମ୍ପୁଆ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସର ମଧ୍ୟରେ ଚମ୍ପୁଆ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟ ପାର୍ଶ୍ୱରେ ନିର୍ମାଣ କରାଯାଉଥିବା କୋଠା ଘରେ ସୂଚନା ଫଳକ ଦିଆଯାଇ ନ ଥିବା ଦେଖିବାକୁ ମିଳିଥିଲା। ଏହି ଖବର ଓଡ଼ିଶା ଭାସ୍କର ଖବର କାଗଜରେ ପ୍ରକାଶିତ ହେବା ପରେ ଚମ୍ପୁଆ ପ୍ରଶାସନର ଚେତା ପଶିଛି।ଚମ୍ପୁଆ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ନିର୍ମାଣ କରାଯାଉଥିବା କୋଠାଘରଟି ୫ମ ରାଜ୍ୟ ଅର୍ଥ କମିଶନର ୨୦୨୪-୨୫ ଆର୍ଥିକ ବର୍ଷର ୨୧,୮୯,୮୬୫ ଟଙ୍କା ଆର୍ଥିକ ଅନୁଦାନରେ ଗୋଷ୍ଠୀ ଉନ୍ନୟନ ବିଭାଗ ଚମ୍ପୁଆଙ୍କ ଦ୍ୱାରା ନିର୍ମାଣ କରାଯାଉଥିବା ବେଳେ କୋଠା ଘର ନିର୍ମାଣ ଦାୟିତ୍ୱ ଠିକାଦାର ଅମିତ କୁମାର ପଣ୍ଡାଙ୍କୁ ଦିଆଯାଇଥିବା ନେଇ ସୂଚନା ଫଳକ ଲଗାଯାଇଛି।

## ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକଙ୍କ କୋରାପୁଟ ଗସ୍ତ

କୋରାପୁଟ, (ଭାସ୍କର ନ୍ୟୁଜ) ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ରବି ନାରାୟଣ ବେହେରା କୋରାପୁଟ ଓ ମାଲକାନଗିରି ଜିଲ୍ଲା ଗସ୍ତ କରି ବିଭାଗୀୟ କାର୍ଯ୍ୟାଳୟ ସମୀକ୍ଷା ବୈଠକରେ ଯୋଗ ଦେଇଛନ୍ତି । କାର୍ଯ୍ୟାଳୟ ଅଧିକାରୀ ସ୍ୱରାଜ ଶିସା, ସମସ୍ତ କର୍ମଚାରୀ ଓ କେତେକ ଗଣମାଧ୍ୟମ ପ୍ରତିନିଧି ତାଙ୍କୁ ସ୍ୱାଗତ ଜଣାଇଥିଲେ । କର୍ମଚାରୀଙ୍କର ଥିବା ବିଭିନ୍ନ ସମସ୍ୟା, ପେନ୍‌ସନ୍, ଆର୍‌ଏସିପି, ପଦୋନ୍ନତି ଆଦି ସମସ୍ୟା ନେଇ ଆଲୋଚନା କରିଥିଲେ । ତୁରନ୍ତ ଏହାର ସମାଧାନ କରିବା ନେଇ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଉପନିର୍ଦ୍ଦେଶକ ବେହେରା କହିଥିଲେ । ଏହି ଅବସରରେ ସନ୍ତୋଷ କୁମାର ସେଠୀ, ଅଲିଭା ବେହେରା, ସତ୍ୟ ପ୍ରଧାନ ଏବଂ ସୁବାସିନୀ କରସୁଧା ପଟ୍ଟନାୟକଙ୍କ ସହ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।

# ପାଣି ପଞ୍ଚାୟତ ପକ୍ଷ ପାଳନ ପାଇଁ ପ୍ରସ୍ତୁତି ବୈଠକ



ଜଗତସିଂହପୁର, (ଭାସ୍କର ନ୍ୟୁଜ): ବୁଧବାର ଅପରାହ୍ନରେ ଜଗତସିଂହପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ସଭାଗୃହ ଠାରେ ଜଳ ସମ୍ପଦ ବିଭାଗ ଆନୁକୁଲ୍ୟରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସମ୍ବିତ କୁମାର ରାଉତଙ୍କ ଅଧକ୍ଷତାରେ ପାଣି ପଞ୍ଚାୟତ ପକ୍ଷ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଆୟୋଜିତ କରାଯାଇଥିଲା। ଆସନ୍ତା ୨୨ ଡିସେମ୍ବର ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ପଡ଼ିଆରେ ଜଗତସିଂହପୁରର ମାନ୍ୟବର ବିଧାୟକ ଶ୍ରୀ ଅମରେନ୍ଦ୍ର ଦାସ ଏବଂ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସମ୍ବିତ କୁମାର ରାଉତଙ୍କ ଦ୍ୱାରା ପାଣି ପଞ୍ଚାୟତ ରଥର ଶୁଭ ଉଦଘାଟନ ସମ୍ବନ୍ଧରେ ସୂଚନା ଦିଆଯାଇଥିଲା। ଜିଲ୍ଲାରେ ଅଧିକରୁ ଅଧିକ ଲୋକ ଚାଷ ଉପରେ ନିର୍ଭର କରନ୍ତି। ଜଗତସିଂହପୁର ଜିଲ୍ଲାରେ ମେନ୍ କେନାଲ ତାଳଦଣ୍ଡା, ମାଛଗାଁ, ଡିସଟ୍ରିବ୍ୟୁଟରି, ମାଇନର, ସବ ମାଇନର କେନାଲ ରହିଛି। ଏହି ସଚେତନତା ବାର୍ତ୍ତାରେ ସୁସଜ୍ଜିତ ରଥ ପାଣି ପଞ୍ଚାୟତର ବାର୍ତ୍ତା ଓ ଚାଷୀ ପଞ୍ଜୀକରଣର ବାର୍ତ୍ତା ବହନ କରି ଜିଲ୍ଲାର ସମସ୍ତ ସେଚାଞ୍ଚଳ ୪ଦିନ ବ୍ୟାପୀ ପରିଭ୍ରମଣ କରିବ। ଏହି ପାଣି ପଞ୍ଚାୟତ ପକ୍ଷର ଉଦଯାପନୀ ଉତ୍ସବ ୨୯ ଡିସେମ୍ବରରେ ଜଳସେଚନ ବିଭାଗ ପରିସର ମଧ୍ୟରେ ଆୟୋଜିତ କରାଯିବ। କୃଷି, ପଶୁପାଳନ, ପଶୁ ଚିକିତ୍ସା, ଜଙ୍ଗଲ, ମୃତ୍ତିକା ସଂରକ୍ଷଣ, ରାଷ୍ଟ୍ରୀୟ କୃଷି ଏବଂ ଗ୍ରାମୀଣ ଉନ୍ନୟନ ବ୍ୟାଙ୍କ (ନାବାର୍ଡ), କେନ୍ଦ୍ର କୃଷି ବିଜ୍ଞାନ କେନ୍ଦ୍ର, ନିମକଣା, ଓଡ଼ିଶା କୃଷି ଶିଳ୍ପ ନିଗମ, ମତ୍ସ୍ୟ, ଉଦ୍ୟାନ, ସେଚାଞ୍ଚଳ ଉନ୍ନୟନ ବିଭାଗ, ଉଠା ଜଳସେଚନ, ଗବେଷଣାତ୍ମକ ଅନୁଷ୍ଠାନମାନଙ୍କ ଦ୍ୱାରା ପାଣି ପଞ୍ଚାୟତ ସମ୍ବନ୍ଧୀୟ ସମସ୍ତ କାର୍ଯ୍ୟକଳାପର ପ୍ରଦର୍ଶନୀ ଆୟୋଜିତ ହେବାର ସୂଚନା ମିଳିଛି। ଏହି ଅବସରରେ ଜିଲ୍ଲାର ସମସ୍ତ ବିଦ୍ୟାଳୟର ଅଷ୍ଟମ, ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା, ଚିତ୍ରାଙ୍କନ, ପ୍ରବନ୍ଧ ଓ କୁଇଜ୍ ପ୍ରତିଯୋଗିତା ବିଭାଜନ ସ୍ତରୀୟ ଓ ଜିଲ୍ଲା ସ୍ତରରେ ଆୟୋଜିତ ହୋଇ ପ୍ରତି ବିଭାଗରେ ୧ମ, ୨ୟ, ୩ୟ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ କରାଯିବାର ସୂଚନା ରହିଛି। ବୁଧବାର ଆୟୋଜିତ ପ୍ରସ୍ତୁତି ବୈଠକରେ ଅଧିକ୍ଷଣ ଯନ୍ତ୍ରୀ, ଜଳସେଚନ ବିଭାଗ, ପ୍ରାରମ୍ଭିକ ବକ୍ତବ୍ୟ ରଖିଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ତାଳଦଣ୍ଡା ସେଚାଞ୍ଚଳ ଓ ମାଛଗାଁ ସେଚାଞ୍ଚଳର ସଭପତି, ସମ୍ପାଦକ, କୋଷାଧକ୍ଷ, ଜିଲ୍ଲା ସ୍ତରୀୟ ଅଧିକାରୀ ମୁଖ୍ୟ ସେଚାଞ୍ଚଳ ଉନ୍ନୟନ ଅଧିକାରୀ, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଏବଂ ପାଣି ପଞ୍ଚାୟତର କର୍ମକର୍ତ୍ତାମାନ ଯୋଗ ଦେଇଥିଲେ।

# ବେଆଇନ ବାଲି ଉଠାଣ ଜେସିବି ଜବତ

ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ): ପୁରୀ ଜିଲ୍ଲା ଅସ୍ତରଙ୍ଗ ତହସିଲ ଅନ୍ତର୍ଗତ ରାଜସ୍ୱ ସର୍କଲ ତାଳଦା ପଞ୍ଚାୟତ ଦେବୀ ନଦୀ ପାର୍ଶ୍ୱବର୍ତ୍ତି ଘାଟରୁ ବେଆଇନ ଭାବେ ବାଲି ଉତ୍ତୋଳନ କରାଯାଉଛି । ପ୍ରତିଦିନ ଶହ ଶହ ଟ୍ରକ୍ ଓ ଟ୍ରାକ୍ଟର ଯୋଗେ ବାଲି ଚୋରା ଚାଲାଣ କରି ମାଫିଆମାନେ ମାଲାମାଲ୍ ହେଉଛନ୍ତି । ଏହି ବେଆଇନ ବାଲି ପରିବହନ ପାଇଁ ରାସ୍ତାଘାଟ ନଷ୍ଟ ହେଉଥିବା ବେଳେ ରାଜକୋଷକୁ ଗୋଟିଏ ଟଙ୍କାର ରାଜସ୍ୱ ଯାଉନାହିଁ । ଯାହା ସୂଚନା ମିଳିଛି ବାଲି ଉଠାଣ ସ୍ଥାନଟି ନିଲାମ ଦିଆଯାଇନଥିବା ବେଳେ କିଛି କୁଜି ନେତା ଓ ବାଲି ମାଫିଆମାନେ ରାତିଦିନ ବେଆଇନ ଭାବରେ ବାଲି ଚୋରା ଚାଲାଣ କରୁଛନ୍ତି । ନିଲାମ ହୋଇ ନଥିବାରୁ ବିନା ଆର ଫର୍ମରେ ବାଲି ଚାଲାଣ ହେଉଥିଲେ ମଧ ଖଣିଜ ବିଭାଗ ଓ ରାଜସ୍ୱ ବିଭାଗ ଆଖି ବୁଝି ଦେଇଛି । କେବଳ ସେତିକି ନୁହେଁ ବାଲି ବୋଝେଇ ଗାଡି ଚଳାଚଳ ଫଳରେ ନିକଟସ୍ଥ ଗାଁଗୁଡିକ ରାସ୍ତା ବିପର୍ଯ୍ୟସ୍ତ ହୋଇପଡିଛି । ବେଆଇନ ବାଲିଘାଟରେ ଚାନ୍ଦା ଆଦାୟ ହେଉଛି ବୋଲି ସ୍ଥାନୀୟ ଲୋକ ଅଭିଯୋଗ କରୁଛନ୍ତି । ଏହା ପ୍ରତ୍ୟେକ ଦିନ ରାତି ଓ ଦ୍ୱିପ୍ରହରରେ ଖୋଲାଖୋଲି ଭାବରେ ଚାଲିଥିଲେ ମଧ ପୋଲିସ ପ୍ରଶାସନ, ଖଣିଜ ବିଭାଗ ଓ ରାଜ୍ୱଶ ବିଭାଗ ଏଥିପ୍ରତି ନିରବ । ମଙ୍ଗଳବାର ରାତ୍ରରେ ବେଆଇନ ବାଲି ଚୋରା ଚାଲାଣ ଖବର ପାଇଁ ଅସ୍ତରଙ୍ଗ ଥାନା ପୋଲିସ ପହଞ୍ଚି ଏକ ଜେସିବି (ଓଡ଼ି ୩୩ ଏ ଜେ ୪୨୯୯) ଜବତ କରି ବିଳମ୍ବିତ ରାତ୍ରରେ ଅସ୍ତରଙ୍ଗ ଥାନାରେ ଜବତ ରଖିଛି । ଏଠାରୁ ବାଲି ଉଠାଣ କରୁଥିବା ଲୋକଙ୍କ ସହ କିଛି କୁଜିନେତାଙ୍କ ସମ୍ପର୍କ ଥିବାରୁ ପୋଲିସ, ଖଣିଜ ବିଭାଗ ଓ ରାଜସ୍ୱ ବିଭାଗ କାର୍ଯ୍ୟାନୁଷ୍ଠାନ ପାଇଁ ସାହସ କରୁନଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି।



# କୃଷି ବିଜ୍ଞାନ କେନ୍ଦ୍ରର ଉପଦେଷ୍ଟା ମଣ୍ଡଳୀ ବୈଠକ

ବ୍ରହ୍ମପୁର, (ଭାସ୍କର ନ୍ୟୁଜ): କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମ-୨ ର ଚତୁର୍ଦ୍ଦଶ ଉପଦେଷ୍ଟା ମଣ୍ଡଳୀ ବୈଠକ ମଙ୍ଗଳବାର ଗୋଳନ୍ଥରା ସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷା ସମ୍ପ୍ରସାରଣ ନିର୍ଦ୍ଦେଶାଳୟ (ଓୟୁଏଟି)ର ସମ୍ପ୍ରସାରଣ ଡିନ୍ ପ୍ରାଧ୍ୟାପକ ପ୍ରସନ୍ନଜିତ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ ଡକ୍ଟର ସୁଜିତ୍ କୁମାର ନାଥ ଚଳିତବର୍ଷ କେନ୍ଦ୍ରର ସମ୍ପର୍ଣ୍ଣ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମ ଏବଂ ଆସନ୍ତାବର୍ଷର କାର୍ଯ୍ୟଖସଡା ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଏହି ବୈଠକଟିକୁ ସମ୍ପ୍ରସାରଣ ଯୁଗ୍ମ-ନିର୍ଦ୍ଦେଶକ ଡକ୍ଟର ପ୍ରଶାନ୍ତ କୁମାର ମହାନ୍ତି ପରିଚାଳନା କରିଥିଲେ। କଲିକତା ଅଟାରୀର ମୁଖ୍ୟ ବୈଜ୍ଞାନିକ ଡକ୍ଟର ଅଭିଜିତ ହାଲ୍‌ଦାର ଓ ଭୁବନେଶ୍ୱରର ଡକ୍ଟର ଶ୍ରୀନିବାସନ ଆଭାସି ମାଧ୍ୟମରେ ବୈଠକରେ ଯୋଗଦେଇ ଉପସ୍ଥିତ ଅନ୍ୟମାନଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ।




କାର୍ଯ୍ୟକ୍ରମରେ ଅନ୍ୟାନ୍ୟ ଅତିଥିମାନଙ୍କ ମଧ୍ୟରେ ପ୍ରଫେସର ମତ୍ସ୍ୟ ବିଜ୍ଞାନ ମହାବିଦ୍ୟାଳୟର ଡିନ୍ ପ୍ରଫେସର ସନ୍ତୋଷ ଉଦଗାତା, ଓୟୁଏଟି ପୁଷ୍ଟି ଶସ୍ୟ ଗବେଷଣା କେନ୍ଦ୍ରର ମୁଖ୍ୟ ପବିତ୍ର ମୋହନ ମହାପାତ୍ର, ଆଞ୍ଚଳିକ ଗବେଷଣା କେନ୍ଦ୍ର, ଫୁଲବାଣୀର ବରିଷ୍ଠ ବୈଜ୍ଞାନିକ ଡକ୍ଟର ଦେବେନ୍ଦ୍ର କୁମାର ଦେବତା ପ୍ରମୁଖ ଯୋଗଦେଇ କେନ୍ଦ୍ରର କାର୍ଯ୍ୟାବଳୀ ଉପରେ ମତ ରଖିଥିଲେ। ରଙ୍ଗେଇଲୁଣ୍ଡା ବ୍ଲକର ଅଗ୍ରଣୀ ଯୁବ ଚାଷୀ ହେମାନନ୍ଦ ଦାସ, ଚିକିଟି ବ୍ଲକ୍‌ର ପିଣ୍ଟୁ ପ୍ରଧାନ, ଜି. ଛାୟା, କୁକୁଡ଼ାଖଣ୍ଡି ବ୍ଲକ୍‌ର ମାନସ ଜେନା, ହିଞ୍ଜିଳି ବ୍ଲକ୍‌ର କାଳୁ ଦଳାଇ, ଝୁମର୍ ଦଳାଇ ଆଲୋଚନାରେ ଅଂଶଗ୍ରହଣ କରି ଚାଷୀମାନଙ୍କ ସମସ୍ୟା ଉପରେ ମତ ରଖିଥିଲେ ଓ ଜିଲା ମୁଖ୍ୟ କୃଷି ଅଧିକାରୀ ରବି ନାରାୟଣ ପଣ୍ଡା, ଜଳ ଛାୟା ପ୍ରକଳ୍ପର ନିର୍ଦ୍ଦେଶକ ପ୍ରଦୀପ କୁମାର ପଟ୍ଟନାୟକ, ଜିଲ୍ଲା ମତ୍ସ୍ୟ ଅଧିକାରୀ ନିମାଇଁ ଚରଣ ବସ୍ତିଆ, ଉଦ୍ୟାନ ସହକାରୀ ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ପଣ୍ଡା, ପ୍ରାଣୀ ଚିକିତ୍ସା ଅଧିକାରୀ ପ୍ରସନ୍ନ କୁମାର ଦାସ, ନାବାର୍ଡ ଅଧିକାରୀ ସଞ୍ଜୀବ ମିଶ୍ର, ଆକାଶବାଣୀ ବ୍ରହ୍ମପୁରର ନିର୍ଦ୍ଦେଶିକା ଅମିତା ଦାସ, କୃଷି ବିଜ୍ଞାନ କେନ୍ଦ୍ର ଭଞ୍ଜନଗର ଓ ଗଜପତିର ବରିଷ୍ଠ ବୈଜ୍ଞାନିକ ଡକ୍ଟର ସୂତନୁ ଶତପଥୀ ଓ ଡକ୍ଟର ସଂଗ୍ରାମ ପରମଗୁରୁ, ଜିଲ୍ଲା ଶିଳ୍ପକେନ୍ଦ୍ରର ମ୍ୟାନେଜର ହୃଷୀକେଶ ବେହେରା, ଭିଉଜ୍ ଏନ୍‌ଜିଓର କର୍ମକର୍ତ୍ତା ଓ ଉଜ୍ଜଳେଶ୍ୱର କୃଷକ ଉତ୍ପାଦକ ସଂଘର ଆଶିଷ କୁମାର ପ୍ରଧାନ, ଇଫକୋର ସୌଭାଗ୍ୟ ପ୍ରଧାନ ପ୍ରମୁଖ ଯୋଗଦେଇ ଚାଷୀ ଓ ଚାଷର ଉନ୍ନତି ପାଇଁ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡକ୍ଟର ଦେବାଶିଷ ଷଡ଼ଙ୍ଗୀ, ସନ୍ଦୀପ ମାହାନ୍ତି, ଡକ୍ଟର ସିଦ୍ଧାର୍ଥ ଶଙ୍କର ଦାସ, ସସ୍ମିତା ପ୍ରିୟଦର୍ଶିନୀ, ରବି ନାରାୟଣ ମିଶ୍ର ନିଜ ନିଜ ବିଭାଗର କାର୍ଯ୍ୟାବଳୀ ଓ କାର୍ଯ୍ୟ ଖସଡା ଉପରେ ଆଲୋଚନା କରିଥିଲେ। ଇତ୍ୟବସରରେ କେନ୍ଦ୍ର ତରଫରୁ ନୂତନ କରି ବିକାଶ କରାଯାଇଥିବା ମୋବାଇଲ୍ ଆପ୍ କ୍ଷାର ପାଣିରେ କଙ୍କଡା ଚାଷ, କୃଷି ପତ୍ରିକା କିଆ ଫୁଲ ଏବଂ ଆମ୍ବ ଚାଷୀମାନଙ୍କ ଉଦ୍ଦେଶ୍ୟରେ ଏକ ପୁସ୍ତକ ଉନ୍ମୋଚିତ କରାଯାଇଥିଲା। ପରିଶେଷରେ ଉପସ୍ଥିତ ସଦସ୍ୟ ଗଣ କେନ୍ଦ୍ରର ବିଭିନ୍ନ ପ୍ରଦର୍ଶନୀ କ୍ଷେତ୍ରମାନ ବୁଲି ଦେଖିବା ସହିତ, ନୂତନ ରଙ୍ଗିନ ମାଛ ପ୍ରଦର୍ଶନ କ୍ଷେତ୍ର ଏବଂ ବୁନ୍ଦା ଜଳସେଚନ ପଦ୍ଧତି କ୍ଷେତ୍ର ଉଦ୍‌ଘାଟନ କରିଥିଲେ।

## ହୃଦ୍‌ଘାତରେ ଶିକ୍ଷକଙ୍କ ପରଲୋକ

ଫୁଲନଖରା, (ଭାସ୍କର ନ୍ୟୁଜ) : ବାରଙ୍ଗ ବ୍ଲକ୍ ଅନ୍ତର୍ଗତ ବଡ଼ଝରିଲୋ ଗ୍ରାମର ତଥା ଗଙ୍ଗେଶ୍ୱର ଉପ୍ରାବିଦ୍ୟାଳୟର ପୂର୍ବତନ ଶିକ୍ଷକ ବେଣୁଧର ବରାଳଙ୍କର ହୃଦଘାତରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୬୧ ବର୍ଷ ହୋଇଥିଲା । ସେ ଜଣେ ପରୋପକାରୀ, ସ୍ନେହୀ, ଛାତ୍ରବତ୍ସଳ ବ୍ୟକ୍ତି ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ସରପଞ୍ଚ ରୋହିଣୀ ଭୋଇ, ସମିତି ସଭ୍ୟ ସତ୍ୟବ୍ରତ ଜେନା, ୱାର୍ଡ଼ ସଭ୍ୟ ରମେଶ ଚନ୍ଦ୍ର ସ୍ୱାଇଁ, ପ୍ରତାପ ଚନ୍ଦ୍ର ପଣ୍ଡା, ଉଷୁମା କ୍ଲଷ୍ଟର ସିଆରସିସି ପ୍ରଦୀପ ବାରିକ, ପୂର୍ବତନ ସିଆରସିସି ତ୍ରିଲୋଚନ ବେହେରା, ଚୁଡ଼ଙ୍ଗଗଡ଼ ଶିକ୍ଷକ ସାହିତ୍ୟ ସଂସଦ ପକ୍ଷରୁ ପଣ୍ଡିତ ଅଜୟ କୁମାର ପତି, ଦିଲ୍ଲିପ ବେହେରା, ସଦାଶିବ ପାଲଙ୍କ ସମେତ ବହୁ ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତିମାନେ ଶୋକପ୍ରକାଶ କରିବା ସହ ତାଙ୍କ ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସ୍ୱର୍ଗତ ଶ୍ରୀ ବରାଳଙ୍କର ପୁରୀ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଥିଲା। ଝିଅ ଦେବୀଦତ୍ତା ବରାଳ ମୁଖାଗ୍ନି ଦେଇଥିଲେ । ଶ୍ରୀ ବରାଳଙ୍କର ଶେଷ ସମୟରେ ତାଙ୍କର ଝିଅ, ଜ୍ୱାଇଁ, ପୁଅ ଓ ବନ୍ଧୁବାନ୍ଧବ ଉପସ୍ଥିତ ଥିଲେ ।

## ପରବ ଚତୁର୍ଥ ସଂଧ୍ୟାରେ ଝୁମିଲେ ଦର୍ଶକ

କୋରାପୁଟ, (ଭାସ୍କର ନ୍ୟୁଜ): ଆଦିବାସୀ ମହୋତ୍ସବ ପରବ ଚତୁର୍ଥ ସଂଧ୍ୟାର ଜିଲ୍ଲା ସଂସ୍କୃତି ପରିଷଦ ଅଧ୍ୟକ୍ଷ ତଥା ଜିଲ୍ଲାପାଳ ଭି କୀର୍ତ୍ତି ଭାସନ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି, କୋରାପୁଟ ବିଧାୟକ ରଘୁରାମ ମାଛ, ଜିଲ୍ଲା ପରିଷଦ ସଭାପତି ସସ୍ମିତା ମେଲେକା, ଏସ୍‌ପି ରୋହିତ ବର୍ମା ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ହାସଲ କରିଥିବା ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଇଥିଲା । ଲକ୍ଷ୍ମୀପୁର ଓ ପଦ୍ମପୁର ଢେମସା, ବେଣ୍ଟ ବାଜା, ଘଟକ ନୃତ୍ୟ, ଚକ୍ରି ନୃତ୍ୟ, ଦଣ୍ଡାହଳିଆ, ନବରଙ୍ଗପୁରର ଢେମସା, ଇଜେସିସି ବେଙ୍ଗଲ କ୍ରିଏଟର ଗ୍ରୁପ ନୃତ୍ୟ ପରିବେଷଣ କରିଥିଲେ। ହାଇଦ୍ରବାଦର ଇନଫ୍ୟୁଜନ ବ୍ୟାଣ୍ଡର ସଙ୍ଗୀତର ତାଳେ ତାଳେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଦର୍ଶକ ଝୁମିଥିଲେ। ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଦେବାଶିଷ ପଟ୍ଟନାୟକ, ଅତିରିକ୍ତ ଜିଲ୍ଲାପାଳ ଲଗ୍ନଜିତ ରାଉତ, ଆଲୋମଣି ସେଠୀ, କୋରାପୁଟ ଉପଜିଲ୍ଲାପାଳ ବେଣୁଧର ଶବର, ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଉପନିର୍ଦ୍ଦେଶକ ସୂର୍ଯ୍ୟାକାନ୍ତ ବେହେରା, କୋରାପୁଟ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ତପନ କୁମାର ନାୟକ, ଜିଲ୍ଲା ସଂସ୍କୃତି ଅଧିକାରୀ ପ୍ରତୀସୁଧା ଜେନା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସ୍ୱରାଜ୍ୟ ଶିଶା, ସତ୍ୟ ପ୍ରଧାନ, ସମସ୍ତ ବ୍ଲକର ବିଡିଓ, ତହସିଲଦାର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ ଓ ପୂର୍ବତନ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

କରଞ୍ଜିଆ, (ଭାସ୍କର ନ୍ୟୁଜ) : କରଞ୍ଜିଆ ନିକଟ ତିନିଧାରିଆ ଠାରେ ୧୯୯୨ ବ୍ୟାଚ ପ୍ରାକ୍ଟିସିଂ ଉପ୍ରା ବିଦ୍ୟାଳୟରେ ପଞ୍ଚମ ଶ୍ରେଣୀରେ ପାଠ ପଢୁଥିବା ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସେହି ସମୟରେ ଶିକ୍ଷା ଦାନ କରାଉଥିବା ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ମଧ୍ୟରୁ ପ୍ରଧାନଶିକ୍ଷକ ସାଧୁ ଚରଣ ଦାସ, ଶିକ୍ଷୟତ୍ରୀ ମାଣିକ ହେମ୍ବ୍ରମ, ଶିକ୍ଷୟତ୍ରୀ ଦୀପାଳୀ ବୋଷ, ଶିକ୍ଷୟତ୍ରୀ ଆଞ୍ଜୁଳା ମହାନ୍ତ, ଶିକ୍ଷୟତ୍ରୀ ସୁକାନ୍ତି ସାହୁ ପ୍ରମୁଖଙ୍କୁ ଛାତ୍ରଛାତ୍ରୀମାନେ ନିମନ୍ତ୍ରିତ କରିଥିଲେ। ପୁରାତନ ଛାତ୍ରଛାତ୍ରୀମାନଙ୍କୁ ପାଖରେ ପାଇ ଶିକ୍ଷକ, ଶିକ୍ଷୟିତ୍ରୀମାନେ ଭାବୁକ ହୋଇଯାଇଥିଲେ। ପରେପରେ ପୁରାତନ ଛାତ୍ର ଅରୁଣ କୁମାର ବେହେରାଙ୍କ ସଭାପତିତ୍ୱରେ ଏକ ସୋମର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମୃତ୍ୟୁବରଣ କରିଥିବା




ଶିକ୍ଷକ ଓ ଛାତ୍ରମାନଙ୍କ ପାଇଁ ୧ମିନିଟର ନିରବ ପ୍ରାଥନା କରାଯାଇଥିଲା। ଅରୁଣ କୁମାର ବେହେରା ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ପରିଚୟ ପ୍ରଦାନ କରିବା ସହିତ ମଞ୍ଚ ପରିଚାଳନା କରିଥିଲେ ଓ ଉପସ୍ଥିତ ଥିବା ଛାତ୍ରଛାତ୍ରୀମାନେ ନିଜନିଜର ପରିଚୟ ପ୍ରଦାନ କରିଥିଲେ। ମଞ୍ଚାସିନ ଶିକ୍ଷକ, ଶିକ୍ଷୟିତ୍ରୀମାନେ ଉପସ୍ଥିତ ଥିବା ପୁରାତନ ଛାତ୍ରଛାତ୍ରୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ସେତେବେଳର ପୁରୁଣା ସ୍ମୃତିକୁ ମନେପକାଇ କିଛି ମୁହୂର୍ତ୍ତ ପାଇଁ ଭାବବିହ୍ୱଳ ହୋଇପଡିଥିଲେ। ପରେ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ଫୁଲତୋଡା, ମାନପତ୍ର ଓ ଶାଲ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ପୁରାତନ ଛାତ୍ରୀ ମମତା ମୁର୍ମୁ ଧନ୍ୟବାଦ ଅର୍ପଣ କରିଥିଲେ ଓ ପରେ ପରେ ଆୟଜନ ହୋଇଥିବା ବଣ ଭୋଜିରେ ସମସ୍ତେ ମଜା ନେଇଥିଲେ। ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ରବୀନ୍ଦ୍ର ମାରାଣ୍ଡି, ଆସଗୋର ଇମାମ, କୁଳମଣି ବେହେରା, ଶିବ ବେହେରା, ଦେବାଶିଷ ବେହେରାଙ୍କ ସମତେ ୧୯୯୨ ମସିହାରେ ପଞ୍ଚମ ଶ୍ରେଣୀରେ ପଢୁଥିବା ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ରହି ସାହାଯ୍ୟ ସହଯୋଗ କରିଥିଲେ।

## ଧାନର ମାନ ନିର୍ଣ୍ଣୟ ପାଇଁ ଚାଷୀ ସଚେତନା ଶିବିର

ଫୁଲନଖରା, (ଭାସ୍କର ନ୍ୟୁଜ): ବାରଙ୍ଗ ବ୍ଲକ୍ ଅନ୍ତର୍ଗତ ବ୍ରାହ୍ମଣଝରିଲୋ ସ୍ଥିତ ଶ୍ରୀ ଜଗନ୍ନାଥ କୃଷକ ସେବା ସମବାୟ ସମିତିରେ ଧାନର ମାନ ନିର୍ଣ୍ଣୟ ପାଇଁ ଚାଷୀମାନଙ୍କୁ ନେଇ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ ୟାଡ଼ମ୍ୟାନ ଧିରେନ୍ଦ୍ର ଚନ୍ଦ୍ର ନନ୍ଦ, ଆରଏମସି ସଞ୍ଜୟ କୁମାର ପରିଡ଼ା, ସମିତି ସଭାପତି ଗୋଲେଖ ଚନ୍ଦ୍ର ପାତ୍ର, ସମ୍ପାଦକ ପ୍ରଣୟ କୁମାର ଦାଶ, ସହ ସମ୍ପାଦକ ରାଧାକାନ୍ତ ପାତ୍ର, ଡିଇଓ ତୃଷାନ୍ତ ପାତ୍ର ଉପସ୍ଥିତ ହୋଇ ମଣ୍ଡିରେ ଧାନ ଦେଲାବେଳେ ସେଥିରେ ଗୋଡ଼ି, ବାଲି, ଅଗାଡ଼ି ନ ରଖିବା ପାଇଁ ସଚେତନା କରାଇବା ସହ ସମସ୍ତ ଚାଷୀ ମଣ୍ଡିରେ ଭଲ ଧାନ ଦେବା ପାଇଁ ଯତ୍ନବାନ ହେବାକୁ କହିଥିଲେ । ଏହି ସଚେତନତା ଶିବିରରେ ପୂର୍ବତନ ନିର୍ଦ୍ଦେଶକ ଲଳିତ କୁମାର ଦାଶଙ୍କ ସମେତ ଲିଙ୍ଗରାଜ ମହାନ୍ତି, ମଦନ ମୋହନ ଦାସ, ସୁବାଷ ଦାସ, ମନମୋହନ ଦାସ, ବିଚିତ୍ର କୁମାର ବେଉରା, ସୁମନ୍ତ କୁମାର ସ୍ୱାଇଁ,



ପ୍ରହଲ୍ଲାଦ ବେହେରା, ବିଭୁପ୍ରସାଦ ମହାନ୍ତି, ବାବାଜୀ ଚରଣ ପଣ୍ଡା, ନରେନ୍ଦ୍ର ମଲ୍ଲିକ ଏବଂ ଅନ୍ୟ ୩୦ ଜଣ ଚାଷୀ ଉପସ୍ଥିତ ଥିଲେ ।

## ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଜୟନ୍ତୀ ପାଳିତ

ବାରିପଦା, (ଭାସ୍କର ନ୍ୟୁଜ୍): ଭଞ୍ଜ ମାଟିର ସୁବର୍ଣ୍ଣ ଯୁଗର ପ୍ରବର୍ତ୍ତକ ତଥା ଆଧୁନିକ ଓଡ଼ିଶାର ଅନ୍ୟତମ ବିନ୍ଧାଣୀ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ୧୫୪ତମ ଜନ୍ମଜୟନ୍ତୀ ଜିଲ୍ଲା ପ୍ରଶାସନ ପକ୍ଷରୁ ମଙ୍ଗଳବାର ହର୍ଷୋଲ୍ଲାସରେ ପାଳିତ ହୋଇଯାଇଛି। ଏହି ଜନ୍ମଜୟନ୍ତୀ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଏବଂ ବାରିପଦା ପୌରପାଳିକାର ମିଳିତ ସହଯୋଗରେ ଆୟୋଜିତ କରାଯାଇଥିଲା। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ, ମଙ୍ଗଳବାର ପ୍ରାତଃରୁ ଡାକବାଜି ଯନ୍ତ୍ର ଦ୍ୱାରା ଦେଶାତ୍ମବୋଧକ ସଂଗୀତ ପରିବେଷଣ କରାଯାଇ ସହର ପରିକ୍ରମା କରାଯାଇଥିଲା ଏବଂ ବାରିପଦା ବ୍ଲକ ଶିକ୍ଷା ଅଧିକାରୀଙ୍କ ତତ୍ତ୍ୱାବଧାନରେ ସ୍କୁଲ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଭାତଫେରୀ କରାଯାଇଥିଲା। ଏହି ଅବସରରେ ରାଜ୍ୟସଭା ସାଂସଦ ଶ୍ରୀମତୀ ମମତା ମହାନ୍ତ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ଭାରତୀ ହାଁସଦା, ବାରିପଦା ପୌରପାଳିକା ଅଧକ୍ଷ କୃଷ୍ଣାନନ୍ଦ ମହାନ୍ତି, ଜିଲ୍ଲାପାଳ ହେମକାନ୍ତ ସୟ ଓ ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଦୀପକ ଗୋଛାୟତ କଲେକ୍ଟରେଟ ସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଇତ୍ୟବସରରେ, ଅତିରିକ୍ତ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ (ରାଇରଙ୍ଗପୁର) ଦୌଲତ ଚନ୍ଦ୍ରକାର, ବାରିପଦା ଉପଜିଲ୍ଲାପାଳ, ଈଶ୍ୱର ଚନ୍ଦ୍ର ନାୟକ, ବାରିପଦା ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ, ଡଃ ମଧୁସ୍ମିତା ସାମନ୍ତରାୟ, ଜିଲ୍ଲା ସଂସ୍କୃତି ଅଧିକାରୀ, ଅନନ୍ତ ସେଠୀ, ଜିଲ୍ଲା କ୍ରୀଡା ଅଧିକାରୀ ସୁଭାସିସ ନାୟକ, ଜିଲ୍ଲା ପର୍ଯ୍ୟଟନ ଅଧିକାରିଣୀ, ଶ୍ରୀମତୀ ସତ୍ୟଭାମା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ତତ୍ପରେ, ନିମନ୍ତ୍ରିତ ଅତିଥି ଓ ସମସ୍ତ ପ୍ରଶାସନିକ ଅଧିକାରୀ ତଥା ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ସମସ୍ତ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ସମ୍ମୁଖରେ ଥିବା ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜ ଦେଓଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ଗଣମାଧ୍ୟମକୁ ସୂଚନା ଦେଇ ଜିଲ୍ଲାପାଳ ଶ୍ରୀ ସୟ କହିଥିଲେ ଯେ, ଓଡିଆ ସାହିତ୍ୟ ଜଗତର ଜଣେ ମହାନ ପୃଷ୍ଠପୋଷକ ତଥା ଉନବିଂଶ ଶତାବ୍ଦୀର ଓଡିଆ ଭାଷା ଆନ୍ଦୋଳନର ଅନ୍ୟତମ ଗତିଶୀଳ ଆତ୍ମା ମହାରାଜା ଭଞ୍ଜଦେଓ ରାଜ୍ୟରେ ଉତ୍ତମ ପ୍ରଶାସନ ପାଇଁ ଭାଷା, ସ୍ୱାସ୍ଥ୍ୟ, ସାହିତ୍ୟ ଓ ପ୍ରଶାସନିକ କ୍ଷେତ୍ରରେ ସଂସ୍କାର ଆଣିଥିଲେ, ତେଣୁ ସେହି ମହାନ ପ୍ରବାଦ ପୁରୁଷଙ୍କ ଜନ୍ମଜୟନ୍ତୀ ଜିଲ୍ଲା ପ୍ରଶାସନ ଦ୍ୱାରା ହର୍ଷଉଲ୍ଲାସରେ କରାଯାଇଥିଲା। ସୂଚନାଯୋଗ୍ୟ ଯେ, ବିଗତ ଦିନରେ ଏହି ଦିବସ ପାଳନ ଅବସରରେ ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟ ସ୍ତରରେ ଆୟୋଜିତ ହୋଇଥିବା ତର୍କ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ, ମୟୂରଭଞ୍ଜର ମହାରାଜା ତଥା ପୂର୍ବତନ ବିଧାୟକ ପ୍ରବୀଣ ଭଞ୍ଜଦେଓ ଏବଂ ମହାରାଣୀ ଶ୍ରୀମତୀ ସଂଗୀତା ଭଞ୍ଜଦେଓ, ମୁଖ୍ୟ ଅତିଥି ଭାବେ ଯୋଗଦେଇ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ମହାରାଜାଙ୍କର ଶାସନ ବ୍ୟବସ୍ଥା କିପରି ଆଜି ମଧ୍ୟ ଲୋକାଦୃତ ଅଛି ସେ ବିଷୟରେ ବକ୍ତବ୍ୟ ରଖିଥିଲେ। ପରିଶେଷରେଏହି କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନେତ୍ରାନନ୍ଦ ମଲ୍ଲିକ ଧନ୍ୟବାଦ ଅର୍ପଣ ପୂର୍ବକ ସାଙ୍ଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ବରିଷ୍ଠ ନିର୍ଦ୍ଦେଶକ ଶ୍ରୀକାନ୍ତ ବେହେରା, ଲଳିତ ରଞ୍ଜନ ନାଏକ, ଛିତା ସୋରେନ, କର୍ମଚାରୀ, ଶିବଶଙ୍କର ଦତ୍ତ, ରବି ନାରାୟଣ ନାଏକ, ରାମେଶ୍ୱର ବେଶରା, ବିଶ୍ୱନାଥ ମାର୍ଣ୍ଡି ପ୍ରମୁଖ ସହଯୋଗ କରିଥିବାର ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅବିନାଶ ପାଣିଙ୍କ ଠାରୁ ପ୍ରକାଶ।

## ଫାମ୍ପୁଣି ଧାନମଣ୍ଡି ଉଦ୍‌ଘାଟନ କଲେ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ

କୋରାପୁଟ, (ଭାସ୍କର ନ୍ୟୁଜ): ଜୟପୁର ବ୍ଲକ ଅନ୍ତର୍ଗତ ଫାମ୍ପୁଣି ଧାନମଣ୍ଡିକୁ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଉଦ୍‌ଘାଟନ କରିଛନ୍ତି। ଏଥିରେ ସମ୍ମାନିତ ଅତିଥି କୋଟପାଡ଼ ବିଧାୟକ ରୁପୁ ଭତ୍ରା, କୋରାପୁଟ ଜିଲ୍ଲାପାଳ ଭି କୀର୍ତ୍ତି ଭାସନ ଓ ଉପଜିଲ୍ଲାପାଳ ଆକାବରମ ଶସ୍ୟା ରେଡ୍ଡି, ମୁଖ୍ୟ ଜିଲ୍ଲା ଯୋଗାଣ ଅଧିକାରୀ ପ୍ରଦୀପ ପଣ୍ଡା, ଜୟପୁର ଉପନିବନ୍ଧକ ସମବାୟ ସମିତି ବିଭାଜନ ଭିମସେନ ସାହୁ, ଜିଲ୍ଲା ଯୋଗାଣ ଅଧିକାରୀ ସର୍ବେଶ୍ୱର ନାୟକ, କମିଟି ଉପାଧ୍ୟକ୍ଷ ବାଲା ରାୟ ଓ ସମ୍ପାଦକ ଦୁର୍ଗା ପ୍ରସାଦ ଛୁରିଆ ପ୍ରମୁଖ ଉପସ୍ଥିତ ଥିଲେ । ଫାମ୍ପୁଣି ମଣ୍ଡିରେ ଲ୍ୟାମ୍ପସ କ୍ରୟକାରୀ ସଂସ୍ଥା, ନିୟନ୍ତ୍ରିତ ବଜାର କମିଟି, ଯୋଗାଣ ବିଭାଗ ଫାମ୍ପୁଣି ଅଞ୍ଚଳର ଚାଷୀମାନେ ଉପସ୍ଥିତ ଥିଲେ । ଉମୁରି ଲ୍ୟାମ୍ପସ ପକ୍ଷରୁ ଚାଷୀଙ୍କ ତାଲିକ ପ୍ରସ୍ତୁତ କରାଯାଇଥିଲା । ଏଫ୍‌ଏକ୍ୟୁ ନାମରେ ଚାଷୀଙ୍କୁ ହଇରାଣ କରାନଯାଉ ବୋଲି ମନ୍ତ୍ରୀ ପାତ୍ର କହିଥିଲେ। ଚାଷୀଙ୍କ ସମସ୍ତ ଧାନ କ୍ରୟ କରାଯାଇପାରିବ ନେଇ ପ୍ରଶାସନ ଗୁରୁତ୍ୱ ଦେବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଧାନ ବିକ୍ରିରେ ଅସୁବିଧା ହେଲେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କଣ୍ଟ୍ରୋଲ ରୁମ୍ କରାଯାଇଛି ସେଠାରେ ଜଣାଇ ପାରିବେ ବୋଲି ମନ୍ତ୍ରୀ ଚାଷୀଙ୍କୁ ପରାମର୍ଶ ଦେଇଥିଲେ ।

# କୃଷି କାର୍ଯ୍ୟାଳୟ ରାସ୍ତା ପାର୍ଶ୍ୱ ଅନାବନା ଗଛରେ ପରିପୂର୍ଣ୍ଣ

ପରଜଙ୍ଗ, (ଭାସ୍କର ନ୍ୟୁଜ୍) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବଜାରଠାରୁ ଯାଇଥିବା ବ୍ଲକ ରାସ୍ତାଟି ଜନସାଧାରଣଙ୍କର ପ୍ରମୁଖ ରାସ୍ତା ରହିଥିବା ବେଳେ ଏହି ରାସ୍ତାରେ ମେଡିକାଲ, ପ୍ରାଣୀ ଚିକିତ୍ସାଳୟ, ସ୍କୁଲ, କଲେଜ, ବ୍ଲକ କାର୍ଯ୍ୟାଳୟ, ବିଦ୍ୟୁତ୍ ଅଫିସ ସମେତ ଅନ୍ୟ କେତେକ ସରକାରୀ, ବେସରକାରୀ କାର୍ଯ୍ୟାଳୟ ରହିଛି । ଏହି ବ୍ଲକ ରାସ୍ତାରେ ରହିଥିବା ହାଇସ୍କୁଲ ଛକଠାରୁ ଅନ୍ୟ ଏକ ରାସ୍ତାରେ କୃଷି କାର୍ଯ୍ୟାଳୟ, ଅଗ୍ନିଶମ ବିଭାଗ କେନ୍ଦ୍ର, ଜଳସେଚନ ବିଭାଗ, ବରିଷ୍ଠ ନାଗରିକ ପରିଷଦ କାର୍ଯ୍ୟାଳୟ ସମେତ ଅଳ୍ପ ଦୂରରେ ରହିଛି ଖଣ୍ଡୁଆଳମୁଣ୍ଡା ଗ୍ରାମର ଖିଲାର ସାହି। କିନ୍ତୁ ଦୁଃଖର ବିଷୟ ଯେ, ବର୍ତ୍ତମାନ ହାଇସ୍କୁଲ ଛକଠାରୁ କୃଷି ବିଭାଗ କାର୍ଯ୍ୟାଳୟ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଅନାବନା ଗଛ ସୃଷ୍ଟି ହୋଇ ରାସ୍ତାକୁ ମାଡିବସିଛି। ଗଛ ସଫା ନ ହେବା ଯୋଗୁଁ ରାସ୍ତା ପାର୍ଶ୍ୱରେ ଘଞ୍ଚ ଅରଣ୍ୟର ଦୃଶ୍ୟ ଦେଖିବାକୁ ମିଳିଛି। ରାସ୍ତାରେ ଯାତାୟାତ କରୁଥିବା ଲୋକମାନେ ଅନେକ ଅସୁବିଧାର ସମ୍ମୁଖିନ ହେଉଥିବା ବେଳେ ଦମକଳ ଗାଡ଼ି ଓ ଅନ୍ୟ ଗାଡ଼ି ଯିବା ଆସିବା କରିବା ପାଇଁ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏହା ସହ ପ୍ରତିଦିନ ଏହି ରାସ୍ତା ଦେଇ ସ୍କୁଲ, କଲେଜ ଯାଉଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ଏହା ବିପଦର ଆଶଙ୍କା ସୃଷ୍ଟି କରିଛି। ତେଣୁ ସ୍ଥାନୀୟ ଲୋକଙ୍କର ଧନଜୀବନକୁ ନଜରରେ ରଖି ରାସ୍ତାର ଉଭୟ ପାର୍ଶ୍ୱରୁ ଅନାବନା ଗଛକୁ ତୁରନ୍ତ ସଫା କରିବା ପାଇଁ ସାଧାରଣରେ ଦାବି ହେଉଛି।






କଣାସ,(ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା କଣାସ ବ୍ଲକ ଅନ୍ତର୍ଗତ ତ୍ରିଲୋଚନପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ନୂତନ ପରିଚାଳନା କମିଟି ଆଜି ଗଠିତ ହୋଇଯାଇଛି । ପୂର୍ବତନ ସଂପାଦିକା ସୌଦାମିନୀ ତ୍ରିପାଠୀଙ୍କ ସଭାପତିତ୍ୱରେ ଆଜି ବିଦ୍ୟାଳୟ ପରିସରରେ ଆୟୋଜିତ ବୈଠକରେ ଶିକ୍ଷା ବିକାଶ ସମିତି ଓଡିଶା ସଂଭାଗର ସଂପାଦକ ଗିରିସ୍ କୁମାର ହାତୀ ଯୋଗଦେଇ ସର୍ବସମ୍ମତ ଭାବେ ମନୋନିତ ପରିଚାଳନା କମିଟିର ୯ ଜଣିଆ ସଭ୍ୟସଭ୍ୟାମାଙ୍କୁ ମନୋନିତ କରିଛନ୍ତି । ସଭ୍ୟସଭ୍ୟାଙ୍କ ମଧ୍ୟରୁ ମାଧବାନନ୍ଦ ରଣସିଂହ ସଭାପତି, ମୃତ୍ୟୁଞ୍ଜୟ ଦାଶ ଉପସଭାପତି, ପ୍ରଦୀପ କୁମାର ଦାସ ସଂପାଦକ, ବିଛନ୍ଦ ଆଚାର୍ଯ୍ୟ ସହସଂପାଦକ, ରମେଶ କୁମାର ରଥ କୋଷାଧ୍ୟକ୍ଷ ରୂପେ ମନୋନିତ ହୋଇଛନ୍ତି । ରାଧାରାଣୀ ମଙ୍ଗରାଜ ଏବଂ ସୁଜାତା ସେଠୀ ସଭ୍ୟ ରୂପେ ମନୋନିତ ହୋଇଥିଲେ । ଅନ୍ୟ ଦୁଇ ସଭ୍ୟ ହେଲେ ପ୍ରଧାନଆଚାର୍ଯ୍ୟ ମଧୁସୁଦନ ପାଣି ଓ ଆଚାର୍ଯ୍ୟ ହରିହର ଜେନା । ନବ ମନୋନିତ ପରିଚାଳନା କମିଟିକୁ ବିଦ୍ୟାଳୟ ପକ୍ଷରୁ ସ୍ୱାଗତ କରାଯାଇଥିଲା । ଗୁଣାତ୍ମକ ଶିକ୍ଷା ପ୍ରଦାନ ସହ ସଂସ୍କୃତି ସଂପର୍ଣ୍ଣ ଭଲ ମଣିଷ ଗଢିବାପାଇଁ ବିଦ୍ୟାଳୟ ରୂପକ ଏହି ମନ୍ଦିରରେ ସମସ୍ତେ ସମ୍ମିଳିତ ପ୍ରଚେଷ୍ଟା କରିବାର ଶପଥ ନେଇଥିଲେ । ଏହି ଅବସରରେ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରୁ ଖୋଲିଲା ତାଲା





କଣାସ,(ଭାସ୍କର ନ୍ୟୁଜ୍):କଣାସ ବ୍ଲକ ଦିବ୍ୟସିଂହପୁର ଗ୍ରାମ ପଞ୍ଚାୟତର ବୀରକେଶରପୁର ଗ୍ରାମରେ ପ୍ରତିଷ୍ଠିତ ହରଚଣ୍ଡି ପ୍ରସାଦ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଗ୍ରାମବାସୀମାନେ ଡାକ୍ତର ନିୟମିତ ଆସୁନଥିବା, ଡାକ୍ତରଖାନାକୁ ମାଗଣରେ ବିତରଣ ପାଇଁ ଔଷଧ ଦିଆଯାଉନଥିବା, ଡାକ୍ତରଖାନାରେ ଡାକ୍ତର ଓ କର୍ମଚାରୀମାନେ ମଦ୍ୟପାନ କରୁଥିବା ଏକ ଫଟୋ ଖବରକାଗଜରେ ଭାଇରାଲ ହେବାପରେ ଗ୍ରାମବାସୀମାନେ ୧୨ତାରିଖ ଦିନ ଡାକ୍ତରଖାନା ଗେଟ୍‌ରେ ଚାବି ପକାଇ ଦେଉଥିଲେ । ଦୀର୍ଘ ୬ଦିନ ଧରି ସେହି ଅଂଚଳର ରୋଗୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାପରେ ଆଜି ପୁରୀ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିରଜାଶଙ୍କର ରଥ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଗୋଷ୍ଠସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡାକ୍ତର ରମେଶ ଚନ୍ଦ୍ର ବେହେରା, ବିଡିଓ ନାରାୟଣ ସାହୁ, ତହସିଲଦାର ହିମାଂଶୁଶେଖର ଗିରି, କଣାସ ଥାନା ଆଇ.ଆଇ.ସି ରାକେଶ କୁମାର ତ୍ରିପାଠୀ, ଗଡିଶାଗୋଡା ଥାନା ଆଇ.ଆଇ.ସି ଦୁର୍ଗାଚରଣ ମହାପାତ୍ର, ଦିବ୍ୟସିଂହପୁର ଗ୍ରାମ ପଞ୍ଚାୟତ ସରପଞ୍ଚ ଓ ସମିତି ସଭ୍ୟ ଏବଂ କେତେକ ଗ୍ରାମବାସୀ ଉପସ୍ଥିତ ରହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ତାଲା ପଡିବା ସଂପର୍କରେ ଆଲୋଚନା କରିଥିଲେ । ଗ୍ରାମବାସୀମାନେ ବାରମ୍ବାର କରୁଥିବା ଅଭିଯୋଗକୁ ଉପରିସ୍ତ ଅଧିକାରୀମାନେ ଶୁଣୁନଥିବାରୁ ଆଜି ଏପରି ପରିସ୍ଥିତି ସୃଷ୍ଟି ହୋଇଥିବା ଗ୍ରାମବାସୀମାନେ ଅଭିଯୋଗ କରିଥିଲେ । ଆଲୋଚନା ମାଧ୍ୟମରେ ସମାଧାନ ହେବାପରେ ଡାକ୍ତରଖାନାର ଗେଟ୍ ଖୋଲାଯାଇ ଡାକ୍ତରଖାନାରେ ରୋଗୀ ଚିକିତ୍ସା ସ୍ୱାଭାବିକ ହୋଇଛି ।

# ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ

କଣାସ,(ଭାସ୍କର ନ୍ୟୁଜ): କଣାସ ପଞ୍ଚାୟତ ସଭାଗୃହରେ ଆଜି ଶିଶୁ ବିକାଶ ପ୍ରକଳ୍ପ ପକ୍ଷରୁ 'ଶିଶୁ ପାଇଁ ଦିନଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ କଣାସ ବିଡିଓ ନାରାୟଣ ସାହୁ, କଣାସ ଥାନା ଆଇ.ଆଇ.ସି ରାକେଶ କୁମାର ତ୍ରିପାଠୀ, କଣାସ ତହସିଲଦାର ହିମାଂଶୁଶେଖର ଗିରି, ସିଡିପିଓ ସ୍ମିତା ମହାନ୍ତି ଯୋଗଦେଇ ଶିଶୁମାନଙ୍କ ସୁରକ୍ଷା ପ୍ରତି ସମସ୍ତେ ସଚେତନ ହେବା ଦରକାର, ବାଲ୍ୟ ବିବାହକୁ ରୋକିବାପାଇଁ ସମସ୍ତ ଜନପ୍ରତିନୀଧି, ଅଙ୍ଗବାଡିକର୍ମୀ, ଆଶାକର୍ମୀ ସଚେତନ ରହିବାପାଇଁ ଅତିଥିମାନେ ପରାମର୍ଶ ଦେଇଥିଲେ । ଗାଁ ଗହଳିରେ ଲୋକ ପ୍ରତିନିଧି କିମ୍ବା ଅଙ୍ଗନବାଡି କର୍ମୀ, ଆଶାକର୍ମୀ କୌଣସି ବାଲ୍ୟବିବାହ ସଂପର୍କରେ କିମ୍ବା କୌଣସିଠାରେ ଶିଶୁ ଟିଏ ଅବହେଳିତ ଅବସ୍ଥାରେ ଥିବାଖବର ପାଆନ୍ତି ତୁରନ୍ତ ବିଡିଓ, ଥାନା, ସିଡିପିଓ, ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟକୁ ଜଣାଇବା ପାଇଁ ଅନୁରୋଧ କରିଛନ୍ତି । ତା ସହିତ ଅତିଥି ମାନେ ସୂଚନା ଦେବା ସହ କଣାସ ଥାନା ଆଇ.ଆଇ.ସି ରାକେଶ କୁମାର ତ୍ରିପାଠୀ ଶିଶୁ ଏବଂ ବାଲ୍ୟବିବାହ ସଂପର୍କରେ ଥିବା ବିଭିନ୍ନ ଆଇନ୍ ଉପରେ ଆଲୋଚନା କରିଥିଲେ ।




# ଟ୍ରକ୍‌କୁ ପିଟିଲା ପିକ୍‌ଅପ୍ ଭ୍ୟାନ



ଟାଙ୍ଗୀ-ଚୌଦ୍ୱାର(ଭାସ୍କର ନ୍ୟୁଜ୍): ଟାଙ୍ଗୀ ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥ ମଙ୍ଗୁଳି ଛକ ସ୍ଥିତ ତୃପ୍ତି ମୋଟର୍ସ ନିକଟରେ ଏକ ପିକଅପ୍ ଭ୍ୟାନ୍ ଓଡ଼ି୦୪ସି୫୦୪୯ ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଥିବା ଡିଭାଇଡରକୁ ଭାଙ୍ଗି ସର୍ଭିସ୍‌ରୋଡ଼ରେ ଠିଆ ହୋଇଥିବା ଏକ ଟ୍ରକ୍ ୟୁପି୭୫ସିଟି୪୩୬୯କୁ ଧକ୍କା ଦେବା ଫଳରେ ଟ୍ରକ୍ ଡ୍ରାଇଭର ମୃତ୍ୟୁବରଣ କରିଥିବା ବେଳେ ପିଅକପ୍ ଭ୍ୟାନ୍ ଡ୍ରାଇଭର ଓ ଟ୍ରକ୍ ହେଲପର ଆହତ ହୋଇଥିବା ଜଣାପଡ଼ିଛି । ସୂଚନାଥାଉକି, ପିକଅପ୍ ଭ୍ୟାନ୍‌ଟି ବ୍ୟାଟେରୀ ନେଇ ଚଣ୍ଡିଖୋଲରୁ କଟକ ଅଭିମୁଖେ ଯାଉଥିବା ବେଳେ ମଙ୍ଗୁଳି ଛକ ସ୍ଥିତ ତୃପ୍ତି ମୋଟର୍ସ ନିକଟରେ ଭାରସାମ୍ୟ ହରାଇ ପ୍ରଥମେ ରାସ୍ତାକଡ଼ରେ ଲାଗିଥିବା ଡିଭାଇଡରକୁ ଧକ୍କା ଦେଇ ସର୍ଭିସ୍ ରୋଡ଼ରେ ଠିଆ ହୋଇଥିବା ଏକ ଟ୍ରକ୍‌କୁ ଧକ୍କା ଦେଇଥିଲା । ଫଳରେ ପୂର୍ବରୁ ଠିଆ ହୋଇଥିବା ଟ୍ରକ୍‌କୁ ଧକ୍କା ଦେବା ଫଳରେ ତଳେ ରୋଷେଇ କରୁଥିବା ଟ୍ରକ୍ ଡ୍ରାଇଭର ଉତ୍ତରପ୍ରଦେଶର ହରିଓମ୍ ସିଂ ଓ ପିକଅପ୍ ଭ୍ୟାନ୍ ଡ୍ରାଇଭର ଗୁରୁତର ଆହତ ହୋଇଥିବା ବେଳେ ଟ୍ରକ୍ ହେଲପର ନିତିନ୍ ସାମାନ୍ୟ ଆହତ ହୋଇଥିଲେ । ଖବର ପାଇ ଟାଙ୍ଗୀ ପୁଲିସ୍ ଘଟଣାସ୍ଥଳରେ ପହଂଚି ଗୁରୁତର ଦୁଇ ଡ୍ରାଇଭର ଓ ହେଲପରଙ୍କୁ ଚିକିତ୍ସା ନିମନ୍ତେ କଟକ ବଡ଼ଡାକ୍ତରଖାନା ପଠାଇଥିବା ବେଳେ ଟ୍ରକ୍ ଡ୍ରାଇଭର ହରିଓମ୍‌ଙ୍କର ମୃତ୍ୟୁ ହୋଇଯାଇଥିବା ଜଣାପଡ଼ିଛି । ପୁଲିସ୍ ଉଭୟ ଗାଡ଼ିକୁ ଜବତ କରି ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି ।

# ଗେଡିଆପଲ୍ଲୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ



ବୋଲଗଡ଼,(ଭାସ୍କର ନ୍ୟୁଜ): ଖୋର୍ଦ୍ଧା ଜିଲ୍ଲା ବୋଲଗଡ ବ୍ଲକ ଗେଡିଆପଲ୍ଲୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ପ୍ରଣତି ମହାପାତ୍ରଙ୍କ ସଭାପତିତ୍ୱରେ ପ୍ରାରମ୍ଭରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ, ସମ୍ମାନିତ ଅତିଥିଭାବେ ବିଦ୍ୟାଳୟର ପରିଚାଳନା କମିଟିର ସଭାପତି ଦିଲ୍ଲୀପ କୁମାର ପଣ୍ଡା, ସମିତିସଭ୍ୟ ରଞ୍ଜନ କୁମାର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ । ଏହି ବାର୍ଷିକ କ୍ରୀଡା ଉତ୍ସବରେ ଶହେ ମିଟର ଦୌଡ, ସଟ୍‌ପୁଟ୍ ଥ୍ରୋ, ଡିସ୍‌କସ୍ ଥ୍ରୋ, ଲଙ୍ଗ ଜମ୍ପ, ହାଇଜମ୍ପ୍ , ସ୍ଲୋ ସାଇକେଲ, ମ୍ୟୁଜିକ ଚେୟାର, ଆଳୁ ଚାମଚ୍ , ଗଣିତ ଦୌଡ ଖେଳ ଭଳି ଛାତ୍ରଛାତ୍ରୀଙ୍କୁ ନେଇ ପ୍ରତିଯୋଗିତା କରାଯାଇଥିଲା । କ୍ରୀଡା ଶିକ୍ଷକ ସୁଶ୍ରୀ ଶିକ୍ଷୟତ୍ରୀ ସାହୁ ଓ ଉମେଶ ସାହୁ ଏହି ଖେଳକୁ ପରିଚାଳନା କରିଥିଲେ । ଅନ୍ୟ ଶିକ୍ଷକ ଶିକ୍ଷୟତ୍ରୀଙ୍କ ମଧ୍ୟରେ ବସନ୍ତ କର, ସ୍ଥିତପ୍ରଜ୍ଞ ଯୁଝାର ସିଂ, ଗୌତମ କିଶୋର ବେହେରା, ଇତିଶ୍ରୀ ପଣ୍ଡା, ସସ୍ମିତା ମହାପାତ୍ର, ରଶ୍ମିତା ସାହୁ ରତ୍ନପ୍ରଭା ସାହୁ ଏବଂ ବିଦ୍ୟାଳୟର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ । ଏହି କ୍ରୀଡା ଉତ୍ସବର ପ୍ରଥମ ଦିନରେ ଜୁନିୟର ୧୦୦ ମିଟର ଦୌଡରେ ତମନ୍ନା କର , ସିନିୟର୍ ୧୦୦ ମିଟର ଦୌଡରେ ଆଦିତ୍ୟ ରାଉତରାୟ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ।

# ବ୍ଲକସ୍ତରୀୟ ଓଷ୍ଟା ଶିଶୁ ଉତ୍ସବ ପାଳିତ




ରଘୁନାଥପୁର,(ଭାସ୍କର ନ୍ୟୁଜ୍): ମଣ୍ଡଳସ୍ତରୀୟ ଓଷ୍ଟା ଶିଶୁ ଉତ୍ସବ ରଘୁନାଥପୁର ବ୍ଲକ୍ ହରି କୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟ ବର୍ତ୍ତୀ ଠାରେ ଅନୁଷ୍ଠିତ ହୋଇଯାଇଅଛି । ଓଷ୍ଟା ସଭାପତି ଶରତ ଚନ୍ଦ୍ର ପଣ୍ଡା ସଭାପତିତ୍ୱ ଉଦ୍ଘାଟନୀ ଉତ୍ସବରେ ଗୁଆଳିପୁର ଗ୍ରାମ ପଞ୍ଚାୟତର ସରପଞ୍ଚ ଶ୍ରୀମତୀ ମନୋଜିନୀ ସାହୁ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଉପସ୍ଥିତ ଛାତ୍ରଛାତ୍ରୀ ପ୍ରତିଯୋଗୀମାନଙ୍କୁ ବହୁ ମହତ୍ୱପୂର୍ଣ୍ଣ ଉପଦେଶ ଦେଇଥିଲେ । ସମ୍ମାନୀୟ ଅତିଥି ସମିତି ସଭ୍ୟ କମଳାକାନ୍ତ ପରିଡ଼ା, ବିଦ୍ୟାଳୟର ପ୍ରଧାନଶିକ୍ଷକ ବସନ୍ତ କୁମାର ବେହେରା,ଏଚ୍.ଏମ୍.ଟି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ସାମଲ, ରାଜ କିଶୋର ସାହୁ, ବିଜୟ କିଶୋର ମହାନ୍ତି, ପ୍ରତାପ କୁମାର ମହାପାତ୍ର, ଓଷ୍ଟା କ୍ଲବର ସମ୍ପାଦକ ରଂଜନ କୁମାର ମିଶ୍ର ପ୍ରମୁଖ ଯୋଗଦେଇ ପ୍ରତିଯୋଗିମାନଙ୍କୁ ଉତ୍ସାହିତ କରିବା ସହ ସେମାନଙ୍କର ଦିର୍ଘ ଜୀବନ କାମନା କରିଥିଲେ । ବିଦ୍ୟାଳୟର ଶିକ୍ଷୟିତ୍ରୀ ମନୀଷା ମିଶ୍ର ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ରଘୁନାଥପୁର ବ୍ଲକର ୨୩ଗୋଟି ଉଚ୍ଚ ବିଦ୍ୟାଳୟର ୧୬୨ ଜଣ ପ୍ରତିଯୋଗୀ ୧୦ ଗୋଟି ବିଭାଗରେ ଭାଗ ନେଇଥିଲେ । ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ବିଭାଗରୁ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଛାତ୍ର ଛାତ୍ରୀମାନେ ଜିଲ୍ଲା ସ୍ତରକୁ ମନୋନୀତ ହୋଇଥିବାର ଜଣାଯାଇଛି । ଉତ୍ସବର ଉଦ୍‌ଯାପନ ଦିବସରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ବସନ୍ତ କୁମାର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ରୂପେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ବାରିକ ଏବଂ ଓଷ୍ଟା ଜିଲ୍ଲା ସମ୍ପାଦକ ନାରାୟଣ ଚନ୍ଦ୍ର ବାରିକ ମୁଖ୍ୟ ବକ୍ତା, ସମ୍ମାନୀୟ ଅତିଥି ରୂପେ ସିଆରସିସି ସବେନା ମହାନ୍ତି ଏସ୍‌ଏମ୍‌ସି ଚେୟାର ପରସନ୍ ଟୁକୁନା ସେଠୀ ଯୋଗ ଦେଇ ନିଜ ନିଜର ଅଭିଭାଷଣ ରଖିଥିଲେ ।

# ଗାଁ ଝିଅଙ୍କ ନିଆରା ପ୍ରୟାସ



କାକଟପୁର,(ଭାସ୍କର ନ୍ୟୁଜ୍): କାକଟପୁର ବ୍ଲକ ନାସିକେଶ୍ୱର ଶାସନ ଗ୍ରାମର ଝିଅ ମାନେ, ତଥା ଓଡିଶାର ବିଭିନ୍ନ ଜାଗାରେ ବିବାହ କରି ରହିଥିଲେ ମଧ୍ୟ, ଜନ୍ମ ଭୂମିର ସ୍ନେହ ମମତାକୁ ଭୁଲି ନାହାନ୍ତି, ସମସ୍ତେ ଏକାଠି ହୋଇ ଗଢିଛନ୍ତି 'ଆମ ଗାଁ ଝିଅ ଗ୍ରୁପ' । ଗ୍ରାମ ନିକଟରେ ଥିବା ହରିଜନ ସାହି (କୁଆଖିଆ)ର ଗରିବ ତଥା ଅସହାୟ ମାନଙ୍କୁ, ଶୀତ ଦାଉରୁ ରକ୍ଷା ପାଇଁ କମ୍ବଳ, ମଶାରୀ ବଣ୍ଟନ କରିଥିଲେ, ଆଗକୁ ଅଧିକ ଜନ କଲ୍ୟାଣ କାର୍ଯ୍ୟ କରା ଯିବାକୁ ସ୍ଥିର ହୋଇଥିବା ସଂଗଠନର ମୁଖ୍ୟ କ୍ଷେତ୍ରବାସିନୀ ତ୍ରିପାଠୀ ପ୍ରକାଶ କରିଛନ୍ତି । ଏହି ବଣ୍ଟନ କାର୍ଯ୍ୟକ୍ରମରେ ବନି, କାଞ୍ଚି, ସବିତା, କୁନି, ବେବି, ଟିକି, ପ୍ରତିମା, ମନି, ଗୁନି, କଲି, ପପିନା, ଟିଟି, ସାଉଲି, ମାମି, ରୀନା, ମନି, ରଞ୍ଜୁ, ଅନୁ, ଝୁନୁ ପ୍ରମୁଖ ୫୦ ରୁ ଉର୍ଦ୍ଧ ଝିଅମାନେ ସାମିଲ ଥିଲେ । ଆଗାମୀ ଦିନରେ ଏକ ସ୍ୱାସ୍ଥ୍ୟ ଶିବରର ଆୟୋଜନ କରାଯାଇ ଗରିବ, ଅସହାୟ, ବୃଦ୍ଧବୃଦ୍ଧା ମାନଙ୍କର ଚିକିତ୍ସା କରାଯାଇ ମାଗଣା ଔଷଧ ବଣ୍ଟନ କରାଯିବ ବୋଲି ସଂଗଠନ ପକ୍ଷରୁ ପ୍ରକାଶ କରାଯାଇଛି ।

# ଜବରଦସ୍ତ ଚାଲିଛି ଅସ୍ତ୍ରୋପଚାର ଓ ଅତ୍ୟାଚାର

ମାଲକାନଗିରି (ଭାସ୍କର ନ୍ୟୁଜ): ମାଓବାଦୀ ଗଡ଼ ବିରୋଧରେ ଅଭିଯୋଗ ଆଣିଛନ୍ତି ଜଣେ ପୂର୍ବତନ ମାଓବାଦୀ ଦୀପକ । ନିଜ ଉପରେ ହୋଇଥିବା ଅନ୍ୟାୟ ଓ ଅତ୍ୟାଚାରକୁ ନେଇ ମଙ୍ଗଳବାର ଜିଲ୍ଲା ସୀମାନ୍ତ ରାଜ୍ୟ ଛତିଶଗଡ଼ର ଅନ୍ତଗଡ଼ରେ ଗଣମାଧ୍ୟମ ଆଗରେ ପ୍ରତିକ୍ରିୟା ରଖିଛନ୍ତି । ଛତିଶଗଡ଼ ଜୋନ ମାଓବାଦୀ ସଙ୍ଗଠନରେ ଦୀର୍ଘ ବର୍ଷଧରି କାର୍ଯ୍ୟ କରୁଥିଲେ ଦୀପକ । ଅନ୍ୟାୟ ଅତ୍ୟାଚାର ବିରୋଧରେ ଲଢ଼େଇକରି ଗରିବ ଓ ନିଷ୍ପେଷିତଙ୍କୁ ନ୍ୟାୟଦେବା ପାଇଁ ସାମିଲ ହୋଇଥିବା ବେଳେ ଧୀରେ ଧୀରେ ସଙ୍ଗଠନର ଅସଲ ରହସ୍ୟକୁ ସାମ୍ନା କରିଥିଲେ । ସେ ସଂଗଠନ ସଦସ୍ୟ ହେବାପରେ ତାଙ୍କ ସହ ଅନ୍ୟମାନଙ୍କୁ ଜବରଦସ୍ତି ପରିବାର ନିୟୋଜନ ଅସ୍ତ୍ରୋପଚାର କରାଯାଇଥିଲା । ଫଳରେ ସେ ସଙ୍ଗଠନରୁ ମୁହଁ ଫେରାଇ ଆତ୍ମସମର୍ପଣ କରିଥିଲେ । ସଙ୍ଗଠନରେ ତାଙ୍କର ଦୁଇ ଦୁଇଥର ପରିବାର ନିୟୋଜନ ଅସ୍ତ୍ରୋପଚାର କରାଯାଇଥିବା ବେଳେ ଆତ୍ମସମର୍ପଣ ପରେ ପୋଲିସ ସହାୟତାରେ ପୁନଃ ଅସ୍ତ୍ରୋପଚାର କରାଇ ବର୍ତ୍ତମାନ ବାପା ହୋଇ ପୋଲିସକୁ ଧନ୍ୟବାଦ ଦେଇଛନ୍ତି । ସଙ୍ଗଠନ ନିଜର ପୂର୍ବନୀତି ଆଦର୍ଶ ହରାଇ ନିରୀହ ଲୋକଙ୍କୁ ହତ୍ୟା ସହ ଲୁଟ୍ ତରାଜ କରୁଥିବା ଦେଖି ସେ ଭାଙ୍ଗି ପଡ଼ିଥିଲେ । ସଙ୍ଗଠନର ବଡ଼ ନେତାଙ୍କ ଅତ୍ୟାଚାର ମଧ୍ୟ ତାଙ୍କ ପାଇଁ ଅସହ୍ୟ ହୋଇଥିବା ସେ ଗଣମାଧ୍ୟମକୁ କହିଛନ୍ତି ।

## ୪୫ତମ ବାଣୀପୀଠ ମହୋତ୍ସବ

# ଶ୍ରେଷ୍ଠ ଉପାଧିରେ ସମ୍ମାନିତ ହେବେ ବିଶିଷ୍ଟ ବ୍ୟକ୍ତି



ବେତନଟୀ,(ଭାସ୍କର ନ୍ୟୁଜ୍): ରାଜ୍ୟର ଅଗ୍ରଣୀ କଳା, ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ବାଣୀପୀଠ ୪୫ତମ ମହୋତ୍ସବ ବଡ଼ସାହିସ୍ଥିତ ବିବେକାନନ୍ଦ ବିହାରଠାରେ ଆଗାମୀ ୨୬ ତାରିଖଠାରୁ ୨୯ତାରିଖ ପର୍ଯ୍ୟନ୍ତ ୪ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଯାଉଛି । ପ୍ରତିଦିନ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ବେଳେ ୨୯ ତାରିଖରେ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ ସହିତ ରାଜ୍ୟସ୍ତରୀୟ କବି, ଲେଖକ ଓ କଳାକାର ସମ୍ମେଳନ ଅନୁଷ୍ଠିତ ହେବ । ଚଳିତବର୍ଷର ବାଣୀପୀଠ ପୁରସ୍କାର ଏକ ଲକ୍ଷ ଟଙ୍କାର ପଲିସି ବଣ୍ଡ ସହିତ ପାଇବେ ସାହିତ୍ୟ ପାଇଁ ଡ଼କ୍ଟର କବିତା ବାରିକ ଓ ସଂସ୍କୃତି ପାଇଁ ନୂଆପଡ଼ାର ହୃଦାନନ୍ଦ ମେହେର । ବାଣୀପୀଠର ଶ୍ରେଷ୍ଠ ଉପାଧି ବାଣୀରତ୍ନ ପାଇବେ ବେଙ୍ଗାଲୁରୁର ରାଧାମାଧବ ରଥ । ସେହିପରି ବାଣୀପ୍ରଜ୍ଞା ଉପାଧି ପାଇବେ ଶୁଳିଆପଦାର ସିଦ୍ଧେଶ୍ୱର ପଣ୍ଡା, ଶିକ୍ଷାଜ୍ୟୋତି ଉପାଧି ରାୟଗଡ଼ାର ଦିଲୀପ କୁମାର କର ଓ କଁଟାପାଲିର ପ୍ରମୋଦ କୁମାର ପ୍ରଧାନ, କବି ଗୌରବ ଉପାଧି ଭୁବନେଶ୍ୱରର ରକ୍ଷକ ନାୟକ, କବିରତ୍ନ ଉପାଧି କଟକର ଜ୍ଞାନ ହୋତା, ବାଣୀଭୂଷଣ ଉପାଧି ବରଗଡ଼ର ଡୋଳାମଣି ଶତପଥି, ବାଣୀବିନୋଦ ଉପାଧି କଟକର ଡ଼କ୍ଟର ସନ୍ତୋଷ କୁମାର ପଣ୍ଡା, ବାଣୀମଞ୍ଜୁଳ ଉପାଧି ସିମୁଳିଆର ଡ଼କ୍ଟର ଭରତ ଚନ୍ଦ୍ର ଦାଶ, କବିପ୍ରାଣ ଉପାଧି ନଳଗଜାର ଡ଼କ୍ଟର ଅବନୀକାନ୍ତ ଗିରି ଓ କଳାହାଣ୍ଡିର ସୁଶାନ୍ତ ରଣା, ବାଣୀଶ୍ରୀ ଉପାଧି ସୁବର୍ଣ୍ଣପୁରର କୃଷ୍ଣଚନ୍ଦ୍ର ବାରିକ, ସେବକଶ୍ରୀ ଉପାଧି ତାଳଚେ଼ରର ସୁଶ୍ରୀ ବେହେରା ଓ କେନ୍ଦୁଝରର ବିଶ୍ୱଜିତ ଦାସ, ଶିକ୍ଷାଶ୍ରୀ ଉପାଧି ସୁନ୍ଦରଗଡ଼ର ଝରଣା ତନ୍ତୀ, ସବୁଜଶ୍ରୀ ଉପାଧି ପୁରୀର ବାଉରୀବନ୍ଧୁ ବେହେରା, ଭଞ୍ଜଗୌରବ ଉପାଧି ବାରିପଦାର ଡ଼କ୍ଟର ମୋହିତ କୁମାର ଷଡ଼ଙ୍ଗୀ, ଭଞ୍ଜକନ୍ୟା ଉପାଧି ଭୁବନେଶ୍ୱରର ଭାନୁମତୀ ସିଂହ ଓ ଉତ୍କଳକନ୍ୟା ଉପାଧି ପୁରୀର ଶୁଭଶ୍ରୀ ଜୟସିଂହ, ଆଦର୍ଶ ଦମ୍ପତି ସମ୍ମାନ 'ଧ୍ୱନି ପ୍ରତିଧ୍ୱନି ଓ ସାଗରିକା'ର ସମ୍ପାଦିକା ସୈରିନ୍ଧ୍ରୀ ସାହୁ ଏବଂ ଏହାର ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡାଙ୍କୁ ପ୍ରଦାନ କରାଯିବାର ଅନୁଷ୍ଠାନ ତରଫରୁ ନିଷ୍ପତ୍ତି ନିଆଯାଇଛି । ଓଡ଼ିଶାର ତିରିଶିଟି ଜିଲ୍ଲାରୁ ୫ ରୁ ୧୦ ଜଣ ଲେଖାଏଁ କବି, ଲେଖକ ଓ କାଳାକାର ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ସାହିତ୍ୟ କାର୍ଯ୍ୟକ୍ରମ ବ୍ୟତୀତ ରକ୍ତଦାନ ଶିବିର, ପୁସ୍ତକ ଓ ପତ୍ର ପତ୍ରିକା ପ୍ରଦର୍ଶନୀ, କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ ସହିତ ରାଜ୍ୟସ୍ତରୀୟ ଶିଶୁ ମେଳା ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନର ଅଧ୍ୟକ୍ଷ ଡ଼କ୍ଟର କୁମାର ବାବୁଲି ଜଣାଇଛନ୍ତି ।

# ଉନ୍ନତମାନର ଧାନ ଯୋଗାଇବା ନେଇ ସଚେତନତା ଶିବିର



ଚିକିଟି,(ଭାସ୍କର ନ୍ୟୁଜ): ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ଚିକିଟି ବ୍ଲକର ସମ୍ମିଳନୀ କକ୍ଷରେ ଧାନ କିଣା ଉପରେ ସଚେତନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଏହି କାର୍ଯ୍ୟକ୍ରମ ସ୍ଥାନୀୟ ତହସିଲଦାର ବିଶ୍ୱରଂଜନ କଁହରଙ୍କ ଅଧକ୍ଷତାରେ ଆରମ୍ଭ ହୋଇଥିବା ବେଳେ, ଅତିରିକ୍ତ ତହସିଲଦାର ସାସ୍ୱତୀ ଷଡ଼ଙ୍ଗୀ, ବ୍ଲକ କୃଷି ସମ୍ପ୍ରସାରଣ ଅଧିକାରୀ ପ୍ରକାଶ ବେହେରା,ଆର.ଏମ.ସି ଦିଗପହଣ୍ଡି, ଅରୁଣ ମିଶ୍ର, ବିଡ଼ିଓ ଲକ୍ଷ୍ମନ ଚରଣ ସୋରେନ, ଭାରପ୍ରାପ୍ତ ଯୋଗାଣ ଅଧିକାରୀ ସ୍ମୃତିକା, ବ୍ଲକ ଉପାଧକ୍ଷା ପ୍ରମୁଖ ଯୋଗ ଦେଇ ଚାଷୀ ନିଜର ଉତ୍ପାଦିତ ଧାନକୁ ମଣ୍ଡିରେ ପହଂଚାଇବା ବେଳେ କିପରି ନିଜର ଏଫକ୍ୟୁ ଠିକ ଭାବରେ ପାଇପାରିବେ ସେଥିପ୍ରତି ବିଭିନ୍ନ ପ୍ରକାର ପଦକ୍ଷେପ ନିଆଯାଇପାରିବ । ସେଭଳି ଚାଷୀ ନିଜର ଉତ୍ପାଦିତ ଧାନକୁ ସମରଙ୍ଗି, ସମାକାର ଧାନ ମଣ୍ଡିରେ ପହଞ୍ଚାଇବା । ଚାଷୀର ସମସ୍ତ ଉତ୍ପାଦିତ ସମସ୍ତ ଧାନକୁ ସରକାର ମଣ୍ଡି ମାଧ୍ୟମରେ ନିଶ୍ଚିତ ବିକିପାରିବେ । କିନ୍ତୁ ଚାଷୀ ଧାନ ଦେବା ବେଳେ ବିଭିନ୍ନ କିସମର ଧାନ ଅଲଗା ଅଲଗା ଭାବରେ ଦେବାକୁ ମଧ୍ୟ ଅନୁରୋଧ କରାଯାଇଥିଲା । ଆହୁରି ମଧ୍ୟ ଚାଷୀ ଧାନର ନିର୍ଦ୍ଧାରିତ ମୂଲ୍ୟ ଧାର୍ଯ୍ୟ କରିବା ପାଇଁ ପ୍ରତ୍ୟେକ ମଣ୍ଡିରେ ଜଣେ ଜଣେ ପରଚେଜିଙ୍ଗ ଅଧିକାରୀ କାର୍ଯ୍ୟ କରିବେ । ଉକ୍ତ କାମକୁ ତଦାରଖ କରିବାପାଇଁ ବ୍ଲକ ନୋଡାଲ ଅଧିକାରୀ ରୂପେ ସ୍ଥାନୀୟ ତହସିଲଦାରଙ୍କୁ ଦାଇତ୍ୱ ପ୍ରଦାନ କରାଯାଇଥିବା ବେଳେ, ଭିଡିଓଙ୍କୁ ଏନ୍‌ଫରସ ଅଧିକାରୀ ରୂପେ ଦାୟିତ୍ୱ ଦିଆଯାଇଛି । ମୋଟା ମୋଟୀ ଭାବରେ ଏହି ବର୍ଷ ସରକାର ଠିକ ଧାନ ଚାଷୀଙ୍କଠାରୁ କିଣି ଠିକ ମୂଲ୍ୟ ପ୍ରଦାନ କରିବା ନେଇ ବିଭିନ୍ନ ପଦ୍ଧତି ଅବଲମ୍ବନ କରିଥିବା ମଧ୍ୟ ପ୍ରକାଶ ପାଉଛି । ଆହୁରି ମଧ୍ୟ ସମସ୍ତ ମଣ୍ଡିରେ କିଭଳି ସ୍ୱଚ୍ଛ କାରବାର ହେବ ସେଥିପାଇଁ ସମସ୍ତେ ସଚେତନ ହେବା ଦରକାର ବୋଲି ମଧ୍ୟ କୁହାଯାଇଛି । ଏହି କାର୍ଯ୍ୟକ୍ରମରେ ସମସ୍ତ ମିଲ ମାଲିକ ସମବାୟ ସମ୍ପାଦକ, ରାଜସ୍ୱ ନିରୀକ୍ଷକ ଅଧିକାରୀ, ଆଉ ବ୍ଲକର ଜନ ପ୍ରତିନିଧି ଯୋଗ ଦେଇଥିଲେ । ଆହୁରି ମଧ୍ୟ ଚାଷୀଙ୍କ ଟୋକେନ କିଭଳି ଖାରଚ ନହେବ ତାକୁ ସମସ୍ତ ସମ୍ପାଦକ, ନୋଡାଲ ଅଫିସର ଓ ମିଲର ଚେଷ୍ଟା କରିବେ ବୋଲି ମଧ୍ୟ କୁହାଯାଇଛି ।

# 'ଆଶାର ଅଯୋଧ୍ୟା' ପୁସ୍ତକ ଲୋକାର୍ପିତ




ଭଣ୍ଡାରିପୋଖରୀ,(ଭାସ୍କର ନ୍ୟୁଜ୍): ନାଟକ ମଣିଷ ମନରେ ଅଧିକ ପ୍ରଭାବ ପକାଇଥାଏ । ତେଣୁ ସମାଜକୁ ସଚେତନତାର ବାର୍ତ୍ତା ପ୍ରଦାନ କରିବାରେ ବଳିଷ୍ଠ ମାଧ୍ୟମ ଭାବେ ଏହା କାର୍ଯ୍ୟ କରେ । ହସ, ଲୁହ ଭିତରେ କଥାବସ୍ତୁ ମନ ଭିତରେ ଛାପ ସୃଷ୍ଟି କରି ପ୍ରଭାବିତ କରୁଥିବାରୁ ନାଟ୍ୟ ରଚନା ସାହିତ୍ୟରେ ଏକ ବିଶେଷ ଦିଗ ବୋଲି ନାଟ୍ୟକାର ମନୋଜ କୁମାର ରାଉତରାୟଙ୍କ ରଚିତ ନାଟକ ପୁସ୍ତକ 'ଆଶାର ଅଯୋଧ୍ୟା' ଉନ୍ମୋଚନ ଉତ୍ସବରେ ମତବ୍ୟକ୍ତ କରାଯାଇଛି । ଭଣ୍ଡାରିପୋଖରୀ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଶାରଦା ବିଦ୍ୟାମନ୍ଦିର ପରିସରରେ ସଂସଦର କାର୍ଯ୍ୟକାରୀ ସଭାପତି ପ୍ରକାଶ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉନ୍ମୋଚନ ଉତ୍ସବକୁ ଉତ୍କଳ ସମ୍ମିଳନୀର ସଭାପତି ଆଇନଜୀବୀ ଅନନ୍ତ ପ୍ରସାଦ ଜେନା ଉଦଘାଟନ କରିଥିଲେ । ମୁଖ୍ୟ ଅତିଥି ଭାବେ ପାରାଦ୍ୱୀପ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ଼ଃ ସୁରେନ୍ଦ୍ରମୋହନ ମିଶ୍ର, ମୁଖ୍ୟ ବକ୍ତା ଭାବେ ନାଟ୍ୟକାର ଅରୁଣ ବାରିକ, ସମ୍ମାନିତ ଅତିଥି ଓ ବକ୍ତା ଭାବରେ ପୁରୁଷୋ□ମ ଧଳ, କବି ଚକ୍ରଧର ପଣ୍ଡା, ଅଧ୍ୟାପକ ଅନାଦି ଚରଣ ସାହୁ, ଭଣ୍ଡାରିପୋଖରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଭରତ ଚନ୍ଦ୍ର କରଣ, ରୋଟାରିଆନ ଅଜିତ କୁମାର ଦାସ, ନାଟ୍ୟକାର ମନୋଜ କୁମାର ରାଉତରାୟ ଓ ଶାରଦା ବିଦ୍ୟାମନ୍ଦିରର ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ମହାପାତ୍ର ଯୋଗ ଦେଇ ନାଟକର ବିଷୟ ବସ୍ତୁ ସମ୍ପର୍କରେ ଆଲୋଚନା କରିବା ସହ କଟକର 'ସରସ୍ୱତୀ ପ୍ରକାଶନ' ଦ୍ୱାରା ପ୍ରକାଶିତ ଏହି ନାଟକ ପୁସ୍ତକର ପାଠକୀୟ ଆଦୃତି ହେବ ବୋଲି ଆଶା ପ୍ରକାଶ କରିଥିଲେ । ସାହିତ୍ୟ ସଂସଦ ସମ୍ପାଦକ ପବନ କୁମାର ନାୟକ ଅତିଥି ପରିଚୟ, ସ୍ୱାଗତ ଭାଷଣ ଓ ସଞ୍ଜୟ କୁମାର ନନ୍ଦ ଧନ୍ୟବାଦ ପ୍ରଦାନ କରିଥିଲେ ।ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ସାହିତ୍ୟପ୍ରେମୀ ଓ ସଂସଦର ସଦସ୍ୟ ସଦସ୍ୟା ମାନେ ଯୋଗଦେଇଥିଲେ ।

# ରାଶିଫଳ

**ଗୁରୁବାର, ୧୯ ଡିସେମ୍ବର ୨୦୨୪**

**ମେଷ:** ଆଜି ଆପଣ ଅସୁସ୍ଥତା ଏବଂ ଚିନ୍ତା ଅନୁଭବ କରିବେ । ଶରୀରରେ ଥକ୍କାପଣ ଓ ମନରେ ବ୍ୟାକୁଳତା ଅନୁଭବ ହେବ । ଅଭ୍ୟାସରେ ନ୍ୟାୟ ଆଣିବାକୁ ଚେଷ୍ଟା କରନ୍ତୁ । ନିର୍ଦ୍ଦିଷ୍ଟ କାର୍ଯ୍ୟ କରିବାକୁ ଚେଷ୍ଟା କରନ୍ତୁ ।

**ବୃଷ:** ଆଜି କୌଣସି ପ୍ରକାରର ନୂତନ କାର୍ଯ୍ୟ ଆରମ୍ଭ କରନ୍ତୁ ନାହିଁ । ଆଜି ଆପଣଙ୍କ ସ୍ୱାସ୍ଥ୍ୟ ଖରାପ ହୋଇପାରେ । ଖାଦ୍ୟ ଏବଂ ପାନୀୟରେ ବିଶେଷ ଯତ୍ନ ନେବା ଲାଭଦାୟକ ଅଟେ । ଅଫିସରେ କାର୍ଯ୍ୟଭାର ହେତୁ ଆପଣ ଅଧିକ ଥକ୍କା ଅନୁଭବ କରିବେ ।

**ମିଥୁନ:** ଆଜି ଆପଣଙ୍କର ଦିନ ଆନନ୍ଦ ଏବଂ ଭୋଗରେ ଅତିବାହିତ ହେବ । ବିପରୀତ ଲିଙ୍ଗର ଲୋକଙ୍କୁ ଭେଟିବେ । ବନ୍ଧୁ ଏବଂ ପ୍ରିୟଜନଙ୍କ ସହିତ ଏକ ଉପଭୋଗ୍ୟ ରହଣି ହୋଇପାରେ । ମିଠା ଖାଦ୍ୟ ମିଳିପାରିବ । ସ୍ୱାସ୍ଥ୍ୟ ଭଲ ହେବ ।

**କର୍କଟ:** ଆଜି ଆପଣଙ୍କର ଭଲରେ ଦିନ କଟିବ । ଘରେ ଶାନ୍ତି ଏବଂ ଆନନ୍ଦର ପରିବେଶ ରହିବ ଏବଂ ଏକ ସୁଖଦ ସମ୍ପର୍କ ଗଢି ଉଠିବ । ଆପଣ ଯାହା ବି କରନ୍ତି ସେଥିରେ ଆପଣ ଖ୍ୟାତି ଅର୍ଜନ କରିବେ । ସ୍ୱାସ୍ଥ୍ୟ ଭଲ ହେବ । ପରିବାର ସଦସ୍ୟଙ୍କ ସହିତ ଘରେ ସମୟ ବିତାଇବେ ।

**ସିଂହ:** ଆଜି ସାଧାରଣ ଲାଭର ଦିନ । ଅଯଥା ଖର୍ଚ୍ଚ ବନ୍ଦ କରିବାକୁ ପଡିବ । ବିଶେଷ ଧ୍ୟାନ ଦିଅନ୍ତୁ ଯେ ପରିବାରରେ ଝଗଡ଼ା ନହୁଏ । ପରିବାରର ସଦସ୍ୟଙ୍କ ମଧ୍ୟରେ ଥିବା ଭୁଲ ବୁଝାମଣାକୁ ଦୂରେଇ ରଖନ୍ତୁ । ଶାରୀରିକ ସମସ୍ୟା ମନରେ ଚିନ୍ତା ଆଣିବ ।

**କନ୍ୟା:** ଆଜି ଆପଣଙ୍କ ପାଇଁ ଭଲ ଦିନ ନୁହେଁ । ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ଭଲ ହେବ ନାହିଁ । ଅନେକ ସମସ୍ୟା ହେତୁ ମନ ବିବ୍ରତ ରହିବ । ଶକ୍ତିର ଅଭାବ ରହିବ । ସମ୍ପର୍କୀୟମାନଙ୍କ ସହିତ ମତଭେଦ ହେବ । ମାଆର ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା କରିବେ ।

**ତୁଳା:** ଆଜି ପୂର୍ବର ସମସ୍ୟା ସମାଧାନ ହୋଇଯିବ । ପାରିବାରିକ ଜୀବନ ସୁଖଶାନ୍ତିରେ କଟିବେ । କୌଣସି ନୂତନ କାର୍ଯ୍ୟ କରିବାକୁ ଅଗ୍ରସର ହୋଇ ସଫଳ ହେବେ । କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢିପାରେ ।

**ବିଛା:** ଆପଣଙ୍କ ଦିନ ଶୁଭ ହେବ । ଭାଇମାନଙ୍କ ସହିତ ଭଲ ସମ୍ପର୍କ ରହିବ । ଏକ ଛୋଟ ଧାର୍ମିକ ସ୍ଥାନ ପରିଦର୍ଶନ କରିବା ଏକ ସଫଳ କାର୍ଯ୍ୟକ୍ରମ ହେବ । ଧନ ଲାଭର ସମ୍ଭାବନା । ବିଦେଶରୁ ଭଲ ଖବର ଆସିବ । ବ୍ୟବହାରିକ ପ୍ରସଙ୍ଗ ହେତୁ ଯାତ୍ରା କରିପାରିବ । ଶାରୀରିକ ଏବଂ ମାନସିକ ସ୍ତରରେ ସୁସ୍ଥ ରହିବ । ପୁଞ୍ଜି ନିବେଶକାରୀଙ୍କ ପାଇଁ ଏହା ଏକ ଭଲ ଦିନ

**ଧନୁ:** ଆପଣ ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟର ଯତ୍ନ ନିଅନ୍ତୁ । ଆଜି ଆପଣ ନିର୍ଦ୍ଦିଷ୍ଟ କାର୍ଯ୍ୟ କରିବାକୁ ସକ୍ଷମ ହେବେ । ଆର୍ଥିକ ଲାଭ ହାସଲ ହେବ । ସ୍ଥାନାନ୍ତରଣର ସମ୍ଭାବନା, ବିଶେଷକରି ଧାର୍ମିକ ଯାତ୍ରା ସମ୍ଭାବନା ଅଛି । ସମ୍ପର୍କୀୟଙ୍କ ଘରେ ଏକ ମଙ୍ଗଳ ପ୍ରସଙ୍ଗରେ ଉପସ୍ଥିତ ହେବାର ଏକ ସୁଯୋଗ ଆସିପାରେ ।

**ମକର:** ଆଜି ଆପଣ ସତର୍କ ରହିବାକୁ ସୂଚନା ଆସିଛି । ଆଜି ବ୍ୟବସାୟିକ କାର୍ଯ୍ୟରେ ସହଯୋଗୀ ହସ୍ତକ୍ଷେପ ବୃଦ୍ଧି ପାଇବ । ଖର୍ଚ୍ଚ ସାଧାରଣ ଅପେକ୍ଷା ଅଧିକ ହେବ । ଧାର୍ମିକ, ସାମାଜିକ କାର୍ଯ୍ୟରେ ଯୋଗଦାନ ବୃଦ୍ଧି ପାଇବ ଏବଂ ଖର୍ଚ୍ଚ ମଧ୍ୟ ହୋଇପାରେ । ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା ହେବ ।

**କୁମ୍ଭ:** ଆପଣ ନୂତନ କାର୍ଯ୍ୟ ଆୟୋଜନ ଆରମ୍ଭ କରିବା ପାଇଁ ଆଜି ଶୁଭ ଦିନ । ଚାକିରି ଏବଂ ବ୍ୟବସାୟରେ ଲାଭ ହେବ । ଆପଣ ମହିଳା ସାଙ୍ଗମାନଙ୍କଠାରୁ କାମ ପାଇପାରିବେ । ଲକ୍ଷ୍ମୀ ଦେବୀଙ୍କ ଆଶୀର୍ବାଦ ଆଜି ଆପଣଙ୍କ ଉପରେ ଅଛି । ଆପଣ ବୁଲିବାକୁ ଯୋଜନା କରିପାରିବେ ।

**ମୀନ:** ଆଜି ଆପଣଙ୍କ ଦିନ ବହୁତ ଶୁଭ ହେବ । ଆପଣ ସଫଳତା ଏବଂ ଉଚ୍ଚ ପଦାଧିକାରୀଙ୍କ ଇଚ୍ଛା ହେତୁ ଆଜି ଆପଣଙ୍କ ପାଇଁ ଖୁସିର ଦିନ ହେବ । ବ୍ୟବସାୟୀମାନେ ବ୍ୟବସାୟରେ ଅଭିବୃଦ୍ଧି ଏବଂ ସଫଳତା ପାଇବେ । ଲକ୍ଷ୍ମୀଦେବୀଙ୍କ ଆଶୀର୍ବାଦ ରହିବ । ସ୍ୱାସ୍ଥ୍ୟ ଭଲ ହେବ ।



ପ୍ରସ୍ତୁତି
ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ରାଇଘର(ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସଦର ମହକୁମା ସ୍ଥିତ ତପନ କଲ୍ୟାଣ ମଣ୍ଡପ ଠାରେ ସନାତନ ସ୍ମୃତି ସାହିତ୍ୟ ଆନୁକୂଲ୍ୟରେ ଅଭିରାମ ଲେଙ୍କାଙ୍କ ବ୍ୟଙ୍ଗ କବିତା ପୁସ୍ତକ କବିତା ନା ଫବିତା ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମ ଅବସରରେ ପଞ୍ଚାୟତ ସମିତି କଲେଜ ଅଧକ୍ଷ ପରୀକ୍ଷିତ ସାହୁ ସଭାପତି ଭାବେ ମଞ୍ଚାସୀନ ହୋଇଥିବା ବେଳେ ଓଡ଼ିଶାର ସୁନାମଧନ୍ୟ ବ୍ୟଙ୍ଗକାର ଶ୍ରୀଯୁକ୍ତ ସତ୍ୟାନାଶ ମୁଖ୍ୟ ଅତିଥି , ପୂର୍ବତନ ସାହିତ୍ୟ ଏକାଡେମୀ ସଦସ୍ୟ ବଲ୍ଲଭ ରାଉତ, ସମ୍ମାନୀତ ଅତିଥି ଭାବେ ସାଂସଦ ପ୍ରତିନିଧି ପ୍ରିତିସ୍ନିଗ୍ଧା ମହାପାତ୍ର, ସମ୍ମାନୀତ ଅତିଥି ଭାବେ ପ୍ରେରଣା ସମ୍ପାଦକ ଟୁଟୁବାବୁ ପଟ୍ଟନାୟକ, ସମାଜସେବୀ ଶିକ୍ଷାବିତ ଲକ୍ଷ୍ମୀକାନ୍ତ ବାହିନୀପତି, ଶିକ୍ଷୟିତ୍ରୀ ମନୋରମା ମହାପାତ୍ର, ସମୀକ୍ଷକ ଭାବେ ଅଧ୍ୟାପକ ଗୋପାଳ ମହାରଣା ମଞ୍ଚାସୀନ ହୋଇ ଅଭିରାମ ଲେଙ୍କା ଓରଫ ଶ୍ରୀମାନ ଅଖାଡୁଆଙ୍କ ଉଚ୍ଚ ମାନର ବ୍ୟଙ୍ଗ ଲେଖାକୁ ଭୂୟସୀ ପ୍ରଶଂସା କରିଥିଲେ । ଏହି କାର୍ଯ୍ୟକ୍ରମରେ ଇଂ. ଚନ୍ଦନା ମଲ୍ଲିକ ସ୍ୱାଗତ ସଂଗୀତ ଗାନ କରିଥିବାବେଳେ ଶିକ୍ଷୟିତ୍ରୀ ସ୍ୱାଗତିକା ବାହିନୀପତି ଓ ଶିକ୍ଷକ ସଂଗ୍ରାମ ପରିଡା ସଂଯୋଜନା ତଥା ପରିଚାଳନା କରିଥିଲେ । ଶେଷରେ ଅନୁଷ୍ଠାନର ସହସମ୍ପାଦକ ଧନଞ୍ଜୟ ମଲ୍ଲ ଧନ୍ୟବାଦ ଅର୍ପଣ କରିଥିଲେ । ସଂଗ୍ରାମ କେଶରୀ ପରିଡ଼ା ଧନ୍ୟବାଦ୍ ଅର୍ପଣ କରିଥିଲେ।

# କଲରା ପତରିଆ ଆକ୍ରମଣରେ ଜଣେ ଶିଶୁ ସହ ଦୁଇ ଗୁରୁତର

## ଉତ୍ତ୍ୟକ୍ତ ଗ୍ରାମବାସୀଙ୍କ ମାଡ଼ରେ ବାଘ ମୃତ



ରାଇଘର (ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ରାଇଘର ସୀମାନ୍ତ ଛତିଶଗଡ଼ ରାଜ୍ୟରେ ଦୁଇବର୍ଷ ଧରି ଆତଙ୍କ ସୃଷ୍ଟି କରିଥିବା କଲରା ପତରିଆ ବାଘ ଆଜି ଦୁଇଜଣଙ୍କୁ ଆକ୍ରମଣ କରି ଆହତ କରିଥିବା ବେଳେ ଉତ୍ତ୍ୟକ୍ତ ଗ୍ରାମବାସୀ ତାକୁ ମାଡ଼ ମାରି ବନ ବିଭାଗକୁ ହସ୍ତାନ୍ତର କରିଥିଲେ। ଆହତ ବାଘକୁ ରାୟପୁର ସ୍ଥିତ ଜଂଗଲ ସଫାୟର୍‌କୁ ନେଉଥିବା ସମୟରେ ବାଟରେ ତାର ମୃତ୍ୟୁ ଘଟିଛି । ବାଘଟି ଆହତ ଦୁଇବର୍ଷର ଶିଶୁ କନ୍ୟା ଓ ଓଡ଼ିଶା ସୀମାନ୍ତ ଠାରୁ ପ୍ରାୟ ୨୦ କିଲୋମିଟର ଦୂରରେ ଅବସ୍ଥିତ ଗାରିଆବନ୍ଧ ଜିଲ୍ଲା ବାରୁକା ଗ୍ରାମରେ ଆଜି ସକାଳେ ଜଣେ ୩୨ ବର୍ଷିୟ ଯୁବକଙ୍କୁ ଆକ୍ରମଣ କରି ରକ୍ତାକ୍ତ କରିଦେଇଥିଲା । ଗ୍ରାମବାସୀ ଘଟଣାସ୍ଥଳରେ ଏକତ୍ରିତ ହୋଇ ବାଘକୁ ଘଉଡ଼ାଇବାରେ ସକ୍ଷମ ହୋଇଥିଲେ । କିନ୍ତୁ ଏହାର ମାତ୍ର ୪ ଘଣ୍ଟା ପରେ ପୁଣି ଉକ୍ତ ବାଘଟି ସେହି ଗ୍ରାମର ଜଣେ ଅଢେଇ ବର୍ଷ ଝିଅକୁ ଆକ୍ରମଣ କରି ଗୁରୁତର କରିଥିଲା। ଯୁବକ ଜଣକ ଘରେ ରହି ଚିକିତ୍ସିତ ହେଉଥିବାବେଳେ ଶିଶୁ କନ୍ୟାକୁ ରାୟପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି । ଅନ୍ୟପଟେ ବାରମ୍ବାର ସେ ଅଞ୍ଚଳରେ ବାଘଟି ଆତଙ୍କ ଖେଳାଇ ଆସୁଥିବା ସହ ଆଜିର ଏହି ଘଟଣାରେ ଗ୍ରାମବାସୀ ଉତ୍ତ୍ୟକ୍ତ ହୋଇ ଟେକା ପଥର ଓ ଠେଙ୍ଗା ବାଡ଼ି ସାହାଯ୍ୟରେ ଘଉଡ଼ାଇ ମାରିବା ଫଳରେ ବାଘଟି ଆହତ ହୋଇଯାଇଥିଲା । ଠେଙ୍ଗା ମାଡ଼ ରେ ତାର ଡାହାଣ ଗୋଡ଼ ଭାଙ୍ଗି ଯିବା ସହ ଦାନ୍ତ ଗୁଡ଼ିକ ମଧ ଭାଙ୍ଗି ଯାଇଥିବା ବନ ବିଭାଗ ଅଧିକାରୀ ପ୍ରକାଶ କରିଥିଲେ । ପ୍ରବଳ ମାଡ଼ରେ ବାଘଟି ଦୁର୍ବଳ ହୋଇଯିବା ଫଳରେ ସେ ଆଉ ଜଂଗଲ ମଧ୍ୟକୁ ଖସି ଯାଇ ପାରିନଥିଲା । ଶେଷରେ ଗ୍ରାମବାସୀ ତାକୁ କାବୁ କରିବାରେ ସଫଳ ହୋଇ ବନ ବିଭାଗକୁ ହସ୍ତାନ୍ତର କରିଥିଲେ । ବାଘଟିକୁ ରାୟପୁର ସ୍ଥିତ ଜଂଗଲ ସଫାୟର୍‌କୁ ନେଇ ଯାଉଥିବା ବେଳେ ବାଟରେ ତାର ମୃତ୍ୟୁ ଘଟିଥିବା ବନ ବିଭାଗ ଅଧିକାରୀ ପ୍ରକାଶ କରିଥିଲେ। ଭୋକ ଓ ଯନ୍ତ୍ରଣା ହେତୁ ଚିତାବାଘର ମୃତ୍ୟୁହୋଇଥିବା ବନ ବିଭାଗ ନିଶ୍ଚିତ କରିଛି । ଅପରପକ୍ଷରେ ଖବର ଲେଖା ହେବା ପର୍ଯ୍ୟନ୍ତ ବାଘଟିର ମୃତ୍ୟୁକୁ ନେଇ ବନ ବିଭାଗ ପକ୍ଷରୁ ସେଭଳି କିଛି ପଦକ୍ଷେପ ଗ୍ରହଣ କରାଯାଇନଥିବା ବେଳେ ଆହତଙ୍କୁ ମଧ ସହାୟତା ଯୋଗାଇ ଦିଆଯାଇନଥିବା ଜଣାପଡ଼ିଛି ।

# ୨୩ ଦିନରେ ଗନ୍ଧମାର୍ଦ୍ଦନ ପାହାଡ଼ର ସ୍ଥାୟୀ ସୁରକ୍ଷା ଦାବିରେ ଗଣଧାରଣା

## ■ ସାମିଲ ହେଲା ହରିଶଙ୍କର ବଣିକ ସଂଘ



ଖପ୍ରାଖୋଲ(ଭାସ୍କର ନ୍ୟୁଜ୍): ସ୍ଥାନୀୟ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଗନ୍ଧମାର୍ଦ୍ଦନ ପାହାଡ଼ର ସ୍ଥାୟୀ ସୁରକ୍ଷା ଦାବିରେ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ତରଫରୁ ଚାଲିଥିବା ଗଣ ଧାରଣା ୨୩ ଦିନରେ ପହଞ୍ଚିଛି। ପ୍ରତିଦିନ ପରିବେଶପ୍ରେମୀ ସମର୍ଥନ ଜଣାଉଥିବାବେଳେ ମଙ୍ଗଳବାର ହରିଶଙ୍କର ବଣିକ ସଂଘ ଦୋକାନ ବଜାର ବନ୍ଦ କରି ସମର୍ଥନ ଜଣାଇଛନ୍ତି। ଏହି ଅବସରରେ ବଣିକ ସଂଘ ସଭାପତି ପଞ୍ଚମ ପ୍ରଧାନ ଓ ସମ୍ପାଦକ ଜନ୍ମେଜୟ ସାହୁଙ୍କ ନେତୃତ୍ୱରେ ସଂଘ ସଦସ୍ୟ ସଦସ୍ୟା ଓ ପୁରୁଷ ମହିଳା ସ୍ଥାନୀୟ ପେଟ୍ରୋଲ ପମ୍ପ ଠାରୁ ଏକ ବିକ୍ଷୋଭ ଶୋଭାଯାତ୍ରା ରେ ବିଭିନ୍ନ ସ୍ଲୋଗାନ ଦେଇ ଗଣଧାରଣା ସ୍ଥଳରେ ପହଞ୍ଚି ସମର୍ଥନ ଜଣାଇଥିଲେ। ଏହି ଅବସରରେ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ଆବାହକ ଜୟ ସିଂ ପୁଝାରୀ, ଟେକେନ୍ଦ୍ର ଜାଲ, ସୁଶିଲ ନାଏକ, ଏଲଡିଏ ପ୍ରତିଷ୍ଠାତା ଲବ ସୁନା, ସୁଶିଲ ଗୁରୁ, କ୍ଷମା ନିଧି ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ବୁଢ଼ାଗୁଡ଼ା ଆର୍‌ଏମ୍‌ସି ଠାରେ ଧାନମଣ୍ଡି ଉଦ୍‌ଘାଟିତ



କଲ୍ୟାଣସିଂହପୁର (ଭାସ୍କର ନ୍ୟୁଜ): ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ବୁଢ଼ାଗୁଡା ପଞ୍ଚାୟତରେ ଥିବା ଆରଏମ୍‌ସି ଠାରେ ଧାନମଣ୍ଡି ଉଦଘାଟିତ ହୋଇଯାଇଛି । ଏଥିରେ ଲ୍ୟାମ୍ପ ପରିଚାଳକ ସଭାପତି ଶଙ୍କର ହୁଇକାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ତହସିଲଦାର ମାନସ ରଞ୍ଜନ ମାନସେଠ ଯୋଗ ଦେଇ ମଣ୍ଡି ଉଦଘାଟନ କରିଥିଲେ । ସମ୍ମାନୀୟ ଅତିଥି ଭାବେ ଲ୍ୟାମ୍ପ ଉପସଭାପତି ପ୍ରମିଳା କାଡ୍ରାକା , (ଏମ୍ ଆଇ)ମାର୍କେଟ ଅଧିକାରୀ ଶଙ୍କର ବେହେରା , ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଚନ୍ଦନ ଦାସ ବାଙ୍ଗାରି, ରାଜସ୍ୱ ନିରୀକ୍ଷକ ବିଶ୍ୱନାଥ ଶବର, ବରିଷ୍ଠ ଚାଷୀ ଲକିନାଥ ନାଚିକା,କୁମାର ସ୍ୱାମୀ କୌଶଲ୍ୟା, ଦାଶରଥି ନାୟକ, ନାରୀ ତିଆକା ଓ ନିୟନ୍ତ୍ରିତ ବଜାର କମିଟି ଅଧିକାରୀ ପ୍ରଦୀପ କୁମାରପାଲ ମଞ୍ଚାସୀନ ରହିଥିଲେ । ଚାଷୀଙ୍କୁ ମିଲର ବା ଆର ଏମ୍‌ସି ପକ୍ଷରୁ ବସ୍ତା ବା ଅଖା ଯୋଗାଇଦେବାର ଅଛି । ମଣ୍ଡିରେ ଧାନ କିଣିବା ପରେ ୭୨ ଘଣ୍ଟା ମଧ୍ୟରେ ଚାଷୀଙ୍କୁ ଟଙ୍କା ଆସିବାର ଅଛି ବୋଲି ଚାଷୀ କହିଛନ୍ତି । ସୋମବାର ଓ ମଙ୍ଗଳବାର ମଣ୍ଡିକୁ ବୁଢ଼ାଗୁଡା ଆର ଏମ୍‌ସି ୟାର୍ଡକୁ ମାଝୀଗୁଡା ,ପୂଜାରିଗୁଡା, ସୁନାଖଣ୍ଡି ,ପୋଲମା, କନ୍ଧ କାତିପାଡୁ ପଞ୍ଚାୟତରେ ଚାଷୀ ଧାନ ଆଣିବାପାଇଁ କୁହାଯାଇଥିବା ବେଳେ ଉକ୍ତ ଆରଏମ୍‌ସି ୟାର୍ଡକୁ ବୁଧବାର ଓ ଗୁରୁବାର ମଣ୍ଡିକୁ ବୁଢ଼ାଗୁଡା ,ଶିକରପାଇ, ନାରାୟଣପୁର ,କରପା, ସେରିଗୁମ୍ମା ପଞ୍ଚାୟତର ଚାଷୀ ଧାନ ଆଣିବେ। କଲ୍ୟାଣସିଂହପୁର ଡାକ ବଙ୍ଗଳା ଠାରେ ମଙ୍ଗଳବାର ଓ ଶୁକ୍ରବାର ମଣ୍ଡିକୁ କଲ୍ୟାଣସିଂହପୁର, ଧାମୁଣି ପଙ୍ଗା, ସିଙ୍ଗାରି ,ପାର୍ଶାଲି ପଞ୍ଚାୟତର ଚାଷୀ ଧାନ ଆଣିବେ ବୋଲି କୁହାଯାଇଛି। ସାଧାରଣ କିସମ ଧାନ କୁଇଣ୍ଟାଲ ପିଛା ୨୩୦୦ଟଙ୍କା,ଗ୍ରେଡ ଏ କିସମ ଧାନ କୁଇଣ୍ଟାଲ ପିଛା ୨୩୨୦ ଟଙ୍କା ଓ ଇନପୁଟ ସହାୟତା ୮୦୦ଟଙ୍କା ସରକାରୀ ମୂଲ୍ୟ ରହିଥିବା ଅତିଥିମାନେ କହିଛନ୍ତି । ଏଥିରେ ମିଲର,ଚାଷୀ ଓ ନିୟନ୍ତ୍ରିତ ବଜାର କମିଟିର ଅଧିକାରୀ, ଲ୍ୟାମ୍ପ ଏମ୍ ଡି ତାରିଣୀ ପ୍ରସାଦ ତ୍ରିପାଠୀ ଓ ଲ୍ୟାମ୍ପସର ସମସ୍ତ କର୍ମଚାରୀ ଉପସ୍ଥିତ ରହିଥିଲେ ।

# ନୂତନ ତହସିଲଦାରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): କାଶୀନଗର ଠାରେ ନୂତନ ଭାବରେ କାର୍ଯ୍ୟ ଗ୍ରହଣ କରିଥିବା ତହସିଲଦାର ସୁଧୀର କୁମାର ନନ୍ଦଙ୍କୁ ବଂଶଧାରା ପାଠାଗାର ଓ ମେଡ଼ିଆ କ୍ଲବ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିପୂର୍ବରୁ ଶ୍ରୀ ନନ୍ଦ ବରଗଡ଼ ତହସିଲଦାର ରହି ବହୁ ଗୁରୁତ୍ୱପୂର୍ଣ୍ଣ କାମ କରି କାଶୀନଗର ତହସିଲଦାର ଭାବେ ବଦଳି ହୋଇ କାର୍ଯ୍ୟରେ ଯୋଗ ଦେଇଥିଲେ। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ବଂଶଧାରା ପାଠାଗାର ସଭାପତି ହୃଷୀକେଶ ଗୌଡ଼ ସଭାପତିତ୍ୱ କରି କାଶୀନଗରରେ ନୂତନ ତହସିଲଦାରଙ୍କୁ କାଶୀନଗର ଅଞ୍ଚଳର ପ୍ରଶାସନିକ ସୁପରିଚାଳନା ନିମନ୍ତେ ଶୁଭେଚ୍ଛା ଜଣେଇଥିବା ବେଳେ ମେଡ଼ିଆ କ୍ଲବ ସଭାପତି ଆନନ୍ଦ ପାତ୍ର କାଶୀନଗର ଅଞ୍ଚଳ ରେ ଜଣେ ଯୁବ ତହସିଲଦାର ପାଇ ଗର୍ବ ଅନୁଭବ କରୁଥିବା କଥା କହିଥିଲେ । ସଭାରେ ମେଡ଼ିଆ କ୍ଲବ ସଦସ୍ୟ, ନାଗରିକ ଓ ସମାଜସେବୀ ଯୋଗଦାନ କରିଥିଲେ।

# ଗୁଣପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପିତ




ଗୁଣପୁର (ଭାସ୍କର ନ୍ୟୁଜ୍): ଗୁଣପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଦ୍ୱାରା ଆୟୋଜିତ ବାର୍ଷିକ କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମର ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅନୁଷ୍ଠାନର ଅଧକ୍ଷ ଶଶୀଭୂଷଣ ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ସେହିପରି ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ସମାଜରେ ଏକ ଭଲ ମଣିଷ ହେବା ପାଇଁ ପ୍ରେରଣା ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଗୁଣପୁର ପୌରପରିଷଦର ଉପାଧ୍ୟକ୍ଷ ଶିବ ଗୌଡ଼ ଯୋଗଦେଇଥିବା ବେଳେ ଅନ୍ୟତମ ସମ୍ମାନିତ ଅତିଥି ଭାବ ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ମୋହନ ଚନ୍ଦ୍ର ସାହୁ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଏହି ସମୟକୁ ସଂଗ୍ରାମୀ, ସାଧନା ଓ ଶପଥର ସମୟ ବୋଲି ସୂଚନା ଦେଇଥିଲେ । ମୁଖ୍ୟବକ୍ତା ଭାବରେ ସ୍ଥାନୀୟ ଅତିରିକ୍ତ ତହସିଲଦାର ଶ୍ରୀ ଅଂଶୁମାନ ପରିଡ଼ା ଯୋଗଦେଇ ଛାତ୍ରଛାତ୍ରୀମାନଙ୍କର ଲୁକ୍କାୟିତ ପ୍ରତିଭାର ବିକାଶ କିପରି ସମ୍ଭବ ହେବ ସେ ଉପରେ ନିଜର ମନ୍ତବ୍ୟ ପ୍ରକାଶ କରିବା ସହ ସମାଜରେ ନାରୀର ସ୍ଥିତି ଓ ପ୍ରତିଷ୍ଠା ସମ୍ପର୍କରେ ମତ ରଖିଥିଲେ । ସେହିପରି ପ୍ରାଧ୍ୟାପକ ଡକ୍ଟର ଜୱାହାରଲାଲ ଚୌଧୁରୀ ଅନୁଷ୍ଠାନର ଗର୍ବ ଓ ଗୌରବମୟ ଇତିହାସ ସମ୍ପର୍କରେ ନିଜର ମତ ରଖିଥିଲେ । ଅଧ୍ୟାପକ ଅମିୟ ରଞ୍ଜନ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଜଗନ୍ନାଥ ଦୀପ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଅଧ୍ୟାପକ ସତୀଶ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ କୃତୀ ଛାତ୍ରଛାତ୍ରୀ ତଥା ଛାତ୍ର ପ୍ରତିନିଧିମାନଙ୍କୁ ମେଡାଲ ଓ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା । ଏହାସହିତ ଛାତ୍ର ପବିତ୍ର ଜାଗାରାଙ୍ଗା ଓ ଛାତ୍ରୀ ପ୍ରତିମା ଶବରଙ୍କୁ ଚମ୍ପିୟାନ ଘୋଷଣା କରି ପୁରସ୍କୃତ କରାଯାଇଥିଲା । ଏ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ପ୍ରାଧ୍ୟାପକ, ଅଧ୍ୟାପକ, ଅଧ୍ୟାପିକା ତଥା କର୍ମଚାରୀମାନେ ଉପସ୍ଥିତ ଥିଲେ । ଶେଷରେ ଅଧ୍ୟାପକ ଡକ୍ଟର ସତ୍ୟବାନ ଗରଡ଼ାଙ୍କ ସଂଯୋଜନାରେ ଛାତ୍ରଛାତ୍ରୀମାନଙ୍କଦ୍ୱାରା ଏକ ରଂଗାରଗଂ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।

# କାଳିମେଳାରେ ଧାନମଣ୍ଡି ଶୁଭାରମ୍ଭ



ମାଲକାନାଗିରି (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲାର କାଳିମେଳା ବ୍ଲକ ସଦରସ୍ଥିତ ଆରଏମସି ୟାର୍ଡ଼ରେ ଚଳିତ ୨୦୨୪ ବର୍ଷ ର ଧାନମଣ୍ଡି ର ଶୁଭାରମ୍ଭ ର ହୋଇଛି। ଏହି ମଣ୍ଡି ରେ ଧାନ କିଣିବାକୁ କାଳିମେଳା ସଦର ତେଲୁଗୁ ସାହିର ଶିରିଡି ସାଇ ମହିଳା ସ୍ୱୟମ ସହାୟକ ଗୋଷ୍ଠୀକୁ ଚଳିତବର୍ଷ ଧାନ ଦୁଇଟି ଗ୍ରାମ ପଂଚାୟତ ତଥା କାଳିମେଳା ଗ୍ରାମ ପଂଚାୟତ ଏବଂ ତେଲେରାଇ ଗ୍ରାମ ପଂଚାୟତର ଚାଷୀଙ୍କ ଧାନ କିଣିବାକୁ ଅନୁମତି ଦିଆଯାଇଛି। ଏହି ଧାନ ମଣ୍ଡିର ଶୁଭାରମ୍ଭ । ସମାରୋହରେ କାଳିମେଳା ବ୍ଲକ ଅଧକ୍ଷା ସୁବାସିନୀ ସୋଡି, ପୂର୍ବତନ ବିଧାୟକ ମୁକୁନ୍ଦ ସୋଡି, କାଳିମେଳା ବ୍ଲକ ପୂର୍ବତନ ଅଧକ୍ଷ ମାଲା ମାଡି, କାଳିମେଳା ଗ୍ରାମ ପଂଚାୟତ ସରପଞ୍ଚ ପୃଥ୍ୱୀବିରାଜ ମାଝୀ, ତେଲେରାଇ ଗ୍ରାମ ପଂଚାୟତ ସରପଞ୍ଚ ମୁତା ସୋଡି, କୋୟା ସମାଜ ସଭାପତି ଓ୍ୱାଗା ମାଡକାମୀ ଓ ଡିଏଲପିସି ସଦସ୍ୟ ଲକ୍ଷ୍ମୀକାନ୍ତ ତ୍ରିପାଠୀ, ପିପିସି ସଦସ୍ୟ ରତ୍ନାକର ପାଣିଗ୍ରାହୀ, ଇ.ଭେଙ୍କଟ ରାଓ, ରାମଚନ୍ଦ୍ର କାରାମି, ମିଶନ ଶକ୍ତି ବିଭାଗ ର ବିପିଏ ଅମିତ ବିଶ୍ୱାସ ପ୍ରମୁଖ ଏହି ଧାନମଣ୍ଡିର ଶୁଭାରମ୍ଭ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ପ୍ରଥମେ ନିମନ୍ତ୍ରିତ ଅତିଥିଙ୍କ ଦ୍ୱାରା ପୂଜା ଅର୍ଚ୍ଚନା କରାଯାଇ ନଡ଼ିଆ ବାଡେଇ ନୂଆଧାନ କଣ୍ଟା, ମଏଶ୍ଚର ଇତ୍ୟାଦି ଯନ୍ତ୍ରପାତିକୁ ପୂଜା କରାଯାଇଥିଲା। ଏହି ଧାନମଣ୍ଡି ଶୁଭାରମ୍ଭରେ ନୋଡାଲ ଅଫିସର ଭାବେ ରାଜସ୍ୱ ନିରୀକ୍ଷକ ବଜା ମାଡକାମୀ ଉପସ୍ଥିତ ରହିଥିବାବେଳେ ଆରଏମସି ପକ୍ଷରୁ ରାଜେନ୍ଦ୍ର ଜେନା ସାମନ୍ତ, କ୍ୱାଲିଟି ଏହି ଆନାଲାଇଜର କାଜଲ ବିଶ୍ୱାସ, ସଜଲ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହା ସହିତ ସ୍ୱୟଂ ସହାୟକ ଗୋଷ୍ଠୀ ର ସମସ୍ତ ସଦସ୍ୟା, ସଭାପତି ସିହେଚ ଈଶ୍ୱରୀ, ସମ୍ପାଦିକା ମାଝୀ ପରମେଶ୍ୱରୀ, ଜ୍ୟୋତ୍ସାରାଣୀ ପଟ୍ଟନାୟକ, ଜି ଛିଟି, ବି ସରସ୍ୱତୀ, ଏନ ରାବନା, ଭବାନୀ ଦଳେଇ ପ୍ରମୁଖ ଉପସ୍ଥିତ ରହିଥିଲେ। ଧାନର ସର୍ବନିମ୍ନ ମୂଲ୍ୟ ୨୩୦୦ ଟଙ୍କା, ଅତିରିକ୍ତ ବୋନସ ୮୦୦, ସର୍ବମୋଟ ମୋଟ ୩୧୦୦ଟଙ୍କା ମୂଲ୍ୟ ଚାଷୀ ପାଇବେ। ଚଳିତ ବର୍ଷ ଧାନ ର ଆଦ୍ରତା ୧୭% ରହିଛି। ଆଜି ଧାନ ମଣ୍ଡି ଶୁଭାରମ୍ଭ ହୋଇଛି ଏବଂ ପ୍ରଥମ ପର୍ଯ୍ୟାୟ ରେ ୧୭୦୩୫. ୯୫ କଇଣ୍ଟାଲ ଧାନ କିଣିବାକୁ ଶିରିଡି ସାଇ ମହିଳା ସ୍ୱଂୟମ ସହାୟକ ଗୋଷ୍ଠି କୁ ଟାର୍ଗେଟ ଦିଆହୋଇଛି, କିନ୍ତୁ ସର୍ଭର ଅସୁବିଧା କାରଣ ଯୋଗୁଁ ଧାନ କିଣା ହୋଇ ପାରି ନାହି । ସମସ୍ତ ପ୍ରକାର ଯାନ୍ତ୍ରିକ ସମସ୍ୟା ସୁଧୁରିଲେ ଧାନ କିଣା ଯିବ ବୋଲି ବିଭାଗ ପକ୍ଷ ରୁ ସୂଚନା ମିଳିଛି ।ଏ ନେଇ ଚାଷୀ କାଳୀପଦ ମଣ୍ଡଳ, ମନମୋହନ ମଣ୍ଡଳ ପ୍ରମୁଖଙ୍କ ଶହ ଶତାଧିକ ଚାଷୀ ଉପସ୍ଥିତ ରହିଥିଲେ।

# କୌଟିଲ୍ୟ ଗ୍ଲୋବାଲ ସ୍କୁଲର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା




ବରଗଡ଼ (ଭାସ୍କର ନ୍ୟୁଜ): କୌଟିଲ୍ୟ ଗ୍ଲୋବାଲ ସ୍କୁଲର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ସଫଳତାର ସହିତ ଅନୁଷ୍ଠିତ ହୋଇଯାଇଛି। ପ୍ରିନ୍ସିପାଲ୍ ସୁମନ୍ତ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କ୍ରୀଡ଼ା ଉତ୍ସବ ଆକର୍ଷଣୀୟ ଓ ଉତ୍ସାହପୂର୍ଣ୍ଣ ଥିଲା। ମୁଖ୍ୟ ଅତିଥି ଶିଶୁ ମଙ୍ଗଳ କମିଟିର ସଭ୍ୟା ରାଧା ଅଗ୍ରୱାଲ ଏବଂ ସମ୍ମାନିତ ଅତିଥି ଶ୍ରୀଯୁକ୍ତ ଆଶୁତୋଷ ରଥ, ଆଇନ ପରାମର୍ଶଦାତା, କଲାଓ୍ୱତି ଶିବ ଶଙ୍କର ଓ୍ୱେଲଫେଆର ସୋସାଇଟି ଏହି କ୍ରୀଡ଼ା ପ୍ରତିଯୋଗିତାର ଅନୁଷ୍ଠାନକୁ ଗରିମା ଦେଇ ସମ୍ପୂର୍ଣ୍ଣ କରିଥିଲେ। ପ୍ରତିଯୋଗିତା ଅନୁଷ୍ଠାନରେ ପ୍ଲେ ଗ୍ରୁପ, ନର୍ସରୀ, ଏଲ୍‌କେଜି ଓ ୟୁକେଜି ବର୍ଗର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେହି ପ୍ରତିଯୋଗିତା ଗୁଡିକରେ ଛାତ୍ରଛାତ୍ରୀଙ୍କର ଦ୍ରୁତତା, ଦୃଢ଼ତା ଏବଂ ସମୟ ନିୟନ୍ତ୍ରଣର କୌଶଳ ଦେଖିବାକୁ ମିଳିଥିଲା। ସାରା କ୍ରୀଡ଼ା ଉତ୍ସବକୁ ମିନାକ୍ଷୀ ସୁହୁଲା, ନମ୍ରତା ଭୋଇ, କମଳିନୀ ମହାପାତ୍ର ଓ ସୋଭନା ପଟ୍ଟନାୟକ ପରିଚାଳନା କରିଥିଲେ, ଯାହା ପ୍ରତିଯୋଗିତାକୁ ସଫଳ ଓ ସମ୍ପୂର୍ଣ୍ଣ କରିବାରେ ସହଯୋଗ କରିଥିଲା। କ୍ରୀଡ଼ା ପ୍ରତିଯୋଗିତାରେ ବନଜା, ସୁଷମା ଓ ଅର୍ଚ୍ଚନା ସହଯୋଗ ପ୍ରଦାନ କରିଥିଲେ, ଯାହା ସମସ୍ତ ପ୍ରତିଯୋଗିତାକୁ ସମ୍ପୂର୍ଣ୍ଣ ସଫଳ କରିବାରେ ସହାୟକ ହୋଇଥିଲା। ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ କରିବା ସହିତ, ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହି ପୁରସ୍କାର ସେମାନେ ପ୍ରତିଯୋଗିତାରେ ଶ୍ରେଷ୍ଠ ଦକ୍ଷତା ଦେଖାଇଥିବାରୁ ଦିଆଯାଇଥିଲା। ଏହି କ୍ରୀଡ଼ା ଉତ୍ସବ ଛାତ୍ରଛାତ୍ରୀମାନେ ସେମାନଙ୍କର ଦକ୍ଷତା ଓ ସମ୍ପୂର୍ଣ୍ଣତାକୁ ପ୍ରଦର୍ଶନ କରିଥିଲେ, ଯାହା ସେମାନେ ନିଜର ଶରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ଦେଖିବାକୁ ସହଯୋଗ କରିଛି। ସମ୍ପୂର୍ଣ୍ଣ କ୍ରୀଡ଼ା ଉତ୍ସବ ଏକ ଅଦ୍ଭୁତ ଅନୁଭବ ଥିଲା ଯାହା ସମସ୍ତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସାଧାରଣ ଆନନ୍ଦ ଓ ଉତ୍ସାହକୁ ବୃଦ୍ଧି କରିଥିଲା।

# ଭୀମଭୋଇ ସାମର୍ଥ୍ୟ ଶିବିର



ରାଇଘର(ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଠାରେ ଜିଲ୍ଲା ପ୍ରଶାସନ ତଥା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ବିଭାଗ ପକ୍ଷରୁ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ରାଇଘର ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲକ୍ଷ୍ମୀ ସାଗର ମାଝୀଙ୍କ ତତ୍ତ୍ୱାଧାନରେ ଆୟୋଜିତ ଶିବିରରେ ବ୍ଲକ ଅଧକ୍ଷ ଗୁପ୍ତ ପ୍ରସାଦ ଝାଙ୍କର, ଗଣଶିକ୍ଷାମନ୍ତ୍ରୀଙ୍କ ପ୍ରତିନିଧି ସୁଦର୍ଶନ ମାଝୀ, ସାଂସଦ ପ୍ରତିନିଧି ପ୍ରୀତିସ୍ନିଧା ମହାପାତ୍ର, ଜିଲ୍ଲା ପରିଷଦ ସଦସ୍ୟ ଯତୀନ୍ଦ୍ର ଗଣ୍ଡ, ଖଗେଶ୍ୱର ହରିଜନ, ସ୍ଥାନୀୟ ସରପଞ୍ଚ ଲମ୍ବୋଦର୍ ମାଝୀଙ୍କ ଉପସ୍ଥିତିରେ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍ଘାଟନ କରିଥିଲେ । ଉକ୍ତ ଶିବିରରେ ଚକ୍ଷୁ ବିଭାଗ, କାନ ନାକ ବିଭାଗ, ଗଳା ବିଭାଗ, ଅସ୍ଥିଶଲ୍ୟ ବିଭାଗ ସକାଶେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଶିବିର ରେ ସର୍ବମୋଟ ୬୨୨ଜଣ ଭିନ୍ନକ୍ଷମ ପଞ୍ଜିକରଣ କରିଥିବା ବେଳେ ୪୧୫ ଜଣଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ସହ କିଛି ଜଣଙ୍କୁ ଟ୍ରାଇ ସାଇକେଲ ମଧ ଦିଆଯାଇଥିଲ। ଅନ୍ୟମାନଙ୍କ ମଧ୍ୟରେ ହାଟ ଭରାଣ୍ଡି ମେଡିକାଲର ଇନ୍‌ଚାର୍ଜ ଡକ୍ଟର ଦଶରଥ ନାଗ ବିଭିନ୍ନ ବିଭାଗର ଡକ୍ଟର ନବରଙ୍ଗପୁର ଜିଲ୍ଲା ମେଡିକାଲ ଷ୍ଟାଫ୍, ୨୬ ଗୋଟି ପଂଚାୟତର ସରପଞ୍ଚ, ସମିତି ମେମ୍ବର, ବ୍ଲକ ଷ୍ଟାଫ୍, ଆଦି ଉପସ୍ଥିତ ରହି ସହଯୋଗ କରିବା ଦେଖିବାକୁ ମିଳିଥିଲା।

# ମଣ୍ଡିରୁ ଧାନ କିଣିପାରିଲାନି ପ୍ରଶାସନ

- ଧାନବସ୍ତା ରଖି ଯୋଡିଙ୍ଗା ମୁଖ୍ୟରାସ୍ତା ଅବରୋଧ
- ୫ ଘଣ୍ଟା ପରେ ରାସ୍ତାରୋକ ହଟିଲା





ରାଇଘର(ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଯୋଡ଼େଙ୍ଗା ଠାରେ ଥିବା ମଣ୍ଡିରେ ଆଜି ପ୍ରସାଶନ ପକ୍ଷରୁ ଧାନ କିଣା ହୋଇପାରି ନଥିବାରୁ ଚାଷୀମାନେ ଧାନ ବସ୍ତା ରଖି ରାସ୍ତାରୋକ କରିଥିଲେ । ପ୍ରଶାସନ ପକ୍ଷରୁ ସ୍ଥାନୀୟ ବିଡିଓ , ଥାନା ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ଚାଷୀଙ୍କୁ ବୁଝାସୁଝା କରିବା ପରେ ପ୍ରାୟ ୫ ଘଣ୍ଟା ପରେ ରାସ୍ତାରୋକ ହଟିଥିଲା। ସୂଚନା ଅନୁଯାୟୀ ଗତ ୧୦ ତାରିଖ ଠାରୁ ଜିଲ୍ଲାରେ ମଣ୍ଡି ଖୋଲା ଯାଇ ଚାଷୀଙ୍କ ନିକଟରୁ ଧାନ କିଣିବାକୁ ପ୍ରଶାସନ ପକ୍ଷରୁ ଯୋଜନା ପ୍ରସ୍ତୁତ କରାଯାଇ ଥିବା ବେଳେ ରାଇଘର ବ୍ଲକରେ ଏ ପର୍ଯ୍ୟନ୍ତ ଚାଷୀଙ୍କ ଠାରୁ ମୁଠାଏ ଧାନ ବି ପ୍ରଶାସନ କିଣି ପାରିନାହିଁ । ରାଇଘର , ହାଟଭରାଣ୍ଡି ଓ ଜୋଡିଙ୍ଗା ମଣ୍ଡିରେ ମୋଟ ୧୫ଶହ କୁଇଣ୍ଟାଲ ଧାନ ଚାଷୀ ଫୋପାଡ଼ିଦେଇ ଘରେ ରହିଥିବା ବେଳେ ଉକ୍ତ ଧାନ ଏଫ୍‌ଏକ୍ୟୁମାନର ହୋଇନଥିବାରୁ ମିଲର୍ସ ଉଠାଇବାକୁ ନାରଜ୍ । ଏହି ପରିପେକ୍ଷୀରେ ଆଜି ଯୋଡିଙ୍ଗା ଠାରେ ଧାନ ମଣ୍ଡି ଆରମ୍ଭ ହୋଇଥିବା ବେଳେ ୧୧ ଶହ ୭୬ କୁଇଣ୍ଟାଲ ଧାନ ଚାଷୀଙ୍କ ଠାରୁ ମାନ ପରୀକ୍ଷା ପାଇଁ ସଂଗ୍ରହ କରାଯାଇଥିଲା। ଆରଏମ୍‌ସି ପକ୍ଷରୁ ରହିଥିବା ମେସିନ୍ ସାହାଯ୍ୟରେ କିଛି ବସ୍ତାରୁ ଧାନ ଆଣି ପରୀକ୍ଷା କରିବା ପରେ କୁଇଣ୍ଟାଲ ପିଛା ୧୫ କିଲୋ ଅଗାଡ଼ି ବାହାରିଥିଲା । ଯାହାକି ଏଫଏକ୍ୟୁମାନର ଧାନ ମିଳି ନଥିଲା। କୁଇଣ୍ଟାଲ ପିଛା ୧୫ କିଲୋ କାଟି ମିଲର୍ସ ଧାନ ଗ୍ରହଣ କରିବାକୁ କହିବା ଫଳରେ ଉପସ୍ଥିତ ଚାଷୀ ରାଗିଯାଇ ହୋ ହାଲା କରିଥିଲେ। ସରକାର ଗୋଟାଏ ପଟେ କଟନୀ ଛଟନୀ ବନ୍ଦ କରିଥିବା ବେଳେ କୁଇଣ୍ଟାଲ ପିଛା ୧୫ କିଲୋ ଧାନ କାହିଁକି କଟା ଯିବ ବୋଲି ସ୍ୱର ଉଠାଇ ଆର୍‌ଏମ୍‌ସି ର ମାନ ନିର୍ଣ୍ଣୟ ଯନ୍ତ୍ରକୁ ଚାଷୀ ବିରୋଧ କରିଥିଲେ । ଶେଷରେ ବୋରଗାଁ ଠାରେ ଥିବା ମଣ୍ଡିରୁ କିଛି ଧାନ ବସ୍ତାନେଇ ରାଇଘର କୁନ୍ଦେଇ ମୁଖ୍ୟ ରାସ୍ତାର ଜୋଡିଙ୍ଗା ଛକ ନିକଟରେ ପହଞ୍ଚିଥିଲେ। ଧାନବସ୍ତା ରଖି ରାସ୍ତା ଅବରୋଧ କରିବା ସହ ପ୍ରଶାସନ ବିରୋଧରେ ସ୍ୱର ଉଠାଇଥିଲେ । ଉପସ୍ଥିତ ଚାଷୀଙ୍କ କହିବା ଅନୁଯାୟୀ ସରକାର ଯେଉଁ ଏଫଏକ୍ୟୁମାନର ଧାନ କିଣିବା ପାଇଁ ଧାର୍ଯ୍ୟ କରିଛନ୍ତି ତାହା ଆମ ଜିଲ୍ଲାରେ ମିଳିବ ନାହିଁ । ତେଣୁ କଟନୀ ଛଟନୀ ବନ୍ଦ କରି ପୂର୍ବରୁ ଯେମିତି ଆମ ଧାନ ନିଆଯାଉଥିଲା , ସେମିତି ନିଆଯାଉ ବୋଲି ଚାଷୀ ଦାବି କରିଥିଲେ । ଦିନ ୧ଟା ସମୟରୁ ଏହି ରାସ୍ତା ରୋକ ଆରମ୍ଭ ହୋଇଥିବା ବେଳେ ଘଟଣା ସ୍ଥଳରେ ରାଇଘର ଥାନ ଅଧିକାରୀ ଓ ବ୍ଲକ ବିଡ଼ିଓ ପହଞ୍ଚି ଦୁଇ ଦିନ ମଧ୍ୟରେ ସମସ୍ତ ଚାଷୀଙ୍କ ଧାନ ଉଠାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ସନ୍ଧ୍ୟା ୬ ଟା ସମୟରେ ରାସ୍ତାରୋକ ହଟିଥିଲା । ଅନ୍ୟପଟେ ରାଇଘର ବ୍ଲକରେ ରହିଥିବା ସମସ୍ତ ମଣ୍ଡିରୁ ବିନା କଟନୀ ଛଟନୀରେ ସରକାର କିଭଳି ଧାନ କିଣିବ ଏହାକୁ ନେଇ ଚାଷୀ ଏବେ ଦ୍ୱନ୍ଦରେ ରହିଛି ।

# ଜନ୍ମ ଓ ମୃତ୍ୟୁ ପଞ୍ଜିକରଣରେ ଠକ୍କକତା ନେଇ ଆଇନଜୀବୀଙ୍କ କାର୍ଯ୍ୟାଳୟ ଘେରାଉ

କନ୍ଧମାଳ(ଭାସ୍କର ନ୍ୟୁଜ): କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରର ଜନ୍ମ ଓ ମୃତ୍ୟୁ ପଞ୍ଜିକରଣ କାର୍ଯ୍ୟାଳୟରେ ମୋଟା ଅଙ୍କର ହାତଗୁଞ୍ଜା ନେଇ ଚଞ୍ଚକତା କରାଯାଉଥିବା ନେଇ ସ୍ଥାନୀୟ ଆଇନଜୀବୀଙ୍କ ପକ୍ଷରୁ ଅଭିଯୋଗ ହୋଇଛି । ଆଉ ଏହାକୁ ନେଇ ମଙ୍ଗଳବାର ଦାରିଙ୍ଗବାଡି ଓକିଲ ସଂଘ ପକ୍ଷରୁ ଜନ୍ମ ଓ ମୃତ୍ୟୁ ପ୍ରମାଣପତ୍ର କାର୍ଯ୍ୟାଳୟକୁ ଘେରିଥିବା ବେଳେ ସେଠାରେ କିଛି ସମୟ ପାଇଁ ଉତ୍ତେଜନା ଦେଖାଯାଇଥିଲା । ଓକିଲଙ୍କ ଅଭିଯୋଗ ଯେ ଉକ୍ତ କାର୍ଯ୍ୟାଳୟରେ କାର୍ଯ୍ୟରତ କିରାଣୀ ନିଜ ସହଯୋଗୀଙ୍କ ସହ ମିଶି ମନମୁଖୀ କାର୍ଯ୍ୟ କରିବା ସହ ଜନ୍ମ ମୃତ୍ୟୁ ପ୍ରମାଣ ପତ୍ର ପାଇଁ ଆବଶ୍ୟକ କାଗଜପତ୍ର ନିଜର ଏକ ନିର୍ଦ୍ଦିଷ୍ଟ ଦୋକାନରେ ପ୍ରସ୍ତୁତ କରି ହିତାଧିକାରୀଙ୍କ ଠାରୁ ଅଧିକା ଟଙ୍କା ଦାବି କରୁଛନ୍ତି। ଏଥିରେ ଯେଉଁମାନେ ଟଙ୍କା ଦେବାକୁ ଅମଙ୍ଗ ହେଉଛନ୍ତି ସେମାନଙ୍କ କାଗଜପତ୍ରକୁ ରିଜେକ୍ଟ କରି ବାରମ୍ବାର ଦୌଡାଉଛନ୍ତୁ ଏବଂ ଜିଲ୍ଲା ବାହାରୁ ନୋଟାରୀ ପେପର ଆଣି ନିଜେ ହିତାଧିକାରୀଙ୍କ ଶପଥ ପାଠ କରାଇବା ଆବଶ୍ୟକତା ଠାରୁ ଅଧିକ ହିତାଧିକାରୀଙ୍କ ଠାରୁ ଦାବି କରି ନେଉଛନ୍ତି କିରାଣୀ ଓ ତାଙ୍କ ସହଯୋଗୀ କର୍ମଚାରୀ ବୋଲି ଆଇନଜୀବୀଙ୍କ ପକ୍ଷରୁ ଅଭିଯୋଗ କରି କିରାଣୀ ଜଣଙ୍କୁ ଆଇନଜୀବୀଙ୍କ ପକ୍ଷରୁ କାର୍ଯ୍ୟାଳୟରେ ତାଲା ପକାଇରଖିଥିଲେ। ଗୋଷ୍ଠି ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଜାକେଶ ସାମନ୍ତରାୟ ଆଇନଜୀବୀ ମାନଙ୍କୁ ବୁଝାସୁଝା କରିବା ସହ ଅଭିଯୋଗ ଅନୁଯାଇ ତଦନ୍ତ କରି ଉପରସ୍ତ ଅଧିକାରୀଙ୍କୁ କାର୍ଯ୍ୟାନୁଷ୍ଠାନ ପାଇଁ ଜଣାଇବି ବୋଲି ପ୍ରତିଶୃତି ଦେଇଥିବା ବେଳେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ତେବେ ବରିଷ୍ଠ ଆଇନଜୀବୀ ଉମେଶ କର,ମନୋଜ କୁମାର ପଣ୍ଡା, ସୁବର୍ଣ୍ଣ ବାଗସିଂ,ପ୍ରଦୀପ ବଳିୟାର ସିଂ,ଏଲିଆସ ମାଝୀ,ଇନ୍ଦ୍ରମଣୀ ପ୍ରଧାନଙ୍କ ପ୍ରମୁଖ ଦାବି ଅନୁଯାୟୀ କିରାଣୀ ଚନ୍ଦ୍ରଶେଖର ପରିଡା ଏବଂ ସହଯୋଗୀ ସ୍ୱାସ୍ଥ୍ୟକର୍ମୀ ମନୋଜ କୁମାର ପ୍ରଧାନଙ୍କୁ ଏଠୁ ତୁରନ୍ତ ଅନେତ୍ର ବଦଳି କରାଯାଉ। ସେପଟେ ଏନେଇଁ ସମ୍ପୃକ୍ତ କିରାଣୀ ଏବଂ ସ୍ୱାସ୍ଥ୍ୟ କର୍ମୀ ଜଣକ ଉତ୍ତର ରଖିଛନ୍ତି ଯେ ଅଭିଯୋଗ ଗୁଡ଼ିକର କୌଣସି ସତ୍ୟତା ନାହିଁ। ଉଦ୍ଦେଶ୍ୟମୂଳକ ଭାବେ ଏଭଳି କରାଯାଉଥିବା ଉଭୟ କହିଛନ୍ତି । ହେଲେ ମନୋଜ ପ୍ରଧାନ ଜଣେ ସ୍ୱାସ୍ଥ୍ୟ କର୍ମୀ ହୋଇଥିବା ବେଳେ ସେ କିଭଳି ନିଜ ଦାୟିତ୍ୱ ଛାଡ଼ି ଜନ୍ମ ମୃତ୍ୟୁ କାର୍ଯ୍ୟାଳୟରେ ସଦା ବେଳେ ପଡିରହୁଛନ୍ତି ? ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକାରୀଙ୍କୁ ବ୍ୟକ୍ତିଗତ ଭାବେ ଅନୁମତି ରହିଥିବା ଅନଲାଇନ କାର୍ଯ୍ୟଗୁଡିକର କାର୍ଯ୍ୟକ୍ରମକୁ ବାହାରେ ଏକ ଦୋକାନରୁ କିଭଳି ପରିଚାଳନା କରାଯାଉଛି ସେ ସବୁ ଏବେ ପ୍ରଶ୍ନ ଘେରରେ ? ତେଣୁ ଏହାର ଆଇନଗତ ତଦନ୍ତ ହେବା ମଧ ଅତ୍ୟନ୍ତ ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।

# ପେନ୍‌ସନର୍ସ ଡେ’ ପାଳିତ

ପାରଳାଖମୁଣ୍ଡି(ଭାସ୍କର ନ୍ୟୁଜ): ସ୍ଥାନୀୟ ଉତ୍କଳ ହିତୈଷିଣୀ ସମାଜ ସଭା ଗୃହରେ ପେନସନର୍ସ୍ ଡେ ପୂର୍ଣଚନ୍ଦ୍ର ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇସାରିଛି। ସଭାପତି ଅଶ୍ୱିନୀ କୁମାର ପାଢ଼ୀ, ଉପସଭାପତି ଆଶାଲତା ପାଣିଗ୍ରାହୀ,ବିଚିତ୍ରାନନ୍ଦ ବେବର୍ତ୍ତା ମଞ୍ଚାସୀନ ଥିଲେ। ଅବସର ଏକ ବିଶେଷ ଆକର୍ଷଣୀୟ ଅବସ୍ଥା, ଦୈବୀ ପୁରସ୍କାର ମଧ, ଉତ୍ତର ପୀଢିଙ୍କୁ ସଚେତନ କରାଇବା ଦାୟିତ୍ୱ ଆମର ରହିଛି। ତେଣୁ ମନୋବଳ ଓ ଇଚ୍ଛାଶକ୍ତି ଏହି ସମୟରେ ସକ୍ରିୟ ରହିବା ଆବଶ୍ୟକ ବୋଲି ବରିଷ୍ଠ ନାଗରିକ ତଥା ପେନସନର୍ସମାନେ କହିଥିଲେ। ୬୦ରୁ ଉର୍ଦ୍ଧ୍ୱ ଏଥିରେ ଯୋଗ ଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ।

# ଇନ୍ଦ୍ରାବତୀ ଜଳଭଣ୍ଡାରରେ ଡଙ୍ଗାବୁଡ଼ି ବୃଦ୍ଧ ନିଖୋଜ

ତେନ୍ତୁଳିଖୁଣ୍ଟି(ଭାସ୍କର ନ୍ୟୁଜ): ନବରଙ୍ଗପୁରଜିଲ୍ଲାର ତେନ୍ତୁଳିଖୁଣ୍ଟି ବ୍ଲକ ଇନ୍ଦ୍ରାବତୀ ଜଳ ଭଣ୍ଡାରରେ ଏକ ଦେଶୀ ଡଙ୍ଗା ବୁଡ଼ି ଯିବାରୁ ଜଣେ ବୃଦ୍ଧନିଖୋଜ ହୋଇ ଥିବାବେଳେ ଆଉ ଜଣେ ଅଳ୍ପକେ ବର୍ତ୍ତିଯାଇଛନ୍ତି । ଦମକଳ ବାହିନୀ ଦିନତମାମ ଖୋଜାଖୋଜି କରିଥିଲେ ହେଁ ବୃଦ୍ଧଙ୍କର କୌଣସି ସନ୍ଧାନ ମିଳିପାରିନି। ନିଖୋଜ ଜଣଙ୍କ ତେନ୍ତୁଳିଖୁଣ୍ଟି ବ୍ଲକ ତଳଙ୍ଗ ଗ୍ରାମରଗଙ୍ଗାଧର କମାର ବୋଲି ଜଣାପଡ଼ିଛି । ସୂଚନା ଅନୁଯାୟୀ, ତେନ୍ତୁଳିଖୁଣ୍ଟି ବ୍ଲକ ମଞ୍ଜାଗାଁ ପଞ୍ଚାୟତର ତଳଙ୍ଗ, ଟାଙ୍ଗନିକୋଟ,ବାଗ୍ରା, ଗୁରୁମାଇଁଗୁଡ଼ା ଓ ଝଲାଗୁଡ଼ା ଗାଁ ଇନ୍ଦ୍ରାବତୀଜଳଭଣ୍ଡାର ଅପର ପାର୍ଶ୍ୱରେ ରହିଛି । ଏହି ୫ଖଣ୍ଡ ଗ୍ରାମବାସୀ ଦେଶୀ ଡଙ୍ଗା ଦ୍ୱାରା ବିପଦପୂର୍ଣ୍ଣ ଭାବେ ଇନ୍ଦ୍ରାବତୀ ଜଳଭଣ୍ଡାରରେ ପାର ହୋଇ ନିଜର ନିତ୍ୟ ବ୍ୟବହାର ଜିନିଷ କିଣିବା ତଥା ପଞ୍ଚାୟତ କାର୍ଯ୍ୟାଳୟ, ବ୍ଲକ କାର୍ଯ୍ୟାଳୟ, ସ୍ୱାସ୍ଥ୍ୟ ସେବା ଭଳି ବିଭିନ୍ନ କାର୍ଯ୍ୟ ପାଇଁ ତେନ୍ତୁଳିଖୁଣ୍ଟିବ୍ଲକ ଉପରେ ନିର୍ଭର କରିଥାନ୍ତି। ଗତକାଲିତଳଙ୍ଗ ଗ୍ରାମର ଗଙ୍ଗାଧର କମାର ଏବଂଲକ୍ଷ୍ମଣ କମାର ଦୁଇଜଣ ଭଡା ପାଇଁ ଏକ ଦେଶୀ ଡଙ୍ଗାରେ ଜଳଭଣ୍ଡାର ଦେଇ ଇନ୍ଦ୍ରାବତୀ ଆସିଥିଲେ। କାମସାରି ସନ୍ଧ୍ୟାରେ ଦୁଇ ଜଣବାରିଆ ଘାଟରୁ ଦେଶୀ ଡଙ୍ଗାରେ ଜଳଭଣ୍ଡାର ଦେଇ ନିଜ ଗାଁକୁ ଫେରୁଥିଲେ। ତେବେ ତଳଙ୍ଗ ଘାଟକୁ ପହଞ୍ଚିବା ପାଇଁ ଅଳ୍ପ କିଛି ଦୂର ଥିବା ସମୟରେ ଲହଡ଼ି ହୋଇ ଡଙ୍ଗାରେ ପାଣି ପଶିବାକୁ ଲାଗିଥିଲା। ପରେ ଜଳଭଣ୍ଡାରରେ ଡଙ୍ଗା ଓଲଟି ପଡ଼ିବାରୁ ଗଙ୍ଗାଧର ନିଖୋଜ ହୋଇଯାଇ ଥିବା ବେଳେ ଲକ୍ଷ୍ମଣ ପହଁରି ପହଁରି କୂଳକୁ ଫେରିଥିଲେ। ତେବେ ଲକ୍ଷ୍ମଣ ବୃଦ୍ଧ ଜନକୁ ବହୁ ଖୋଜାଖୋଜି କରି ନିରାଶ ହୋଇଥିଲେ। ଏହିଖବର ପାଇ ତେନ୍ତୁଳିଖୁଣ୍ଟି ଦମକଳ କେନ୍ଦ୍ରର କର୍ମଚାରୀ ଜଳଭଣ୍ଡାରରେ ପହଞ୍ଚି ଦିନତମାମ ଖୋଜାଖୋଜି କରିଥିଲେ ହେଁ ଗଙ୍ଗାଧରଙ୍କ ଖୋଜଖବର ମିଳି ନଥିଲା। ନିଖୋଜ ଗଙ୍ଗାଧର ଭଡା ଟଙ୍କା ପାଇଁ ଯାଇଥିଲେ।



ପୁରୀ (ଭାସ୍କର ନ୍ୟୁଜ) : ଶ୍ରୀକ୍ଷେତ୍ର କଲୋନୀ ପୁରୀର ଅରବିନ୍ଦ ଶତପଥୀ ଙ୍କୁ ସମାଜର ବରିଷ୍ଠ ନାଗରିକ ମାନଙ୍କର ବିଭିନ୍ନ ସମସ୍ୟା ପାଇଁ କାମ କରୁଥିବା ପାଇଁ ରାଜ୍ୟ ବରିଷ୍ଠ ନାଗରିକ ମହାସଂଘ ଆଜି ପ୍ରତିଷ୍ଠା ଦିବସ ପାଳନ ଅବସରରେ ମାନପତ୍ର ଉପଢୌକନ ପ୍ରଦାନ କରି ସମ୍ମାନିତ କରିଛନ୍ତି। ସେ ଆମ ବରିଷ୍ଠ ନାଗରିକ କ୍ଲବ ଶ୍ରୀକ୍ଷେତ୍ର କଲୋନୀ ପୁରୀ ର ଆଦରଣୀୟ ସଭାପତି। ଏହି ସମ୍ମାନ ପାଇବାରେ ସେ ପୁରୀ ର ପ୍ରଥମ ବରିଷ୍ଠ ନାଗରିକ। ସମସ୍ତେ ତାଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ଏହି ଅବସରରେ ପୁରୀ ର ବରିଷ୍ଠ ନାଗରିକ ମାନଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ହୋଇଛି। ଏହି କାର୍ଯ୍ୟକ୍ରମ ରେ ପୁରୀ ସହରର ଅନେକ ବରିଷ୍ଠ ନାଗରିକ ଯୋଗ ଦେଇଥିଲେ। ପୁରୀ ଜିଲ୍ଲା ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚର ସଭାପତି ନିରଞ୍ଜନ ଦାସଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। ସମସ୍ତ କାର୍ଯ୍ୟକର୍ତ୍ତାମାନଙ୍କୁ ଅରବିନ୍ଦ ଶତପଥୀ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

## ବିଶ୍ୱ ଏନ୍‌ଜିଓ ...

ତଥା ଏ ନେଇ ଇଡି ସମସ୍ତ ତଥ୍ୟ ହାସଲ କରିବା ପରେ ଚଢାଉ କରାଯାଇଛି। ପୂର୍ବରୁ ମଧ୍ୟ ବିଶ୍ୱ ଏନଜିଓ ଉପରେ କ୍ରାଇମବ୍ରାଞ୍ଚ ଓ ଇଡି ପକ୍ଷରୁ ଚଢାଉ କରାଯାଇଥିଲା। ସେତେବେଳେ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ମଧ୍ୟ ଜବତ କରାଯାଇଥିଲା। ତେବେ ସେତେବେଳେ ରାଜ୍ୟରେ ବିଜେଡି ସରକାର ଥିବାରୁ କ୍ରାଇମବ୍ରାଞ୍ଚ ଓ ଇଡି ଚଢାଉ ସତ୍ତ୍ୱେ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରି ନଥିଲା। ବୁଧବାର ପୁଣିଥରେ ଇଡି ପକ୍ଷରୁ ଚଢାଉ ହୋଇଛି। ସୂଚନାଥାଉ କି ଗତ କିଛିବର୍ଷ ହେବ ଏହି ଏନଜିଓକୁ ବନ୍ଦ ରଖାଯାଇଛି। ସୂଚନାଯୋଗ୍ୟ ଯେ ସ୍ୱର୍ଗତଃ କ୍ଷୀରୋଦ ମଲ୍ଲିକ ହେଉଛନ୍ତି ବିରୋଧୀଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକଙ୍କ ଭାଇ।

## ୨୧ ଯାଏ...

ଥିବାବେଳେ ଗୋଟିଏ ଦୁଇଟି ସ୍ଥାନରେ ମଧ୍ୟମ ଧରଣର ବର୍ଷାର ମଧ୍ୟ ସମ୍ଭାବନା ରହିଛି। ଉପକୂଳ ଓଡ଼ିଶାର କେତେକ ଅଞ୍ଚଳରେ ମଧ୍ୟ ବର୍ଷା ହୋଇପାରେ। ଗତ ୨୪ ଘଣ୍ଟା ମଧ୍ୟରେ ସର୍ବନିମ୍ନ ତାପମାତ୍ରା ୨ରୁ ୩ ଡିଗ୍ରୀ ବୃଦ୍ଧି ପାଇଛି। ୪୮ ଘଣ୍ଟା ମଧ୍ୟରେ ଆହୁରି ୨ରୁ ୩ ଡିଗ୍ରୀ ପାରଦ ଖସିବ ବୋଲି ଆଶା କରାଯାଉଛି।ତେବେ ବର୍ଷାକୁ ନେଇ ରାଜ୍ୟର ଚାଷୀକୂଳ ଭୟଭୀତ ଅବସ୍ଥାରେ ରହିଛନ୍ତି। ଯଦିଓ ଅମଳ ଧାନକୁ ସୁରକ୍ଷିତକରି ରଖିବା ପାଇଁ ପାଣିପାଗ ବିଭାଗ ସୂଚନା ଦେଇଛି, ତଥାପି ଚାଷୀମାନେ ଏ କ୍ଷେତ୍ରରେ କେତେଦୂର ସଫଳ ହେବେ ତାକୁ ନେଇ ସନ୍ଦେହ ପ୍ରକାଶ ପାଇଛି।

## ପାପର ତାଲିକା...

କଂଗ୍ରେସକୁ ଟାର୍ଗେଟ କରିଥିବାବେଳେ ବୁଧବାର ପ୍ରଧାନମନ୍ତ୍ରୀ କଂଗ୍ରେସକୁ ଏହି ପ୍ରସଙ୍ଗରେ ପ୍ରବଳ କଟାକ୍ଷ କରିଛନ୍ତି। କଂଗ୍ରେସ କେମିତି ତଥାକଥିତ ଭାବେ ସମସ୍ତ ପ୍ରକାରର ଖରାପ ତରିକା ଆପଣାଇ ଆମ୍ବେଦକରଙ୍କ ଚିହ୍ନବର୍ଣ୍ଣ ଲିଭାଇ ଦେବାକୁ ଚେଷ୍ଟା କରିଥିଲା ଓ କେମିତି କଂଗ୍ରେସ ଅନୁସୂଚୀତ ଜାତି ଓ ଜନଜାତିକୁ ହଇରାଣ କରିଥିଲା ସେ ନେଇ ମୋଦୀ ବିସ୍ତୃତଭାବେ ନିଜ ଏକ୍ସ ଆକାଉଣ୍ଟରେ ଉଲ୍ଲେଖ କରିଛନ୍ତି। ସେ କହିଛନ୍ତି, ଯଦି କଂଗ୍ରେସ ଭାବୁଛି ଯେ ସେମାନଙ୍କର ବିଦ୍ୱେଷପୂର୍ଣ୍ଣ ମିଛ, ଦୀର୍ଘବର୍ଷ ଧରି ସେମାନେ କରିଥିବା ପାପ ଓ ବିଶେଷକରି ଆମ୍ବେଦକରଙ୍କ ପ୍ରତି ସେମାନେ କରିଥିବା ଅପରାଧକୁ ଲୁଚାଇ ଦେବ ତାହା ସେମାନଙ୍କର ଏକ ଭୁଲ ଧାରଣା। କଂଗ୍ରେସ କେବଳ ଆମ୍ବେଦକରଙ୍କୁ ଭାରତ ରତ୍ନ ଦେବାକୁ ମନା କରିନଥିଲା, ବରଂ ତାଙ୍କୁ ଦୁଇଥର ନିର୍ବାଚନରେ ପରାସ୍ତ କରାଇଥିଲା। ଏପରିକି ପଣ୍ଡିତ ନେହେରୁ ତାଙ୍କ ବିରୋଧରେ ପ୍ରଚାର କରିଥିଲେ। ଆମ୍ବେଦକରଙ୍କ ପରାଜୟକୁ ଗୋଟିଏ ସମ୍ମାନସ୍ୱଦ ପ୍ରସଙ୍ଗରେ ପରିଣତ କରିଥିଲା କଂଗ୍ରେସ। ଶ୍ରୀ ମୋଦୀ ଆହୁରି ଅଭିଯୋଗ କରିଛନ୍ତି ଯେ ଅନୁସୂଚୀତ ଜାତି ଓ ଜନଜାତି ବିରୋଧରେ ହୋଇଥିବା ସବୁଠାରୁ ଭୟଙ୍କର ନରସଂହାର କଂଗ୍ରେସ ଅମଳରେ ଘଟିଥିଲା। ସେମାନେ ଦୀର୍ଘବର୍ଷ ଧରି କ୍ଷମତାରେ ରହିଥିଲେ। ତେବେ ବିଜେପି ସରକାର ଆମ୍ବେଦକରଙ୍କ ଲକ୍ଷ୍ୟକୁ ଦୃଷ୍ଟିରେ ରଖି ଅନେକ କଲ୍ୟାଣମୂଳକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଗୋଟିଏ ଦଶନ୍ଧି ମଧ୍ୟରେ ବିଜେପି ସରକାର ୨୫ କୋଟି ଲୋକଙ୍କୁ ଗରିବୀରୁ ମୁକ୍ତି ଦେଇଛନ୍ତି। ଏସ୍‌ସି/ଏସଟି ଆଇନକୁ ମଜବୁତ ମଧ୍ୟ କରିଛନ୍ତି। ତେଣୁ କଂଗ୍ରେସ ଏବେ ନାଟକବାଜି ଆରମ୍ଭ କରିଛି ବୋଲି ମୋଦୀ କହିଛନ୍ତି।

## କଂଗ୍ରେସ ଦଳ...

କରୁଛି। ଦେଶର ଦଳିତ ଓ ପଛୁଆ ସମାଜ କଂଗ୍ରେସର ଏହି ଦଳିତ ପଛୁଆ ବିରୋଧୀ କାର୍ଯ୍ୟ ବିଷୟରେ ବେଶ୍ ଅବଗତ ଅଛନ୍ତି। ବାବା ସାହେବ ଆମ୍ବେଦକରଙ୍କୁ ସଂସଦରେ ନ ପହଞ୍ଚାଇବା ପାଇଁ ଚେଷ୍ଟା କରିଥିବା, ଭାରତ ରତ୍ନ ନ ଦେବାପାଇଁ ଷଡ଼ଯନ୍ତ୍ର କରିଥିବା ଏକ ପରିବାର ଓ କଂଗ୍ରେସ ନିଜର ଏହି ଅପରାଧକୁ କେବେ ବି ଲୁଚାଇ ପାରିବ ନାହିଁ । ସେମାନଙ୍କ ପ୍ରକୃତ ମୁଖା ଦେଶବାସୀଙ୍କ ସାମ୍ନାରେ ଖୋଲି ସାରିଛି। ବାବା ସାହେବଙ୍କ ପ୍ରତି ଘୃଣ୍ୟ ମାନସିକତା ପାଇଁ କଂଗ୍ରେସ ଦେଶବାସୀଙ୍କୁ କ୍ଷମା ମାଗିବା ଦରକାର ବୋଲି ସେ କହିଛନ୍ତି।

## ବିଶିଷ୍ଟ ସାହିତ୍ୟିକ...

ଚାକିରି ଜୀବନ ଆରମ୍ଭ କରି ୨୦୦୪ ମସିହାରେ ବିଶ୍ୱଭାରତୀ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରୁ ପ୍ରଫେସର ଭାବେ ସେବାନିବୃତ୍ତ ହୋଇଛନ୍ତି। ଓଡ଼ିଆ ସାହିତ୍ୟ ପ୍ରତି ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ବହୁ ସମ୍ମାନରେ ସମ୍ମାନିତ କରାଯାଇଛି। ୨୦୦୨ରେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିବାବେଳେ ୨୦୧୭ରେ ବିଷୁବ ପୁରସ୍କାର ଏବଂ ୨୦୧୪ରେ ସାରଳା ସମ୍ମାନରେ ସମ୍ମାନିତ ହୋଇଥିଲେ।


### ଦକ୍ଷିଣ ପୂର୍ବ କେନ୍ଦ୍ରୀୟ ରେଳପଥ
### ଇ-ଟେଣ୍ଡର ନୋଟିସ୍

**ଇ-ଟେଣ୍ଡର ନୋଟିସ୍ ନଂ: ଡବ୍ଲୁଆରଏସ୍ଆର-୦୯-୦୨୩-୨୪ ଇଓଟି କ୍ରେନ୍-ଆରଟି, ତାରିଖ: ୧୬.୧୨.୨୦୨୪**

**କାର୍ଯ୍ୟର ନାମ:** ଦୁଇବର୍ଷ ଅବଧି ମଧ୍ୟରେ ଖୋଲା ଟେଣ୍ଡର ମାଧ୍ୟମରେ ୱାଗନ ମରାମତି କାରଖାନା ରାୟପୁର, ଦକ୍ଷିଣ ପୂର୍ବ ରେଳବାଇର ପ୍ରତିରୋଧକ ଏବଂ ୧୬ଟି ଇଓଟି କ୍ରେନ୍ ସହିତ ଏଏମ୍‌ସିର ରକ୍ଷଣାବେକ୍ଷଣ। ଆନୁମାନିକ ଟେଣ୍ଡର ମୂଲ୍ୟ: ଟ.୨,୩୫,୭୮,୯୭୦.୧୬ (ଦୁଇ କୋଟି ପଇଁତିରଶ ଲକ୍ଷ ଅଠସ୍ତରୀ ହଜାର ନଅଶହ ସତୁରୀ ଟଙ୍କା ଷୋଳ ପଇସା ମାତ୍ର), ଜିଏସ୍‌ଟି ୧୮ ପ୍ରତିଶତ ସହ। ପରିମାଣ ଏବଂ ଚୁକ୍ତିଭିତ୍ତିକ ଅବଧି: ଆନେକ୍ସଚରରେ ଦିଆଯାଇଥିବା ଅନୁଯାୟୀ ୦୨ (ଦୁଇ)ବର୍ଷ ପାଇଁ ଚୁକ୍ତି । ଅମାନତ ଜମା (ଟଙ୍କାରେ): ଟ.୨,୬୭,୯୦୦.୦୦ (ଦୁଇଲକ୍ଷ ସତଷଠି ହଜାର ନଅଶହ ଟଙ୍କା ମାତ୍ର)। ଟେଣ୍ଡର କାଗଜର ମୂଲ୍ୟ: ଟ. ୩,୦୦୦/- (ତିନିହଜାର ଟଙ୍କା ମାତ୍ର)। ଟେଣ୍ଡର ବନ୍ଦର ତାରିଖ ଏବଂ ସମୟ: ୦୭.୦୧.୨୦୨୫ ଅପରାହ୍ନ ୩ଟା। ଟେଣ୍ଡର ଆରମ୍ଭ ତାରିଖ: ୨୪.୧୨.୨୦୨୪। ଯୋଗ୍ୟତା ମାନଦଣ୍ଡ: ୱେବସାଇଟ୍‌ରେ ଦେଖିପାରିବେ। ଏ କ୍ଷେତ୍ରରେ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ। ଟେଣ୍ଡର ସଂପର୍କରେ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍: www.ireps.gov.in ରେ ପାଇପାରିବେ।

ଡେପୁଟି ସିଏମ୍ଇ-ଟୁ/ଡବ୍ଲୁଆରଏସ୍/ଏସ୍ଇସି ରେଲୱେ, ରାୟପୁର

PR/R/WRS/AAA/190

South East Central Railway @secrail



### कार्यपालक अभियंता का कार्यालय
### ग्रामीण विकास विशेष प्रमंडल, साहेबगंज

**आवश्यक सूचना**

इस कार्यालय के द्वारा आमंत्रित ई0 निविदा को अपरिहार्य तकनीकी कारणवश स्थगित की जाती है :—

| क्र0 | प्रकाशित निविदा संख्या | P.R. No. |
|---|---|---|
| 01 | RDD/SD/SAHIBGANJ /07/3rd call/2024-25 | P.R. No. 340910 (Rural Development) (24-25) |

कार्यपालक अभियंता
ग्रामीण विकास विशेष प्रमंडल, साहेबगंज

PR 342293 Rural Development(24-25).D



### Badki Saraiya Nagar Panchayat

Add: **Dak Bungalow, Chandramarni, Near- Hazribagh Road Railway station, Badki Saraiya, Giridih, Pin 825320**
Email.Id eo.badakasarai@gmail.com

Reference No.- BSNP/NIT/FSTP/11/2024-25..................
Date: ........................

**Tender Notice**
**IMPORTANT INFORMATION**

| Sr. No. | Particulars | Details |
|---|---|---|
| 1 | Name of Work | Construction & Commissioning of Faecal Sludge Treatment Plant of Capacity 7 KLD at Badki Saraiya Nagar Panchayat (Jharkhand) followed by Operation and Maintenance including desludging operations for 5 years |
| 2 | Estimated Cost (INR) | Construction Cost: ₹ 2,10,50,093.00 Operation & Maintenance Cost: ₹ 1,28,01,088.00 Total: ₹ 3,38,51,181.00 |
| 3 | Bid Security (INR) | ₹3,40,000/- (Rupees Three Lacs Forty Thousand Only) |
| 4 | Cost of Bid Document (INR) | ₹ 10,000/- (Rupees Ten Thousand Only); non-refundable |
| 5 | Time of Completion | 1 year of construction which comprises 9 months of construction and 3 months of defect liability period including one month of trial run and 5 years of O&M post DLP |
| 6 | Date of e-publication of tender | 20.12.2024 at 10:00 am |
| 7 | Document downloading start Date | 23.12.2024 at 10:00 am |
| 8 | Start date for seeking clarification | 23.12.2024 at 04:30 pm |
| 9 | End date for seeking clarification | 26.12.2024 at 05:00 pm |
| 10 | Pre bid meeting date, Time & Venue | 27.12.2024 at 02:30 pm at office of Badki Saraiya Nagar Panchayat |
| 11 | Bid submission end date | 02.01.2025 upto 05:00 pm |
| 12 | Bid opening date (online) | 03.01.2025 at 04:30 pm |

I. Complete bid document is available on website http://Jharkhandtenders.gov.in
ii. Other details can be seen in the bidding documents
iii. **Bid security 1 % of Bid amount**

कार्यपालक पदाधिकारी
बड़की सरैया नगर पंचायत

PR 342274 Urban Development and Housing (24-25)_D



### AFFIDAVIT

I,**Sanjaya Kumar Das,** S/o.: Prasanna Kumar Mallick, Resident of Flat No.: D-703, Sky Tower, Sundarpada, Bhubaneswar, Dist.: Khurda, Odisha - 751002, declare by this affidavit No. 840, dtd.14/12/2024 that now onwards I shall be known as **Sanjay Kumar Das** for all future purposes.



### ଅସଲି ପଟ୍ଟା ହଜିଛି

ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ମୁଁ ସୁମନ୍ତ କୁମାର ତ୍ରିପାଠୀ, ପିତା- ୰ସତ୍ୟବାଦୀ ତ୍ରିପାଠୀ, ସା- ପାଟପୁର ଶାସନ, ପୋ/ଥା- ବାଣପୁର, ଜିଲ୍ଲା- ଖୋର୍ଦ୍ଧା, ଓଡିଶା, ଘୋଷଣା କରୁଅଛି ଯେ ମୋ ଜମିର ଅସଲି ପଟ୍ଟା ତହସିଲ ଅଫିସ, ଜଟଣୀ, ଓଡିଶା ସରକାରଙ୍କ ଦ୍ୱାରା ପ୍ରାପ୍ତ ଖାତା କ୍ରମିକ ନଂ- ୧୮୪/୪୬୪, ପ୍ଲଟ ନମ୍ବର – ୭୦/୧୨୪୫, ଏରିଆ ଏ୦.୦୧୫ ଡି.ମି, ମୌଜା- ରାମଚନ୍ଦ୍ରପୁର, ଥା- ଜଟଣୀ, ତହସିଲ- ଜଟଣୀ, ଗତ ତା ୧୦/୧୨/୨୦୨୪ରେ ଗୋଲେଇ ବଜାର, ଜଟଣୀରେ ଉପରୋକ୍ତ ଅସଲି ପଟ୍ଟା ହଜିଯାଇଛି। ମୁଁ ଏହି ପଟ୍ଟାକୁ ଏସ.ବି.ଆଇ ଆର.ଏ.ସି.ପି.ସି ଭୁବନେଶ୍ୱରରେ ବନ୍ଧକ ରଖିବା ପୂର୍ବରୁ କୌଣସି ବ୍ୟାଙ୍କ କିମ୍ବା ଆର୍ଥିକ ସଂସ୍ଥାରେ ବନ୍ଧକ ରଖିନାହିଁ। ଯେହେତୁ ମୁଁ ଉପରୋକ୍ତ ଜମିର କାଗଜାତପତ୍ରକୁ ବନ୍ଧକ ସୁତ୍ରରେ ରଖି ବିଜ୍ଞାପନ ନୋଟିସ ଦିନ ଠାରୁ ଅଗ୍ରିମଭାବେ ଗୃହ ଋଣ ନେବାକୁ ଯାଉଛି। ତେଣୁ ଯଦି ଏହି ଅସଲି ପଟ୍ଟାକୁ କୌଣସି ବ୍ୟାଙ୍କ କିମ୍ବା ଆର୍ଥିକ ସଂସ୍ଥା ବନ୍ଧକ ରଖିଛନ୍ତି ବୋଲି ଦାବି କରନ୍ତି, ତେବେ ଉକ୍ତ ସଂସ୍ଥା ଏସ.ବି.ଆଇ ଆର.ଏ.ସି.ପି.ସି ଭୁବନେଶ୍ୱରକୁ ଜଣାଇବାକୁ ଅନୁରୋଧ କରାଯାଉଛି। ଏହି ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ କୌଣସି ଦାବି ପତ୍ର ନମିଳେ, ତେବେ ଏହି ସମ୍ପତ୍ତି ବନ୍ଧକ ମୁକ୍ତ ବୋଲି ଧରିନିଆଯିବ।



### कार्यपालक अभियंता का कार्यालय
### ग्रामीण विकास विशेष प्रमंडल, साहेबगंज

**आवश्यक सूचना**

इस कार्यालय के द्वारा आमंत्रित ई0 निविदा को अपरिहार्य तकनीकी कारणवश स्थगित की जाती है :—

| क्र0 | प्रकाशित निविदा संख्या | P.R. No. |
|---|---|---|
| 01 | RDD/SD/SAHIBGANJ /13/2024-25 | P.R. No. 340912 (Rural Development) (24-25) |

कार्यपालक अभियंता
ग्रामीण विकास विशेष प्रमंडल, साहेबगंज

PR 342290 Rural Development (24-25)_D



प्रपत्र सं0-1

### कार्यपालक अभियंता का कार्यालय
### राष्ट्रीय उच्च पथ प्रमंडल, देवघर

**ई—प्रोक्योरमेंट सूचना**

अल्पकालीन ई—निविदा प्रसंग सं0— NH/DEOGHAR /SBD/02/2024-25 (2nd Call)
दिनांक:—17/12/2024

| | | |
|---|---|---|
| 1. | कार्य का नाम | Widening & Strengthening Work of Meharma bypass starting from Sidhokanho Chowk to meet at Ch. 11.2 at Meharma from Km 9.300 to Km 11.200 of NH-133 (total Length- 1.710 Km) |
| 2. | प्राक्कलित राशि (रूपये में) | 4,99,72,033=72 |
| 3. | कार्य समाप्ति की अवधि | 05 माह |
| 4. | वेबसाईट पर निविदा प्रकाशित होने की तिथि एवं समय | 19.12.2024 (12:30 PM) |
| 5. | वेबसाईट पर निविदा उपलब्धता की अंतिम तिथि एवं समय | 02.01.2025 (05:00 PM) |
| 6. | निविदा खोलने की तिथि एवं समय | 03.01.2025 (03:00 PM) |
| 7. | निविदा आमंत्रित करने वाले का पदनाम एवं पता | कार्यपालक अभियंता राष्ट्रीय उच्च पथ प्रमंडल, देवघर |
| 8. | प्रोक्युरमेंट अधिकारी का सम्पर्क नम्बर | 8789224908 |
| 9. | ई—प्रोक्युरमेंट सेल का हेल्पलाईन नम्बर | 0651—2401010 |

ऑन लाइन निविदा के लिए वेबसाईट https://jharkhand tenders.gov.in पर देखें।

ह0/—
कार्यपालक अभियंता
राष्ट्रीय उच्च पथ प्रमंडल, देवघर।

PR.NO.342328 Deoghar(24-25):D



### OFFICE OF THE DIVISIONAL FOREST OFFICER, PARALAKHEMUNDI DIVISION

Gajapati, Odisha, Pin – 761200
E-mail : dfo.parlakhemundi@odisha.gov.in

MM-345

**INVITATION FOR BIDS**
**E-Procurement Bid Identification No. DFO-PKD -04/2024-25**

| | | | |
|---|---|---|---|
| 1 | Name of work | :- | Construction of Checkdam |
| 2 | No. of works | :- | 01 Nos. |
| 3 | No. of covers | :- | Single Cover |
| 4 | Estimated Cost | :- | Rs.30,55,718 |
| 5 | Period of Completion | :- | Three Calendar Months |
| 6 | Date & Time of availability of Bid documents in portal | :- | From 10.00 A.M of Dated 18.12.2024 to 05 P.M of Dated 03.01.2025 |
| 7 | Last date/time for receipt of Bids in the portal. | :- | Up to 5.00 P.M of Dated 03.01.2025 |
| 8 | Date of opening of Bid documents | :- | At 11.30 A.M of 04.01.2025 |
| 9 | Class of Contractor | :- | "D" & "C" Class Contractor |
| 10 | Name and address of officer Inviting Bid | :- | Divisional Forest Officer Paralakhemundi Division |

Further, details can be seen from the e-Procurement portal https://tenderodisha.gov.in the Addendum/corrigendum if any will be hosted in the website only.

Sd/-Divisional Forest Officer
Paralakhemundi Division

OIPR 08050/11/0006/2425



### Government Of Odisha
### PANCHAYAT SAMITI OFFICE, GAISILET,DIST- Bargarh

i-365

INVITATION FOR BIDS (IFB)
**Bid Identification No.04/2024-25 Panchayat Samiti, Gaisilet, Dist- Bargarh**

1) **The Block Development Officer, Gaisilet ,Dist- Bargarh** on behalf of Governor of Odisha invites **Percentage Rate** bid **in ONLINE MODE** for the **Building works** as detailed in the **Detailed Tender Call Notice (D.T.C.N)** from the eligible class of contractors.
2) No of Building works:- **1 Nos.**
3) Cost of Tender Paper: – **Rs.6,000/- Each**
4) Class of contractor:- **"B"&"C" Contractor**
5) Date & Time of available in web site & receipt of Bids: – **11:00 Hrs. of 19/12/2024 to 17:00Hrs. of 31/12/2024.**
6) Date of opening of Bid: – **02/01/2024 at 11:00Hrs.**
7) The Bidders have to participate in ONLINE bidding only. Further details can be seen from the State Govt. Portal website ***https://tendersodisha.gov.in***

Sd/-Block Development Officer
Gaisilet

OIPR 19191/11/0006/2425



### GOVERNMENT OF CHHATTISGARH, WATER RESOURCES DEPARTMENT
### OFFICE OF THE EXECUTIVE ENGINEER, WATER RESOURCES DIVISION No. 1 AMBIKAPUR, DISTT. - SURGUJA (C.G.)

**e-Procurement Tender Notice**
eProcurement Portal: **https://eproc.cgstate.gov.in**
**(FIRST-CALL)**

**NIT NO. 07 /SAC/ 2024-25 DATED-09.12.2024** ***Online Tenders are invited for the following works up to 30.12.2024.*** *(17.30 hours IST).*

| S.No. | System Tender No. | Name of Work | Probable amount of contract |
|---|---|---|---|
| 1 | 162370 | CONSTRUCTION OF KHARPHARI NALLA ANICUT CUM CAUSEWAY NEAR JHIRMITTI UDHYAN SCHEME. | Rs. 283.15 Lakhs |

The details can be viewed & downloaded online directely from the Govt. of Chhattisgarh integrated e-Procurement portal ( **https://eproc.cgstate.gov.in**) from dated **16.12.2024 at 17.31 hours** (IST) onwards.

*Note: All eligible/interested contractors /bidders are mandated to get enrolled on the entegrated e-Procurement portal (* **https://eproc.cgstate.gov.in)** *and get approval on specific vendor class from PWD under centralized contractor/ supplier registration in order to download the tender documents and participate in the subsequent bidding process.*

G-242504631/ 8

EXECUTIVE ENGINEER
WATER RESOURCES DIVISION No. 1,
AMBIKAPUR (C.G.)
For, Chief Engineer
Hasdeo Ganga Basin, W.R. Deptt.
Ambikapur, Sarguja (C.G.)



୍ୱୌର ପରିଷଦ କାର୍ଯ୍ୟାଳୟ,ଫୁଲବାଣୀ
### Office of the Municipal Council, Phulbani, Kandhamal

Tel.No. 06842-253619, Fax. 06842-253619
E-mail: municipality.plb@rediffmail.com

Letter No. 2445 / Date: 17 / 12 /2024

**CORRIGENDUM-1**

C-1286

Phulbani Municipality
Notice No.: 2340, Dated: 07.12.2024

Subject: Correction in the Date of Submission for Tender Document

With reference to the tender notice no. 2340 dated 07.12.2024 for the **"preparation of a Detailed Project Report (DPR) and providing consulting services for the implementation of various infrastructure development projects under Phulbani Municipality"**, it is hereby informed that there was a typographical error regarding the last date for submission of the tender document.
**The corrected details are as follows:**
Previous Mentioned Date: 19.12.2054 up to 5.00 PM
Corrected Date: 19.12.2024 up to 5.00 PM

**Submission Mode:**

The tender document should reach the office of the Executive Officer, Phulbani Municipality through: By Hand/Speed Post/Registered Post. All other terms and conditions of the tender notice remain unchanged.

This office regret the inconvenience caused. For further details, please contact the office of the undersigned during office hours.

Yours faithfully,
Sd/-Executive Officer,
Phulbani Municipality.

OIPR 13195/11/0007/2425



### e-Procurement Cell
### OFFICE OF THE EXECUTIVE ENGINEER
### SPECIAL WORKS DIVISION, BUILDING CONSTRUCTION DEPARTMENT, Ranchi

**शूद्धि पत्र**

e-Procurement Tender Reference No:- BCD/EE, Special Works Div, BCD, Ranchi-36/2024-25 Date:- 03.12.24, PR No- 341129 (Building) 24-25*D एवं PR No- 341782 (Building) 24-25*D Construction of Jharkhand Bhawan at Sector-30A, Vashi, Navi Mumbai, Maharastra कार्य से संबंधित है, के कुछ तिथियों में तकनीकी एवं अपरिहार्य कारणवश पुनः संशोधन किया जा रहा है जिसका विवरणी निम्नवत है:—

| क्र0 सं0 | मद | पूर्व की तिथि | संशोधित तिथि | पुनः संशोधित तिथि |
|---|---|---|---|---|
| 1 | वेबसाईट में निविदा प्रकाशन की तिथि | 11.12.2024 | 14.12.2024 | 17.12.2024 |
| 2 | प्री बीड मिटिंग की तिथि | 16.12.2024 | 19.12.2024 | 23.12.2024 |
| 3 | बिड प्राप्ति के लिए अन्तिम तिथि/समय | 23.12.2024 | 26.12.2024 | 30.12.2024 |
| 4 | निविदा खोलने की तिथि/समय | 24.12.2024 | 27.12.2024 | 31.12.2024 |

शेष सभी शर्तें यथावत रहेंगी।

Nodal Officer, e-Procurement Cell
Office of the Executive Engineer
Special Works Division
Building Construction Department, Ranchi

PR 342306 Building (24-25)_D



### OFFICE OF THE MUNICIPAL COUNCIL, TITILAGARH

(Dept. of Housing & Urban Development, Govt. of Odisha)
At/Po.Ps.Titilagarh, Dist.Balangir-767033, E-mail: titilagarhmunicipality@gmail.com

e-tender notice
**BID Identification No.TIG-MPL-05-2024**

C-1282

Bid Documents consisting of work, Estimated Cost, Cost of Tender Paper, EMD, time of completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. **https://tendersodisha.gov.in**

| | | | |
|---|---|---|---|
| 1. | Name of the work | : | Electrical works as mentioned in website. |
| 2. | No. of works. | : | 1 No.of Projects |
| 3. | Estimated Cost | : | Rs. 761074.00 |
| 4. | Period of Completion | : | 60 Days |
| 5. | Date & Time of availability of Bid Documents in the Portal | : | **From, 12:00 PM 20.12.2024 to 5:00 PM. 27.12.2024** |
| 6. | Last date & time for deposit Of Fees& Documents (in sealed envelope) at Office. | : | On **31.12.2024 at 05:00** PM. |
| 7. | Bids received online shall be opened on | : | On **02.01.2025 at 4:00** PM. |
| 8. | Name and address of the officer inviting Bid | : | Executive Officer, Titilagarh Municipality. |

Further details can be seen from the procurement portal i.e.**https://tendersodisha.gov.in**

**Sd/-**Executive Officer,
Titilagarh Municipality.

OIPR 13095/11/0008/2425



### Government of Odisha
### Invitations for bids(IFB)

i-366

**Bid Identification No- 03 / Date- 16/12/2024**

**The Block Development Officer Chilika on behalf of Government of Odisha invites percentage rate bid in closed cover for the work detailed in the table from respective Class of contractors registered with the state Government and contractors of equivalent grade /Class registered with central Government /MES/Railway having experience in Building and road works in conformity /with details Tender call notice for execution of work on drawl of Agreement in P1 contact forms of Government of Odisha.**

| | | |
|---|---|---|
| 1 | Name of the work | Construction of Additional Classroom at Nilakantha Govt. UP School, Baulabandha. |
| 2 | Estimated cost | 1253505.48 |
| 3 | Period of completion | 03 (Three) Calendar Months |
| 4 | Bid Security or EMD (RS) | 12535.05 |
| 5 | Cost of Documents(RS) | 6000.00 |
| 6 | Class of Contractor | C & D |
| 7 | Date / time of availability of bid document in Dist portal and /P S **Chilika** on cash/D D | 19.12.2024 / 11.00 Hour to 26.12.2024 / 17.00 hour |
| 8 | Last date / time for receipt of Bid in the portal by Regd post/Speed Post/Courier service. | 26.12.2024 / 17.00 Hour |
| 9 | Name and address of the office inviting Bid | Panchayat Samiti , **Chilika** |
| 10 | Date, Time and Venue of opening of the Bid | 27.12.2024 at 11.00 Hour at Panchayat Samiti, Chilika |

Further detailed can be seen from the e-procurement portal http://www.khordha.nic.in

Sd /-
Block Development Officer
Chilika Block

OIPR 19387/11/0001/2425



### MINISTRY OF ROAD TRANSPORT & HIGHWAYS, NEW DELHI
### OFFICE OF THE EXECUTIVE ENGINEER
### NATIONAL HIGHWAYS DIVISION, Deoghar

E-mail:eenhdeoghar@gmail.com

**Notice Inviting Bid**

Bid/ Package no.-**NH/Deoghar/EPC/01/2024-25.** Dated- **17.12.2024**

RFP for **Work of widening to two lanes with paved shoulder (except in flyover part of 500m) from Km 122.15 to Km 138.20 of NH-114A within available RoW in the State of Jharkhand under EPC mode (working length of the project as per TCS – 14 Km). (Job No. – NH-114A/JHR/2024-25/05)**

The Ministry of Road Transport & Highways through **Chief Engineer, National Highway Wing, Jharkhand, Ranchi** is engaged in the development of National Highways and as part of this endeavour, it has been decided to undertake **Work of widening to two lanes with paved shoulder (except in flyover part of 500m) from Km 122.15 to Km 138.20 of NH-114A within available RoW in the State of Jharkhand under EPC mode (working length of the project as per TCS – 14 Km). (Job No. – NH-114A/JHR/2024-25/05).**through an Engineering, Procurement and Construction (EPC) Contract.[The Ministry of Road Transport & Highways/ State Public Works Department/represented by its DG(RD)&SS/ CE (NH) PWD State] now invites bids from eligible contractors for the following project:-

| State | NH No. | ICB No. | Name of Work | Estimated Cost (In Rs. Cr.) | Completion Period | Maintenance Period |
|---|---|---|---|---|---|---|
| Jharkhand | 114A | | Work of widening to two lanes with paved shoulder (except in flyover part of 500m) from Km 122.15 to Km 138.20 of NH-114A within available RoW in the State of Jharkhand under EPC mode (working length of the project as per TCS – 14 Km). **(Job No. – NH-114A/JHR/2024-25/05)** | **19.94** (Including LC& Utility Shifting but Excluding GST) | 11 (Eleven Months) | 5 (Five years) after Completion |

The complete BID document can be viewed / downloaded from official portal of theCPPP website https:// eprocure.gov.in/eprocure/appfrom **26.12.2024** to **10.02.2025**(upto17:00 Hrs. IST). Bidder must submit its Financial bid and Technical Bid at https:// eprocure.gov.in/eprocure/appon or before **10.02.2025**(upto 17:00 Hrs). Bids received online shall be opened on **14.02.2025**(after 15:00 hours IST).

Bid through any other mode shall not be entertained. However, Bid Security in form of Insurance Surety Bond, Account Payee Demand Draft, Banker's Cheque or Electronic Bank Guarantee (e- Bank Guarantee), receipt of document fee, Power of Attorney and Joint Bidding Agreement etc. shall be submitted physically by the Bidder within 2 days from the bid due date. In case of Original BGs in confirmation of scanned copies are not submitted within this period by the bidder, the bidder will be debarred for one year from bidding for National Highways/other Centrally Sponsored works of Ministry of Road Transport & Highways and its implementing agencies. Please note that the Ministry/Authority/ Executing Agency reserve the right to accept or reject all or any of the BIDs without assigning any reason whatsoever.

Sd/-
Executive Engineer
National Highway Division, Deoghar

PR 342331 Deoghar (24-25)_D



### GOVERNMENT OF ODISHA
### HOUSING & URBAN DEVELOPMENT DEPARTMENT

C-1278

-X-X-X-X-X-X-
OFFICE OF THE NOTIFIED AREA COUNCIL,PADAMPUR
At-Padampur, Po-Rajborasambar,Dist-Bargarh, Pin-768036
Ph.No.06683-223436, E-mail:- nac.padampur@gmail.com

No. **2214** / NAC Dt.**16.12.2024**

**Tender Call Notice**

The Executive Officer, N.A.C. Padampur on behalf of NAC invites bid in offline mode.

1. Nature of Work : Civil Work
2. No. of works : 03 (Three) Nos
3. Estimate Cost : Rs. 1,69,102/- to 1,69,400/-
4. Class of Contractor : "C" or "D" Class
5. Date & Time of availability of Tender Paper in the office during office hour : **10.00 AM on dt.18-12-2024 up to 05.00 PM on dt.26-12-2024**
6. Original Bids document received shall be: Before **1.00 PM on dt.27-12-2024**
7. Bid opening Date : **Dt.27-12-2024 at 3.00 PM**

The details of the tender can be obtained from Development section of NAC Padampur during office hours.

**Sd/-**Executive Officer
N.A.C. Padampur

OIPR 13118/11/0014/2425



ନୂଆଦିଲ୍ଲୀ: ଦିଲ୍ଲୀ ଦଙ୍ଗାର ଅଭିଯୁକ୍ତ ଉମର ଖାଲିଦଙ୍କୁ ଜାମିନ ମିଳିଛି। ପରିବାରରେ ଥିବା ବିବାହ କାର୍ଯ୍ୟରେ ଯୋଗ ଦେବାକୁ ଦିଲ୍ଲୀ କୋର୍ଟ ତାଙ୍କୁ ଜାମିନ ପ୍ରଦାନ କରିଛନ୍ତି। ୨୦୨୦ରେ ହୋଇଥିବା ଦିଲ୍ଲୀ ଦଙ୍ଗାରେ ତାଙ୍କୁ ଗିରଫ କରାଯାଇଥିଲା। ଦଙ୍ଗାରେ ଉମର ଖାଲିଦ ବଡ଼ ଷଡ଼ଯନ୍ତ୍ର କରୁଥିବା ଅଭିଯୋଗ ହେବା ପରେ ତାଙ୍କୁ ବେଆଇନ କାର୍ଯ୍ୟକଳାପ (ନିବାରଣ) ଆଇନରେ ଗିରଫ କରାଯାଇଥିଲା। ଡିସେମ୍ବର ୨୮ରୁ ଜାନୁଆରୀ ୩ ତାରିଖ ପର୍ଯ୍ୟନ୍ତ ଉମର ଖାଲିଦଙ୍କୁ ଅନ୍ତରୀଣ ଜାମିନ ମିଳିଛି। ଉମର ଖାଲିଦ ୧୦ ଦିନ ପାଇଁ ଅନ୍ତରୀଣ ଜାମିନ ଆବେଦନ କରିଥିଲେ। ହେଲେ କୋର୍ଟ ମାତ୍ର ୭ ଦିନ ପାଇଁ ବେଲ୍ ଦେଇଛନ୍ତି। ୨୦୨୦ ସେପ୍ଟେମ୍ବର ୧୪ ତାରିଖରେ ଉମର ଖାଲିଦ ପୁଲିସ କଷ୍ଟଡ଼ିରେ ରହିଛି। ଦିଲ୍ଲୀ ଦଙ୍ଗାରେ ଖାଲିଦ ବଡ଼ ଷଡ଼ଯନ୍ତ୍ର କରିଥିବା ଅଭିଯୋଗ ହୋଇଥଲା। ଏଥିରେ ୫୦ରୁ ଅଧିକ ଲୋକଙ୍କ ଜୀବନ ଯାଇଥିବା ବେଳେ ୭୦୦ରୁ ଅଧିକ ଆହତ ହୋଇଥିଲେ।

# ରାହୁଲଙ୍କୁ ମୋଦିଙ୍କ ସାକ୍ଷାତ



ନୂଆଦିଲ୍ଲୀ: ସଂସଦରେ ସରକାର ଏବଂ ବିରୋଧୀଙ୍କ ମଧ୍ୟରେ ଜୋରଦାର ହଙ୍ଗାମା ଜାରି ରହିଛି। ଏହାରି ଭିତରେ ପ୍ରଧାନମନ୍ତ୍ରୀ ମୋଦି ବିରୋଧୀ ଦଳ ନେତା ତଥା କଂଗ୍ରେସ ଏମପି ରାହୁଲ ଗାନ୍ଧୀଙ୍କୁ ସାକ୍ଷାତ କରିଛନ୍ତି। ଯାହାକୁ ନେଇ ରାଜନୀତି ସରଗରମ ହୋଇଛି। ମୋଦି କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏବଂ ମଲ୍ଲିକାର୍ଜୁନ ଖାର୍ଗେଙ୍କୁ ଭେଟି ଜାତୀୟ ମାନବ ଅଧିକାର ଆୟୋଗର ପରବର୍ତ୍ତୀ ଅଧ୍ୟକ୍ଷ ଚୟନ ଉପରେ ଆଲୋଚନା କରିଛନ୍ତି। ସଂସଦରେ ବିରୋଧୀ ଦଳର ନେତା ଭାବରେ ରାହୁଲ ଗାନ୍ଧୀ ଏବଂ ଖାର୍ଗେ ଏହି କମିଟିର ସଦସ୍ୟ ଅଟନ୍ତି ଯାହା ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପରିଚାଳିତ ହେବ। ଏହି ସମୟରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଏବଂ ଲୋକସଭା ବାଚସ୍ପତି ଓମ ବିର୍ଲା ମଧ୍ୟ ଉପସ୍ଥିତ ଥିଲେ। ଏହି ବୈଠକ ଏପରି ଏକ ସମୟରେ ଅନୁଷ୍ଠିତ ହେଉଛି ଯେତେବେଳେ ସଂସଦରେ ସରକାର ଏବଂ ବିରୋଧୀ ଦଳ ମୁହାଁମୁହିଁ ହୋଇଛନ୍ତି। ବିଆର ଆମ୍ବେଦକରଙ୍କ ଉପରେ ମନ୍ତବ୍ୟକୁ ନେଇ ସଂସଦରେ ଉତ୍ତେଜନା ଦେଖାଦେଇଛି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ବିବୃତ୍ତିରେ ବିରୋଧୀ ଦଳ ସରକାରଙ୍କୁ ଘେରିଛନ୍ତି। ବୁଧବାର ବିରୋଧୀ ଦଳ ଏହି ପ୍ରସଙ୍ଗରେ ସଂସଦର ଉଭୟ ଗୃହରେ ଏକ ଅଡୁଆ ସୃଷ୍ଟି କରିଥିଲେ। କଂଗ୍ରେସ ଅମିତ ଶାହାଙ୍କ ଇସ୍ତଫା ଦାବି କରୁଛି। ସେପଟେ ପ୍ରଧାନମନ୍ତ୍ରୀ ମୋଦି ବିରୋଧୀ ଦଳକୁ ପଛରେ ପକାଇ ଦେଇଛନ୍ତି।

# ଡଙ୍ଗା ବୁଡ଼ି ୨୫ ମୃତ, ୧୨ରୁ ଅଧିକ ନିଖୋଜ

କିନସାସା: କଙ୍ଗୋର ମାଇ-ଏନଡୋମ୍ବ ପ୍ରଦେଶର ଫିମି ନଦୀରେ ଏକ ଡଙ୍ଗା ବୁଡ଼ି ଘଟଣାରେ ୨୫ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ୧୨ରୁ ଅଧିକ ଲୋକ ନିଖୋଜ ଅଛନ୍ତି। କଙ୍ଗୋର ରାଜଧାନୀ କିନସାସାର ଉତ୍ତର-ପୂର୍ବରେ ଅବସ୍ଥିତ ଇନୋଙ୍ଗୋ ସହର ନିକଟରେ ଏହି ଦୁର୍ଘଟଣା ଘଟିଛି। ଅଧିକାରୀ ଏବଂ ସ୍ଥାନୀୟ ବାସିନ୍ଦାଙ୍କ କହିବାନୁସାରେ, ଡଙ୍ଗାରେ ୧୦୦ରୁ ଅଧିକ ଲୋକ ଥିଲେ। ଯାତ୍ରୀଙ୍କ ସଂଖ୍ୟା ଅଧିକ ଥିବାରୁ ଡଙ୍ଗା ଭାରସାମ୍ୟ ହରାଇଥିଲା। ଦୁର୍ଘଟଣା ପରେ ନିଖୋଜ ଲୋକଙ୍କ ସନ୍ଧାନ ଜାରି ରହିଛି ଏବଂ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା ରହିଛି। ନଦୀ କମିସନର ଡେଭିଡ କାଲେମ୍ବା କହିଛନ୍ତି, ଡଙ୍ଗାରେ କ୍ଷମତାଠାରୁ ଅଧିକ ଲୋକ ଥିବାରୁ ଏହି ଦୁର୍ଘଟଣା ଘଟିଛି। ମୃତକମାନଙ୍କ ମଧ୍ୟରେ କେତେକ ଶିଶୁ ଅଛନ୍ତି। ଏହି ଅଞ୍ଚଳର ବାସିନ୍ଦାଙ୍କ ଅନୁଯାୟୀ, ଡଙ୍ଗାରେ ଅଧିକ ଜିନିଷପତ୍ର ବୋଝେଇ ହୋଇଥିଲା। ଏହା ସହିତ ଯାତ୍ରୀଙ୍କ ସଂଖ୍ୟା ମଧ୍ୟ ଅଧିକ ଥିଲା। ଦୁର୍ଘଟଣା ପରେ ଏପର୍ଯ୍ୟନ୍ତ ୨୫ ମୃତଦେହ ଉଦ୍ଧାର କରାଯାଇଛି। ଚଳିତ ବର୍ଷ ମାଇ-ଏନଡୋମ୍ବ ପ୍ରଦେଶରେ ଏହି ଘଟଣା ଚତୁର୍ଥ ଘଟଣା। ଏହି ଅଞ୍ଚଳ ନଦୀ ଦ୍ୱାରା ଘେରି ରହିଛି ଏବଂ ଏଠାରେ ଥିବା ଲୋକମାନେ ନଦୀ ପରିବହନ ଉପରେ ନିର୍ଭର କରିଥାନ୍ତି କାରଣ ସଡକ ପରିବହନ ସେମାନଙ୍କ ପାଇଁ କଷ୍ଟସାଧ୍ୟ। ଏପରି ଘଟଣାକୁ ରୋକିବା ପାଇଁ ସୁରକ୍ଷା ବ୍ୟବସ୍ଥା ଉଲ୍ଲଂଘନ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କଙ୍ଗୋ ସରକାର ଦଣ୍ଡବିଧାନ ଘୋଷଣା କରିଛନ୍ତି। ଓଭରଲୋଡିଂ ଉପରେ କଙ୍ଗୋ କର୍ତ୍ତୃପକ୍ଷ ବାରମ୍ବାର ଚେତାବନୀ ଦେଉଛନ୍ତି ଏବଂ ଜଳ ପରିବହନ ପାଇଁ ସୁରକ୍ଷା ବ୍ୟବସ୍ଥା ଉଲ୍ଲଂଘନ କରୁଥିବା ଲୋକଙ୍କୁ ଦଣ୍ଡ ଦେବା ପାଇଁ ଚେତାବନୀ ଦେଇଛନ୍ତି। ଏହି କେନ୍ଦ୍ରୀୟ ଆଫ୍ରିକୀୟ ଦେଶରେ ଓଭରଲୋଡ୍ ଡଙ୍ଗା ବୁଡ଼ିବାର ଘଟଣା ମଧ୍ୟ ବୃଦ୍ଧି ପାଉଛି।

# ପ୍ରତ୍ୟେକ ଭାରତୀୟଙ୍କ ପ୍ରଚେଷ୍ଟାରେ 'ବିକଶିତ ଭାରତ'ର ସ୍ୱପ୍ନ ହେବ ସାକାର: ଧର୍ମେନ୍ଦ୍ର



ନୂଆଦିଲ୍ଲୀ: ଏକବିଂଶ ଶତାବ୍ଦୀରେ ଭାରତ ଜ୍ଞାନ ଭିତ୍ତିକ ଅର୍ଥନୀତିର ନେତୃତ୍ୱ ନେବ । ଯେତେବେଳେ ବିକଶିତ ଭାରତର ସ୍ୱପ୍ନ ସାକାର ହେବ, ଏହା କୌଣସି ଗୋଟିଏ ଜାତି କିମ୍ବା ଧର୍ମ ଆଧାରରେ ନୁହେଁ ବରଂ ପ୍ରତ୍ୟେକ ଭାରତୀୟଙ୍କ ପ୍ରଚେଷ୍ଟା ଦ୍ୱାରା ସମ୍ଭବ ହେବ ବୋଲି ବୁଧବାର ଜାତୀୟ ସଂଖ୍ୟାଲଘୁ ଶିକ୍ଷାନୁଷ୍ଠାନ ଆୟୋଗ (ଏନସିଏମ୍ଇଆଇ) ର ୨୦ତମ ପ୍ରତିଷ୍ଠା ଦିବସ ଓ ସଂଖ୍ୟାଲଘୁ ଅଧିକାର ଦିବସ ସମାରୋହରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସେ କହିଛନ୍ତି ଯେ, ଆମ ଦେଶର ସମ୍ବିଧାନର ଗୌରବମୟ ୭୫ ବର୍ଷ ପୂର୍ତ୍ତି ହୋଇଛି । ସମ୍ବିଧାନ ହିଁ ଦେଶର ସଂଖ୍ୟାଲଘୁମାନଙ୍କୁ ସମ୍ମାନର ସହ ଜୀବନଯାପନ କରିବାର ଅଧିକାର ଦେଇଛି । ଶିକ୍ଷା ମାଧ୍ୟମରେ ସଂଖ୍ୟାଲଘୁମାନଙ୍କ ଜୀବନରେ ଉନ୍ନତି ଆଣିବା ପାଇଁ ଜାତୀୟ ସଂଖ୍ୟାଲଘୁ ଶିକ୍ଷାନୁଷ୍ଠାନ ଆୟୋଗ ଗଠନ କରାଯାଇଥିଲା । ଗତ ସାଢ଼େ ୧୦ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ବିନା କୌଣସି ଭେଦଭାବରେ ସବ୍କା ସାଥ୍-ସବ୍କା ବିକାଶର ମନ୍ତ୍ରରେ ପ୍ରତ୍ୟେକ ବଞ୍ଚିତଙ୍କୁ ଆବାସ, ବ୍ୟାଙ୍କ ଆକାଉଣ୍ଟ, ଗ୍ୟାସ ସିଲିଣ୍ଡର, ମାଗଣା ରାସନ ଭଳି ମୌଳିକ ସୁବିଧା ପ୍ରଦାନ କରୁଛନ୍ତି । ଆମ ପାଇଁ କୌଣସି ଜାତି କିମ୍ବା ଧର୍ମ ନାହିଁ ବରଂ ୪ଟି ବର୍ଗ ଗୁରୁତ୍ୱପୂର୍ଣ୍ଣ । ଏହିମାନେ ହେଉଛନ୍ତି ଗରିବ, କୃଷକ, ମହିଳା ଓ ଯୁବକ । ସେମାନଙ୍କ ସମୁଚିତ ବିକାଶ ହିଁ ଆମର ଲକ୍ଷ୍ୟ । ଜାତୀୟ ଶିକ୍ଷାନୀତିକୁ ସଠିକ ଭାବେ କାର୍ଯ୍ୟକାରୀ କରିବା ସମୟର ଆବଶ୍ୟକତା । ଜାତୀୟ ଶିକ୍ଷାନୀତିର ଦ୍ରୁତ କ୍ରିୟାନ୍ୱୟନ, ଏହି ନୀତି ଅଧୀନରେ ଏନସିଆରଏଫ୍ ଭଳି ଆଧୁନିକ ବିଷୟବସ୍ତୁକୁ ଲାଗୁ କରିବା ପାଇଁ ସଂଖ୍ୟାଲଘୁ ଅନୁଷ୍ଠାନଗୁଡ଼ିକୁ ଅଧିକ ସହଯୋଗ କରିବାକୁ ହେବ । ଯେତେବେଳେ ଆମେ ପ୍ରତିଭା ବା ଦକ୍ଷତାକୁ ଏକାଡେମିକ୍ କ୍ରେଡିଟରେ ପରିଣତ କରିବୁ, ସେତେବେଳେ ସମସ୍ତଙ୍କ ବିକାଶର ମାର୍ଗ ଫିଟିବ । ଜାତୀୟ ସଂଖ୍ୟାଲଘୁ ଶିକ୍ଷାନୁଷ୍ଠାନ ଆୟୋଗଙ୍କୁ ସେମାନଙ୍କ ପ୍ରୟାସ ପାଇଁ ଧନ୍ୟବାଦ ଜଣାଇବା ସହ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀଙ୍କ ସରକାର ସେମାନଙ୍କ ସାଙ୍ଗରେ ଅଛନ୍ତି ବୋଲି କହିଛନ୍ତି ।

# ବିବାଦୀୟ ମନ୍ତବ୍ୟ ଦେଇ ଅଡୁଆରେ ଶାହା



ନୂଆଦିଲ୍ଲୀ: ଡକ୍ଟର ଆମ୍ବେଦକରଙ୍କୁ ନେଇ ଅମିତ ଶାହାଙ୍କ ମନ୍ତବ୍ୟ ନେଇ ଏବେ ବଡ଼ ବିବାଦ ଉପୁଜିଛି। ମଙ୍ଗଳବାର ରାଜ୍ୟସଭାରେ ସମ୍ବିଧାନ ଆଲୋଚନା ବେଳେ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହା ସମ୍ବିଧାନ ପ୍ରଣୟତା ବିଆର ଆମ୍ବେଦକରଙ୍କ ସମ୍ପର୍କରେ ଦେଇଥିବା ବୟାନକୁ ନେଇ ରାଜନୀତି ଜୋର ଧରିଛି। ତାଙ୍କ ବୟାନକୁ ବିରୋଧୀ ଜୋରଦାର ବିରୋଧ କରିଛନ୍ତି। ଏଥିପାଇଁ ଆଜି ଅମିତ ଶାହଙ୍କ ବିରୋଧରେ ଟିଏମସି ସାଂସଦ ଡେରେକ ଓବ୍ରାଏନ ସ୍ୱାଧିକାର ଭଙ୍ଗ ନୋଟିସ ଆଗତ କରିଛନ୍ତି। ଡେରେକଙ୍କ କହିବା କଥା ଯେ ଅମିତ ଶାହଙ୍କ ବୟାନ ଡ ବିଆର ଆମ୍ବେଦକର ଛାଡ଼ି ଯାଇଥିବା ଛାପକୁ ଅପମାନିତ କରିଛି। ଏପରି ବୟାନ ଗୃହର ମର୍ଯ୍ୟାଦାକୁ ମଧ୍ୟ କ୍ଷତି ପହଞ୍ଚାଇଛି। ଅମିତ ଶାହଙ୍କ ବୟାନ ସଂସଦର ଗାରିମାକୁ ଉଲ୍ଲଙ୍ଘନ କରିଥିବାରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି। ଅମିତ ଶାହଙ୍କ ବୟାନ ବିରୋଧରେ ଆଜି ଅନେକ ବିରୋଧୀ ଦଳର ସାଂସଦ ଉଭୟ ସଂସଦ ଭିତରେ ଓ ବାହାରେ ବିକ୍ଷୋଭ କରିଛନ୍ତି। କଂଗ୍ରେସ ପକ୍ଷରୁ ଅମିତ ଶାହ କ୍ଷମା ମାଗିବା ସହ ଇସ୍ତଫା ଦିଅନ୍ତୁ ବୋଲି ଦାବି କରାଯାଇଛି। ସୂଚନା ଥାଉକି ବିତର୍କରେ ଅମିତ ଶାହା କହିଥିଲେ, ଏବେ ଆମ୍ବେଦକରଙ୍କ ନାଁ ନେବା ଏକ ଫ୍ୟାସନ ହୋଇଗଲାଣି। ଖାଲି କହୁଛନ୍ତି ଆମ୍ବେଦକର, ଆମ୍ବେଦକର ଯଦି ଏତେ ଥର ଭଗବାନଙ୍କ ନାଁ ନେଇଥାନ୍ତ, ତେବେ ସ୍ୱର୍ଗରେ ପହଞ୍ଚିଥାନ୍ତ। ତାଙ୍କର ଏହି ମନ୍ତବ୍ୟକୁ ନେଇ ବଡ଼ ବିବାଦ ସୃଷ୍ଟି ହୋଇଛି। ବିରୋଧୀ ଅଭିଯୋଗ କରିଛନ୍ତି, ଭାରତର ଗଣତନ୍ତ୍ରରେ ଆମ୍ବେଦକର ଭଗବାନଙ୍କଠାରୁ କମ୍ ନୁହନ୍ତି। ସେ ଦେଶର ସମ୍ବିଧାନ ପ୍ରଣୟନରେ ମୁଖ୍ୟ ଭୂମିକା ନେଇଥିଲେ। ତାଙ୍କୁ ବଡ଼ ଅପମାନ ଦେଇଛନ୍ତି ଅମିତ ଶାହା। ଦେଶର ସମ୍ବିଧାନର ପ୍ରଣେତାଙ୍କୁ ଏହି ଅପମାନ ବରଦାସ୍ତ କରାଯିବ ନୁହେଁ। ତେଣୁ ଆଜି ପାର୍ଲାମେଣ୍ଟ ପରିସରରେ ବିରୋଧୀ ଦଳର ସାଂସଦମାନେ ବିକ୍ଷୋଭ କରିଛନ୍ତି । ଆମ୍ବେଦକରଙ୍କ ପୋଷ୍ଟର ଧରି ପ୍ରତିବାଦ କରିଛନ୍ତି। ଅମିତ ଶାହା ନିଜ ମନ୍ତବ୍ୟ ପାଇଁ କ୍ଷମା ମାଗନ୍ତୁ ବୋଲି ଦାବି କରିଛନ୍ତି ବିରୋଧୀ । ସେପଟେ କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି, ଅମିତ ଶାହଙ୍କ ମନ୍ତବ୍ୟକୁ କଦର୍ଥ କରି ପ୍ରଚାର କରାଯାଉଛି। ଲୋକସଭାରେ ବାରମ୍ବାର ହଙ୍ଗାମା ପରେ ଗୃହକୁ ଆସନ୍ତାକାଲି ୧୧ଟା ଯାଏ ମୁଲତବୀ ରଖାଯାଇଛି।

# ଜାନୁଆରୀ ପହିଲାରୁ ବଦଳିବ ବ୍ୟାଙ୍କ ସମୟ

ଭୋପାଳ: ଜାନୁଆରୀ ପହିଲାରୁ ବଦଳିବ ବ୍ୟାଙ୍କ ସମୟ । ବ୍ୟାଙ୍କ ଖୋଲିବା ଏବଂ ବନ୍ଦ ହେବା ସମୟରେ ପରିବର୍ତ୍ତନ ହେବାକୁ ଯାଉଛି । ୧ ଜାନୁଆରୀ ୨୦୨୫ରେ ସବୁ ବ୍ୟାଙ୍କ ଗୋଟିଏ ସମୟରେ ଖୋଲିବ ଆଉ ଗୋଟିଏ ସମୟରେ ବନ୍ଦ ହେବ । ଆଉ ଏମିତି କିଛି ପରିବର୍ତ୍ତନ ଆଣିବାକୁ ଯାଉଛନ୍ତି ମଧ୍ୟପ୍ରଦେଶ ପ୍ରଶାସନ । ମଧ୍ୟପ୍ରଦେଶରେ ସବୁ ବ୍ୟାଙ୍କ ଗୁଡ଼ିକୁ ଗୋଟିଏ ସମୟରେ ଖୋଲିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ସରକାର । ତେବେ ପୂର୍ବରୁ କିଛି କିଛି ବ୍ୟାଙ୍କ ୧୦ଟାରେ, କିଛି ୧୦.୩୦ରେ ଆଉ କିଛି କିଛି ୧୧ଟାରେ ଖୋଲୁଥିଲା। ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ, ଏଣିକି ରାଜ୍ୟର ସବୁ ବ୍ୟାଙ୍କ ସକାଳ ୧୦ ଟାରେ ଖୋଲିବା ସହିତ ଅପରାହ୍ଣ ୪ଟା ବନ୍ଦ ହେବ । ଯାହାକି ସୋମାବାରରରୁ ଶୁକ୍ରବାର ପର୍ଯ୍ୟନ୍ତ ଲାଗୁ ହେବ ଏବଂ ଶନିବାର ଦିନ ସକାଳ ୧୦ ଟାରେ ଖୋଲି ଦିନ ୨ଟାରେ ବନ୍ଦ ହେବ।

# ବାବା ଗୁରୁ ଘାସିଦାସଙ୍କ ସନ୍ଦେଶ ଆମ ପାଇଁ ମୂଳମନ୍ତ୍ର: ବିଷ୍ଣୁଦେବ



ରାୟପୁର: ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ କହିଛନ୍ତି ଯେ, ବାବା ଗୁରୁ ଘାସିଦାସଙ୍କ ସନ୍ଦେଶ ଆମ ପାଇଁ ମନ୍ତ୍ର ଭାବେ କାର୍ଯ୍ୟ କରୁଛି । ତାଙ୍କ ଆଦର୍ଶକୁ ଭିତ୍ତିକରି ଆମ ସରକାର ସବ୍କା ସାଥ୍ ସବ୍କା ବିକାଶ, ସବ୍କା ବିଶ୍ୱାସ ସହ ଆଗକୁ ବଢ଼ିବାରେ ଲାଗିଛି । ବୁଧବାର ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ ମୁଙ୍ଗେଲି ଜିଲ୍ଲାର ତହସିଲ ମୁଖ୍ୟାଳୟ ଲାଲପୁର ଧାମଠାରେ ଆୟୋଜିତ ବାବା ଗୁରୁ ଘାସିଦାସଙ୍କ ୨୬୮ତମ ଜୟନ୍ତୀ ସମାରୋହରେ ଯୋଗଦେଇ ଏହା କହିଛନ୍ତି । ଏହି ଅବସରରେ ଶ୍ରୀ ସାଏ ଘାସିଦାସଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରିବା ସହ ରାଜ୍ୟବାସୀଙ୍କ ସୁଖସମୃଦ୍ଧି କାମନା କରିଥିଲେ । ଏହି ମନ୍ଦିରରେ ଭାଙ୍ଗି ଯାଇଥିବା ଦ୍ୱାରର ମରାମତି ନିମନ୍ତେ ସେ ୫୦ଲକ୍ଷ ଟଙ୍କାର ସହାୟତା ରାଶି ମଧ୍ୟ ଘୋଷଣା କରିଥିଲେ । ମୁଖ୍ୟମନ୍ତ୍ରୀ ସଭାସ୍ଥଳରେ ପହଞ୍ଚିବା ମାତ୍ରେ ସତ୍‌ନାମୀ କଲ୍ୟାଣ ସମିତିର ସଦସ୍ୟମାନେ ଶ୍ରୀ ସାଏଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ସେ କହିଥିଲେ ଘାସିଦାସଙ୍କ ମଧ୍ୟରେ ଉଚ୍ଚନୀଚ, ଭେଦଭାବ ଓ ଛୁଆଁ ଅଛୁଆଁ କିଛି ନଥିଲା । ସେ ଆହୁରି କହିଥିଲେ ଯେ, ଆମ ସରକାର ମହିଳାମାନଙ୍କ ବିକାଶ ପାଇଁ ମହତାରୀ ବନ୍ଦନ ଯୋଜନା ପ୍ରଣୟନ କରିଛନ୍ତି । ଏଥିରେ ଲକ୍ଷାଧିକ ମହିଳା ସହାୟତା ପାଇ ବିକାଶ ପଥରେ ମାଡି ଚାଲିଛନ୍ତି । ସେହିପରି ଚାଷୀମାନଙ୍କୁ ପ୍ରତି ଏକରରେ ୨୧ କ୍ୱିଣ୍ଟାଲ ଧାନ ଉପରେ କ୍ୱିଣ୍ଟାଲ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ ୩୧୦୦ ଟଙ୍କା ପ୍ରଦାନ କରାଯାଉଛି । ଅନୁସୂଚିତ ଜାତି ଏବଂ ଜନଜାତିଙ୍କ ବିକାଶ ପାଇଁ ଏକ ପ୍ରାଧିକରଣ ମଧ୍ୟ ଗଠନ କରାଯାଇଛି । ୟୁପିଏସ୍‌ସି ପରୀକ୍ଷା ପାଇଁ ଆଗ୍ରହୀ ପରୀକ୍ଷାର୍ଥୀଙ୍କ ନିମନ୍ତେ ଦିଲ୍ଲୀରେ ଏକ ଟ୍ରାଇବାଲ ୟୁଥ ହଷ୍ଟେଲ ଖୋଲାଯାଇଛି ଯେଉଁଥିରୁ ଅନୁସୂଚିତ ଜନଜାତିର ଛାତ୍ରଛାତ୍ରୀମାନେ ଲାଭ ପାଇପାରିବେ ବୋଲି ଶ୍ରୀ ସାଏ କହିଥିଲେ ।

## ବାଣିଜ୍ୟ



ମୁମ୍ବାଇ: ପିଡିଲାଇଟ୍ ଏହାର ରଫ୍ ବ୍ରାଣ୍ଡ ପାଇଁ ବର୍ଦ୍ଧିତ ବ୍ରାଣ୍ଡ ସଚେତନତା, ଉତ୍ପାଦନ କ୍ଷମତା ଓ ବିତରଣ ଉପରେ ଗୁରୁତ୍ୱ ଦେଉଛି ଯାହା ଆଗାମୀ ବର୍ଷଗୁଡିକରେ ଫେଭିକଲ ଭଳି ସମାନ ବ୍ୟାପକତା ଓ ବ୍ରାଣ୍ଡ ଲୋକପ୍ରିୟତା ହାସଲ କରିବ ବୋଲି ଏହା ଆଶା ରଖିଛି। ପିଡିଲାଇଟ ଇଣ୍ଡଷ୍ଟ୍ରିଜ୍ ଏହାର ଟାଇଲ ଆଢେସିଭ ବ୍ରାଣ୍ଡ ରଫ୍‌କୁ ବିସ୍ତାର କରିବା ଉପରେ ରଣନୈତିକ ଭାବେ ଗୁରୁତ୍ୱ ଦେଉଛି, କାରଣ ଭାରତୀୟ ଉପଭୋକ୍ତାମାନେ ଅଧିକରୁ ଅଧିକ ସ୍ୱତନ୍ତ୍ର ହୋମ୍ ସଲ୍ୟୁଶନ ପ୍ରଡକ୍ଟ ସନ୍ଧାନ କରୁଛନ୍ତି। ସେହିପରି ପିଡିଲାଇଟ୍‌ର ରଫ୍ ପ୍ରୋ-କବାଡି ଲିଗ୍ ସହ ସହଭାଗିତାରେ ବିଜ୍ଞାପନ କ୍ୟାମ୍ପେନଗୁଡିକ ମାଧ୍ୟମରେ ବର୍ଦ୍ଧିତ ବ୍ରାଣ୍ଡ ସଚେତନତା ଉପରେ ଧ୍ୟାନ ଦେବା ସହିତ ଆଗାମୀ ବର୍ଷଗୁଡ଼ିକରେ ଫେଭିକଲ ଭଳି ସମାନ ସ୍ତରର ବ୍ୟାପକତା ହାସଲ କରିବା ପାଇଁ ଉତ୍ପାଦନ ଓ ବିତରଣ କ୍ଷମତାକୁ ବୃଦ୍ଧି କରୁଛି। ଏସମ୍ପର୍କରେ ପିଡିଲାଇଟ ଇଣ୍ଡଷ୍ଟ୍ରିଜ୍‌ର କନ୍‌ଷ୍ଟ୍ରକ୍ଶନ କେମିକାଲ ବିଭାଗର ମୁଖ୍ୟ ବ୍ୟବସାୟିକ ଅଧିକାରୀ ସଲିଲ ଦଲାଲ କହିଛନ୍ତି, ' ଏକ ବିସ୍ତୃତ ଟାଇଲ ଉତ୍ପାଦନ ଶିଳ୍ପ ସତ୍ତ୍ୱେ ବର୍ତ୍ତମାନ ଫିକ୍ସ କରାଯାଉଥିବା ଭାରତର ପ୍ରତି ୧୦୦ଟି ଟାଇଲ ମଧ୍ୟରୁ କେବଳ ୨୫ଟି ଟାଇଲ୍‌କୁ ଆଢେସିଭ ସହ ଫିକ୍ସ କରାଯାଉଥିବା ବେଳେ ଅବଶିଷ୍ଟ ଟାଇଲଗୁଡ଼ିକୁ ସିମେଣ୍ଟ ସହ ଫିକ୍ସ କରାଯାଉଛି। ଭାରତରେ ଟାଇଲଗୁଡ଼ିକୁ ଫିକ୍ସ କରାଯିବାର ଶୈଳୀକୁ ପରିବର୍ତ୍ତନ କରିବାକୁ ଚାହୁଁଛୁ।

# ଗ୍ରାମୀଣ ଲୋକଙ୍କୁ ସଶକ୍ତ କରୁଛି ଟିପିଏସ୍‌ଓଡିଏଲ୍




ବ୍ରହ୍ମପୁର(ଭାସ୍କର ନ୍ୟୁଜ୍): ସମାବେଶୀ ବିକାଶ ଓ ଗୋଷ୍ଠୀ ସଶକ୍ତୀକରଣ ଦିଗରେ ଅତୁଟ ପ୍ରତିବଦ୍ଧତା ପ୍ରଦର୍ଶନ କରି ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏସ୍‌ଓଡିଏଲ୍) 'ଅଧିକାର' ପ୍ରକଳ୍ପ ଆରମ୍ଭ କରିଛି। ଜନ ସାଧାରଣ ଓ ସରକାରଙ୍କ କଲ୍ୟାଣକାରୀ ଯୋଜନା ମଧ୍ୟରେ ସମ୍ପର୍କ ସେତୁ ଭାବରେ କାର୍ଯ୍ୟ କରିବା ହେଉଛି ଏହି ପ୍ରକଳ୍ପର ଉଦ୍ଦେଶ୍ୟ। ଏହି ପଦକ୍ଷେପ ଦ୍ୱାରା କୋରାପୁଟ ଜିଲ୍ଲାର ୫୦ଟି ଗାଁର ଲୋକେ ଉପକୃତ ହେବେ। ଗ୍ରାମୀଣ ତଥା ବୟସ୍କ ଏବଂ ଆର୍ଥିକ ଅନଗ୍ରସର ଲୋକଙ୍କ ନିକଟରେ ସରକାରୀ କଲ୍ୟାଣକାରୀ ଯୋଜନା ପହଞ୍ଚାଇ ସେମାନଙ୍କୁ ସଶକ୍ତ କରିବା ନେଇ ଅଧିକାର ପ୍ରକଳ୍ପର ଲକ୍ଷ୍ୟ ରହିଛି। ଏହି ପଦକ୍ଷେପ ମୁଖ୍ୟତଃ ବିଭିନ୍ନ ସରକାରୀ ଯୋଜନାକୁ ସମାଜର ଶେଷ ବର୍ଗ ନିକଟରେ ପହଞ୍ଚାଇବା ଉପରେ ଗୁରୁତ୍ୱ ଦେଇଥାଏ। ଜୀବନ ଜୀବିକା ପାଇଁ କୃଷି ଉପରେ ନିର୍ଭର କରୁଥିବା ବ୍ୟକ୍ତିବିଶେଷଙ୍କୁ ସେମାନଙ୍କର ଅଧିକାର ସମ୍ପର୍କରେ ଅବଗତ କରାଇବା ଏବଂ ଅତ୍ୟାବଶ୍ୟକ ସେବା ପାଇବା ଦିଗରେ ଥିବା ପ୍ରତିବନ୍ଧକକୁ ଦୂର କରିବାରେ ଏହି ପ୍ରକଳ୍ପ ସକ୍ଷମ ହେବ। ଏକ ବ୍ୟାପକ ଏବଂ ସହଯୋଗୀ ଆଭିମୁଖ୍ୟ ମାଧ୍ୟମରେ ହିତାଧିକାରୀ ଏବଂ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ କଲ୍ୟାଣକାରୀ ଯୋଜନା ମଧ୍ୟରେ ସେତୁ ଭାବେ ଅଧିକାର ପ୍ରକଳ୍ପ ସହାୟକ ହେବ। ଅଧିକାର ସୂଚନା କେନ୍ଦ୍ରର ସହାୟତାରେ ମହିଳା ଚାଷୀ ମାଳତୀ ହରିଜନ କୃଷକ ଓଡ଼ିଶା ଓ ସିଏମ୍ କିଷାନ ଯୋଜନାରେ ସଫଳତାର ସହ ପିକରଣ କରିପାରିଛନ୍ତି। କୃତଜ୍ଞତା ଜ୍ଞାପନ କରି ସେ କହିଛନ୍ତି, ଟିପିଏସ୍‌ଓଡିଏଲ୍ ଟିମ୍ ଆମକୁ ଏହି ଯୋଜନା ବିଷୟରେ ଅବଗତ କରାଇଥିଲେ ଏବଂ ଆବେଦନ ପ୍ରକ୍ରିୟାରେ ମୋତେ ସାହାଯ୍ୟ କରିଥିଲେ। ସେଥିପାଇଁ ମୁଁ ସେମାନଙ୍କୁ ଅଶେଷ ଧନ୍ୟବାଦ ଜଣାଉଛି। ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, 'ଅଧିକାର ପ୍ରକଳ୍ପ ମାଧ୍ୟମରେ ଆମେ ଲୋକଙ୍କ ସାମାଜିକ-ଅର୍ଥନୈତିକ ସ୍ଥିତିରେ ଉନ୍ନତି ଆଣିବା ପାଇଁ ପ୍ରତିଶ୍ରୁତିବଦ୍ଧ। ଏକ ନ୍ୟାୟସଙ୍ଗତ ଏବଂ ସମାବେଶୀ ଭବିଷ୍ୟତ ନିର୍ମାଣ ଦିଗରେ ଆମର ପ୍ରତିଶ୍ରୁତିର ଫଳ ସ୍ୱରୂପ ଏହି ପଦକ୍ଷେପ ଆରମ୍ଭ ହୋଇଛି।

# ଇମ୍ଫା-ଜେଏସ୍‌ଡବ୍ଲୁ ଗ୍ରୀନ୍ ଏନର୍ଜି ମଧ୍ୟରେ ବୁଝାମଣା




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଇଣ୍ଡିଆ ମେଟାଲ୍ସ୍ ଆଣ୍ଡ ଫେରୋ ଆଲୟଜ୍ ଲିମିଟେଡ୍ (ଇମ୍ଫା) ଏହାର ସ୍ମେଲଟର ଲାଗି ଅକ୍ଷୟ ଶକ୍ତି ସଂଗ୍ରହ କରିବା ନିମନ୍ତେ ଜେଏସ୍‌ଡବ୍ଲୁ ଏନର୍ଜି ସହ ଏକ ଯୌଥ ଉଦ୍ୟୋଗ ଘୋଷଣା କରିଛି। ଇମ୍ଫା ପକ୍ଷରୁ ଜେଏସ୍‌ଡବ୍ଲୁ ଗ୍ରିନ୍ ଏନର୍ଜି ୱାନ୍ ଲିମିଟେଡ୍ ଓ ଜେଏସ୍‌ଡବ୍ଲୁ ଗ୍ରିନ୍ ଏନର୍ଜି ସେଭେନ୍ ଲିମିଟେଡ୍ ସହିତ ରାଜିନାମା ସ୍ୱାକ୍ଷର କରାଯାଇଛି। ଏହା ୫୦ ମେଗାୱାଟ୍‌ର ସୋଲାର ଓ ୧୦୦ମେଗାୱାଟର ପବନ ଶକ୍ତି, ମୋଟ ଚୁକ୍ତି ଆଧାରିକ କ୍ଷମତା ୭୦ ମେଗାୱାଟ୍ ପ୍ରକଳ୍ପରେ ୮୩.୨୬ କୋଟି ଟଙ୍କା ନିବେଶ କରିବ। ଏଥିସହିତ ଇମ୍ଫା ପକ୍ଷରୁ ନିଜସ୍ୱ ବ୍ୟବହାର ଲାଗି ୨୫ ବର୍ଷିଆ ଅବଧିର ଏକ ବିଦ୍ୟୁତ୍ ଶକ୍ତି କ୍ରୟ ରାଜିନାମା ସ୍ୱାକ୍ଷର କରାଯିବ। ଇମ୍ଫା ପକ୍ଷରୁ ଯାଜପୁରର କଳିଙ୍ଗ ନଗର ଠାରେ ବାର୍ଷିକ ୧ଲକ୍ଷ ଟନ୍ କ୍ଷମତା ବିଶିଷ୍ଟ ଏକ ନୂଆ କାରଖାନା ସ୍ଥାପନ କରାଯାଉଛି। ଏହା କମ୍ପାନୀର ଫେରୋକ୍ରୋମ୍ ଉତ୍ପାଦନ କ୍ଷମତାକୁ ବଢ଼ାଇବ। ଏହି ରାଜିନାମା ସମ୍ପର୍କରେ କମ୍ପାନୀର ଭାଇସ ପ୍ରେସିଡେଣ୍ଟ ତଥା ହେଡ୍-ପାୱାର ବିଜନେସ ୟୁନିଟ୍ ବିନୟ ଅଗ୍ରୱାଲ କହିଛନ୍ତି ଯେ, କାର୍ବନ ଫୁଟ୍ ପ୍ରିଣ୍ଟକମ କରିବାଲାଗି ଅକ୍ଷୟ ଶକ୍ତି ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ। ସୌର ଓ ପବନ ଶକ୍ତିର ମିଶ୍ରଣ ସହ ଆମେ ଏକ ସବୁଜ ଭବିଷ୍ୟତ ଆଡ଼କୁ ଅଗ୍ରସର ହେଉଛୁ ବୋଲି ସେ କହିଛନ୍ତି।

# ଏମ୍‌ସିଏଲ୍‌ର ୫ଟି କୋଇଲା ଖଣିକୁ ସୁରକ୍ଷା ଉତ୍କୃଷ୍ଟତା ପୁରସ୍କାର




ସମ୍ବଲପୁର (ଭାସ୍କର ନ୍ୟୁଜ୍): ଭୁବନେଶ୍ୱରରେ ଆୟୋଜିତ ସୁରକ୍ଷା ସମ୍ମିଳନୀ-୨୦୨୪ରେ ଏମ୍‌ସିଏଲ୍‌ର ୫ଟି କୋଇଲା ଖଣିକୁ ସୁରକ୍ଷା ଉତ୍କୃଷ୍ଟତା ପୁରସ୍କାର ସମ୍ମାନିତ କରାଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ରୂପେ ଯୋଗଦାନ କରିଥିବା ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କ ଦ୍ୱାରା ମହାନଦୀ କୋଲ ଫିଲ୍ଡ ଲିମିଟେଡ (ଏମ୍‌ସିଏଲ୍)ର ୫ଟି କୋଇଲା ଖଣିକୁ ୨୦୨୩ ମସିହାରେ ନିଜର ଉତ୍କୃଷ୍ଟ ସୁରକ୍ଷା ପ୍ରଦର୍ଶନ ନିମନ୍ତେ କଳିଙ୍ଗ ସୁରକ୍ଷା ଉତ୍କୃଷ୍ଟତା ପୁରସ୍କାରରେ ସମ୍ମାନିତ କରାଯାଇଛି। ଏହି ପରିପ୍ରେକ୍ଷୀରେ ସିଆରମଲ ଏବଂ ଅନନ୍ତ ଖଣିକୁ ପ୍ଲାଟିନମ୍ ଶ୍ରେଣୀରେ ଏବଂ କଣିହା ଖଣି, କୁଳଦା ଖଣି ଓ ବସୁନ୍ଧରା (ପଶ୍ଚିମ) ଖଣିକୁ ଗୋଲ୍ଡ ଶ୍ରେଣୀରେ ଅନ୍ତର୍ଭୁକ୍ତ କରାଯାଇ ସମ୍ମାନିତ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଏମ୍‌ସିଏଲ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଉଦୟ ଅନନ୍ତ କାଓଲେ ପୁରସ୍କୃତ ଖଣିଗୁଡ଼ିକୁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ଦଳ କରିଥିବା ଉଦ୍ୟମକୁ ପ୍ରଶଂସା କରିଥିଲେ। ନିରାପତ୍ତା ପ୍ରତି ଏମ୍‌ସିଏଲ୍‌ର ଉତ୍ସର୍ଗକୁ ପ୍ରଶଂସା କରି ସିଏମଡି ଶ୍ରୀ କାଓଲେ କହିଛନ୍ତି ଯେ ଏହି ପୁରସ୍କାର ଏକ ନିରାପଦ ତଥା ଦକ୍ଷ କାର୍ଯ୍ୟ ପରିବେଶ ସୃଷ୍ଟି କରିବାରେ ଆମର ଏମ୍‌ସିଏଲ୍ ଦଳର କର୍ତ୍ତବ୍ୟ ପ୍ରତି ଅକ୍ଳାନ୍ତ ପରିଶ୍ରମ ଏବଂ ଉତ୍ସର୍ଗୀକୃତତାକୁ ପ୍ରତିଫଳିତ କରିଥାଏ। ସୁରକ୍ଷା ମାନଦଣ୍ଡରେ ଉତ୍କର୍ଷତା ଦିଗରେ ଆମର ଯାତ୍ରା ପାଇଁ ଏହା ଆଉ ଏକ ପଦକ୍ଷେପ। ଶ୍ରେଷ୍ଠ ଶ୍ରେଣୀର ସୁରକ୍ଷା ବ୍ୟବସ୍ଥା ଏବଂ କାର୍ଯ୍ୟଦକ୍ଷତା ବଜାୟ ରଖିବା ପାଇଁ ଦିଆଯାଇଥିବା ପୁରସ୍କାର ମଧ୍ୟରୁ କଳିଙ୍ଗ ସୁରକ୍ଷା ଉତ୍କୃଷ୍ଟତା ପୁରସ୍କାର ଅନ୍ୟତମ।

# ଇନ୍‌ଫୋସିସ୍‌ର ଅତ୍ୟାଧୁନିକ ଡେଭଲପ୍‌ମେଣ୍ଟ୍ ସେଣ୍ଟର୍ ଉଦ୍‌ଘାଟିତ

କୋଲକାତା: ନେକ୍ସଟ-ଜେନେରେସନ (ପରବର୍ତ୍ତୀ ପିଢ଼ି)ର ଡିଜିଟାଲ ସେବା ସମୂହ ଏବଂ କନ୍‌ସଲଟିଂରେ ଏକ ବିଶ୍ୱସ୍ତରରେ ଅଗ୍ରଣୀ କମ୍ପାନୀ ଇନ୍‌ଫୋସିସ ପଶ୍ଚିମବଙ୍ଗର କୋଲକାତାରେ ଏହାର ନୂତନ ୩୨୦,୦୦୦ ବର୍ଗଫୁଟର ଡେଭଲପ୍‌ମେଣ୍ଟ ସେଣ୍ଟର୍ (ଡିସି) ଉଦ୍‌ଘାଟନ ସମ୍ପର୍କରେ ଘୋଷଣା କରିଛି। ୪୨୬ କୋଟି ଟଙ୍କା ନିବେଶରେ ଏହି ସର୍ବାଧୁନିକ ସୁବିଧା ଏକ ହାଇବ୍ରିଡ କାର୍ଯ୍ୟକାରିତା ମଡେଲରେ ୪,୦୦୦ରୁ ଅଧିକ କର୍ମଚାରୀଙ୍କୁ ସ୍ଥାନ ଦେବାକୁ ଡିଜାଇନ କରାଯାଇଛି। ଏହି ସେଣ୍ଟର କର୍ମଚାରୀଙ୍କୁ ଅଧିକ ନମନୀୟତା ଯୋଗାଇଦେବା ସହିତ ସେମାନଙ୍କୁ କ୍ଲାଉଡ, ଏଆଇ ଏବଂ ଡିଜିଟାଲ ଆଦି ସର୍ବାଧୁନିକ ପ୍ରଯୁକ୍ତିରେ ବିନିର୍ମାଣ, ଲଜିଷ୍ଟିକ୍ସ, ଆର୍ଥିକ ସେବା, ଶକ୍ତି ଓ ୟୁଟିଲିଟି ଆଦି ବହୁବିଧ ବର୍ଗର ଶିଳ୍ପରେ କାର୍ଯ୍ୟ କରିବାକୁ ସମର୍ଥ କରାଇବ। ଡେଭଲପମେଣ୍ଟ ସେଣ୍ଟରକୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ବାବୁଲ ସୁପ୍ରିୟୋ, ମିନିଷ୍ଟର-ଇନ୍-ଚାର୍ଜ, ସୂଚନା ପ୍ରଯୁକ୍ତି ଓ ଇଲେକ୍‌ଟ୍ରୋନିକ୍ସ ଏବଂ ସରକାରୀ ଉଦ୍ୟୋଗ ଓ ଶିଳ୍ପ ପୁନଃନିର୍ମାଣ ବିଭାଗ, ସୁଜିତ ବୋଷ, ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ଅଗ୍ନିଶମ ଓ ଜରୁରୀକାଳୀନ ସେବା, ଡ.ଅମିତ ମିତ୍ର, ସମ୍ମାନନୀୟା ମୁଖ୍ୟମନ୍ତ୍ରୀଙ୍କର ଏବଂ ଅର୍ଥ ବିଭାଗର ପ୍ରିନସିପାଲ ଚିଫ୍ ଆଡଭାଇଜର; ଏବଂ ଜୟେଶ ସଂଘ୍ରାଜ୍‌କା, ଚିଫ୍ ଫାଇନାନ୍‌ସିଆଲ ଅଫିସର, ଦିନେଶ ରାଓ, ଚିଫ୍ ଡେଲିଭରୀ ଅଫିସର, ଶ୍ରୀ ସୁନିଲ କୁମାର ଧରେଶର, ଏକ୍‌ଜିକ୍ୟୁଟିଭ ଭାଇସ୍ ପ୍ରେସିଡେଣ୍ଟ, ଇନ୍‌ଫୋସିସ ଏବଂ ନିଳାଦ୍ରୀ ପ୍ରସାଦ ମିଶ୍ର, ସିନିୟର ଭାଇସ୍ ପ୍ରେସିଡେଣ୍ଟ, ଇନଫୋସିସଙ୍କ ନେତୃତ୍ୱରେ ଇନ୍‌ଫୋସିସ୍‌ର ପ୍ରତିନିଧିମଣ୍ଡଳୀ ତଥା ରାଜ୍ୟ ସରକାର ଓ ଇନ୍‌ଫୋସିସ୍‌ର ଅନ୍ୟ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରିଥିଲେ।

# ୱାର୍ଡୱିଜାର୍ଡ ଇନୋଭେସନ୍ସ ପକ୍ଷରୁ ମୁଫିନ୍ ଗ୍ରୀନ୍ ଫାଇନାନ୍ସ ସହ ସହଯୋଗିତା





ନୂଆଦିଲ୍ଲୀ: ଦେଶର ଅଗ୍ରଣୀ ଇଲେକ୍ଟ୍ରିକ ଦୁଇଚକିଆ ଯାନ ନିର୍ମାତା ୱାର୍ଡୱିଜାର୍ଡ ଇନୋଭେସନ୍ସ ଆଣ୍ଡ ମୋବିଲିଟି ଲିମିଟେଡ ପକ୍ଷରୁ ସ୍ୱତନ୍ତ୍ର ତିନିଚକିଆ ଇଲେକ୍ଟ୍ରିକ ଯାନ ଋଣ ଲାଗି ଦେଶର ଅଗ୍ରଣୀ ଅଣ ବ୍ୟାଙ୍କିଙ୍ଗ ଆର୍ଥିକ ସଂସ୍ଥା (ଏନ୍‌ବିଏଫ୍‌ସି) ମୁଫିନ ଗ୍ରିନ ଫାଇନାନ୍ସ ଲିମିଟେଡ ସହିତ ସହଯୋଗିତା ସ୍ଥାପନ କରାଯାଇଛି। ଏହି ସହଯୋଗିତାରେ ୱାର୍ଡୱିଜାର୍ଡର ଏଲ୍୩ ଯାତ୍ରୀବାହୀ ଓ ଏଲ୫ ମାଲବାହୀ ଇଲେକ୍ଟ୍ରିକ ତିନି ଚକିଆ ଯାନ ପାଇଁ ଆର୍ଥିକ ସମାଧାନ ପ୍ରଦାନ କରାଯିବ ଯାହା ଫଳରେ ତାହା ସାରା ଦେଶର ଗ୍ରାହକଙ୍କ ନିକଟରେ ପହଞ୍ଚିପାରିବ। ୱାର୍ଡୱିଜାର୍ଡ ଇନୋଭେସନ୍ସ ଆଣ୍ଡ ମୋବିଲିଟି ଲିମିଟେଡର ନିର୍ଦ୍ଦେଶକ (ସେଲସ ଆଣ୍ଡ ଷ୍ଟ୍ରାଟେଜି) ଅଖତର ଖତ୍ରି ଓ ମୁଫିନ ଗ୍ରିନ ଫାଇନାନ୍ସ ଲିମିଟେଡର ମୁଖ୍ୟ ବ୍ୟବସାୟ ଅଧିକାରୀ ଧୀରଜ ଅଗ୍ରୱାଲ ବୁଝାମଣାପତ୍ରରେ ସ୍ୱାକ୍ଷର କରିଛନ୍ତି। ଏହି ସହଯୋଗିତାରେ ମୁଫିନ ଗ୍ରିନ ଫାଇନାନ୍ସ ଲିମିଟେଡ ଏହାର ସ୍ୱୀକୃତିପ୍ରାପ୍ତ ଡିଲର ନେଟୱର୍କ ଜରିଆରେ ୱାର୍ଡୱିଜାର୍ଡ ଇନୋଭେସନ୍ସ ଆଣ୍ଡ ମୋବିଲିଟି ଲିମିଟେଡର ତିନିଚକିଆ ଇଲେକ୍ଟ୍ରିକ ଯାନ ଗ୍ରାହକମାନଙ୍କୁ ନିରବଚ୍ଛିନ୍ନ ଆର୍ଥିକ ସମାଧାନ ପ୍ରଦାନ କରିବ। ୱାର୍ଡୱିଜାର୍ଡ ଇନୋଭେସନ୍ସ ଆଣ୍ଡ ମୋବିଲିଟି ଲିମିଟେଡର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଯତୀନ ଗୁପ୍ତେ କହିଛନ୍ତି ଯେ, ସବୁଜ ଗମନାଗମନକୁ ଆଗକୁ ବଢ଼ାଇବା ପାଇଁ ଆମର ମିଶନ ସହିତ ସ୍ଥାୟୀତ୍ୱକୁ ସମର୍ଥନ କରିବା ଲାଗି ମୁଫିନ ଗ୍ରିନ ଫାଇନାନ୍ସ ସହିତ ସହଯୋଗିତା ସ୍ଥାପନ କରିବାକୁ ଆମେ ଉତ୍ସାହିତ । ଏହି ସହଯୋଗିତା ଆମକୁ ଉପଭୋକ୍ତା ବର୍ଗକୁ ସଶକ୍ତ କରିବାରେ ଏବଂ ଗ୍ରାହକଙ୍କ ଉପଯୁକ୍ତ ଆର୍ଥିକ ସହାୟତାକୁ ସୁଗମ କରି ଇଭିର ପ୍ରବେଶ ବୃଦ୍ଧି କରିବାରେ ସାହାଯ୍ୟ କରିବ । ମୁଫିନ ଗ୍ରିନ ଫାଇନାନ୍ସ ଲିମିଟେଡର ସହ-ପ୍ରତିଷ୍ଠାତା ଏବଂ ପରିଚାଳନା ନିର୍ଦ୍ଦେଶକ କପିଳ ଗର୍ଗ କହିଛନ୍ତି, ୱାର୍ଡୱିଜାର୍ଡ ସହିତ ଆମର ସହଯୋଗିତା ଭାରତରେ ସ୍ଥାୟୀ ଗମନାଗମନର ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ ଆମର ପ୍ରତିଶ୍ରୁତିକୁ ପ୍ରତିଫଳିତ କରୁଛି ।



ନୂଆଦିଲ୍ଲୀ: ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ ଅଧିନାୟକ ସୁନୀଲ ଗାଭାସ୍କର ଏକ ବଡ଼ ଦାବି କରିଛନ୍ତି। ସେ କହିଛନ୍ତି ଯେ ରୋହିତ ଶର୍ମାଙ୍କ ଖରାପ ରନ୍ ଜାରି ରହିଲେ ଖୁବଶୀଘ୍ର ଅଧିନାୟକ ପଦରୁ ଇସ୍ତଫା ଦେବେ। ଗତ କିଛି ମ୍ୟାଚରେ ରୋହିତଙ୍କ ପ୍ରଦର୍ଶନ କ୍ରିକେଟ ପ୍ରେମୀ ଓ ତାଙ୍କ ପ୍ରଶଂସକଙ୍କୁ ନିରାଶ କରିଛି। ଏଥିପାଇଁ ତାଙ୍କୁ ସମାଲୋଚନାର ଶିକାର ମଧ ହେବାକୁ ପଡ଼ିଛି। ନିଜକୁ ବ୍ୟାଟିଂ ଅର୍ଡରରେ ନମ୍ବର ୬ରେ ରଖି ମଧ ଅଷ୍ଟ୍ରେଲିଆ ବିପକ୍ଷ ଗତ ଦୁଇଟି ଟେଷ୍ଟ ମ୍ୟାଚ୍‌ରେ ସେ ଭଲ ରନ୍ ସ୍କୋର କରିପାରିନାହାନ୍ତି। ରୋହିତଙ୍କ ଏଭଳି ଖରାପ ପ୍ରଦର୍ଶନ ମଧ୍ୟରେ ସୁନୀଲ ଗାଭାସ୍କର ଏକ ବଡ଼ ଦାବି କରିଛନ୍ତି। ସେ କହିଛନ୍ତି ଯେ, 'ମୁଁ ଭାବୁଛି ରୋହିତ ନିଶ୍ଚିତ ଭାବରେ ପରବର୍ତ୍ତୀ କିଛି ମ୍ୟାଚ୍ ଖେଳିବାର ସୁଯୋଗ ପାଇବେ। ଏହା ନିଶ୍ଚିତ। କିନ୍ତୁ ବୋଧହୁଏ ଶେଷରେ, ଯଦି ସେ ଭଲ ରନ୍ ସ୍କୋର ନକରନ୍ତି, ତେବେ ସେ ନିଜେ ହିଁ ଅଧିନାୟତ୍ୱ ଛାଡ଼ିଦେବେ। ସେ ଜଣେ ଅତି ବିବେକୀ କ୍ରିକେଟର। ସେ ଦଳ ଉପରେ କେବେ ବି ବୋଝ ହେବାକୁ ଇଚ୍ଛା କରିବେ ନାହିଁ । ସେ ଏଭଳି ଜଣେ କ୍ରିକେଟର ଯିଏ ଭାରତୀୟ କ୍ରିକେଟ୍ ପାଇଁ ବହୁତ ଚିନ୍ତା କରନ୍ତି। ତେଣୁ ମୋତେ ଲାଗୁଛି ସେ ଚୟନ କମିଟିର ନିଷ୍ପତ୍ତିକୁ ଅପେକ୍ଷା ନକରି ନିଜେ ଦଳର ଅଧିନାୟକତ୍ୱ ଛାଡ଼ିଦେବେ।'

# ବର୍ଷା ସାଜିଲା ଦାଉ : ଗାବା ଟେଷ୍ଟ ଡ୍ର'



ବ୍ରିସବେନ: ବ୍ରିସବେନର ଗାବା ଠାରେ ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯାଇଥିବା ଟେଷ୍ଟ ସିରିଜର ତୃତୀୟ ମ୍ୟାଚ ଡ୍ର ହୋଇଯାଇଛି। ଅଷ୍ଟ୍ରେଲିଆ ଜିତିବା ପାଇଁ ଭାରତକୁ ୨୭୫ ରନର ଲକ୍ଷ୍ୟ ଦେଇଥିଲା। କିନ୍ତୁ ମ୍ୟାଚର ପଞ୍ଚମ ଦିନରେ ଚା' ବିରତି ପରେ ମ୍ୟାଚ ଆରମ୍ଭ ହୋଇପାରିଲା ନାହିଁ। ବର୍ଷା ଏବଂ କମ ଆଲୋକକୁ ଦୃଷ୍ଟିରେ ରଖି ମ୍ୟାଚ ଡ୍ର ବୋଲି ଘୋଷଣା କରାଯାଇଥିଲା। ଏହି ସିରିଜରେ ଭାରତ ଏବଂ ଅଷ୍ଟ୍ରେଲିଆର ଦଳ ୧-୧ରେ ବରାବର ହୋଇଛି। ପ୍ରଥମ ଇନିଂସରେ ଅଷ୍ଟ୍ରେଲିଆ ୪୪୫ ରନ ସଂଗ୍ରହ କରିଥିଲା। ଏହି ଅବଧି ମଧ୍ୟରେ ଷ୍ଟିଭ ସ୍ମିଥ ଏବଂ ଟ୍ରାଭିସ ହେଡ ଶତକ ହାସଲ କରିଥିଲେ। ହେଡ ୧୫୨ ରନର ଚମତ୍କାର ଇନିଂସ ଖେଳିଥିଲେ ।ଲ ଏଠାରେ ସ୍ମିଥ ୧୦୧ ରନ ସଂଗ୍ରହ କରିଥିଲେ। ଆଲେକ୍ସ କେରି ୭୦ ରନ୍ ?ର ଏକ ଇନିଂସ ଖେଳିଥିଲେ। ଏହି ସମୟ ମଧ୍ୟରେ ଜସପ୍ରୀତ ବୁମ୍ରା ଭାରତ ପକ୍ଷରୁ ୬ଟି ଉଇକେଟ ନେଇଥିଲେ। ଯେଉଁଠାରେ ମହମ୍ମଦ ସିରାଜ ୨ ଉଇକେଟ ନେଇଥିଲେ। ଆକାଶ ଦୀପ ଏବଂ ନୀତୀଶ ରେଡ୍ଡୀ ୧-୧ ଉଇକେଟ ନେଇଥିଲେ। ପ୍ରଥମ ଇନିଂସରେ ଆଉଟ ହେବା ପର୍ଯ୍ୟନ୍ତ ଭାରତ ୨୬୦ ରନ ସଂଗ୍ରହ କରିଥିଲା। ଏହି ସମୟରେ ଓପନର କେ.ଏଲ ରାହୁଲ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ରାହୁଲ ୧୩୯ ବଲ୍‌ର ସମ୍ମୁଖୀନ ହୋଇ ୮୯ ରନ ସଂଗ୍ରହ କରିଥିଲେ। ସେ ୮ଟି ଚୌକା ମାରିଥିଲେ। ରବିନ୍ଦ୍ର ଜାଡେଜା ଅର୍ଦ୍ଧଶତକ ହାସଲ କରିଥିଲେ। ସେ ୧୨୩ ବଲ ସମ୍ମୁଖରେ ୭୭ ରନ ସ୍କୋର କରିଥିଲେ। ଜାଡେଜାଙ୍କ ଏହି ଇନିଂସରେ ୭ ଚୌକା ଓ ଗୋଟିଏ ଛକା ଅନ୍ତର୍ଭୁକ୍ତ ହୋଇଥିଲା। ଶେଷରେ ୩୧ ରନର ଏକ ଗୁରୁତ୍ୱପୂର୍ଣ୍ଣ ଇନିଂସ ଖେଳିଥିଲେ ଆକାଶ ଦୀପ। ସେ ୨ଟି ଚୌକା ଓ ଗୋଟିଏ ଛକା ମାରିଥିଲେ। ଅଷ୍ଟ୍ରେଲିଆର ଦ୍ୱିତୀୟ ଇନିଂସରେ ଭାରତୀୟ ବୋଲରମାନେ ସାଂଘାତିକ ବୋଲିଂ କରିଥିଲେ। ୮୯ ରନ ସ୍କୋରରେ ଅଷ୍ଟ୍ରେଲିଆ ୭ ଉଇକେଟ ହରାଇଥିଲା। ତେବେ ଏହା ପରେ ସେ ଇନିଂସ ଘୋଷଣା କରିଥିଲେ। ଆଲେକ୍ସ କେରି ଆଉଟ ହୋଇନଥିଲେ। କମିନ୍ସ ୨୨ ରନ୍‌ର ଏକ ଇନିଂସ ଖେଳିଥିଲେ। ଭାରତ ପାଇଁ ବୁମରା ୩ ଉଇକେଟ ନେଇଥିଲେ।

# ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ଅବସର ନେଲେ ଅଶ୍ୱିନୀ



ନୂଆଦିଲ୍ଲୀ : ଅନ୍ତର୍ଜାତୀୟ କ୍ରିକେଟ୍‌କୁ ବାଏ ବାଏ କହିଲେ ସ୍ପିନ୍ ଲିଜେଣ୍ଡ ଆର୍ ଅଶ୍ୱିନ୍। ଗାବା ଟେଷ୍ଟ ପରେ ହଠାତ୍ ଅବସର ଘୋଷଣା କରିଛନ୍ତି। ଯାହା କ୍ରିକେଟପ୍ରେମୀଙ୍କୁ ଆଶ୍ଚର୍ଯ୍ୟ କରିଦେଇଛି। ୩୮ ବର୍ଷ ବୟସରେ ସେ ଏହି ନିଷ୍ପତ୍ତି ନେଇଛନ୍ତି। ଅଶ୍ୱିନଙ୍କ ଏପର୍ଯ୍ୟନ୍ତ ଏକ ଦୃଢ଼ ରେକର୍ଡ ରହିଛି। ବୋଲିଂ ସହିତ ସେ ବ୍ୟାଟିଂରେ ମଧ ଉତ୍କର୍ଷ ପ୍ରଦର୍ଶନ କରିଛନ୍ତି। ସେ ନିଜ ଟେଷ୍ଟ କ୍ୟାରିଅରରେ ୫୦୦ରୁ ଅଧିକ ଓ୍ୱିକେଟ ନେଇଛନ୍ତି। ବ୍ରିସବେନରେ ତୃତୀୟ ଟେଷ୍ଟ ପରେ ସେ ଖବରଦାତା ସମ୍ମିଳନୀରେ ଅବସର ଘୋଷଣା କରିଛନ୍ତି। ଗାବା ଟେଷ୍ଟର ଡ୍ର ପରେ ରବିଚନ୍ଦ୍ରନ ଅଶ୍ୱିନ୍ ଅବସର ଘୋଷଣା କରି କହିଛନ୍ତି ଯେ ଭାରତ ପାଇଁ କ୍ରିକେଟର ଭାବରେ ଏହା ତାଙ୍କର ଥିଲା ଶେଷ ଦିନ। ଏହାପୂର୍ବରୁ ଯେତେବେଳେ ପଞ୍ଚମ ଦିନରେ ମ୍ୟାଚ୍ ବନ୍ଦ ହୋଇଥିଲା ସେତେବେଳେ ଟିମ୍ ଇଣ୍ଡିଆର ସଦସ୍ୟମାନେ ଡ୍ରେସିଂ ରୁମରେ ଉପସ୍ଥିତ ଥିଲେ, ଏହି ସମୟରେ ରବିଚନ୍ଦ୍ରନ ଅଶ୍ୱିନ ବିରାଟ କୋହଲିଙ୍କୁ ଆଲିଙ୍ଗନ କରିଥିଲେ। ୩୮ ବର୍ଷୀୟ କ୍ରିକେଟର ଆର୍ ଅଶ୍ୱିନ୍‌ଙ୍କ ନାଁରେ ଅନେକ ରେକର୍ଡ ରହିଛି। ସେ ଭାରତୀୟ ଟେଷ୍ଟ କ୍ରିକେଟର ଦ୍ୱିତୀୟ ସର୍ବାଧିକ ଓ୍ୱିକେଟ୍ ନେଇଥିବା ଖେଳାଳି। ବିଶ୍ୱ ଟେଷ୍ଟ କ୍ରିକେଟରେ ସର୍ବାଧିକ ଓ୍ୱିକେଟ ନେଇଥିବା ତାଲିକାର ୭ମ ସ୍ଥାନରେ ସେ ରହିଛନ୍ତି। ଟେଷ୍ଟ କ୍ରିକେଟରେ ଅଶ୍ୱିନ ୧୦୬ଟି ମ୍ୟାଚ ଖେଳି ମୋଟ ୫୩୭ଟି ନେଇଛନ୍ତି। ଅଶ୍ୱିନ ମଧ ଅଲରାଉଣ୍ଡର ଭାବରେ ନିଜର ପରିଚୟ ସୃଷ୍ଟି କରିଥିଲେ। ସେ ଟେଷ୍ଟ କ୍ରିକେଟରେ ୩,୫୦୩ ରନ ସଂଗ୍ରହ କରି ୬ ଶତକ ଏବଂ ୧୪ ଅର୍ଦ୍ଧଶତକ କରିଥିଲେ। ତାଙ୍କୁ ବିଶେଷ ଭାବରେ ଟେଷ୍ଟ କିମ୍ବଦନ୍ତୀ ଭାବରେ ମାନ୍ୟତା ଦିଆଯାଏ। ଅଶ୍ୱିନଙ୍କ ଐତିହାସିକ କ୍ୟାରିୟର ୧୪ ବର୍ଷ ଧରି ଚାଲିଥିଲା, ଯେଉଁଥିରେ ୭୬୫ ଉଇକେଟ ନେବା ବ୍ୟତୀତ ସେ ୪୩୯୪ ରନ ମଧ କରିଥିଲେ। ଅଶ୍ୱିନଙ୍କ କ୍ୟାରିୟରର ଶେଷ ମ୍ୟାଚ ଅଷ୍ଟ୍ରେଲିଆରେ ଥିଲା। ସେ ଆଡିଲେଡ ପିଙ୍କ୍ ବଲ ଟେଷ୍ଟରେ ୨୯ ରନ ସଂଗ୍ରହ କରି ବୋଲିଂରେ ଗୋଟିଏ ଉଇକେଟ ନେଇଥିଲେ। ଏଥିସହିତ ସେ ସର୍ବାଧିକ ସଂଖ୍ୟକ ପ୍ଲେୟାର ଅଫ୍ ଦି ସିରିଜ୍ ପୁରସ୍କାର ଜିତିଛନ୍ତି (୧୧ ଥର), ଯାହା ଶ୍ରୀଲଙ୍କାର କିମ୍ବଦନ୍ତୀ କ୍ରିକେଟର ମୁଥିଆ ମୁରଲୀଧରନ୍‌ଙ୍କ ରେକର୍ଡ ସହ ସମାନ।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ କ୍ରୀଡା ଉତ୍ସବ

ତିହିଡି (ଭାସ୍କର ନ୍ୟୁଜ) : ଭଦ୍ରକ ଜିଲ୍ଲା ତିହିଡି ବ୍ଲକ ଅଧିନ ଜୟପୁର ଶିଶୁ ବିଦ୍ୟା ମନ୍ଦିର ବାର୍ଷିକ କ୍ରୀଡା ଉତ୍ସବ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଗଣେଶ ପ୍ରସାଦ ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବାସୁଦେବପୁର ସଂକୁଳର ସଂକୁଳ ପ୍ରମୁଖ କିଶୋର କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉତ୍ସବକୁ ଉଦ୍‌ଘାଟନ କରିବାସହିତ ମାର୍ଗ ଦର୍ଶନ କରିଥିଲେ। ବାସୁଦେବପୁର ସଙ୍କୁଳର ବିଦ୍ୟୁତ ପରିଷଦ ପ୍ରମୁଖ ଶଶୀକାନ୍ତ ରାଉଳ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ବାକ୍ତବ୍ୟ ପ୍ରଦାନ କରିଥିଲେ ।ବିଦ୍ୟାଳୟ ଶାରୀରିକ ପ୍ରମୁଖ ରଶ୍ମିତା ନାୟକ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିବା ବେଳେ ଗୁରୁମା ସେବତୀ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ ।ଗୁରୁମା ପୂର୍ଣ୍ଣିମା ଖଟୁଆ,ପ୍ରତିଭା ରାଣୀ ସାହୁ,ରଶ୍ମିତା ସାହୁ ଉପସ୍ତିତ ହୋଇ ପରିଚାଳନାରେ ସହଯୋଗ କରିଥିଲେ। ବାର୍ଷିକ କ୍ରୀଡା ପ୍ରତିଯୋଗିତାରେ ୮୦ ଜଣ ଶିଶୁ ଭାଇ ଭଉଣୀ ଅଂଶଗ୍ରହଣ କରିଥିଲେ।

# ନ୍ୟୁଜିଲାଣ୍ଡ ଖେଳାଳି ସାଉଦିଙ୍କ ଅବସର



ହାମିଲଟନ୍: ଇଂଲଣ୍ଡ ବିପକ୍ଷ ତୃତୀୟ ଟେଷ୍ଟ୍ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ଏହାର ଦ୍ରୁତ ବୋଲର ଟିମ୍ ସାଉଦିଙ୍କୁ ବିଜୟ ଉପହାର ସହ ବିଦାୟ ଦେଇଛି। ପ୍ରଥମ ଦୁଇ ମ୍ୟାଚ୍ ଜିତି ବେନ୍ ଷ୍ଟୋକ୍ସଙ୍କ ନେତୃତ୍ୱାଧୀନ ଇଂଲଣ୍ଡ ୩ ମ୍ୟାଚ୍ ବିଶିଷ୍ଟ ଏହି ଶୃଙ୍ଖଳାକୁ ଆଗୁଆ କବ୍‌ଜା କରି ନେଇଥିଲା। ହେଲେ ଶେଷ ତଥା ତୃତୀୟ ଟେଷ୍ଟ୍‌କୁ ଘରୋଇ ଦଳ ୪୨୩ ରନ୍‌ରେ ଜିତି ପରାଜୟ ବ୍ୟବଧାନକୁ ୧-୨କୁ ଆଣିଛି। ଏହି ବିଜୟ ସହ ସାଉଦିଙ୍କ ୧୬ ବର୍ଷର ଟେଷ୍ଟ୍ ଜୀବନ ଶେଷ ହୋଇଛି। ୬୫୮ ରନ୍‌ର ଅସମ୍ଭବ ଲକ୍ଷ୍ୟକୁ ପିଛା କରୁଥିବା ଇଂଲଣ୍ଡ ୨୪୩ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଜ୍ୟାକବ ବେଥେଲ (୭୬) ଓ ଜୋ ରୁଟ୍ (୫୪) ପରାଜୟକୁ ସାମାନ୍ୟ ଡେରି କରିଥିଲେ। ମିଚେଲ ସାଣ୍ଟନର ୪ ଓ ବିଦାୟୀ ମ୍ୟାଚ୍ ଖେଳୁଥିବା ସାଉଦି ୨ ଓ୍ୱିକେଟ୍ ନେଇଥିଲେ। ନ୍ୟୁଜିଲାଣ୍ଡର ସର୍ବାଧିକ ଓ୍ୱିକେଟ୍ ହାସଲକାରୀ ୩୬ ବର୍ଷୀୟ ସାଉଦି ସବୁ ଫର୍ମାଟ୍‌ରେ ୭୭୬ ଓ୍ୱିକେଟ୍ ଅକ୍ତିଆର କରିଛନ୍ତି। ଟେଷ୍ଟ୍ କ୍ରିକେଟ୍‌ରେ ନ୍ୟୁଜିଲାଣ୍ଡର ସର୍ବାଧିକ ଓ୍ୱିକେଟ୍ ହାସଲକାରୀ ରିଚାର୍ଡ ହାଡ୍‌ଲି (୪୩୧)ଙ୍କ ପରେ ସାଉଦି (୩୯୧) ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସାଉଦି ୨୦୦୮ ନାପିଅର ଟେଷ୍ଟ୍‌ରେ ଇଂଲଣ୍ଡ ବିପକ୍ଷରେ ଖେଳି ଟେଷ୍ଟ୍ ପଦାର୍ପଣ କରିଥିଲେ। ଏହି ପଦାର୍ପଣ ମ୍ୟାଚ୍‌ରେ ସେ ପ୍ରଥମ ପାଳିରେ ୫/୫୫ ବୋଲିଂ ସଫଳତା ପାଇଥିଲେ। ଏଥିସହ ଦ୍ୱିତୀୟ ପାଳିରେ ୪୦ ବଲ୍‌ରୁ ୯ ଛକା ଓ ୪ ଚୌକା ସହ ୭୭ ରନ୍ କରିଥିଲେ। ଏହି ପ୍ରଦର୍ଶନ ଦଳରେ ତାଙ୍କ ସ୍ଥାନ ସୁରକ୍ଷିତ କରିଥିଲା। ୨୦୧୫ ଓ ୨୦୧୯ ଦିନିକିଆ ବିଶ୍ୱକପ୍ ଫାଇନାଲ୍‌ରେ ନ୍ୟୁଜିଲାଣ୍ଡ ପହଞ୍ଚିବାରେ ସାଉଦିଙ୍କ ପ୍ରମୁଖ ଅବଦାନ ରହିଥିଲା। ୨୦୨୧ ବିଶ୍ୱ ଟେଷ୍ଟ୍ ଚାମ୍ପିଅନ୍‌ସିପ୍ ନ୍ୟୁଜିଲାଣ୍ଡ ଜିତିବା ତାଙ୍କ ବଡ଼ ଟ୍ରଫି ଧରିବାର ସ୍ୱପ୍ନକୁ ସାକର କରିଥିଲା। ୨୦୨୨ରେ ସେ ଟେଷ୍ଟ୍ ଦଳର ନେତୃତ୍ୱ ଭାର ନେଇଥିଲେ। ତାଙ୍କ ନେତୃତ୍ୱରେ ଦଳ ୧୪ ଟେଷ୍ଟ୍ ଖେଳି ୬ ଲେଖାଏଁ ବିଜୟ ଓ ପରାଜୟ ପାଇଥିଲା ବେଳେ ୨ଟି ଅମୀମାଂସିତ ରଖିଥିଲା।

## ମାନସ ରଞ୍ଜନ ସ୍ମାରକୀ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ୍

# ଭଇଁରୀଗୁଡାକୁ ହରାଇ ଝାରକୁଣ୍ଡାମାଲ ଚାମ୍ପିଅନ୍



କୋକସରା,(ଭାସ୍କର ନ୍ୟୁଜ): କୋକସରା ବ୍ଲକ ଉଙ୍ଗରୀଗୁଡା ବସୁନ୍ଧାରୀ ଯୁବକ ସଂଘ ଆନୁକୂଲ୍ୟରେ ସ୍ଥାନୀୟ ଖେଳ ପଡ଼ିଆରେ ଚାଲିଥିବା ମାନସ ରଞ୍ଜନ ପାତ୍ର ସ୍ମାରକୀ ସପ୍ତ ଦିବସିୟ ଫୁଟବଲ୍ ପ୍ରତିଯୋଗିତାର ଫାଇନାଲ ଖେଳ ମଙ୍ଗଳବାର ଉଦଯାପିତ ହୋଇଛି। ଫାଇନାଲ ଖେଳଟି ଝାରକୁଣ୍ଡାମଲ ଓ ଭଇଁରୀଗୁଡା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଝାରକୁଣ୍ଡାମାଲ ଦଳ ୨/୧ ଗୋଲ ସ୍କୋରରେ ଭଇଁରୀଗୁଡା ଦଳକୁ ହରାଇ ଟୁର୍ଣ୍ଣାମେଣ୍ଟର ବିଜେତା ହୋଇଛି। ଫାଇନାଲ ଖେଳର ପୁରସ୍କାର ବିତରଣ ଉତ୍ସବରେ ଧର୍ମଗଡ଼ ବିଧାୟକ ସୁଧୀର ପାଟଯୋଷୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ରେଙ୍ଗାଲପାଲି ସରପଞ୍ଚ ପଦ୍ମିନୀ ପାତ୍ର, ଉଦ୍ୟୋଗପତି ବିକ୍ରମ ଗୁପ୍ତା, ସମାଜସେବୀ ଯଶୋବନ୍ତ ନାଏକ, କୋକସରା ବ୍ଲକ ସାମ୍ବାଦିକ ସଂଘର ସଭାପତି ଚକ୍ରଧର ବେଶ୍ରା, ସମିତି ସଭ୍ୟ ମୁକ୍ତେଶ୍ୱର ନାଏକ, ନିହାର ରଞ୍ଜନ ମୁଣ୍ଡ, କେତନ ପାତ୍ର, ଅନିରୁଦ୍ଧ ପାତ୍ର, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ଅମୋଜ କୁମାର ପଣ୍ଡା, ତ୍ରିନାଥ ଶବର, ଅର୍ଜୁନ ଭାଟି ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ସ୍ୱର୍ଗତ ମାନସ ରଞ୍ଜନ ପାତ୍ରଙ୍କ ବାପା କୃପାସିନ୍ଧୁ ପାତ୍ର, ମାତା ପ୍ରମୋଦିନୀ ପାତ୍ର ଓ ପରିବାର ଲୋକ ଖେଳ ପଡ଼ିଆରେ ଉପସ୍ଥିତ ରହିଥିଲେ। ଅତିଥି ମାନଙ୍କ ଦ୍ୱାରା ବିଜେତା ଓ ଉପ ବିଜେତା ଦଳକୁ ଟ୍ରଫି ସହ ଅର୍ଥରାଶି ଦେଇ ପୁରସ୍କାର ପ୍ରଦାନ କରାଯାଇଥିଲା। ଖେଳକୁ ପିଇଟି ମନୋଜ ରଥ ପରିଚାଳନା କରିଥିବାବେଳେ ଲାଇନ୍ସରେ ନବୀନ କୁମାର ବଗର୍ତ୍ତି, ଶେଷଦେବ ମଲ୍ଲିକ ଓ ରାଜକୁମାର ହେର୍ଣ୍ଣା ସହଯୋଗ କରିଥିଲେ। ଖେଳର ଧାରାବିବରଣୀ ଶିକ୍ଷକ ବୈକୁଣ୍ଠ ଜାଲ, ବାବୁଲାଲ ଶବର ଓ ସୁନିଲ କୁମାର ଦାସ ପ୍ରଧାନ କରିଥିଲେ। ଆୟୋଜକ ଅନୁଷ୍ଠାନର ମଧୁସୂଦନ ପାତ୍ର, ଦେବେନ୍ଦ୍ର କୈବର୍ତ୍ତ, ହିମାଂଶୁ ମାଝୀ, ବେଦାନ୍ତ ଭୋଇ, ଉତ୍ସବ ଭୋଇ, ସୁନ୍ଦର ଲାଲ କୈବର୍ତ୍ତ, ଦିନବନ୍ଧୁ ଭୋଇ, ଅଭି କୈବର୍ତ୍ତ, ଭେଙ୍କଟେଶ ନାଏକ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

## ସବ୍ ଜୁନିଅର ହ୍ୟାଣ୍ଡବଲ୍ ଚାମ୍ପିଅନସିପ୍


# ଯୋଗଦେଲେ ମୁଖ୍ୟମନ୍ତ୍ରୀ

କେନ୍ଦୁଝର (ଭାସ୍କର ନ୍ୟୁଜ୍) : କେନ୍ଦୁଝର ହ୍ୟାଣ୍ଡବଲ ଷ୍ଟାଡିୟମରେ ଦୁଇ ଦିନ ଧରି ଚାଲିଥିବା ୨୧ ତମ ସବ ଜୁନିୟର ବାଳକ ଓ ବାଳିକା ଷ୍ଟେଟ ଚମ୍ପିଆନସିପର ଆଜିଥିଲା ଉଦଯାପନି ଦିବସ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଜେତା ଟିମକୁ ଟ୍ରଫି ପ୍ରଦାନ କରିଥିଲେ । ଏହି ଖେଳରେ ଆଜି ବାଳକ ବର୍ଗର ସେମି ଫାଇନାଲରେ କେନ୍ଦୁଝର ଯାଜପୁରକୁ ୨୨ - ୧୨ ଗୋଲରେ ଓ ଗଞ୍ଜାମ ଦେବଗଡ଼କୁ ୧୬ -୮ ଗୋଲରେ ପରାସ୍ତ କରି ଫାଇନାଲକୁ ଯାଇଥିବା ବେଳେ ବାଳିକା ବିଭାଗ ସେମିଫାଇନାଲରେ କେନ୍ଦୁଝର



ଢେଙ୍କାନାଳ କୁ ୧୫-୪ ଗୋଲରେ ଓ ଯାଜପୁର ଦେବଗଡକୁ ୮-୪ ଗୋଲରେ ପରାସ୍ତ କରି ଫାଇନାଲକୁ ପ୍ରବେଶ କରିଥିଲେ । ଆଜିର ଚିତାକର୍ଷକ ଦୁଇଟି ଫାଇନାଲରେ କେନ୍ଦୁଝରର ବାଳକ ଓ ବାଳିକା ଦଳର ଖେଳାଳୀମାନେ ଉଚ୍ଚ କୋଟିର ଖେଳ ପ୍ରଦର୍ଶନ କରି ବାଳକ ଦଳ ଗଞ୍ଜାମକୁ ୨୬ - ୧୬ ଗୋଲରେ ପରାସ୍ତ କରିଥିବା ବେଳେ ବାଳିକା ଦଳ ଯାଜପୁରକୁ ୧୨-୧୦ ଗୋଲରେ ପରାସ୍ତ କରି ଚମ୍ପିଆନ ଆଖ୍ୟା ଅର୍ଜନ କରିଛନ୍ତି। ଆଜିର ଖେଳରେ ଉନ୍ନତମାନର ଖେଳପ୍ରଦର୍ଶନ କରି ବାଳିକା ବିଭାଗରେ କେନ୍ଦୁଝର ଦଳର ଶ୍ରେୟାସି ସୁନୟନା ପାଣି ଶ୍ରେଷ୍ଠ ଖେଳାଳୀ ହୋଇଥିବା ବେଳେ କେନ୍ଦୁଝର ବାଳିକା ଦଳର ଗୋଲକିପର ନିକିତା ପ୍ରିୟଦର୍ଶିନୀ ମହାନ୍ତ ଶ୍ରେଷ୍ଠ ଗୋଲକିପର ହୋଇଥିବା ବେଳେ ବାଳକବର୍ଗରେ କେନ୍ଦୁଝରର ସୌରଭ ଜେନା ଶ୍ରେଷ୍ଠ ଖେଳାଳୀ ଓ ଗଞ୍ଜାମର ଗୋଲ କିପର ଦେବାଶିଷ ଗନ୍ତାୟତ ଶ୍ରେଷ୍ଠ ଗୋଲ କିପର ବିବେଚିତ ହୋଇଛନ୍ତି । ରାଜ୍ୟରେ ପ୍ରଥମ ଥର କରି ଖେଳକୋଟାରେ ଚନ୍ଦନ ମଣ୍ଡଳ ଓଡ଼ିଶା ପ୍ରଶାସନିକ ସେବା ପରିକ୍ଷାରେ ଉନ୍ନତି ହୋଇ ଥିବାରୁ ତାଙ୍କୁ ସମ୍ବନ୍ଧିତ କରାଯାଇଛି।

## ପାରାଦ୍ୱୀପଗଡରେ କ୍ରିକେଟ୍ ଲିଗ୍ ଉଦ୍‌ଘାଟିତ



କୁଜଙ୍ଗ (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଅନ୍ତର୍ଗତ ପାରାଦ୍ୱୀପ ଗଡ଼ ପଞ୍ଚାୟତର ପାରାଦ୍ୱୀପ ଗଡ ମିନି ଷ୍ଟାଡିୟମରେ ଆର୍ସେଲର ମିତ୍ତଲ୍ ନିପୋନ୍ ଷ୍ଟିଲ ଇଣ୍ଡିଆ ଲିମିଟେଡ ପକ୍ଷରୁ ଦ୍ୱିତୀୟ ବାର୍ଷିକ ଗ୍ରାମୀଣ ଦିବା ରାତ୍ରି କ୍ରିକେଟ୍ ପ୍ରୀମିଅର ଲିଗ୍ ଉଦଘାଟିତ ହୋଇଯାଇଛି। ଉକ୍ତ ଟୁର୍ଣ୍ଣାମେଣ୍ଟରେ ପାରାଦ୍ୱୀପ ଗଡ, ନୂଆଗଡ ଓ ଭୂତମୁଣ୍ଡାଇ ପଞ୍ଚାୟତର ୧୦ ଗୋଟି କ୍ରିକେଟ୍ ଟିମ୍ ଅଂଶ ଗ୍ରହଣ କରିଛନ୍ତି। ଏହି ଦିବା ରାତ୍ରି କ୍ରିକେଟ୍ ପ୍ରୀମିଅର ଲିଗ୍ ଚାରି ଦିନ ବ୍ୟାପୀ ଚାଲିବ। ଉକ୍ତ ଟୁର୍ଣ୍ଣାମେଣ୍ଟରେ ମୁଖ୍ୟ ଅତିଥି ଭାବରେ ଆର୍ସେଲର ମିତ୍ତଲ ନୀପୋନ ଷ୍ଟିଲ ପାରାଦ୍ୱୀପ ୟୁନିଟର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଜି. ସୁରେଶ, ସମ୍ମାନିତ ଅତିଥି ଭାବରେ ପାରାଦ୍ୱୀପ ଗଡ ପଞ୍ଚାୟତ ସରପଞ୍ଚ ସସ୍ମିତା ବେହେରା, ବରିଷ୍ଠ ଆଇନଜୀବି ସଞ୍ଜୟ କୁମାର ବେହେରା, କଂପାନୀ ସି.ଏସ.ଆର୍ ମୁଖ୍ୟ ବିକାଶ ଯାଦେବିନ୍ଦୁ, ଦେବାଶିଷ ସ୍ୱାଇଁ, ଦେବ ଦୁର୍ଲ୍ଲଭ କର ଓ ନିଳାଦ୍ରୀ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭିକ ମ୍ୟାଚରେ ନୂଆଗଡ ଓ ମୂଷାଡ଼ିଆ ଏବଂ ଭୁତୁମୁଣ୍ଡାଇ ଓ ଫୁଲ ବେଲାରୀ ମଧ୍ୟରେ ୧୦ ଓଭର ବିଶିଷ୍ଟ ମ୍ୟାଚ ଅନୁଷ୍ଠିତ ହେବ। ଏହି ଟୁର୍ଣ୍ଣାମେଣ୍ଟରେ ହଜାର ହଜାର ସଂଖ୍ୟାରେ ଦର୍ଶକ ଶୀତ କାକରକୁ ଖାତିରି ନ କରି ଏହି ଦିବାରାତ୍ରି କ୍ରିକେଟ୍ ଖେଳରେ ଯୋଗଦେଇ ଥିବା ଜଣାପଡ଼ିଛି।

## ଚତୁର୍ଦ୍ଦଶ ଲକ୍ଷ୍ମୀଧର ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ୍

# ପଣ୍ଡୁସର କ୍ରିକେଟ୍ କ୍ଲବ୍ ବିଜେତା



ବୋଲଗଡ଼ (ଭାସ୍କର ନ୍ୟୁଜ୍) : ବୋଲଗଡ଼ ବ୍ଲକ ସଂପୁର ଗ୍ରାମର ବାଲୁଙ୍କେଶ୍ୱର ରାଇଜିଙ୍ଗଷ୍ଟାର କ୍ରିକେଟ କ୍ଲବ୍ ଆନୁକୁଲ୍ୟରେ ଟାଙ୍ଗୀ ପଡ଼ିଆଠାରେ ଆୟୋଜିତ ଚତୁର୍ଦ୍ଦଶତମ ଲକ୍ଷ୍ମୀଧର ସ୍ମାରକୀ କ୍ରିକେଟ ଟୁର୍ଣାମେଣ୍ଟର ତୃତୀୟ ଲିଗ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି ।ଏହି ମ୍ୟାଚରେ ପଣ୍ଡୁସର କ୍ରିକେଟ କ୍ଲବ ଓ ବ୍ରଜରାଜପୁର କ୍ରିକେଟ କ୍ଲବ ମଧ୍ୟରେ ମୁକାବିଲା ହୋଇଥିଲା । ପଣ୍ଡୁସର ଟିମ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତ୍ତି ନେଇ ୧୪ ଓଭର ଖେଳି ସମସ୍ତ ଉଇକେଟ ବିନିମୟରେ ୫୩ ରନ ସଂଗ୍ରହ କରିଥିଲା ।ଏହାର ଜବାବରେ ବ୍ରଜରାଜ ପୁର ଦଳ ୭.୩ଓଭର ଖେଳି ୪ ଉଇକେଟ ହରାଇ ଆବଶ୍ୟକ ୫୪ ରନ ସ୍କୋର କରି ବିଜୟ ଲାଭ କରିଥିଲା। ଏହି ମ୍ୟାଚ ଟିକୁ ଆମ୍ପେୟର ଭାବେ ଲକ୍ଷ୍ମୀଧର ପ୍ରଧାନ ଓ ଦିଲ୍ଲୀପ ପରିଡ଼ା ପରିଚାଳନା କରିଥିଲେ ।ଆଜିର ମ୍ୟାଚ୍‌ରେ ଅତିଥି ଭାବେ ସ୍ଥାନୀୟ ଚତୁର୍ଭୁଜ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ଆୟୋଜକ କ୍ଲବ୍ ସଦସ୍ୟ ବିକୁ, ଆକୁଳ, କୁନୁ, ତ୍ରିନାଥ ଓ ଲିଙ୍କୁନ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ । ବୁଧବାର ଖଣ୍ଡପଡ଼ା ଓ ବାଘେଇ ଗ୍ରାମ୍ୟ ଦଳ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ମୁଖ୍ୟ ପରିଚାଳକ ଶାନ୍ତନୁ ଛୋଟରାୟ ସୂଚନା ପ୍ରଦାନ କରିଛନ୍ତି।

# ରାଜ୍ୟସ୍ତରୀୟ ସବ୍-ଜୁନିୟର ବାଳକ-ବାଳିକା ହ୍ୟାଣ୍ଡବଲ୍ ଚାମ୍ପିଅନସିପ୍ ଉଦ୍‌ଘାଟିତ



କେନ୍ଦୁଝର(ଭାସ୍କର ନ୍ୟୁଜ୍) : କେନ୍ଦୁଝର ହ୍ୟାଣ୍ଡବଲ ଷ୍ଟାଡିୟମ ରେ ୨୧ ତମ ରାଜ୍ୟସ୍ତରୀୟ ସବ - ଜୁନିୟର ବାଳକ ବାଳିକା ଚମ୍ପିଆନସିପ ଉଦ୍‌ଘାଯିତ ହୋଇଯାଇଛି। ଏହି ଖେଳ ୧୭ ଓ ୧୮ ଦୁଇ ଦିନ ଧରି ଚାଲିବ । ଏହି ଖେଳରେ ୧୫ଟି ଜିଲ୍ଲାର ୨୪ ଟି ଟିମ ଯୋଗଦାନ କରିଛନ୍ତି । ଏଥିରେ ୩୨୦ ଜଣ ଖେଳାଳୀ, ୧୧୦ ଜଣ ଷ୍ଟେଟ ଅଫିସିଆଲ, ରେଫରି ଓ ସ୍ୱେଚ୍ଛାସେବୀ ଯୋଗଦାନ କରିଛନ୍ତି । ଆଜିର ଉଦ୍‌ଘାଟନି ଉତ୍ସବରେ କେନ୍ଦୁଝର ବନଖଣ୍ଡ ଅଧିକାରୀ ଏଚ୍‌ଡି ଧନରାଜ ମୁଖ୍ୟ ଅତିଥି ଭାବେ ଏବଂ ସମ୍ମାନିତ ଅତିଥି ରୂପେ ଜିଲ୍ଲା ପ୍ରେସ କ୍ଲବର ସଭାପତି ଜୟ କୃଷ୍ଣ ପଣ୍ଡା, ରାଜ୍ୟ ହ୍ୟାଣ୍ଡ ବଲ ସଂଘର ସମ୍ପାଦକ ଇଂ ମାନସ କୁମାର ସିଂ ଯୋଗଦେଇଥିବା ବେଳେ ଜିଲ୍ଲା ସଂଘର ସଭାପତି ଇଂ ବସନ୍ତ କୁମାର ଦାନି ଓ ସମ୍ପାଦକ ରିତିକ ଅଧିକାରୀ ମଞ୍ଚ ପରିଚାଳନା କରିଥିଲେ । ଏହି ପଡ଼ିଆ ପାଇଁ ଆହୁରି ବହୁତ କିଛି ଦରକାର ମୁଖ୍ୟତଃ ପିଲା ରହିବା ପାଇଁ ଏକ ଡରମିଟାରି ଆବଶ୍ୟକତା ରହିଥିବା କଥା କହିବା ସହ ମୁଖ୍ୟ ଅତିଥିଙ୍କ ଦୃଷ୍ଟି ଆକର୍ଶଣ କରିଥିଲେ ଜିଲା ପ୍ରେସ କ୍ଲବର ସଭାପତି । ସେହିପରି ଆଗାମି ବର୍ଷ ୨୦୨୫ ରେ କେନ୍ଦୁଝର ହ୍ୟାଣ୍ଡବଲର ସୁବର୍ଣ୍ଣ ଜୟନ୍ତୀ ଥିବାରୁ ଜିଲ୍ଲାରେ ପ୍ରଥମ ଥର କରି ଏକ ଜାତୀୟ ସ୍ତରର ଚମ୍ପିଆନସିପ କରିବାକୁ ନିଷ୍ପତ୍ତି ନିଆଯାଇଥିବା କହିଥିଲେ । ପ୍ରତିବର୍ଷ ଭଲ ମ୍ୟାଚ ହେଉଥିବାରୁ ପଡିଆରେ ସବୁବେଳେ ପିଲା ଖେଳୁଛନ୍ତି ଓ ଏଥିରୁ ଭଲ ଖେଳାଳୀ ବାହାରୁଛନ୍ତି । ଏଣୁ ଏହିଭଳି ଖେଳ ଜାରି ରହୁ । ମୁଁ ଏଠାରେ ଥାଏ କି ନ ଥାଏ ଯେବେ ଜାତୀୟ ସ୍ତରର ଖେଳ ହେବ ମୁଁ ନିଶ୍ଚିନ୍ତେ ଆସିବି ବୋଲି ମୁଖ୍ୟ ଅତିଥି ଏଚ ଡି ଧନରାଜ କହିଛନ୍ତି । ଆଜି ଅନୁଷ୍ଠିତ ପ୍ରଥମ ଦିନର ଲିଗ ପର୍ଯ୍ୟାୟ ଖେଳରେ ବାଳକ ବିଭାଗରେ କେନ୍ଦୁଝର ଜଗତସିଂହପୁରକୁ ୨୮-୩, ପୁରୀ ଭଦ୍ରକକୁ ୧୨-୮, ଦେବଗଡ଼ ଜଗତସିଂହପୁରକୁ ୯-୨, କେନ୍ଦୁଝର ପୁରୀକୁ ୨୩-୭, ଦେବଗଡ଼ ପୁରୀକୁ ୧୬-୧୧, ଗଞ୍ଜାମ ଯାଜପୁରକୁ ୧୧-୫, ଢେଙ୍କାନାଳ ବଲାଙ୍ଗୀରକୁ ୧୧-୭, ଗଞ୍ଜାମ ଭୁବନେଶ୍ୱରକୁ ୧୨-୯, ଯାଜପୁର ବଲାଙ୍ଗୀରକୁ ୧୬-୭, ଭୁବନେଶ୍ୱର ଢେଙ୍କାନାଳକୁ ୮-୫ ଗୋଲରେ ପରାସ୍ତ କରିଥିବାବେଳେ ବାଳିକା ଲିଗ ମ୍ୟାଚରେ କେନ୍ଦୁଝର ଦେବଗଡ଼କୁ ୮-୪ ଓ ଯାଜପୁର ଭଦ୍ରକକୁ ୧୩-୨ ଗୋଲରେ ପରାସ୍ତ କରିଛି।



ପିଲାମାନଙ୍କର ମାନସିକ ସ୍ୱାସ୍ଥ୍ୟ ପାଇଁ ପର୍ଯ୍ୟାପ୍ତ ନିଦ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଅନୁସନ୍ଧାନ ଅନୁଯାୟୀ ପିଲାଦିନରେ ନିଦ୍ରାର ଅଭାବ ହେତୁ ଅଧିକାଂଶ ପିଲାମାନଙ୍କର ମସ୍ତିଷ୍କ ଉପରେ ଖରାପ ପ୍ରଭାବ ପକାଇଥାଏ। ବିଶେଷକରି ସାଇକୋସିସ୍ ହେବାର ଆଶଙ୍କା ଅଧିକ ରହିଥାଏ। ବ୍ରିଟେନର ଏକ ବିଶ୍ୱବିଦ୍ୟାଳୟରେ ୧୨ହଜାର ପିଲାଙ୍କୁ ନେଇ ଏକ ରିସର୍ଚ୍ଚ କରାଯାଇଥିଲା। ଅନୁସନ୍ଧାନ ବେଳେ ସେମାନଙ୍କ ଶୋଇବା ଅବଧି ଉପରେ ନଜର ରଖାଯାଇଥିଲା। ଏହି ସବୁ ପିଲାଙ୍କ ଶୋଇବା ଅବଧି ଉପରେ ବିଶେଷ ଧ୍ୟାନ ଦେଇଥିଲେ। ଏହାପରେ ୨୪ବର୍ଷ ପରେ ସେମାନଙ୍କର ମାନସିକ ସ୍ୱାସ୍ଥ୍ୟ ଉପରେ କ'ଣ ସବୁ ପ୍ରଭାବ ପଡିଛି ତାହାର ମୂଲ୍ୟାଙ୍କନ କରାଯାଇଥିଲା। ଏହି ଗବେଷଣାର ଫଳାଫଳ ଆଶ୍ଚର୍ଯ୍ୟଜନକ ହୋଇଥିଲା। ବିଶେଷଜ୍ଞମାନେ ଜାଣିବାକୁ ପାଇଥିଲେ ଯେ ଯେଉଁ ପିଲାମାନେ କ୍ରମାଗତ ଭାବରେ କମ୍ ଶୋଇଥାନ୍ତି। ସେମାନେ ବଡ଼ ହେବା ପରେ ସାଇକୋସିସ୍ ହେବାର ଆଶଙ୍କା ଚାରି ଗୁଣା ବଢିଥାଏ। ପ୍ରତିଦିନ ପିଲାଙ୍କୁ ପର୍ଯ୍ୟାପ୍ତ ମାତ୍ରାରେ ଶୋଇବାକୁ ଦିଅନ୍ତୁ ଏବଂ ଏକ ନିର୍ଦ୍ଦିଷ୍ଟ ସମୟରେ ଜାଗ୍ରତ କରାନ୍ତୁ। ଶୋଇବା ପୂର୍ବରୁ ଟିଭି କିମ୍ବା ମୋବାଇଲ୍ ଦେଖାନ୍ତୁ ନାହିଁ। ଯଥାସମ୍ଭବ କମ୍ ଇଲେକ୍ଟ୍ରୋନିକ ଉପକରଣ ବ୍ୟବହାର କରନ୍ତୁ। ଶୋଇବା ପୂର୍ବରୁ ପିଲାଙ୍କ ଚାରିପାଖରେ ଏକ ଶାନ୍ତ ପରିବେଶ ସୃଷ୍ଟି କରନ୍ତୁ ଏବଂ ପ୍ରତିଦିନ ବ୍ୟାୟମ କରନ୍ତୁ। ଭଲ ନିଦ ପାଇଁ ଏସବୁ ଅତ୍ୟନ୍ତ ଜରୁରି।



# ଓସ୍କାର ଦୌଡ଼ରୁ ବାଦ୍ ପଡିଲା 'ଲାପତା ଲେଡିଜ୍'




ଖୁବ୍‌ଶୀଘ୍ର ହେବାକୁ ଯାଉଛି ୯୭ତମ ଏକାଡେମୀ ପୁରସ୍କାର। ଏହାରି ମଧ୍ୟରେ ବଡ଼ ଝଟ୍‌କା ଲାଗିଛି ଭାରତୀୟ ସିନେପ୍ରେମୀଙ୍କୁ। କାରଣ ଓସ୍କାର ଦୌଡ଼ରୁ ବାଦ୍ ପଡ଼ିଛି 'ଲାପତା ଲେଡିଜ୍'। ଭାରତ ଦ୍ୱାରା ଓସ୍କାର ପାଇଁ ମନୋନୀତ ହୋଇଥିଲା କିରଣ ରାଓଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ। ଏହି ଫିଲ୍ମଟି ଭାରତରେ ଖୁବ୍ ପ୍ରଶଂସା ସାଉଁଟିଥିଲା। କମ୍ ବଜେଟ୍ ଫିଲ୍ମ ହୋଇଥିଲେ ବି ବକ୍ସ ଅଫିସରେ ଭଲ ରୋଜଗାର କରିଥିଲା। କିନ୍ତୁ 'ଲାପତା ଲେଡିଜ୍' ମନୋନୀତ ୧୫ ଟି ଫିଲ୍ମ ମଧ୍ୟରେ ନିଜର ସ୍ଥାନ ପାଇପାରି ନାହିଁ। ଯେଉଁଥିପାଇଁ ଭାରତର ଆଶା ମଉଳି ଯାଇଛି। ଫ୍ୟାନ୍‌ମାନେ ଦୁଃଖିତ ହୋଇଛନ୍ତି। ଭେଟେରାନ୍ ଚଳଚ୍ଚିତ୍ର ନିର୍ମାତା ହଂସଲ ମେହେଟ୍ଟା ଓସ୍କାର ୨୦୨୫ ପାଇଁ 'ଲାପତା ଲେଡିଜ୍"କୁ ଭୁଲ ପସନ୍ଦ ବୋଲି କହିଛନ୍ତି। ଏଥିପାଇଁ ହଂସଲ ମେହେଟ୍ଟା ଫିଲ୍ମ ଫେଡେରେସନ୍ ଅଫ୍ ଇଣ୍ଡିଆକୁ କଡ଼ା ସମାଲୋଚନା କରିଛନ୍ତି। ହଂସଲ ମେହେଟ୍ଟା ଶ୍ରେଷ୍ଠ ଆନ୍ତର୍ଜାତୀୟ ବୈଶିଷ୍ଟ୍ୟ ବର୍ଗର ସର୍ଟଲିଷ୍ଟ ଫିଲ୍ମର ସ୍କ୍ରିନ୍‌ସଟ ସେୟାର କରି ଏକ ପୋଷ୍ଟରେ ସେୟାର କରିଛନ୍ତି। ସେ ଲେଖିଛନ୍ତି 'ଫିଲ୍ମ ଫେଡେରେସନ୍ ପୁଣିଥରେ ନିଜର ଭୁଲ୍ ପୁନରାବୃତ୍ତି କରିଛି। ପ୍ରତିବର୍ଷ ସେମାନଙ୍କର ଚୟନ ପ୍ରକ୍ରିୟା ଓ ଚଳଚ୍ଚିତ୍ର ବାଛିବା ପଦ୍ଧତି ସମାନ ରହିଥାଏ।' ଏହି ସମୟରେ ହଂସଲଙ୍କ ପୋଷ୍ଟରେ ଅନେକ ୟୁଜର୍ସ ନିର୍ଦ୍ଦେଶକଙ୍କୁ ସମର୍ଥନ କରିଛନ୍ତି। 'ଓସ୍କାରରୁ ଲାପତା ହେଲା ଭାରତୀୟ ଚଳଚ୍ଚିତ୍ର' ବୋଲି କେତେକ ୟୁଜର୍ସ ଲେଖିଛନ୍ତି। ସେହିପରି ଗ୍ରାମୀ ବିଜେତା ରଚନା ରିକି କେଜ୍ ମଧ୍ୟ ଏ ବାବଦରେ ଏକ ପୋଷ୍ଟ ସେୟାର କରିଛନ୍ତି। ସେ ଲେଖିଛନ୍ତି "ଦ ଏକାଡେମୀ ଓସ୍କାର ସର୍ଟଲିଷ୍ଟ ଶେଷରେ ଏଠାରେ ଅଛି, ଲାପତା ଲେଡିଜ୍ ଏକ ମହାନ ଚଳଚ୍ଚିତ୍ର, କିନ୍ତୁ ଓସ୍କାର ପାଇଁ ଭୁଲ୍ ପସନ୍ଦ। ଯାହା ଅନୁମାନ କରାଯାଉଥିଲା, ଏହା ହାରିବ ବୋଲି ତାହା ହିଁ ହେଲା। ଆମେ ବୁଝିବାକୁ କେତେ ବର୍ଷ ଲାଗିବ ଯେ ପ୍ରତିବର୍ଷ ଆମେ ଭୁଲ୍ ଚଳଚ୍ଚିତ୍ର ଚୟନ କରୁଛୁ। ଭାରତରେ ଅନେକ ମହାନ ଚଳଚ୍ଚିତ୍ର ନିର୍ମିତ ଏବଂ ଆମେ ପ୍ରତିବର୍ଷ 'ଆନ୍ତର୍ଜାତୀୟ ଫିଚର ଫିଲ୍ମ' ବର୍ଗରେ ଓସ୍କାର ଜିତିବା ଉଚିତ୍।" ଗତବର୍ଷ ନିର୍ମାତା ଗୁନିତ୍ ମୋଙ୍ଗାଙ୍କ ଡକ୍ୟୁମେଣ୍ଟାରୀ ସର୍ଟ ଫିଲ୍ମ ଭାବେ 'ଦ ଏଲିଫ୍ୟାଣ୍ଟ ୱିସ୍ପରର୍ସ' ଓସ୍କାର ପୁରସ୍କାର ପାଇଥିଲା। ଏଠାରେ ସୂଚନାଯୋଗ୍ୟ ସେପ୍ଟେମ୍ବରରେ ଫିଲ୍ମ ଫେଡେରେସନ୍ ଅଫ୍ ଇଣ୍ଡିଆ ଦ୍ୱାରା ଓସ୍କାର ଏଣ୍ଟ୍ରି ଭାବରେ 'ଲାପତା ଲେଡିଜ୍' ଚୟନ କରାଯାଇଥିଲା। ସେହି ସମୟରେ ୨୮ଟି ଚଳଚ୍ଚିତ୍ରକୁ ଚୟନ କରାଯାଇଥିଲା।


# ଅନ୍ଧେରି ୱେଷ୍ଟ ଅଫିସ୍‌କୁ ଭଡ଼ାରେ ଦେଲେ ମାଧୁରୀ

ମାଧୁରୀ ଦୀକ୍ଷିତ ମୁମ୍ବାଇର ଅନ୍ଧେରି ୱେଷ୍ଟରେ ଥିବା ନିଜ ଅଫିସ୍ ଘରକୁ ଭଡ଼ାରେ ଦେଇଛନ୍ତି। ଚଳିତ ବର୍ଷ ବଲିଉଡର ଅନେକ ସେଲିବ୍ରିଟି ଲକ୍ଷ ଲକ୍ଷ ଟଙ୍କା ମୂଲ୍ୟରେ ନିଜର ଆପାର୍ଟମେଣ୍ଟ ରେଣ୍ଟରେ ଲଗାଇଛନ୍ତି। ଏବେ ଏଥିରେ 'ଧକ୍-ଧକ୍ ଗାର୍ଲ'ଙ୍କ ନାମ ମଧ୍ୟ ଯୋଡ଼ି ହୋଇଛି। ବର୍ତ୍ତମାନ ବଲିଉଡ୍ ସେଲିବ୍ରିଟିମାନେ ବିଳାସପୂର୍ଣ୍ଣ ଘରଠାରୁ ଆରମ୍ଭ କରି ବ୍ୟବସାୟିକ ସମ୍ପତ୍ତି ପର୍ଯ୍ୟନ୍ତ ରିୟଲ ଇଷ୍ଟେଟ୍ ମାର୍କେଟରେ ଟଙ୍କା ରୋଜଗାର କରୁଛନ୍ତି । ମାଧୁରୀ ଅନ୍ଧେରି ୱେଷ୍ଟରେ ଥିବା ନିଜର ୧୫୯୪.୨୪ ବର୍ଗଫୁଟର ଅଫିସ୍ ସ୍ପେସକୁ ଏକ ଘରୋଇ କମ୍ପାନୀକୁ ଭଡ଼ା ଦେଇଛନ୍ତି। ନଭେମ୍ବର ୧୩ରେ ଏହି ଡିଲ୍ ଚୂଡାନ୍ତ ହୋଇଥିଲା। ଏଥିରେ ୯ ଲକ୍ଷ ଟଙ୍କାର ସିକ୍ୟୁରିଟି ଡିପୋଜିଟ୍ ଜମା ହୋଇଥିବା ସୂଚନା ରହିଛି। ପ୍ରଥମ ବର୍ଷ ପାଇଁ ମାସିକ ଭଡ଼ା ୩ ଲକ୍ଷ ଟଙ୍କା ଧାର୍ଯ୍ୟ କରାଯାଇଛି। କିନ୍ତୁ ଦ୍ୱିତୀୟ ବର୍ଷରୁ ଏହି ଭଡ଼ାକୁ ବଢ଼ାଇ ୩.୧୫ ଲକ୍ଷ ଟଙ୍କା କରାଯିବ। ମାଧୁରୀଙ୍କ ଛଡ଼ା ବଲିଉଡର ଅନେକ ସେଲିବ୍ରିଟି ରିୟଲ୍ ଇଷ୍ଟେଟରେ ଟଙ୍କା ବିନିଯୋଗ କରିଛନ୍ତି ଏବଂ ମୋଟାଅଙ୍କର ରିଟର୍ଣ୍ଣ ହାସଲ କରୁଛନ୍ତି। ମାଧୁରୀ ଦୀକ୍ଷିତ ବର୍ତ୍ତମାନ ଫିଲ୍ମରେ ବହୁତ କମ୍ ଦେଖାଯାଉଛନ୍ତି। ଏମିତିରେ ତାଙ୍କ ପାଇଁ ଏହା ଏକ ଭଲ ରୋଜଗାରର ମାଧ୍ୟମ ହେବ। ନିକଟରେ ଶାହିଦ କପୁର ମୁମ୍ବାଇର ୱର୍ଲିରେ ଥିବା ତାଙ୍କ ଆପାର୍ଟମେଣ୍ଟକୁ ମାସିକ ୨୦ ଲକ୍ଷ ଟଙ୍କାରେ ଭଡ଼ା ଦେଇଥିଲେ। କହି ରଖୁଛୁ, ୨୦୨୨ରେ ମାଧୁରୀ ଦୀକ୍ଷିତ ମୁମ୍ବାଇର ଲୋୟର ପରେଲରେ ଏକ ବିଳାସପୂର୍ଣ୍ଣ ଆପାର୍ଟମେଣ୍ଟ କିଣିଥିଲେ। ଏହି ସମ୍ପତ୍ତିକୁ କିଣିବା ପାଇଁ ଅଭିନେତ୍ରୀ ୪୮ କୋଟି ଟଙ୍କା ଖର୍ଚ୍ଚ କରିଥିବା ଜଣାଯାଇଛି। ୫୩ତମ ମହଲାରେ ଥିବା ଏହି ଆପାର୍ଟମେଣ୍ଟ ୫,୩୮୪ ବର୍ଗଫୁଟରେ ବିସ୍ତାର ହୋଇଛି। ଏଠାରୁ ମାୟାନଗରୀର ଦୃଶ୍ୟ ଅତି ସୁନ୍ଦର ଭାବରେ ଦେଖାଯାଉଛି। ଏଥି ସହିତ ଅଭିନେତ୍ରୀ ସାତୋଟି କାର୍ ପାର୍କିଂ ସ୍ଥାନ ମଧ୍ୟ ରିଜର୍ଭ କରିଛନ୍ତି।



# କୃତ୍ରିମ ସୂର୍ଯ୍ୟ ତିଆରି କଲେ ଗାଁ ଲୋକ

ଦୁନିଆରେ ଏପରି ମଧ୍ୟ ସ୍ଥାନ ରହିଛି ଯେଉଁଠାରେ ଅନେକ ଦିନ ପର୍ଯ୍ୟନ୍ତ ସୂର୍ଯ୍ୟକିରଣ ପହଞ୍ଚେ ନାହିଁ। ସେହିଭଳି ଭାବେ ଗୋଟିଏ ଗାଁ ରହିଛି ଯେଉଁଠାରେ ଲୋକମାନେ ଅନେକ ଦିନ ପର୍ଯ୍ୟନ୍ତ ସୂର୍ଯ୍ୟ କିରଣ ପାଇନଥାନ୍ତି, ସେତେବେଳେ ଗ୍ରାମବାସୀ ଏହାର ସମାଧାନ ଖୋଜିଥିଲେ । ଏହି ଗ୍ରାମ ଇଟାଲୀରେ ଅବସ୍ଥିତ ଯେଉଁଠାରେ ଗ୍ରାମବାସୀ ନିଜ ଗାଁ ପାଇଁ ସୂର୍ଯ୍ୟ ନିର୍ମାଣ କରିଛନ୍ତି। ଏହି ଗାଁର ଲୋକମାନେ ନିଜର କୃତ୍ରିମ ସୂର୍ଯ୍ୟ ତିଆରି କରିଛନ୍ତି। ବାସ୍ତବରେ, ଇଟାଲୀର ଏହି ଗାଁରେ ସୂର୍ଯ୍ୟ ତ ଉଦୟ ହେଉଥିଲେ, କିନ୍ତୁ କେତେକ ସ୍ଥାନରେ ଅନେକ ଦିନ ପର୍ଯ୍ୟନ୍ତ ସୂର୍ଯ୍ୟକିରଣ ପହଞ୍ଚି ନଥିଲା। ଏହି କାରଣରୁ ଗାଁର ଲୋକମାନେ ଖୁବ ଚିନ୍ତିତ ରହିଲେ। ଏବେ ଏହି ଲୋକମାନେ ଏପରି ସମାଧାନର ବାଟ ବାହାର କରିଛନ୍ତି ଯେ ଯାହା ଏଭଳି ମଧ୍ୟ କୁହାଯାଇପାରେ ଯେ ସେମାନେ ନିଜର ସୂର୍ଯ୍ୟ ସୃଷ୍ଟି କରିଛନ୍ତି। ଏହା ହେଉଛି



ଭିଗ୍ନେଲା ଗାଁ ଯାହା ସ୍ୱିଜରଲ୍ୟାଣ୍ଡ ଏବଂ ଇଟାଲୀ ମଧ୍ୟରେ ଅବସ୍ଥିତ। ୧୧ ନଭେମ୍ବରରୁ ୨ ଫେବୃଆରୀ ମଧ୍ୟରେ ଏଠାରେ ବହୁତ କମ୍ ସୂର୍ଯ୍ୟ କିରଣ ପହଞ୍ଚିଥାଏ। ପର୍ବତ ମଧ୍ୟରେ ଅବସ୍ଥିତ ଭିଗ୍ନେଲା ଗ୍ରାମ ଅଢେଇ ମାସ ପର୍ଯ୍ୟନ୍ତ ପ୍ରତ୍ୟକ୍ଷ ସୂର୍ଯ୍ୟ କିରଣ ପାଇପାରେ ନାହିଁ। ନଭେମ୍ବର ୧୧ରୁ ଫେବୃଆରୀ ୨ ମଧ୍ୟରେ ଏଠାରେ ସୂର୍ଯ୍ୟ ଦୃଶ୍ୟମାନ ହୁଅନ୍ତି ନାହିଁ। ଏହି ଗାଁର ମୋଟ ଜନସଂଖ୍ୟା ୨ଶହ। ତେବେ ଏହି ଧାରା ଶତାବ୍ଦୀ ଧରି ଚାଲିଆସୁଛି। ୨୦୦୫ ମସିହାରେ ଭିଗ୍ନେଲା ମେୟର ପିଅରଫ୍ରାଙ୍କୋ ମିଡାଲିଙ୍କ ସହାୟତାରେ ପ୍ରାୟ ୧ କୋଟି ଟଙ୍କା ସଂଗ୍ରହ କରାଯାଇଥିଲା। ଏହା ପରେ ଗାଁ ସମ୍ମୁଖ ପାହାଡ଼ ଉପରେ ଏକ ବହୁତ ବଡ଼ ଦର୍ପଣ ଲଗାଯାଇଥିଲା। ନଭେମ୍ବର ୨୦୦୬ ସୁଦ୍ଧା ଗ୍ରାମବାସୀ ୧୧୦୦ ମିଟର ଉଚ୍ଚତାରେ ଅବସ୍ଥିତ ୪୦ବର୍ଗମିଟର ଦର୍ପଣ ଲଗାଇଥିଲେ। ଏହାପରେ ଗାଁ ଆଡ଼କୁ ପ୍ରତିଫଳିତ ହୋଇଥିବା ଗ୍ଲାସ ଉପରେ ସୂର୍ଯ୍ୟକିରଣ ପଡ଼ିଲା। ଗ୍ଲାସର ବଡ଼ ଆକାର ହେତୁ ଡିସେମ୍ବର ୨୦୦୬ ରେ ପ୍ରଥମ ଥର ପାଇଁ ସମଗ୍ର ଗାଁ ସୂର୍ଯ୍ୟାଲୋକ ପାଇପାରିଥିଲା। ଦର୍ପଣର କୋଣ ଏପରି ଭାବରେ ସ୍ଥାପିତ ହୋଇଥିଲା ଯେ ସୂର୍ଯ୍ୟାଲୋକ ଗାଁର ଚର୍ଚ୍ଚ ସମ୍ମୁଖରେ ଥିବା ଛକ ନିକଟରେ ପହଞ୍ଚିଥିଲା। ଏହା ଏକ କମ୍ପ୍ୟୁଟରାଇଜଡ଼ ଦର୍ପଣ, ଯାହା ସୂର୍ଯ୍ୟର ଗତିକୁ ଅନୁସରଣ କରେ ଏବଂ ଦିନସାରା ସୂର୍ଯ୍ୟଙ୍କ ଗତି ସହିତ ଘୂରିଥାଏ। ଏହି ଦର୍ପଣ ଗାଁର ଏକ ଅଞ୍ଚଳକୁ ପ୍ରାୟ ୬ ଘଣ୍ଟା ପର୍ଯ୍ୟନ୍ତ ଆଲୋକ ପ୍ରଦାନ କରିଥାଏ।



# ସୋନାକ୍ଷୀଙ୍କୁ ଟାର୍ଗେଟ୍ କଲେ ଶକ୍ତିମାନ





## କଡ଼ା ଜବାବ ଦେଲେ ଶତ୍ରୁଘ୍ନ

ଶକ୍ତିମାନ ଫେମ୍ ତାରକା ମୁକେଶ ଖନ୍ନା। ତାଙ୍କ ବିବୃତ୍ତି ଅନେକ ସମୟ ଚର୍ଚ୍ଚାକୁ ଆସେ ନଚେତ୍ ବିବାଦ ଭିତରକୁ ଯାଏ। ହେଲେ ଏଥର ଦବଙ୍ଗ ଅଭିନେତ୍ରୀ ସୋନାକ୍ଷୀଙ୍କ ଉପରେ ଦେଇଥିବା ବିବୃତ୍ତି ଯୋଗୁଁ ସେ ବିବାଦରେ ଛନ୍ଦି ହୋଇ ପଡିଛନ୍ତି। ଗୋଟିଏ ପଟେ ଅଭିନେତ୍ରୀ ତାଙ୍କ ସୋସିଆଲ ମିଡିଆ ମାଧ୍ୟମରେ ତାଙ୍କ ଉପରେ କ୍ରୋଧ ପ୍ରକାଶ କରିଥିବାବେଳେ ଅନ୍ୟପଟେ ଅନେକ ସାଧାରଣ ଲୋକ ମଧ୍ୟ ଏହି ଜିନିଷ ପାଇଁ ଅଭିନେତାଙ୍କୁ ଟ୍ରୋଲ କରୁଛନ୍ତି। ଏଥିସହିତ ଅଭିନେତ୍ରୀଙ୍କ ପିତା ଶତ୍ରୁଘ୍ନ ସିହ୍ନାଙ୍କ ବିବୃତ୍ତି ମଧ୍ୟ ଭାଇରାଲ ହେବାରେ ଲାଗିଛି। ଯାହା ସେ ମୁକେଶଙ୍କୁ ଟାର୍ଗେଟ କରି କହିଥିଲେ। ଏକ ସାକ୍ଷାତକାର ବେଳେ ଖାମୋସ ଅଭିନେତା ଶତ୍ରୁଘ୍ନ ସିହ୍ନା ଏହି ପ୍ରସଙ୍ଗରେ ନିଜର ମତ ରଖିଥିଲେ। ମୁକେଶଙ୍କ କଥାରେ ସେ ଆଦୌ ସହମତ ନୁହଁନ୍ତି ବୋଲି କହିଥିଲେ। ଶତ୍ରୁଘ୍ନ ମୁକେଶଙ୍କୁ ନିନ୍ଦା କରି କହିଛନ୍ତି, "ମୁଁ ଭାବୁଛି ରାମାୟଣ ଉପରେ ଏକ ପ୍ରଶ୍ନର ଉତ୍ତର ନଦେବାରେ ସୋନାକ୍ଷୀଙ୍କ ସହିତ କାହାର ଅସୁବିଧା ଅଛି। ଏହି ବ୍ୟକ୍ତିଙ୍କୁ ରାମାୟଣ ସହ ଜଡିତ ସମସ୍ତ ବିଷୟରେ ବିଶେଷଜ୍ଞ ହେବାକୁ କ'ଣ ଅଧିକାର ଅଛି ? 'ତାଙ୍କୁ ହିନ୍ଦୁ ଧର୍ମର ରକ୍ଷକ ଭାବେ କିଏ ନିଯୁକ୍ତ କରିଛି ? ଏହା ସହିତ ଅଭିନେତା କହିଥିଲେ ଯେ 'ମୁଁ ମୋର ତିନି ପିଲାଙ୍କ ପାଇଁ ବହୁତ ଗର୍ବିତ। ସୋନାକ୍ଷୀ ନିଜେ ନିଜ ବଳରେ ଏକ ଷ୍ଟାର ହେଲେ ମୋତେ ତାଙ୍କ କ୍ୟାରିଅର୍ ଆରମ୍ଭ କରିବାକୁ ପଡିଲା ନାହିଁ। ସେ ଏପରି ଏକ ଝିଅ ଯେକୌଣସି ପିତା ଗର୍ବିତ ହେବ। ସେ କାହାକୁ ପ୍ରମାଣପତ୍ରର ଦେଖାଇବାର ଆବଶ୍ୟକତା ନାହିଁ ।'

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik




ଡେରାବିଶ (ଭାସ୍କର ନ୍ୟୁଜ): ଡେରାବିଶ ବ୍ଲକ ଗୁଆଳିସିଂ ପଞ୍ଚାୟତ ଅନ୍ତର୍ଗତ କେନ୍ଦ୍ରପଡ଼ା ସାମ୍ୟ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଜିଲ୍ଲା ସ୍ତରୀୟ ଯୁବ ଉତ୍ସବ ପାଳିତ ହୋଇଯାଇଛି । ନେହେରୁ ଯୁବକେନ୍ଦ୍ର, କେନ୍ଦ୍ରପଡ଼ା ଜିଲ୍ଲା ପ୍ରଶାସନ ତଥା ଜାତୀୟ ସେବା ଯୋଜନାର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଯୁବ ଉତ୍ସବ କାର୍ଯ୍ୟକ୍ରମର ପୂର୍ବାହ୍ନରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଆଦ୍ୟାଶକ୍ତି ମହାପାତ୍ର ସଭାପତିତ୍ୱ କରିଥିଲେ । ଏଥିରେ ମୁଖ୍ୟ ଅତିଥିଭାବେ କେନ୍ଦ୍ରପଡ଼ାର ଅତିରିକ୍ତ ଜିଲ୍ଲାପାଳ ନିଳୁ ମହାପାତ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିରେ ସମ୍ମାନିତ ଅତିଥିଭାବରେ ଡିଏସ୍‌ପି ଲୋକନାଥ ପାଣିଗ୍ରାହୀ, ଜିଲ୍ଲା ଯୁବ ଅଧିକାରୀ ଗୋଲି ରିତୁପର୍ଣ୍ଣ ରେଡ୍ଡୀ ଓ ଡିଓ ଏନ୍‌ଏସ୍‌ଏସ୍ ଫଲୁଙ୍ଗ କବି ଶତପଥି ଯୋଗଦେଇ ଯୁବଶକ୍ତିର ପ୍ରଶଂସା କରିବା ସହ କଳା, ସାହିତ୍ୟ ଓ ସଂସ୍କୃତିକୁ ବଂଚାଇ ରଖିବାରେ ଯୁବକମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ବକ୍ତବ୍ୟ ରଖିଥିଲେ । ଉଦ୍‌ଘାଟନୀ ସଭାରେ ଅତିଥିଭାବେ ଓଏସିଆରର ଅଶୋକ ବେହିଆର ମିଶ୍ର, ସଂସ୍ଥାଟି ଅଧିକାରୀ ତ୍ରିଭୁବନ ଜୟସିଂହ, ଡିସିପି ବିଜୟ କେତନ ସାହୁ ପ୍ରମୁଖ ଯୋଗଦେଇ ଥିଲେ ।

# କୋରେଇ ଭବନ ନାମରେ ଲକ୍ଷ ଲକ୍ଷ ଟଙ୍କା ଲୁଟ !

## ଠିକାଦାରଙ୍କ ଉପରେ ହେଉନି କାର୍ଯ୍ୟାନୁଷ୍ଠାନ

ତିହିଡ଼ି (ଭାସ୍କର ନ୍ୟୁଜ): ଗତ ସାଧାରଣ ନିର୍ବାଚନ ପୂର୍ବରୁ କୋରେଇ ଭବନକୁ ନେଇ କୋରେଇ ରାଜନୀତିରେ ଚର୍ଚ୍ଚା ଜୋରଦାର ହୋଇଥିଲା।ଆଲୋଚନା ହେଉଥିଲା ୨୦୧୮ ମସିହା ଡିସେମ୍ବର ମାସରେ କୋରେଇ ଭବନ ନିର୍ମାଣ ପାଇଁ ସରକାରୀ ସ୍ୱିକୃତି ମିଳିଥିବା ବେଳେ ୨୦୧୯ ଏପ୍ରିଲ ମାସରେ ଏହି ଭବନ ନିର୍ମାଣ କାର୍ଯ୍ୟ ପାଇଁ ଟେଣ୍ଡରରେ ସ୍ଥିର ମଧ୍ୟ ହୋଇଥିଲା। ଆକାଶ ଦାସ ନାୟକ ବିଧାୟକ ଥିବା ବେଳେ କୋରେଇ ଭବନ ଶୁଭ ପଡ଼ିଥିବା ବେଳେ ୨୦୧୯ ନିର୍ବାଚନରେ କୋରେଇର ବିଧାୟକ ଭାବେ ଅଶୋକ ବଳ ଦାୟିତ୍ୱ ଗ୍ରହଣ କରିଥିଲେ । ଏହା ଭିତରେ ୭ ବର୍ଷ ବିତିଯାଇଛି, ଆକାଶ ପୁଣି ଥରେ କୋରେଇର ବିଧାୟକ ହୋଇଛନ୍ତି,କିନ୍ତୁ କୋରେଇ ଭବନର କାହିଁକି ସମ୍ପୂର୍ଣ୍ଣ ହେଉନି ତାହା ଦିନକୁ ଦିନ ସାଧାରଣ କୋରେଇ ଜନତାଙ୍କ ଭିତରେ ସନ୍ଦେହ ସୃଷ୍ଟି କରୁଛି ।ତତ୍କାଳୀନ ସରକାର ରାଜ୍ୟର



ପ୍ରତ୍ୟେକ ବ୍ଲକରେ ଏକ ଭବନ କରିବାକୁ ପ୍ରତ୍ୟେକ ବ୍ଲକ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ କୋରେଇ ଭବନର କେବଳ ପିଲ୍ଲର ଓ ବାଲି ପୋତାରେ ରହିଗଲା ।ଏଠାରେ ଉଲ୍ଲେଖଯୋଗ୍ୟ କି, କୋରେଇ ଭବନ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିଲା, ସେଥିରେ ଶରତ ସାହୁ ନାମକ ଠିକାଦାର ନାମରେ ଟେଣ୍ଡର ପାସ୍ ହୋଇଥିଲା ଯାହାର ଏଷ୍ଟିମେଣ୍ଟ ମୂଲ୍ୟ ଥିଲା ୪୩,୧୯,୦୫୦ ଟଙ୍କା ଓ ଏଗ୍ରୀମେଣ୍ଟ ମୂଲ୍ୟ ଥିଲା ୩୬,୭୧,୬୨୮ ଟଙ୍କା, କିନ୍ତୁ ଦୁଃଖର ବିଷୟ କେବଳ ପ୍ଲିନ୍ଥ ଓ ବାଲି ପକାରେ ୨୩ ଲକ୍ଷ ରୁ ଊର୍ଦ୍ଧ୍ୱ ଟଙ୍କା ବିଲ୍ ହୋଇଥିବା ସୂଚନା ଅଧିକାର ଆଇନ ବଳରେ ଜାଣିବାକୁ ମିଳିଛି। ଯଦି ଏତିକି ଟଙ୍କା ଖର୍ଚ୍ଚ ହୋଇ ଭବନ ଭୂଇଁ ରୁ ଉଠି ପାରିନି,ତେବେ ଅବଶିଷ୍ଟ ଟଙ୍କାରେ କିପରି କୋରେଇ ଭବନ ନିର୍ମାଣ ହେବ ! ବିଭାଗୀୟ ଅଧିକାରୀ ଜଣକ କିପରି ଏଷ୍ଟିମେଟ ବାହାରକୁ ଯାଇ ଠିକାଦାରଙ୍କୁ କାମ କରିବା ପାଇଁ ଅନୁମତି ଦେଲେ ?

ଏହି ନିର୍ମାଣରେ ୨୨୮ ସି ୟୁ ଏମ ଏରିଆ ରେ ୭୧,୬୮୫ ଟଙ୍କାର ବାଲି ପଡ଼ିବା ପାଇଁ କନିଷ୍ଠ ଯନ୍ତ୍ରୀ ନଳିନୀକାନ୍ତ ଚନ୍ଦ୍ର ସ୍ଥିରୀକୃତ କରିଥିଲେ ଯାହା ଏଗ୍ରିମେଣ୍ଟର ନକଲ କହୁଛି କିନ୍ତୁ କେମିତି ଉକ୍ତ ଯନ୍ତ୍ରୀ ବାଲି ପଡ଼ିବା ବାବଦକୁ ୪,୯୦,୪୦୫ ଟଙ୍କା ବିଲ୍ କଲେ ତାହା ବଡ଼ ଆଶ୍ଚର୍ଯ୍ୟର କଥା।ସମସ୍ତ ତଥ୍ୟରୁ ସ୍ପଷ୍ଟ ଜଣାପଡୁଛି କୋରେଇ ଭବନ ନିର୍ମାଣ ନାମରେ ଏକ ବିରାଟ ଦୁର୍ନୀତି ହୋଇଛି ଯାହାର ପରିଣାମ କୋରେଇ ଭବନ ଆଜି ଘାସ ଗଛର ଆଢୁଆଳରେ ଲୁଚି ଯାଇଛି। କୋରେଇ ଭବନ ପୁନଃ ନିର୍ମାଣ ପୂର୍ବରୁ ରାଜ୍ୟର ନୂତନ ସରକାରଙ୍କ ଏକ ସ୍ୱତନ୍ତ୍ର ଭିଜିଲାନ୍ସ ଟିମ୍ ଗଠନ କରି ଏହାର ପୁଙ୍ଖନୁ ପୁଙ୍ଖ ତଦନ୍ତ କରି ଦୁର୍ନୀତି ଖୋର ବିଡ଼ିଓ, ଜେଇ ଓ ଠିକାଦାର ଉପରେ କଠୋରରୁ କଠୋର କାର୍ଯ୍ୟୁଷ୍ଠାନ ନେବା ପାଇଁ କୋରେଇର ବୁଦ୍ଧିଜୀବୀ ମାନେ ଦାବି କରିଛନ୍ତି।

# ସରକାରୀ ଜାଗାରେ କୋଠା ନିର୍ମାଣ ଅଭିଯୋଗ

ନିଆଳି(ଭାସ୍କରନ୍ୟୁଜ): ନିଆଳି ତହସିଲ ଅଧୀନ ଜଳାର ପୁର ପହଞ୍ଚା ରାସ୍ତା ପହଞ୍ଚା ବଜାରରେ ଉକ୍ତ ଗ୍ରାମର ଜଣେ ପ୍ରଭାବଶାଳୀ ବ୍ୟକ୍ତି ଦୁଇ ମହଲା କୋଠା ନିର୍ମାଣ କରିଥିବା ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି । ଯାହାଫଳରେ ରାସ୍ତା ସମ୍ପ୍ରସାରଣ ହୋଇପାରୁ ନାହିଁ । ଏ ନେଇ ଗ୍ରାମବାସୀଙ୍କ ପକ୍ଷରୁ ନିଆଳି ତହସିଲଙ୍କ ନିକଟରେ ଅଭିଯୋଗ ହୋଇଛି । ଯଥାଶୀଘ୍ର ଉକ୍ତ ଘରକୁ ଜବରଦଖଲ ଉଚ୍ଛେଦ କରାନଗଲେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି । ନିଆଳି ତହସିଲଦାର ଅନେକ ଦୋକାନ ଗୃହ ଉଚ୍ଛେଦ କରୁଥିବା ବେଳେ ଏହି ପ୍ରଭାବ ଶାଳୀ ବ୍ୟକ୍ତିଙ୍କ ପ୍ରତି କାହିଁକି ଅନୁକମ୍ପା ଦେଖାଉଛନ୍ତି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# 'ସଚେତନତା ହିଁ ବନାଗ୍ନି ରୋକିବାରେ ସହାୟକ ହେବ'

ଭଞ୍ଜନଗର (ଭାସ୍କର ନ୍ୟୁଜ): ଉତ୍ତର ଘୁମୁସର ବନଖଣ୍ଡ ପକ୍ଷରୁ ସ୍ଥାନୀୟ ଲାଇସିଂ ସ୍କ୍ୱାୟୀ ଚାରା ଉଦ୍ୟାନ ତାଲିମ କେନ୍ଦ୍ର ପରିସରରେ ବନାଗ୍ନି ପ୍ରଶମନ ଓ ପରିଚାଳନା ପ୍ରସ୍ତୁତି ବୈଠକ ଡିଏଫଓ ହିମାଂଶୁ ଶେଖର ମହାନ୍ତିଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥିଭାବେ ଯୋଗଦେଇ ସ୍ଥାନୀୟ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଭଞ୍ଜନଗର ଉତ୍ତର ଓ ଦକ୍ଷିଣ ଘୁମୁସର ବନଖଣ୍ଡରେ ଆଗେ ଯେପରି ନିଆଁ ନଲାଗେ ସେଦିଗରେ ସଭିଏଁ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ ୫ ଟି ରେଞ୍ଜର ଶତାଧିକ ବନ ସୁରକ୍ଷା ସମିତିର ସଭାପତିମାନଙ୍କ ସହ ବନଖଣ୍ଡର ସମସ୍ତ ବନପାଳ, ବନରକ୍ଷୀ, ରେଞ୍ଜର, ଏସିଏଫଙ୍କ ସହ ସ୍ୱେଚ୍ଛାସେବୀ ସଂଗଠନ ସ୍ତରୀୟ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ରହିଥିଲେ । ଆଗାମୀ ଗ୍ରୀଷ୍ମ ଋତୁର ଯଥେଷ୍ଟ ପୂର୍ବରୁ ବନାଗ୍ନି ପ୍ରଶମନ ଓ ତାର ପରିଚାଳନା କିଭଳି କରାଯାଇପାରିବ ସେଦିଗରେ ବିଶଦ ଆଲୋଚନା କରାଯାଇଥିଲା । ଯେଉଁମାନେ ଜଙ୍ଗଲରେ ନିଆଁ ଲଗାଉଛନ୍ତି ସେମାନଙ୍କ ବିରୁଦ୍ଧରେ ଚଳିତବର୍ଷ ଠାରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିଏଫଓ ମହାନ୍ତି ଚେତାବନୀ ଦେଇଛନ୍ତି । ଅପରପକ୍ଷରେ ବଣିଆପଲ୍ଲୀ ବନ ସୁରକ୍ଷା ସମିତି ସଭାପତି ପରିବେଶବିତ୍ ଲୋକନାଥ ଆଚାର୍ଯ୍ୟ ବନାଗ୍ନି ପ୍ରଶମନ ଦିଗରେ ତାଙ୍କର ତିକ୍ତ ଅନୁଭୂତି ବର୍ଣ୍ଣନା କରିବାସହ ଚଳିତବର୍ଷ ଯଥେଷ୍ଟ ପୂର୍ବରୁ ଉତ୍ତର ଘୁମୁସର ବନଖଣ୍ଡ ପକ୍ଷରୁ ଏଥିପାଇଁ ପ୍ରସ୍ତୁତି ଆରମ୍ଭ କରାଯାଇଥିବାରୁ ସାଧୁବାଦ ଜଣାଇଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ସମସ୍ତ ବନ କର୍ମଚାରୀ ସଂପୂର୍ଣ୍ଣ ସହଯୋଗ କରିଥିଲେ । ବୈଠକ ଶେଷରେ ବିଧାୟକ ନାୟକ ଓ ଉପଜିଲ୍ଲାପାଳ ସେଠୀ ଧଳା ଓ ସବୁଜ ପତାକା ଦେଖାଇ ବନାଗ୍ନି ପ୍ରଶମନ ସଚେତନତା ରଥର ଶୁଭାରମ୍ଭ କରିଥିଲେ ।

# ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ କର୍ମଚାରୀଙ୍କ ପରଲୋକ

କେନ୍ଦ୍ରପଡ଼ା (ଭାସ୍କର ନ୍ୟୁଜ): ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର କର୍ମଚାରୀ ତପନ କୁମାର ପରିଡାଙ୍କ ହୃଦଘାତ ଜନିତ କାରଣରୁ ୫୯ ବର୍ଷ ବୟସରେ ପରଲୋକ ହୋଇଯାଇଛି । ସେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟରେ୧୯୯୦ ମସିହାରେ ଶିକ୍ଷିତ ଚପରାଶି ଭାବରେ ଯୋଗଦାନ କରିଥିଲେ । ମଙ୍ଗଳବାର ମଢିଆଳସ୍ଥିତ ସୂଚନା କେନ୍ଦ୍ର ଓ ପାଠାଗାରରେ କାର୍ଯ୍ୟରତ ସମୟରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ନେବା ବାଟରେ ତାଙ୍କର ହୃଦଘାତ ଜନିତ ମୃତ୍ୟୁ ହୋଇଥିଲା ।ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ ବଳିଆରସିଂହ ଓ କର୍ମଚାରୀମାନେ ତାଙ୍କ ବାସଭବନରେ ପହଞ୍ଚି ପରିବାରବର୍ଗଙ୍କୁ ସମବେଦନା ଜ୍ଞାପନ କରିବା ସହ ସ୍ୱର୍ଗତ ପରିଡାଙ୍କ ଅମର ଆତ୍ମାର ସଦଗତି ପାଇଁ କାମନା କରିଥିଲେ । ସ୍ୱର୍ଗତ ପରିଡାଙ୍କ ବିୟୋଗରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ଓ ଜିଲ୍ଲା ପରିଷଦ ସଭାପତି ଲିଲିତା ଦାସ ଗଭୀର ଶୋକବ୍ୟକ୍ତ କରିବା ସହ ତାଙ୍କ ପରିବାରକୁ ସମବେଦନା ଜ୍ଞାପନ କରିଛନ୍ତି।

# ପ୍ରେସ କ୍ଲବର ସଧାରଣ ବୈଠକ ଓ ନୂତନ କର୍ମକର୍ତ୍ତା ଚୟନ



କଣିହାଁ (ଭାସ୍କର ନ୍ୟୁଜ): କଣିହାଁ ପ୍ରେସ କ୍ଲବର ସାଧାରଣ ବୈଠକ ବୁଧବାର ଦିନ କଂସମୁଣ୍ଡା ମାଡୁଆ ମା'ମନ୍ଦିର ପ୍ରଙ୍ଗଣରେରେ ସଭାପତି ଭୂପେନ କୁମାର ଗଡ଼ନାୟକଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଯାଇଛି । ସଭାକାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ କ୍ଲବର ସଦସ୍ୟ ତଥା ସଂପାଦକ ସ୍ୱର୍ଗତଃ ସଚିଦାନନ୍ଦ ପ୍ରଧାନଙ୍କ ବିୟୋଗରେ ତାଙ୍କର ଅମର ଆତ୍ମାର ଶାନ୍ତି ନିମନ୍ତେ ୧ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ପରେ ସଂଘକୁ କିପରି ଆହୁରି ସଙ୍ଗଠିତ କରାଯିବ ସେ ସମ୍ପର୍କରେ ଆଲୋଚନା କରାଯିବା ସହ କ୍ଲବର ନୂତନ କର୍ମକର୍ତ୍ତା ମନୋନୟନ କରଯାଇଥିଲା । ସର୍ବ ସମ୍ମତି କ୍ରମେ ପ୍ରେସକ୍ଲବର ନୂତନ ସଭାପତି ଭାବେ ଭୂପେନ କୁମାର ଗଡ଼ନାୟକ, ସାଧାରଣ ସମ୍ପାଦକ ଭାବରେ ରଞ୍ଜନ କୁମାର ମିଶ୍ର, ଉପସଭାପତି ଭାବରେ କଷ୍ଟଚରଣ ସାମଲ, ଟୁନା ସାହୁ ଓ ଅଲେଖ ଭୂତିଆ, ସହ ସମ୍ପାଦକ ନିରୋଜ କୁମାର ପ୍ରଧାନ, କୋଷାଧକ୍ଷ ନୀଳକଣ୍ଠ ବେହେରା , ଲିଗାଲ ଆଡଭାଇଜର ଭାବେ ଜ୍ୟୋତି ରଂଜନ ଧରଙ୍କୁ ମନୋନୀତ କରାଯାଇଥିଲା ।

# ନିମ୍ନ ମାନର ବିହନକୁ ନେଇ ଅସନ୍ତୋଷ



କଣ୍ଟାପଡ଼ା (ଭାସ୍କର ନ୍ୟୁଜ): କଣ୍ଟାପଡା ବ୍ଲକକୁ ଆସିଥିବା ବାଦାମ ମଞ୍ଜି ଅତ୍ୟନ୍ତ ନିମ୍ନ ମାନର ବୋଲି ଅଭିଯୋଗ ଆଣିଛନ୍ତି ଚାଷୀ। ଚଳିତ ବର୍ଷ ୧୪ ଗୋଟି ଗ୍ରାମପଞ୍ଚାୟତ ପାଇଁ ୭୫ କୁଇଣ୍ଟାଲ ବାଦାମ ମଞ୍ଜି ଆସିଥିବା ବେଳେ ବ୍ରାହ୍ମଣ ସାଇଲୋ ଗ୍ରାମ ପଞ୍ଚାୟତର ଧାନମଣ୍ଡଳ ଗ୍ରାମକୁ ବାଦାମ ଚାଷ ନିମନ୍ତେ ଚୟନ କରାଯାଇଥିବା ବେଳେ ଅବଶିଷ୍ଟ ଗ୍ରାମପଞ୍ଚାୟତକୁ ବଳକା ମଞ୍ଜି ଦିଆଯିବ। ହେଲେ ଚାଷୀମାନଙ୍କୁ ଆଜି ଦିଆଯାଇଥିବା ବିହନ ଅତ୍ୟନ୍ତ ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଥିଲା। ଏ ନେଇ କଣ୍ଟାପଡା କୃଷି ବିଭାଗ ଓଭରସିୟର ବୁଧନାଥଙ୍କୁ ପଚାରିବାରୁ ବାଦାମ ମଞ୍ଜି ଖରାପ ପଡ଼ିଥିବା କଥା ସ୍ୱୀକାର କରିଛନ୍ତି। ସରକାରଙ୍କ ପକ୍ଷରୁ ଦିଆଯାଉଥିବା ବିହନ ବାଦାମ ଚାଷ ପାଇଁ ବିଳମ୍ବ ହୋଇଥିବା ବେଳେ ଏବେ ନିମ୍ନମାନର ବିହନ ଯୋଗୁ ଆହୁରି ବିଳମ୍ବ ହେବା ଚାଷୀ ଅଭିଯୋଗ ଆଣିଛନ୍ତି। ଯଥା ଶୀଘ୍ର ଭଲ ବିହନ ଯୋଗାଇ ଦେବାକୁ ଚାଷୀମାନେ ଦାବି କରିଛନ୍ତି।

# ସମସ୍ୟା ଘେରରେ ନାବିକ ପ୍ରଶିକ୍ଷଣ ପ୍ରତିଷ୍ଠାନ




ଚାନ୍ଦବାଲି (ଭାସ୍କର ନ୍ୟୁଜ): ଚାନ୍ଦବାଲି ହେଉଛି କଳିଙ୍ଗର ପ୍ରବେଶ ପଥ । ବିଶ୍ୱ ବିସ୍ମୟ ଭିତରକନିକାର ପ୍ରବେଶ ଦ୍ୱାର । ଅନ୍ତର୍ଦେଶୀୟ ଜଳପଥ ଚାନ୍ଦବାଲିରେ ଓଡ଼ିଶାର ଏକ ମାତ୍ର ସରକାରୀ ନାବିକ ପ୍ରଶିକ୍ଷଣ ପ୍ରତିଷ୍ଠାନ ଦୀର୍ଘ ବର୍ଷ ହେଲା ବିଭିନ୍ନ ସମସ୍ୟା ଦେଇ ଗତି କରୁଛି । ଏଠାରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ଆସୁଥିବା ପ୍ରଶିକ୍ଷାର୍ଥୀ ମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥାଏ । ଫଳରେ ସେମାନେ ରାଜ୍ୟ ଓ ରାଜ୍ୟ ବାହାରେ ବିଭିନ୍ନ ସରକାରୀ ଏବଂ ବେସରକାରୀ ସଂସ୍ଥାରେ ନିୟୋଜିତ ହୋଇ ଜୀବନ ଜୀବିକା ନିର୍ବାହ କରନ୍ତି । କିନ୍ତୁ ଅଧକ୍ଷଙ୍କ ମନମାନି ଓ ମନମୁଖୀ କାର୍ଯ୍ୟକଳାପ ଯୋଗୁଁ ଏହାର ପ୍ରାଚୀନ ଗୌରବ ଓ ଶୈକ୍ଷିକ ପରମ୍ପରା କ୍ରମାଗତ ଅବନତି ହେବାରେ ଲାଗିଛି । ନା ଏଠାରେ ଉପଯୁକ୍ତ ପ୍ରଶିକ୍ଷକ ଅଛନ୍ତି ନା ଅଛନ୍ତି ଆବଶ୍ୟକୀୟ କର୍ମଚାରୀ। ଫଳରେ ତାଲିମ୍ ପାଇଁ ନାମ ଲେଖେଇ ଥିବା ପ୍ରଶିକ୍ଷାର୍ଥୀ ମାନେ ପ୍ରଶିକ୍ଷଣ ନେବାକୁ ବିଶେଷ ଆଗ୍ରହ କରୁ ନଥିବା ଜଣାପଡିଛି । ପ୍ରତିଷ୍ଠାନର ଅଧକ୍ଷ୍ୟ ଅଧିକାଂଶ ସମୟ ଅନୁପସ୍ଥିତ ରହିବା ଆଲୋଚନାର ବିଷୟ ପାଲଟିଛି । ଅପରପକ୍ଷରେ ତାଲିମ୍ ପାଇଁ ବୋଟ ବ୍ୟବହାର କରାଯାଉନଥିବା ବେଳେ ଲକ୍ଷାଧିକ ଟଙ୍କାର ଡିଜେଲ୍ କିଣା ଯାଉଥିବା ମୁଖ୍ୟ ଚର୍ଚ୍ଚାର ବିଷୟ ହୋଇଛି । କେତେବେଳେ କେମିତି ଅଣ ତାଲିମ୍ ପ୍ରାପ୍ତ ପିଅନ ଦ୍ୱାରା ବୋଟ ପରିଚାଳନା କରାଯାଉଛି । ନିକଟ ଅତୀତରେ ବିଭାଗୀୟ ବୋଟ ବୈତରଣୀରେ ବୁଡ଼ିଯାଇଥିବା ଘଟଣା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ହୋଇଥିଲା ଓ ବୋଟ ଅଳ୍ପକେ ରକ୍ଷା ପାଇ ଯାଇଥିଲା । ଆବଶ୍ୟକ ଶିକ୍ଷାଗତ ଯୋଗ୍ୟତା ନ ଥାଇ ମଧ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇ ସେମାନଙ୍କ ଅର୍ଥ ହେରଫେର ହେଉଥିବା ପ୍ରକାଶ । ଅଧିକାଂଶ ଶିକ୍ଷାର୍ଥୀ ଅନୁପସ୍ଥିତ ରହୁଥିଲେ ମଧ ପରୀକ୍ଷାରେ ଅନିୟମିତତା କରାଯାଇ ପ୍ରମାଣପତ୍ର ଦିଆ ଯାଇଥିବା କଥା ସାଧାରଣରେ ଗୁଞ୍ଜରଣ ହେଉଛି । ଓଡ଼ିଶାର ଏକ ମାତ୍ର ସର୍ବ ପୁରାତନ ସରକାରୀ ନାବିକ ପ୍ରତିଷ୍ଠାନ ଆଜି ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବ ଓ ଅଧକ୍ଷଙ୍କ ମନୋମାନି ଫଳରେ ଐତିହାସିକ ଚାନ୍ଦବାଲି ସହରର ଗୌରବ ଗରିମା କ୍ଷୟ କରିବାରେ ସହାୟକ ସାଜିଛି । ଏ ଦିଗରେ ରାଜ୍ୟ ସରକାର, ବାଣିଜ୍ୟ ଓ ପରିବହନ ବିଭାଗ ଓ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ବିଭିନ୍ନ ଅନିୟମିତତାର ତଦନ୍ତ କରିବା ସଙ୍ଗେ ସଙ୍ଗେ ପ୍ରତିଷ୍ଠାନର ଶୈକ୍ଷିକ ବିକାଶ ଦିଗରେ ବିହିତ ପଦକ୍ଷେପ ନେବାକୁ ଚାନ୍ଦବାଲିର ଅଗ୍ରଣୀ ସଂଗଠନ ଡଃ ଆମ୍ବେଦକର ଦଳିତ ଓ ଅନଗ୍ରସର ବିଚାର ମଞ୍ଚର ସମ୍ପାଦକ ପ୍ରଫୁଲ୍ଲ ଦାସ ଏକ ପ୍ରେସ୍ ବିବୃତ୍ତିରେ ଦାବି କରିଛନ୍ତି।

# ଶିକ୍ଷା ଓ କୃଷିବିକାଶ ପାଇଁ ମନେ ପଡ଼ନ୍ତି ମଧୁସୂଦନ

ପୁରୀ (ଭାସ୍କର ନ୍ୟୁଜ):ପୁରୀ ଜିଲ୍ଲାର ଶିକ୍ଷା ବିକାଶରେ ଶିକ୍ଷାବିତ୍ ମଧୁସୂଦନ ମିଶ୍ର ସ୍ମରଣ ରହିବେ ବୋଲି ମତ ଦେଇଛନ୍ତି ଜଗନ୍ନାଥ ବିଦ୍ୟାଧରପୁରର ଗ୍ରାମବାସୀ । ମୌଜା କମିଟିର ସଦସ୍ୟଙ୍କ ଉପସ୍ଥିତରେ ମଧୁସୁଦନଙ୍କ ପ୍ରତିମୂର୍ତ୍ତି ଅନାବରଣ କରାଯାଇଥିଲା । ରଥ ନିର୍ମାଣ କମିଟିର ପ୍ରାକ୍ତନ ବରିଷ୍ଠ ସଦସ୍ୟ ଧର୍ମପ୍ରସାଦ ମିଶ୍ରଙ୍କ ପିତା



ସ୍ୱର୍ଗତ ମଧୁସୂଦନ ମିଶ୍ର, ପୁରୀ ଶିକ୍ଷା ଅଧିକାରୀ ଥିବା ବେଳେ ପୁରୀ ଜିଲ୍ଲାର ଅନେକ ନୂତନ ବିଦ୍ୟାଳୟ ଆରମ୍ଭ ହୋଇଥିବା ବେଳେ, ଅନେକ ବିଦ୍ୟାଳୟର ନବନିର୍ମାଣ କରାଯାଇଥିଲା । ଏହାବ୍ୟତୀତ ୫୬ଟି ଗ୍ରାମର କୃଷି ବିକାଶ ପାଇଁ ପାଞ୍ଚହଜାର ଗ୍ରାମବାସୀଙ୍କୁ ସାଥିରେ ଧରି ତତ୍କାଳୀନ ଜିଲ୍ଲାପାଳଙ୍କ ଆଗରେ ବିକ୍ଷୋଭ କରି, ପୁରୀ -ବ୍ରହ୍ମଗିରୀ ଅଞ୍ଚଳର ଚାଷଜମି ପାଇଁ ଜଳସେଚନର ବ୍ୟବସ୍ଥା କରିବା ଥିଲା ଉଲ୍ଲେଖନୀୟ । ୧୯୮୩ ରେ ଦେହାନ୍ତ ହୋଇଥିବା ସ୍ୱର୍ଗତ ମିଶ୍ରଙ୍କ ପ୍ରତିମୂର୍ତ୍ତି ଆଜି ଗ୍ରାମବାସୀଙ୍କ ଉପସ୍ଥିତିରେ ଉନ୍ମୋଚନ ହୋଇଥିଲା । କାର୍ଯ୍ୟକ୍ରମରେ ସ୍ୱର୍ଗତ ମିଶ୍ରଙ୍କ ପୁତ୍ର କାଳୀପ୍ରସାଦ ମିଶ୍ର ଓ ପ୍ରାକ୍ତନ ରାଷ୍ଟ୍ରଦୂତ ମଳୟ ମିଶ୍ର, ନାତି ସାଧକ ମିଶ୍ର, ଯାଚକ ମିଶ୍ର, ନାତୁଣୀ ମହେଶ୍ୱତା ମିଶ୍ର ଓ ସୁଚିସ୍ମିତା ମିଶ୍ର, ମିଶନ ଓଡ଼ିଶା ସଂପାଦକ ମଧୁସୂଦନ ମିଶ୍ର, ସମାଜସେବୀ ବଦ୍ରି ମିଶ୍ର, ଚିତ୍ତରଞ୍ଜନ ପରିଡା, କାଳୀ ରଥ, ଓ ରଶ୍ମୀରଞ୍ଜନ ମିଶ୍ରଙ୍କ ସମେତ ଗାଁ ମୁଖିଆମାନେ ଯୋଗଦାନ କରିଥିଲେ ।

# ଓଷ୍ଟା ପକ୍ଷରୁ ଶିଶୁ ମହୋତ୍ସବ

ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ): ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ପିରିପୁର ପ୍ରଭାକର ମହାନ୍ତି ଉଚ୍ଚ ବିଦ୍ୟାପୀଠରେ ବୁଧବାର ଓଷ୍ଟା ଆନୁକୂଲ୍ୟରେ ଚଳିତ ବର୍ଷ ୪୧ ତମ ଶିଶୁ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷୟତ୍ରୀ ସୁକାନ୍ତିଲତା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମହୋତ୍ସବରେ ଗୋଷ୍ଠୀ ଶିକ୍ଷାଧିକାରୀ ଅଧିର କୁମାର ତରାଇ ମୁଖ୍ୟ ଅତିଥି, ଭଦ୍ରକ ଓଷ୍ଟା ସମ୍ପାଦକ ପ୍ରଭାତ କୁମାର ପାଣିଗ୍ରାହୀ ମୁଖ୍ୟବକ୍ତା, ସଭାପତି ଶଶିଶେଖର କରଶର୍ମା, କାର୍ଯ୍ୟକାରି ସଭାପତି ଅନିଲ କୁମାର ମିଶ୍ର, ରାଜ୍ୟ ଓଷ୍ଟା ପ୍ରାକ୍ତନ ସହସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଦାଶ, ସରସଦା ସରପଞ୍ଚ ରମେଶ ଚନ୍ଦ୍ର ଜେନା, ସମିତି ସଭ୍ୟା କମଳା ଜେନା, ପ୍ରଧାନଶିକ୍ଷକ ରତିକାନ୍ତ ବେହେରା, ଅଜୟ କୁମାର ନନ୍ଦ, ପୂର୍ବତନ ବ୍ଲକ ସମ୍ପାଦକ ସୁବଳ ଚରଣ ପତ୍ରୀ, ବ୍ଲକ ସଭାପତି ଗଦାଧର ଯେନା, ସମ୍ପାଦକ ମନୋରଞ୍ଜନ ପଣ୍ଡା, ଜିଲ୍ଲା ଓଷ୍ଟାସଭ୍ୟ ବ୍ରହ୍ମାନନ୍ଦ ରାୟ ଓ ବିକଶି ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିଶୁ ମହୋତ୍ସବର ତାତ୍ପର୍ଯ୍ୟ ସମ୍ପର୍କରେ ଉଲ୍ଲେଖ କରିଥିଲେ ।

# ମକଡ୍ରିଲ ନେଇ ପ୍ରସ୍ତୁତି ବୈଠକ

ପୁରୀ (ଭାସ୍କର ନ୍ୟୁଜ): ସର୍କିଟ ହାଉସ ଠାରେ ଜିଲ୍ଲା ପ୍ରଶାସନ ଓ ଏନଡିଆରଏଫ ମୁଣ୍ଡୁଳୀ ୩ ବାଟାଲିୟନର ମିଳିତ ସହଯୋଗରେ ହେବାକୁ ଥିବା ମକଡ୍ରିଲ ପାଇଁ ଟେବୁଲ ଟପ ଏକ୍ସରସାଇଜ ଅନୁଷ୍ଠିତ ହୋଇଯାଇଛି । ଏହି ମକଡ୍ରିଲ ବୀର ହରେକୃଷ୍ଣପୁର ଛକ ନିକଟସ୍ଥ ପୋଖରୀରେ କରାଯିବ ବୋଲି ସ୍ଥିର ହୋଇଛି । କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା ପୁରୀ ଏକ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ଜିଲ୍ଲା ଭାବେ ପରିଗଣିତ ।ବିଶେଷ କରି ଜିଲ୍ଲାରେ ବନ୍ୟା, ବାତ୍ୟା ଚିର ସହଚର । ତେବେ ପାଣିରେ ବୁଡି ଘଟଣା ଅଧିକ ହେଉଥିବାରୁ ଏ ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି ପାଇଁ ଏନଡିଆରଏଫ ଟିମକୁ ପରାମର୍ଶ ଦେଇଥିଲେ । ଏହି ମକ ଡ୍ରିଲରେ ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ ମାନେ ଉପସ୍ଥିତ ରହି ସେମାନଙ୍କ ବିଭାଗର କାର୍ଯ୍ୟ ପରିଚାଳନା ରେ ସହଯୋଗ କରିବେ ବୋଲି ସ୍ଥିର ହୋଇଛି ।

# ଫେବୃଆରୀ ୧୧ରୁ 'ବଡଯାତ୍ରା'


ମାଲକାନଗିରି (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ବଡ ପର୍ବ ତଥା 'ବଡଯାତ୍ରା' ଆସନ୍ତା ବର୍ଷ ଫେବୃଆରି ୧୧ ତାରିଖରୁ ଆରମ୍ଭ ହେବାକୁ ସର୍ବ ସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଛି । ଜିଲ୍ଲାର ଏହି 'ବଡଯାତ୍ରା' ପ୍ରତି ଦୁଇ ବର୍ଷରେ ଥରେ ହୋଇଥାଏ । ଏହି ଯାତ୍ରାରେ ପୂଜା ପାଇଥାନ୍ତି ପ୍ରଭୁ କାନମ ରାଜୁ, ବାଲ ରାଜୁ, ପୋତ ରାଜୁ ଓ ମା ମୁତ୍ୟାଲୁ ଅମ୍ମା । ଏହି ଯାତ୍ରା ଆରମ୍ଭ ନେଇ ମାଲକାନଗିରି ତହସିଲ କାର୍ଯ୍ୟଳୟରେ ତହସିଲଦାର ଓ ଅନ୍ୟ ଅଧିକାରୀଙ୍କ ସହ ଯାତ୍ରା କମିଟିର ଉପସ୍ଥିତିରେ ଏକ ବୈଠକ କରାଯାଇଛି ।

# ପୋଷାକ ବିରଣ ଉତ୍ସବ

ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ): ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ମହୁରା ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ପୋଷାକ ବିତରଣ ଉତ୍ସବ ପ୍ରଧାନଶିକ୍ଷକ ରବୀନ୍ଦ୍ର କୁମାର ମହାରଣାଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ପୋଷାକ ଯୋଗାଣକାରୀ ବାରିକପୁର ସାଇ ଟେଲରିଂ ସ୍ୱୟଂ ସହାୟିକା ଗୋଷ୍ଠୀ ପକ୍ଷରୁ ମନ୍ଦାକିନୀ ସାମଲ ଓ ରଞ୍ଜୁବାଳା ଦାସ ମହାପାତ୍ର, ପରିଚାଳନାକମିଟି ସଭ୍ୟ ଅଶୋକ କୁମାର ବେହେରା, ଶିକ୍ଷକ ପ୍ରସନ୍ନମହାକୁଳ, ସୌମ୍ୟରଞ୍ଜନ ମଲ୍ଲିକ, ମନୋସ୍ୱିନୀ ରାଉତ, ପୁଷ୍ପାଞ୍ଜଳୀ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୋଷାକ ବିତରଣ କରିଥିଲେ ।

# ବେଆଇନ ବାଲି ପରିବହନ, ୪ ହାଇୱା ଜବତ

ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ମଣିନାଥପୁର ବୈତରଣୀ ନଦୀଶଯ୍ୟାରୁ ଗତ



ମଙ୍ଗଳବାର ରାତିରେ ୪ ବେଆଇନ ବାଲି ପରିବହନକାରୀ ହାଇୱାକୁ ପ୍ରଶାସନ ଜବତ କରିଛି । ଗ୍ରାମର ବଲ୍ଲଭିଘାଟ-ମଣିନାଥପୁର ସେତୁ ସଂଲଗ୍ନ ଜମିକୁ ପଡିଆ ଭାବେ ବ୍ୟବହାର କରି ପିଲାମାନେ କ୍ରିକେଟ ଖେଳୁଥିଲେ । ନଦୀଶଯ୍ୟାରେ ବ୍ୟାପକ ବାଲି ଉତ୍ତୋଳନ ଦ୍ୱାରା ବାଲି ଉତ୍ସ କ୍ରମେ ଶେଷ ହୋଇ ଆସୁଥିବାରୁ ମାଫିଆମାନେ ସଂପୃକ୍ତ ପଡିଆକୁ ଜେସିବି ସହାୟତାରେ ଖୋଳିବାକୁ ଉଦ୍ୟମ କରିଥିଲେ । ଫଳରେ କ୍ରିକେଟ ମ୍ୟାଚ ଆୟୋଜନ କରିଥିବା ପିଲାମାନେ ଏହାକୁ ବିରୋଧ କରି ପ୍ରଶାସନକୁ ଖବର ଦେଇଥିଲେ । ଘଟଣା ଗଣ୍ଡଗୋଳ ରୂପ ନେଉଥିବା ଦେଇ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ତହସିଲଦାର ସରୋଜକାନ୍ତ ନାୟକ ପୋଲିସ ସହାୟତାରେ ଘଟଣାସ୍ଥଳରୁ ୪ଟି ହାଇୱା ଓ ଗୋଟିଏ ଜେସିବି ମେସିନକୁ ଜବତ କରିଥିଲେ ।

# ଧାନମଣ୍ଡି ବିବାଦକୁ ନେଇ ଉତ୍ତେଜନା

ମାଲକାନଗିରି (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ସଦର ବ୍ଲକର ଗୌଡ଼ଗୁଡା ପଞ୍ଚାୟତ ଅନ୍ତର୍ଗତ ଏମଭି ୧୧ ସ୍ଥିତ ବାଟପାଲ୍ଲୀ ହାଟରେ ଥିବା ନିୟନ୍ତ୍ରିତ ବଜାର କମିଟି ୟାର୍ଡରେ ଧାନମଣ୍ଡିର ଉଦଘାଟନ ହୋଇଥିବା ବେଳେ ଆଜି ସକାଳୁ ଇନ୍ଦ୍ରାବତୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ବାଟପାଲ୍ଲୀର ମହିଳା ମାନେ ଆସି ମୁଖ୍ୟ ଫାଟକରେ ତାଲା ପକାଇ ମଣ୍ଡିବନ୍ଦ କରିବା ପାଇଁ ଆହ୍ୱାନ କରିଥଲେ । ବହୁ ଦିନରୁ ଦୁଇ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମଧ୍ୟରେ ଧାନ ମଣ୍ଡିକୁ ନେଇ ବିବାଦ ଲାଗିରହିଥିଲା । ଜୟ ମା' କାଳୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ତିନି ବର୍ଷ ଧରି ମାଣ୍ଡି ପରିଚାଳନା କରି ଆସୁଥିବା ବେଳେ ଚଳିତ ବର୍ଷ ଇନ୍ଦ୍ରାବତୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ହରିଠାକୁର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ,ଏମ୍ ଭି-୧୧ ଧାନ ମଣ୍ଡି ପରିଚାଳନା ପାଇଁ ଜିଲ୍ଲା ପ୍ରଶାସନ ନିକଟରେ ଆବେଦନ କରିଥିଲେ । କିନ୍ତୁ ଚଳିତ ବର୍ଷ ମଧ ଜୟ ମା' କାଳି ସ୍ୱୟଂ ସହାୟକ ଗୋଷ୍ଠିକୁ ମଣ୍ଡି ପରିଚାଳନା କରିବା ପାଇଁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ମିଳିଥିଲା । ତେଣୁ ଇନ୍ଦ୍ରାବତୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ବାରମ୍ବାର ପ୍ରଶାସନ ପାଖରେ ଫେରାଦ ହେଇଥିଲେ ମଧ କୌଣସି ସୁଫଳ ପାଇ ନଥିଲା । ତେଣୁ ଆଜି ମଣ୍ଡିର ଉଦଘାଟନ ଥିବାବେଳେ ମଣ୍ଡି ଫାଟକରେ ଇନ୍ଦ୍ରାବତୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ତାଲା ପକାଇ ଫାଟକ ନିକଟରେ ଜଗି ବସିଥିଲେ ଓ କରାଇ ନଦେବା ପ୍ରତିବାଦ କରୁଥିଲେ । ସେହି ଫାଟକ ସମ୍ମୁଖ ରେ ଦୁଇ ଗୋଷ୍ଠୀଙ୍କ



ମଧ୍ୟରେ ବଚସା ହେଉଥିବା ଖବର ପାଇ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ପ୍ରଶାସନ ପକ୍ଷରୁ ତହସିଲଦାର ଓ ମାଲକାନଗିରି ପୋଲିସ ମଣ୍ଡି ନିକଟରେ ପହଁଚି ଥିଲେ । ମାଲକାନଗିରି ତହସିଲଦାର ଏବଂ ପୋଲିସ ବହୁ ବୁଝାସୁଝା କରିବା ସତ୍ତ୍ୱେ ଇନ୍ଦ୍ରାବତୀ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନେ ତାଲା ଖୋଲି ନଥିବାରୁ ତହସିଲଦାର ଟୁକୁନି ପୁଟା ଙ୍କ ନିର୍ଦ୍ଦେଶ କ୍ରମେ ପୋଲିସ ମୁଖ୍ୟ ଫାଟକରୁ ତାଲା ଭାଙ୍ଗିଥିଲା ଓ ଧାନମଣ୍ଡିର ଉଦଘାଟନ କରାଯିବା ସହ ମଣ୍ଡି ପରିଚାଳନା କୁ ସ୍ୱାଭାବିକ କରାଯାଇ ଥିଲା ।

# ହାତୀ ପଲଙ୍କ ଉତ୍ପାତ

ଢେଙ୍କାନାଳ (ଭାସ୍କର ନ୍ୟୁଜ): ଢେଙ୍କାନାଳ ବନଖଣ୍ଡ ଜିରାଳ ଫରେଷ୍ଟ ସେକ୍ସନ ଅନ୍ତର୍ଗତ କେଙ୍ଗଇଲ ଗାଁରେ ୧୭ ଟିକିଆ ହାତୀ ପଲଙ୍କ ଉତ୍ପାତ ଦେଖିବାକୁ ମିଳିଛି । ଜିରାଳ, ଗୁନେଇବିଲି, ବାଙ୍ଗୁଆଳ, ଜଗନ୍ନାଥପୁର, ପିମ୍ପଳା ଆଦି ଗାଁ ଗୁଡିକରେ ହାତୀ ଆତଙ୍କ ଲାଗି ରହିଛି । ଏହି ୧୭ ଟିକିଆ ହାତୀ ପଲ ଧାନ ଫସଲ ଉଜାଡ଼ିବା ସହ ମହୁଲପାଳ -ଜିରାଳ ଏବଂ ଜିରାଳ -ପଣ୍ଡୁଆ ପୂର୍ତ୍ତ ବିଭାଗ ରାସ୍ତାରେ ଯାତାୟାତ କରିବା ଯୋଗୁଁ ଜନ ଜୀବନ ଅସ୍ତବ୍ୟସ୍ତ ହୋଇପଡିଛି । ଚାଷୀ ଭାଇ ମାନେ ଚାଷ ଜମିକୁ ଯିବା ପାଇଁ ଭୟ କରିବା ସହ ବର୍ଷକର ଫସଲ ଉପଦ୍ରବକୁ ନେଇ ଆଶଙ୍କାରେ ରହିଛନ୍ତି । ଅଞ୍ଚଳରେ ହାତୀ ଆତଙ୍କକୁ ନେଇ ଅଂଚଳବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି । ତୁରନ୍ତ ବନ ବିଭାଗ ପକ୍ଷରୁ ପଦେକ୍ଷପ ନେବାକୁ ସାଧାରଣରେ ଦାବି ହୋଇଛି ।

# ଅଗ୍ନିକାଣ୍ଡରେ ଜଳିଗଲା ଘର

କଣିହାଁ (ଭାସ୍କର ନ୍ୟୁଜ): କଣିହାଁ ଥାନା କଣିହାଁ ଗ୍ରାମ ମନ୍ଦିର ନିକଟରେ ରହୁଥିବା ସୁରେଶ ପାତ୍ରଙ୍କ ଘରେ ଅଗ୍ନିକାଣ୍ଡ ଘଟି ୧ବଖରା ଚାଳଘର ପୋଡି ପାଉଁଶ ହୋଇଯିବା ସହ ୨ଛେଳି ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି । ମଙ୍ଗଳବାର ସଂଧ୍ୟାରେ ସୁରେଶ ପାତ୍ରଙ୍କ ଘରେ ଅଗ୍ନିକାଣ୍ଡ ଘଟିଥିଲା ଖବର ପାଇ କଣିହାଁ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା ।

# ବନ ସୁରକ୍ଷା କର୍ମଚାରୀଙ୍କୁ ମାଡ଼ ଅଭିଯୋଗ

ଟାଙ୍ଗୀ (ଭାସ୍କର ନ୍ୟୁଜ): ବନ ସୁରକ୍ଷା କର୍ମଚାରୀଙ୍କୁ କାଠ ଫାଳିଆରେ ମାଡ଼ ହୋଇଥିବା ଅଭିଯୋଗ ହୋଇଛି । ଟାଙ୍ଗୀ ବନ ବିଭାଗ ରେଞ୍ଜ ଇଲାକାର ରଣ୍ଡା ଜଙ୍ଗଲ ବିଟ୍- ହାଉସ ମଧ୍ୟରେ ମାଡ ଖାଇଛନ୍ତି ବନ ସୁରକ୍ଷା କର୍ମଚାରୀ । ଆକ୍ରମଣରେ ବନ ସୁରକ୍ଷା କର୍ମଚାରୀ ଭବାନୀ ପ୍ରସାଦ ପଟ୍ଟନାୟକଙ୍କ ମୁଣ୍ଡ ଓ ହାତରେ ଲାଗିଛି ଆଘାତ । କାଠ ମାଫିଆଙ୍କ ଟାର୍ଗେଟରେ ଥିଲେ ବନ ସୁରକ୍ଷା କର୍ମଚାରୀ ଭବାନୀ ପ୍ରସାଦ ପଟ୍ଟନାୟକ । ବନ ସୁରକ୍ଷା କର୍ମଚାରୀ ଭବାନୀ ପ୍ରସାଦ ପଟ୍ଟନାୟକ ରଣ୍ଡା ଜଙ୍ଗଲ ସୁରକ୍ଷା ଦାଇତ୍ୱ ତୁଲାଉଛନ୍ତି । କାଠ ଚୋର ମାନଙ୍କର ଜଙ୍ଗଲ ମଧ୍ୟରେ ବନ୍ୟଜନ୍ତୁ ଶିକାର ଓ କାଠ ଚୋରା କାର୍ଯ୍ୟରେ ପ୍ରତିବନ୍ଧକ ସାଜିଥିଲେ ବନ ସୁରକ୍ଷା କର୍ମଚାରୀ ଭବାନୀ ପ୍ରସାଦ ପଟ୍ଟନାୟକ । ତେଣୁ ସେ କାଠ ଚୋର ମାନଙ୍କର ଟାର୍ଗେଟରେ ଥିଲେ ବୋଲି ବନ ସୁରକ୍ଷା କର୍ମଚାରୀ ଭବାନୀ ପ୍ରସାଦ ପଟ୍ଟନାୟକ କହିଛନ୍ତି । ଆଜି ଅଫିସ ମଧ୍ୟରେ ଏକାକୀ ଥିବାର ସୁଯୋଗ ଦେଖି ଅତର୍କିତ ଭାବେ କାଠ ଚୋରାମାନେ ଆକ୍ରମଣ କରି ଫେରାର ହୋଇଯାଇଛନ୍ତି । ଏବେ ଆଇନର ଆଶ୍ରୟ ନେବେ ବୋଲି କହିଛନ୍ତି ବନ ସୁରକ୍ଷା କର୍ମଚାରୀ ଭବାନୀ ପ୍ରସାଦ ପଟ୍ଟନାୟକ । ଏନେଇ ଚାନ୍ଦପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ଆହତ ବନ ସୁରକ୍ଷା କର୍ମଚାରୀ । ତେବେ ଆକ୍ରମଣକାରୀଙ୍କୁ ଗିରଫ କରିବା ପାଇଁ ଚାନ୍ଦପୁର ପୋଲିସ ପକ୍ଷରୁ ଚଢ଼ାଉ କରାଯାଇଛି ।



ବେଲପାହାଡ଼ ( ଭାସ୍କର ନ୍ୟୁଜ ) : ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ଼ ଥାନା ଅନ୍ତର୍ଗତ ପିପିଲିମାଲ ରାସ୍ତାରେ ମଙ୍ଗଳବାର ଏକ ବ୍ୟାଟେରୀ ବୋଝେଇ ପିକଅପ୍ ଭ୍ୟାନ୍ ଭାରସାମ୍ୟ ହରାଇ ଓଲଟିପଡ଼ିବା ଫଳରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ଏହି ଦୁର୍ଘଟଣାରେ ପିକଅପ୍ ଭ୍ୟାନ୍ ଚାଳକ ସୁନ୍ଦରଗଡ଼ ହେମଗିର ଅଞ୍ଚଳର ଦିଲୀପ ଭୋଇ (୨୭) ଓ ତାଙ୍କ ସମ୍ପର୍କୀୟ ଭାଇ ଶାନ୍ତନୁ ଭୋଇ (୧୮) ସାମାନ୍ୟ ଆହତ ହୋଇଥିବା ଜଣାପଡ଼ିଛି। ସୂଚନାରୁ ପ୍ରକାଶ ଯେ, ମଙ୍ଗଳବାର ଅପରାହ୍ନରେ ବ୍ୟାଟେରୀ ବୋଝେଇ ଏକ ପିକଅପ୍ ଭ୍ୟାନ୍ (ଓଡି-୨୩କେ-୬୯୬୫) ବନ୍ଧବାହାଲ ପଟରୁ ସୁନ୍ଦରଗଡ଼ ହେମଗିର ଅଭିମୁଖେ ଯାଉଥିଲା। ଅପରାହ୍ନ ପ୍ରାୟ ସାଢ଼େ ୪ ଟା ମଧ୍ୟରେ ସେହି ପିକଅପ୍ ଭ୍ୟାନଟି ଭାରସାମ୍ୟ ହରାଇ ପିପିଲିମାଲ ରାସ୍ତାରେ ଓଲଟି ପଡ଼ିଥିଲା। ଯାହାଫଳରେ ଏଥିରେ ଆହତ ହୋଇଥିବା ପିକଅପ୍ ଭ୍ୟାନ୍ ଚାଳକ ଓ ତାଙ୍କ ସମ୍ପର୍କୀୟ ଭାଇଙ୍କୁ ଘଟଣା ସ୍ଥଳରୁ ପୁଲିସ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କରି ତୁରନ୍ତ ଡାକ୍ତରଖାନାରେ ଚିକିତ୍ସା କରିଛି। ତେବେ ସେମାନେ ଆହତ ହୋଇ ଅଳ୍ପକେ ବର୍ତ୍ତିଯାଇଥିଲେ। ଅନ୍ୟପଟରେ ପିକଅପ୍ ଭ୍ୟାନରେ ବୋଝେଇ ହୋଇଥିବା ଲକ୍ଷାଧିକ ମୂଲ୍ୟର ପ୍ରାୟ ୧୦ ରୁ ଅଧିକ ନୂଆଁ ବ୍ୟାଟେରୀ ରାସ୍ତାରେ ଖସିପଡ଼ି ସେଥିରୁ କେତେକ ଭାଙ୍ଗି ନଷ୍ଟ ହୋଇଯାଇଥିବା ଜଣାପଡ଼ିଛି। ପିକଅପ୍ ଭ୍ୟାନରେ ମାତ୍ରାଧିକ ଓଜନର ବ୍ୟାଟେରୀ ବୋଝେଇ ହୋଇଥିବାରୁ ଏଭଳି ସଡ଼କ ଦୁର୍ଘଟଣା ଘଟିଥିବା ଅନୁମାନ କରାଯାଉଛି। ଏନେଇ ବେଲପାହାଡ଼ ଥାନାରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରିରଖିବା ସହ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରିଛି।



# ୪୯୮ ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ

ଛତ୍ରପୁର, (ଭାସ୍କର ନ୍ୟୁଜ) : ଛତ୍ରପୁର ବ୍ଲକରେ ୧୮ତାରିଖ ଦିନ ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ବିଧାୟକ ଶ୍ରୀ ନାୟକ ବ୍ଲକର ବିଭିନ୍ନ ପଞ୍ଚାୟତର ମୋଟ ୪୯୮ ଜଣ ନୂତନ ହିତାଧିକାରୀଙ୍କୁ ବିଧବା, ବାର୍ଦ୍ଧକ୍ୟ, ଭିନ୍ନକ୍ଷମ ଓ ଅବିବାହିତଙ୍କୁ ମଧୁବାବୁ ଭତ୍ତା ବଣ୍ଟନ କରିଥିଲେ। ଛତ୍ରପୁର ବ୍ଲକ ଜାତୀୟ ସ୍ତରରେ ପ୍ରଥମ ହୋଇ ପୁରସ୍କୃତ ହୋଇଛି, ଏନେଇ ଛତ୍ରପୁର ବ୍ଲକ ଅଧକ୍ଷା, ଉପାଧକ୍ଷା, ସରପଞ୍ଚ, ସମିତିସଭ୍ୟ ଏବଂ ଶ୍ରେୟ ଦେଇ ଛତ୍ରପୁର ବିଧାୟକ ଏମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ, ଛତ୍ରପୁର ବ୍ଲକ ଅଧକ୍ଷା କରଣ କୁମାରୀ ଦାସ, ଉପାଧକ୍ଷା ଏସ. ସାରଦା ରେଡ୍ଡୀ ମଧ୍ୟ ବିଧାୟକଙ୍କ ସହ ଭତ୍ତା ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ବିଡ଼ିଓ ଜୟଶ୍ରୀ ପ୍ରଧାନ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଜଗନ୍ମୋହନ ସେନାପତି, ବ୍ଲକ ଫାଇନେସ ଅଧିକାରୀ ଗିରିଷ ଚନ୍ଦ୍ର ମହାରଣାଙ୍କ ସମେତ ସରପଞ୍ଚ, ସମିତିସଭ୍ୟ, ଯନ୍ତ୍ରୀ ଏବଂ ଅଧିକାରୀମାନେ ଉପସ୍ଥିତଥିଲେ।

# ଟ୍ରକ ହେଲ୍ପରଙ୍କ ଅକାଳ ବିୟୋଗ

ପରଜଙ୍ଗ, (ଭାସ୍କର ନ୍ୟୁଜ) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ କଲଦା ପଞ୍ଚାୟତ ଅଧିନସ୍ଥ କୁଣ୍ଡେଇଖୋଲ ଗ୍ରାମର ଜଣେ ଯୁବକଙ୍କ ଅକାଳ ବିୟୋଗ ହୋଇଥିବା ଜଣାପଡିଛି । ଖବର ମୁତାବକ ଉକ୍ତ ଗ୍ରାମର ଆର୍ତ୍ତତ୍ରାଣ ବେହେରାଙ୍କ ପୁଅ ବାବୁଲି ବେହେରା (୩୭) ଢେଙ୍କାନାଳ ଯୋରନ୍ଦା ଫାଣ୍ଡି ଅଞ୍ଚଳର ଏକ ଟ୍ରକରେ ହେଲପର ଭାବେ କାର୍ଯ୍ୟ କରୁଥିଲେ । ମଙ୍ଗଳବାର ଦିନ ଗାଡ଼ିରେ ବାବୁଲିଙ୍କୁ ଡ୍ରାଇଭର ଜଗାଇ ଦେଇ କୌଣସି ଏକ କାର୍ଯ୍ୟରେ ଯାଇ କାର୍ଯ୍ୟ ସାରି ଗାଡ଼ିକୁ ଫେରିଥିଲେ। ସେହି ସମୟରେ ହେଲପର ବାବୁଲି ଗାଡ଼ି ଭିତରେ ଅଚେତ ହୋଇ ପଡ଼ିଥିବା ଡ୍ରାଇଭର ଜଣକ ଦେଖିବାକୁ ପାଇଥିଲେ। ବାବୁଲି ନ ଉଠିବାରୁ ଫୋନ୍ ଦ୍ୱାରା ଡ୍ରାଇଭର ବାବୁଲିଙ୍କ ଘର ଲୋକଙ୍କୁ ଜଣାଇଥିଲେ। ଖବର ପାଇ ପରିବାର ଲୋକେ ସେଠାରେ ପହଞ୍ଚି ଆମ୍ବୁଲାନ୍ସ ଯୋଗେ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ ମଧ୍ୟ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେଠାରେ ଶବ ବ୍ୟବଚ୍ଛେଦ କରାଯାଇ ତାଙ୍କ ପରିବାରବର୍ଗଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଥିଲା। ବାବୁଲିଙ୍କର ଏପରି ଆକସ୍ମିକ ମୃତ୍ୟୁକୁ ନେଇ ତାଙ୍କ ପରିବାର ଲୋକେ ଯୋରନ୍ଦା ଫାଣ୍ଡିରେ ଏକ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି । ଏପରି ଦୁଃଖଦ ଖବର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବାବୁଲିଙ୍କର ବିଧବା ପତ୍ନୀଙ୍କ ସହିତ ତାଙ୍କର ୧୨ବର୍ଷର ମାନସିକ ବିକାରଗ୍ରସ୍ତ ଝିଅ ଓ ଗୋଟିଏ ଦେଢ଼ ବର୍ଷର ଝିଅ ରହିଥିବା ଖବର ମିଳିଛି। ଏହି ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଜିଲ୍ଲାସ୍ତରୀୟ 'ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦ୍‌ଘାଟିତ

କେନ୍ଦ୍ରାପଡ଼ା(ଭାସ୍କର ନ୍ୟୁଜ): କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପଡିଆଠାରେ ଆୟୋଜିତ 'ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା-୨୦୨୪'ର ଶୁଭ ଉଦଘାଟନ କରିଛନ୍ତି ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ। ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ସମ୍ମାନୀତ ଅତିଥିଭାବେ ଆଳି ବିଧାୟକ ପ୍ରତାପ କେଶରୀ ଦେବ, କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା, ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ, ମହାକାଳପଡା ବିଧାୟକ ଡ. ଦୁର୍ଗା ପ୍ରସନ୍ନ ନାୟକ, ଜିଲ୍ଲା ପରିଷଦ ସଭାପତି ସୁଶ୍ରୀ ଲିଳିତା ଦାସ, ସାଂସଦଙ୍କ ପ୍ରତିନିଧି ତଥା ଜିଲ୍ଲା ବିଜେପି ସଭାପତି କିଶୋର ପଣ୍ଡା ଓ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନୀଲୁ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଜିଲ୍ଲାପାଳ ଏହି ଜିଲ୍ଲାସ୍ତରୀୟ 'ମତ୍ସ୍ୟ ଓ ପ୍ରାଣି ସମ୍ପଦ ମେଳା-୨୦୨୪'ର ଆଭିମୁଖ୍ୟ ସମ୍ପର୍କରେ ମତବ୍ୟକ୍ତ କରିବା ସହ ନିମନ୍ତ୍ରିତ ଅତିଥି ଓ ଉପସ୍ଥିତ ଚାଷୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ପ୍ରାଣୀସଂପଦ ଓ ମତ୍ସ୍ୟ ଚାଷ ଅନେକଙ୍କୁ ଦେଇଛି ନୂଆ ପରିଚୟ। ସେମାନଙ୍କ ଜୀବନ ଜୀବିକାକୁ ସୁରକ୍ଷିତ କରିବା ସହ ସେମାନଙ୍କ ମୁହଁରେ ଫୁଟାଇଛି ହସ । ରାଜ୍ୟ ଅର୍ଥନୀତି ଓ ସାମାଜିକ ସଶକ୍ତିକରଣକୁ ଦୃଷ୍ଟିରେ ରଖି ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ବିଭାଗ ପକ୍ଷରୁ ଏହି ମେଳାର ଆୟୋଜନ କରାଯାଇଛି ବୋଲି ମୁଖ୍ୟ ଅତିଥି ମତବ୍ୟକ୍ତ କରିଥିଲେ। ଗୋପାଳନ ଓ ମଇଁଷି ପାଳନ ପାଇଁ ୬୦ରୁ ୭୦ ପ୍ରତିଶତ ରିହାତି ଦେବା ପାଇଁ ସରକାର ଘୋଷଣା କରିଛନ୍ତି । ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗୀ ଯୋଜନାର ହିତାଧିକାରୀମାନଙ୍କୁ ୫୦ ପ୍ରତିଶତ ରିହାତି ସହ ଓଡ଼ିଶା ବାହାରୁ କିଣୁଥିବା ଗାଈଙ୍କ ଦାମ ଉପରେ ୧୫ ପ୍ରତିଶତ ଅତିରିକ୍ତ ରିହାତି ଦିଆଯାଉଛି। ଉତ୍ସବରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ଦ୍ୱାରା ୨ଜଣ ମତ୍ସ୍ୟଚାଷୀ ଓ ୨ଜଣ ପ୍ରାଣୀ ପାଳକଙ୍କୁ ପୁରସ୍କୃତ କରାଯାଇଥିଲା।

# ଜିଲ୍ଲାସ୍ତରୀୟ ଯୁବ ଉତ୍ସବ




ଜଗତସିଂହପୁର, (ଭାସ୍କର ନ୍ୟୁଜ): ଜିଲ୍ଲା ପ୍ରଶାସନ ଏବଂ ନେହେରୁ ଯୁବକେନ୍ଦ୍ରର ମିଳିତ ଆନୁକୁଲ୍ୟରେ ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନଠାରେ ଜିଲ୍ଲାସ୍ତରୀୟ ଯୁବ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅପରାହ୍ନରେ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲ୍ଲା ପରିଷଦ ଅଧ୍ୟକ୍ଷ ମନୋଜକୁମାର ଭୋଇ ଯୁବପିଢୀଙ୍କୁ ଦେଶର ଆଗମୀ ଭବିଷ୍ୟତ ବୋଲି କହିଥିଲେ। ପାଠପଢ଼ା ବ୍ୟତୀତ ଅନ୍ୟାନ୍ୟ ବିଷୟରେ ମଧ ଉପଯୁକ୍ତ ଦକ୍ଷତା ହାସଲ କରିବା ଉଚିତ ଏବଂ ନିଜକୁ ଜଣେ ସୁନାଗରିକ ଭାବେ ଗଢ଼ିବାକୁ ଉଦ୍ୟମ କରିବା ଜରୁରୀ ବୋଲି ଭୋଇ କହିଥିଲେ। ସଭାରେ ଅଧକ୍ଷତା କରି ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବି ନାରାୟଣ ଜେଠୀ ସଫଳତାର କୌଣସି ସର୍ଟକଟ୍ ନାହିଁ ବରଂ ଏହାକୁ ପାଇବାକୁ ହେଲେ ଏଲିଭେଟର ବଦଳରେ ସିଡି ମାଧ୍ୟମରେ ଯିବା ପାଇଁ ଉଦ୍ୟମ କରିବା ଜରୁରୀ ବୋଲି କହିଥିଲେ। ସମ୍ମାନନୀୟ ଅତିଥି ଭାବେ ଜଗତସିଂହପୁର ପୌରପରିଷଦ ଅଧକ୍ଷା ଅର୍ଚ୍ଚନା ସିଂହ ଉପସ୍ଥିତ ଯୁବ ପ୍ରତିଭାଙ୍କୁ ଜୀବନରେ ସକାରାତ୍ମକ ଚିନ୍ତାଧାରା ସହ ଆଗକୁ ବଢ଼ିବା ନିମନ୍ତେ ପ୍ରେରଣାଦାୟୀ ଉପଦେଶ ଦେଇଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଏନଏସଏସର ସଂଯୋଜକ ଜିତୁ ପ୍ରସାଦ ମଲ୍ଲିକ ଓ ବିଜୟିନୀ ପଡ଼ିଆରୀ, ଶିକ୍ଷାବିତ ଉତ୍କଳ ରଞ୍ଜନ ମହାନ୍ତି ଉପସ୍ଥିତ ଥିଲେ। ସଂସ୍କୃତିଭବନ ପରିସର ଏବଂ ମ୍ୟୁନିସିପାଲଟି କଲ୍ୟାଣ ମଣ୍ଡପଠାରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଜ୍ଞାନ ମେଳା, ଲୋକ ନୃତ୍ୟ, ଲୋକ ଗୀତ, ଔପଚାରିକ ବକ୍ତୃତା, ଚିତ୍ରାଙ୍କନ, ଗଳ୍ପଲିଖନ, କବିତା ଲିଖନ ଇତ୍ୟାଦି ବିଭାଗଗୁଡ଼ିକରେ ପ୍ରତିଯୋଗିତା ସମ୍ପନ୍ନ ହୋଇଅଛି। ଏହି ଯୁବ ଉତ୍ସବରେ ଜିଲ୍ଲାର ୧୫ ରୁ ୨୯ ବର୍ଷୀୟ ଯୁବକ ଯୁବତୀମାନେ ଅଂଶଗ୍ରହଣ କରିଥିଲେ। ପୂର୍ବାହ୍ନରେ ନେହେରୁ ଯୁବକେନ୍ଦ୍ରର ଅଧିକାରୀ ନିଖିଲ କୋକୁଲ୍ଲାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ସମ୍ପିତ କୁମାର ରାଉତ ବିଜ୍ଞାନମେଳା ଓ ଯୁବ ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ରାଉତ ଯୁବପିଢୀଙ୍କୁ ନିଜର କର୍ମ ମାଧ୍ୟମରେ ନିଜର ପରିଚୟ ସୃଷ୍ଟି ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟ ସମ୍ମାନିତ ଅତିଥି ଭାବେ ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ଜିଲ୍ଲା କ୍ରୀଡା ଅଧିକାରୀ ବିଶ୍ୱ ବାଜୟିନୀ ପଟ୍ଟନାୟକ, ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ କୁମାର ଜେନା, ନିର୍ବାହୀ ଅଧିକାରୀ, ପୌର ପରିଷଦ ସୀମା ଜେନା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି, ଜବାହର ନବୋଦୟ ବିଦ୍ୟାଳୟ ଅଧ୍ୟକ୍ଷ କୃଷ୍ଣ ବେହେରା, କେନ୍ଦ୍ରୀୟ ବିଦ୍ୟାଳୟ ଅଧ୍ୟକ୍ଷ ରବି ବଛେଟି, ବିଶିଷ୍ଟ ଶିକ୍ଷାବିତ୍ ମହେନ୍ଦ୍ର ଆଚାର୍ଯ୍ୟ ଅନ୍ୟମାନେ ଉପସ୍ଥିତ ରହି ଯୁବ ପ୍ରତିଭାଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀ ମାନଙ୍କୁ ଉଦଯାପନୀ ସନ୍ଧ୍ୟାରେ ପୁରସ୍କାର ସହିତ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ୬ଜଣ ଏକକ ପ୍ରତିଯୋଗୀ ଓ ୨ଟି ସାଂସ୍କୃତିକ ଦଳ ଜିଲ୍ଲାରୁ ମନୋନୀତ ହୋଇ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ବିଶିଷ୍ଟ ଶିକ୍ଷାବିତ୍ ଗୋପାଳକୃଷ୍ଣ ମିଶ୍ର ଓ ସୁଭାଷ ଚନ୍ଦ୍ର ରାଉତ ଉତ୍ସବ ପରିଚାଳନା କରିଥିଲେ। ସଂସ୍କୃତି ଅଧିକାରୀ ଦିଲ୍ଲୀପ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ଗୋନାସିକା ମହୋତ୍ସବ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର/କେନ୍ଦୁଝର (ଭାସ୍କର ନ୍ୟୁଜ): ଗୋନାସିକା ମହୋତ୍ସବ ହେଉଛି ଆମ କଳା, ସଂସ୍କୃତି, ପରମ୍ପରା ଓ ମାନବବାଦର ଏକ ଅପୂର୍ବ ସଂଗମ। ଗୋନାସିକା ପର୍ବତମାଳା ଓ ବୈତରଣୀ ନଦୀ ଏ ମାଟିକୁ ପବିତ୍ର କରିଛି। ଗୋନାସିକା ମହୋତ୍ସବ ଆମ ସମୃଦ୍ଧ ସଂସ୍କୃତିର ପ୍ରକୃତ ନିଦର୍ଶନ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ସଂଧ୍ୟାରେ କେନ୍ଦୁଝର ଠାରେ ଗୋନାସିକା ମହୋତ୍ସବ ଉଦ୍‌?ଘାଟନ କରିବା ଅବସରରେ କହିଛନ୍ତି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆମ ଦେଶର ସଂସ୍କୃତି ଓ ପରମ୍ପରା ଅନନ୍ୟ। ଏହାକୁ ବଞ୍ଚାଇ ରଖିବା ଆମ ସମସ୍ତଙ୍କର ନୈତିକ ଦାୟିତ୍ୱ। ଆଗାମୀ ଜାନୁଆରୀ ମାସରେ ଓଡିଶାରେ ପ୍ରବାସୀ ଭାରତୀୟ ଦିବସ ଅନୁଷ୍ଠିତ ହେବ। ସାରା ବିଶ୍ୱରୁ ହଜାର ହଜାର ପ୍ରବାସୀ ଭାରତୀୟ ଏଥିରେ ଯୋଗ ଦେବେ। ଏହି ଅବସରରେ ଆମ ରାଜ୍ୟର ଲୋକକଳା, ସଂସ୍କୃତି ଓ ପରମ୍ପରା ବିଶ୍ୱ ବିଦିତ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେ କହିଥିଲେ ଯେ ଗୋନାସିକା ମହୋତ୍ସବ ଯେବେଠାରୁ ଆରମ୍ଭ ହୋଲାଣି, ମୁଁ ଏହାର ଅଂଶବିଶେଷ ଭାବେ ରହିଆସିଛି। ପଦପଦବୀ ଆସିବ ଯିବ। କେନ୍ଦୁଝରର ଜଣେ ସାଧାରଣବାସୀ ଭାବେ ମୁଁ ଏହି ମହୋତ୍ସବରେ ଯୋଡି ହୋଇ ରହିଛି ଓ ରହିବି। କେନ୍ଦୁଝରର ସଂସ୍କୃତି, ଏଠାକାର ଆଦିବାସୀ ସଂସ୍କୃତି ବିନା କଳ୍ପନା କରିବା ଅସମ୍ଭବ। ଜିଲ୍ଲାର ୪୫ ପ୍ରତିଶତରୁ ଅଧିକ ଅଧିବାସୀ ହେଉଛନ୍ତି ଆଦିବାସୀ ସଂପ୍ରଦାୟର। ଜୁଆଙ୍ଗ, କୋଲହ, ଭୂୟାଁ, ସାନ୍ତାଳ, ଗୋଣ୍ଡୋ, ବାଥୁଡି, ଲୋଧା, ଭୂମିଜ ଇତ୍ୟାଦି ସଂପ୍ରଦାୟ ଜିଲ୍ଲାକୁ ସମୃଦ୍ଧ କରିଛନ୍ତି । ଏହି ମାଟିର ପରମ୍ପରା ଅନନ୍ୟ। କେନ୍ଦୁଝରର ଇଷ୍ଟଦେବୀ ଘଟଗାଁ ମା ତାରିଣୀଙ୍କ କରୁଣାରୁ ସମସ୍ତଙ୍କ ଦୁଃଖକଷ୍ଟ ଓ ବିପଦ ତାରଣ ହେଉଛି । ଏହି ମହୋତ୍ସବ ମାଧ୍ୟମରେ କେନ୍ଦୁଝର ମାଟିର କଥା, ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ ଜାଣିବାର ଅବସର ଆସିଛି ଏବଂ ଲୋପ ପାଇଯାଉଥିବା କଳା ଓ ସଂସ୍କୃତିକୁ ଉଜ୍ଜିବୀତ କରିବାର ଅବସର ଆଣିଛି। ସେ ପୁଣି କହିଥିଲେ ଯେ କେନ୍ଦୁଝରର ଗମନାଗମନ ବ୍ୟବସ୍ଥାକୁ ଆହୁରି ସୁଗମ କରିବା ପାଇଁ ବାଦାମପାହାଡରୁ କେନ୍ଦୁଝର ପର୍ଯ୍ୟନ୍ତ ନୂଆ ଟ୍ରେନ ଚାଲିବ ଏବଂ ବଡବିଲ୍‌ରୁ ଚଣ୍ଡିଖୋଲ ପର୍ଯ୍ୟନ୍ତ ରାସ୍ତାକୁ ପ୍ରଶସ୍ତିକରଣ କରାଯାଇ ୬-ଲେନ୍ ବିଶିଷ୍ଟ କରାଯିବ। ଏହାଦ୍ୱାରା ଗମନାଗମନ ସୁଗମ ହେବା ସହିତ ପର୍ଯ୍ୟଟନ ଓ ଶିଳ୍ପାୟନ ପାଇଁ ବିରାଟ ପଥ ଉନ୍ମୁକ୍ତ ହେବ । କେନ୍ଦୁଝରର ଖଣିଜ ସଂପଦର ସଦୁପୋଯୋଗ ପାଇଁ ଆଗାମୀ ଦିନରେ କେନ୍ଦୁଝରରେ ଏକ ମେଗା ଷ୍ଟିଲ ପ୍ଲାଣ୍ଟ ସ୍ଥାପନ କରାଯିବ। ଜିଲ୍ଲାର ହଜାର ହଜାର ଯୁବଗୋଷ୍ଠୀ ଏହା ମାଧ୍ୟମରେ ନିଯୁକ୍ତି ପାଇବେ। ସେ ପୁଣି କହିଥିଲେ ଯେ ଆଗାମୀ ଜାନୁଆରୀ ମାସରେ ଭୁବନେଶ୍ୱରରେ ଆୟୋଜିତ ହେବ ଉତ୍କର୍ଷ ଓଡିଶା । ଏଥିରେ ରେକର୍ଡ ସଂଖ୍ୟକ ଶିଳ୍ପାନୁଷ୍ଠାନ ଅଂଶଗ୍ରହଣ କରିବେ। ଏହା ମାଧ୍ୟମରେ ରାଜ୍ୟର ଲକ୍ଷ ଲକ୍ଷ ଯୁବବର୍ଗ ରୋଜଗାର ପାଇବେ। ଉପସ୍ଥିତ କେନ୍ଦୁଝରବାସୀଙ୍କୁ ଉଦ୍‌?ବୋଧନ ଦେଇ ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ ମହିଳା ଓ କୃଷକଙ୍କ ସଶକ୍ତିକରଣ ପ୍ରତି ଆମ ସରକାର ପ୍ରାଧାନ୍ୟ ଦେଉଛନ୍ତି। ରାଜ୍ୟରେ ସୁଭଦ୍ରା ଯୋଜନାରେ ଏବେ ୮୦ ଲକ୍ଷରୁ ଅଧିକ ମହିଳା ଉପକୃତ ହେଉଛନ୍ତି । ଆଗାମୀ ଦିନରେ ୧ କୋଟିରୁ ଅଧିକ ମହିଳା ଏଥିରେ ସାମିଲ ହୋଇ ସଶକ୍ତ ହେବେ। ସେହିଭଳି ଆମ ସରକାରଙ୍କ ଆଉ ଏକ ଯୁଗାନ୍ତକାରୀ ପଦକ୍ଷେପ ହେଉଛି ଧାନ ବିକ୍ରୀ ବାବଦକୁ କ୍ୱିଣ୍ଟାଲ ପିଛା ୮୦୦ ଟଙ୍କା ଇନ୍‌ପୁଟ ସହାୟତା ପ୍ରଦାନ। ଏଥିରେ ରାଜ୍ୟର ୧୭ ଲକ୍ଷ ଚାଷୀ ଉପକୃତ ହେବେ। ବିପ୍ଳବୀ ଧରଣୀଧର ନାୟକଙ୍କ ନେତୃତ୍ୱରେ ଏ ମାଟିରେ ଯେଉଁ ପ୍ରଜାମୁକ୍ତି ଆନ୍ଦୋଳନ ତେଜିଆନ ହୋଇଥିଲା, ତାହା କେବଳ ଓଡିଶାରେ ନୁହେଁ, ବରଂ ଭାରତବର୍ଷର ଗଡଜାତ ଇତିହାସରେ ରାଜତନ୍ତ୍ର ବିଲୋପ ସାଧନ ଦିଗରେ ସର୍ବପ୍ରଥମ ପ୍ରଜା ଆନ୍ଦୋଳନ । ଉଦ୍‌ଘାଟନୀ ସମାରୋହକୁ ଜିଲାପାଳ ବିଶାଲ ସିଂହ ଅଧ୍ୟକ୍ଷତା କରି ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଜଙ୍ଗଲ, ପରିବେଶ, ଜଳବାୟୁ ପରିବର୍ତ୍ତନ ଓ ଶ୍ରମ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ, ଘସିପୁରା ବିଧାୟକ ବଦ୍ରି ନାରାୟଣ ପାତ୍ର, ତେଲକୋଇ ବିଧାୟକ ଡାକ୍ତର ଫକୀର ମୋହନ ନାୟକ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାୟକ, ଚମ୍ପୁଆ ବିଧାୟକ ସନାତନ ମହାକୁଡ, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ଜିଲାପରିଷଦ ସଭାପତି ସାଗରିକା ସାହୁ, ଆରକ୍ଷୀ ଅଧିକ୍ଷକ ନିତିନ କୁଶଲକର, କେନ୍ଦୁଝର ବନଖଣ୍ଡ ଅଧିକାରୀ ଧନରାଜ ଏଚ.ଡି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ୫ ଦିନବ୍ୟାପୀ ଏହି ମହୋତ୍ସବର ସଫଳତା କାମନା କରିଥିଲେ ।

# ଉପଭୋକ୍ତା-ବିକ୍ରେତା ସମାବେଶ ଅନୁଷ୍ଠିତ

କଟକ(ଭାସ୍କର ନ୍ୟୁଜ୍): ଗ୍ରାମୀଣ ଉପଭୋକ୍ତ ଓ ବିକ୍ରେତାଙ୍କ ମଧ୍ୟରେ ସିଧାସଳଖ ଯୋଗାଯୋଗ ସ୍ଥାପନ କରିବା ଆଭିମୁଖ୍ୟ ନେଇ ବୁଧବାର ସ୍ଥାନୀୟ ନୌବାଣିଜ୍ୟ ସଂଗ୍ରହାଳୟଠାରେ ଉପଭୋକ୍ତା-ବିକ୍ରେତା ସମାବେଶ-୨୯୨୪ ଅନୁଷ୍ଠିତ ହୋଇଯାଇଛି । ଗ୍ରାମାଞ୍ଚଳର ଉତ୍ପାଦକ ଗୋଷ୍ଠୀ କିପରି ସେମାନଙ୍କର ଉତ୍ପାଦର ବିକାଶ, ଏହାର ବିବିଧକରଣ ତଥା ଖୁଚୁରା ବିକ୍ରୟ ବ୍ୟବସ୍ଥାରେ ବ୍ରାଣ୍ଡର ଉନ୍ନତିକରଣ କରିପାରିବେ ସେ ସଂପର୍କରେ ସମାବେଶରେ ବିଶେଷ ଗୁରୁତ୍ୱ ପ୍ରଦାନ କରାଯାଇଥିଲା । ଜିଲ୍ଲାପାଳ ଦତାତ୍ରୟ ଭାଉସାହେବ ସିନ୍ଦେ ସମାବେଶକୁ ଉଦଘାଟନ କରି ବିଭିନ୍ନ ସରକାରୀ ତଥା ବେସରକାରୀ କାର୍ଯ୍ୟକ୍ରମଗୁଡ଼ିକରେ କାରିଗରମାନଙ୍କର ହାତ ତିଆରି ଉତ୍ପାଦ ଗୁଡ଼ିକୁ ଅଧିକରୁ ଅଧିକ ଉପଯୋଗ କରିବା ନିମନ୍ତେ ଆହ୍ୱାନ ଦେଇଥିଲେ । ଏହା ବ୍ୟତୀତ ବ୍ରାଣ୍ଡିଂ ଓ ପ୍ୟାକେଜିଂ ଭଳି ଦିଗଗୁଡ଼ିକୁ ଗୁରୁତ୍ୱ ଦେଇ ନିଜ ନିଜର ଉତ୍ପାଦକୁ ଅଧିକ ଆକର୍ଷଣୀୟ ତଥା ବଜାର ଅନୁକୂଳ କରାଇନେବାକୁ ଜିଲ୍ଲାପାଳ ଉତ୍ପାଦକ ଗୋଷ୍ଠୀମାନଙ୍କୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ଉନ୍ନତମାନର ହସ୍ତତନ୍ତ୍ର ଶାଢ଼ି ପ୍ୟାକେଜିଂ ବକ୍ସର ଉନ୍ମୋଚନ କରାଯାଇଥିଲା । ଏହି ପ୍ୟାକେଜିଂ ବକ୍ସ ଉପରେ ଥିବା କ୍ୟୁଆର୍ କୋଡ଼କୁ ମୋବାଇଲରେ ସ୍କାନ ଦେଲେ ଏହି ଶାଢ଼ି କେଉଁଠାରେ ତିଆରି ହୋଇଛି, ଏହାର କାରିଗର କିଏ ସେସବୁ ସମ୍ପର୍କରେ ସବିଶେଷ ତଥ୍ୟ ମିଳିପାରିବ । ଏଥିସହ କଟକ ଜିଲ୍ଲାର ବିଭିନ୍ନ ହସ୍ତତନ୍ତ ଉତ୍ପାଦିତ ସାମଗ୍ରୀ ଓ ତତ ସମ୍ବନ୍ଧୀୟ ବିବରଣୀ ପୁସ୍ତିକା ମଧ ଉନ୍ମୋଚନ କରାଯାଇଥିଲା । ଉପଭୋକ୍ତ, ବିକ୍ରେତା ସମାବେଶ ଅବସରରେ ମେସରସ ଆରଜିବି ଆଗ୍ରୋଟେକ ଲିମିଟେଡ଼, ମେସରସ ପ୍ରିମିୟର ଇରିଗେସନ ଆଗ୍ରୋଟେକ ପ୍ରାଇଭେଟ ଲିମିଟେଡ଼ ସହ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା । ମୁଖ୍ୟ ଉନ୍ନୟନ ଅଧିକାରୀ ସୁବାସ ଚନ୍ଦ୍ର ରାୟ, ଓରମାସର ଯୁଗ୍ମ ନିର୍ବାହୀ ଅଧିକାରୀ ବିପିନ ବିହାରୀ ରାଉତ, ଉତ୍ପାଦନ କୃଷି ବିଭାଗର ଉପ ନିର୍ଦ୍ଦେଶକ ସାନ୍ଧୁଲ ରାମାରାଓ, ଜୟ ଭାରତ ସ୍ୱାଇସେସର ଚେୟାରମ୍ୟାନ ସୁରେନ୍ଦ୍ର ନାଥ ପଣ୍ଡାଙ୍କ ସମେତ କଟକ ଜିଲ୍ଲାର ଉତ୍ପାଦକ ଗୋଷ୍ଠୀର ସଦସ୍ୟମାନେ ଉପସ୍ଥିତ ଥିଲେ ।

# ଅଯୋଧ୍ୟାପୁରରେ ସ୍ୱର୍ଗତ ରାମକୃଷ୍ଣଙ୍କ ସ୍ମୃତିସଭା



ରଘୁନାଥପୁର, (ଭାସ୍କରନ୍ୟୁଜ) : ରଘୁନାଥପୁର ବ୍ଲକ ଅଯୋଧ୍ୟାପୁର ଗ୍ରାମରେ ଥିବା ଦରଘା ଠାକୁରଙ୍କ ପୀଠରେ ପୂର୍ବତନ ସରପଞ୍ଚ ତଥା ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ସ୍ୱର୍ଗତ ରାମକୃଷ୍ଣ ପଣ୍ଡା(ଶୁକନନା)ଙ୍କ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା କଂଗ୍ରେସ କମିଟି ଉପ ସଭାପତି ସର୍ବେଶ୍ୱର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପୂର୍ବତନ ଜିଲ୍ଲାପରିଷଦ ସଭାପତି ନଟବର ବାରିକ ପ୍ରଦୀପ ପ୍ରଜ୍ୱଳନ କରି ସଭାକୁ ଉଦଘାଟନ କରି ରାମକୃଷ୍ଣ ପଣ୍ଡା ଜଣେ ଦୂରଦୃଷ୍ଟି ସମ୍ପନ୍ନ ଜନପ୍ରିୟ ନେତା ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ଏଥିରେ କଂଗ୍ରେସ ନେତା ହିମାଂଶୁ ମଲ୍ଲିକ ଯୋଗଦେଇ ଶୁକନନା ସମାଜର ଜଣେ ଗଠନଶୀଳ ବ୍ୟକ୍ତିତ୍ୱ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଜଗତସିଂହପୁରର ପୂର୍ବତନ ନଗରପାଳ ବିପ୍ଳବ ଚୌଧୁରୀ, ବ୍ଲକ କଂଗ୍ରେସ ଉପସଭାପତି ଆର୍ତ୍ତତ୍ରାଣ ପଣ୍ଡା, ସ୍ଥାନୀୟ ସରପଞ୍ଚ ଚନ୍ଦ୍ରକାନ୍ତ ପଣ୍ଡା, ଗୋପାଳ ଚନ୍ଦ୍ର ପଣ୍ଡା, ଚନ୍ଦ୍ରମଣି ରାଉତ, ବୃନ୍ଦାବନ ବେହେରା, ପ୍ରମୁଖ ଉପସ୍ଥିତ ରହି ଶୁକନନା ଓରଫ ରାମକୃଷ୍ଣ ପଣ୍ଡାଙ୍କ ସ୍ମୃତି ଚାରଣ କରିଥିଲେ। ସର୍ବଶେଷରେ ତାଙ୍କର ପୁତ୍ର କାଶୀନାଥ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ସମ୍ପଦ ସ୍ୱାଇଁଙ୍କୁ ଭେଟିଲେ ଟ୍ରଷ୍ଟ ବୋର୍ଡ ସଦସ୍ୟ

କୁଜଙ୍ଗ (ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଅନ୍ତର୍ଗତ ମହ୍ଲାସାହି ପଞ୍ଚାୟତର ଶ୍ରୀଜଗନ୍ନାଥ ବଡ଼ ମଠର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ମଠର ପରିଚାଳନା ଟ୍ରଷ୍ଟ ବୋର୍ଡ ତରଫରୁ ଟ୍ରଷ୍ଟ ବୋର୍ଡ ସଦସ୍ୟ ମାନେ ଓଡିଶାର ମାନ୍ୟବର ଶିକ୍ଷମନ୍ତ୍ରୀ ସମ୍ପଦଚନ୍ଦ୍ର ସ୍ୱାଇଁଙ୍କୁ ତାଙ୍କ ଭୁବନେଶ୍ୱରସ୍ଥିତ ବିଧାନସଭା କାର୍ଯ୍ୟାଳୟରେ ଭେଟି ଅନୁରୋଧ କରିଛନ୍ତି। ମ୍ୟାନେଜିଙ୍ଗ ଟ୍ରଷ୍ଟି ବଲ୍ଲବ ଚରଣ ପାଣି, ବିଶ୍ୱନାଥ ପାଣି, ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ଼ ଅରୁଣ କୁମାର ପାଣି, ସ୍ଥାନୀୟ ସରପଞ୍ଚ ଧ୍ରୁବ ଚରଣ ନାୟକ, କେଶବ ଚନ୍ଦ୍ର ବେହେରା ଓ ଯୁବ ସମାଜସେବୀ ଭଞ୍ଜ କିଶୋର ସୁତାର ପ୍ରମୁଖ ଭେଟି ଶ୍ରୀଜଗନ୍ନାଥ ମଠର ଉନ୍ନତି ଓ ପୁନଃ ଉଦ୍ଧାର ପାଇଁ ପ୍ରିୟ ମନ୍ତ୍ରୀଙ୍କୁ ନିବେଦନ କରିଥିଲେ । ମନ୍ତ୍ରୀ ଶ୍ରୀସ୍ୱାଇଁ ମଧ ପଦକ୍ଷେପ ନେବା ପାଇଁ ପ୍ରତିଶୃତି ପ୍ରଦାନ କରିଛନ୍ତି ।

# ବିଜ୍ଞାନ ମହାବିଦ୍ୟାଳୟର ଶୈକ୍ଷିକ ସୌଧ ଉନ୍ମୋଚିତ

ଆସିକା (ଭାସ୍କର ନ୍ୟୁଜ): ଆସିକା ବିଜ୍ଞାନ ମହାବିଦ୍ୟାଳୟର ଅଧକ୍ଷ ଡ. ଜୀବାନନ୍ଦ ତ୍ରିପାଠୀଙ୍କ ପୌରହିତ୍ୟରେ ଏବଂ ଆସିକା ବିଧାୟକ ସରୋଜ କୁମାର ପାଢ଼ୀଙ୍କ କର କମଳରେ ଓଏଚଇପିଇର ଅନୁଦାନରେ ନିର୍ମାଣାଧିନ ତିନିମହଲା ବିଶିଷ୍ଟ ଶୈକ୍ଷିକ ସୌଧ ଆନୁଷ୍ଠାନିକ ରୂପେ ଉନ୍ମୋଚିତ ହୋଇଯାଇଛି। ସ୍ମାର୍ଟ କ୍ଲାସ୍ ଏବଂ ପ୍ରୟୋଗଶାଳା ପାଇଁ ମଧ ଏହି ସୌଦ୍ଧରେ ସିସି କ୍ୟାମେରା ଏବଂ ୱାଇଫାଇ ସହ ଉନ୍ନତମାନର ସରଞ୍ଜାମ ଖଞ୍ଜା ଯିବାର ବ୍ୟବସ୍ଥା ପରିଲକ୍ଷିତ ହୋଇଛି। ସଂମ୍ପ୍ରତି ଅଧକ୍ଷ ଏବଂ ଆସିକା ବିଧାୟକଙ୍କ ଅକ୍ଲାନ୍ତ ପ୍ରଚେଷ୍ଟାରେ ଏହି ଭବ୍ୟ ପଦକ୍ଷେପ ଓ ସୌଦ୍ଧ ଉନ୍ମୋଚନ ଦ୍ୱାରା ଅଞ୍ଚଳର ବୁଦ୍ଧିଜୀବୀ ଏବଂ ଛାତ୍ରଛାତ୍ରୀଙ୍କ ଅଭିଭାବକ ମହଲରେ ହର୍ଷଉଲ୍ଲାସର ଲହରୀ ଖେଳିଯାଇଛି।

# ମା' ତାରିଣୀ ୱାକର୍ସ କ୍ଲବ୍‌ର ତ୍ରୟୋଦଶ ବାର୍ଷିକ ଉତ୍ସବ




କେନ୍ଦୁଝର, (ଭାସ୍କର ନ୍ୟୁଜ୍) : କେନ୍ଦୁଝର ସଦର ମହକୁମାଠାରେ ଥିବା ମା' ତାରିଣୀ ୱାକର୍ସ କ୍ଲବର ତ୍ରୟୋଦଶ ବାର୍ଷିକ ଉତ୍ସବ ବଶିଆପାଟ ସ୍ଥିତ କ୍ଲବ୍ ପରିସରରେ ବୁଧବାର ଦିନ ପାଳିତ ହୋଇଯାଇଛି। କ୍ଲବ୍‌ର ସଭାପତି ତଥା ଅବସରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ପି.ସି. ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବାର୍ଷିକ ଉତ୍ସବରେ ୱାକର୍ସ ଇଣ୍ଟରନ୍ୟାସନାଲ-୧୦୪ ର ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ମୁକ୍ତିକାନ୍ତ ଅଗସ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦୁଝର ମା' ତାରିଣୀ ୱାକର୍ସ କ୍ଲବ୍ ଏକ ପୁରୁଣା ୱାକର୍ସ କ୍ଲବ ଭାବରେ ରାଜ୍ୟରେ ସୁନାମ ରହିଥିବା ସହ ବର୍ଷସାରା ବିଭିନ୍ନ ସେବାମୂଳକ କାର୍ଯ୍ୟ କରି ଲୋକଙ୍କ ନିକଟତର ହୋଇପାରିଛି ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ସମ୍ମାନୀତ ଅତିଥି ଭାବରେ ଡିଷ୍ଟ୍ରିକ୍ଟ କ୍ୟାବିନେଟ ସେକ୍ରେଟାରୀ ନୀରଦ ବରଣ ଖୁଣ୍ଟିଆ ନିଜ ବକ୍ତବ୍ୟରେ ଚାଲିବା ଭଗବାନଙ୍କ ଅବଦାନ ଓ କେବଳ ଯେ ମଣିଷ ଶାରିରୀକ ସୁସ୍ଥ ରହିବା ପାଇଁ ଚାଲିଥାଏ ତା'ନୁହେଁ ବରଂ ମାନସିକ ଓ ବୌଦ୍ଧିକ ସ୍ତରରେ ଫିଟ୍ ରହିବା ଉଦ୍ଦେଶ୍ୟରେ ପ୍ରାତଃ ଭ୍ରମଣ ଯୁଗୋପଯୋଗୀ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବରେ ଅବସରପ୍ରାପ୍ତ ଅଧାପକ ଡଃ ଚିତରଞ୍ଜନ ମିଶ୍ର ନିଜ ବକ୍ତବ୍ୟରେ ଏହି ଅନୁଷ୍ଠାନର ମହନୀୟତା ସମ୍ପର୍କରେ ପ୍ରକାଶ କରି ଏହା ସମାଜକୁ ଏକ ସୁସ୍ଥ ସମାଜ ଗଠନ ପାଇଁ ପ୍ରେରଣା ଦେଇପାରୁଛି ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ଡାକ୍ତର ସଞ୍ଜୀବ କୁମାର ଓତା ଓ ଦେବାଶିଷ ବେହେରାଙ୍କୁ ଉଲ୍ଲେଖନୀୟ ସେବା ପାଇଁ ଉତ୍ତରୀୟ, ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ନୂତନ ସଦସ୍ୟ ଭାବେ ସଞ୍ଜୀବ କୁମାର ପଣ୍ଡା ଓ ରାକେଶ କୁମାର ଦ୍ୱିବେଦୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ କ୍ଲବର ସାଧାରଣ ସମ୍ପାଦକ ଅଧାପକ ବିଦ୍ୟାଧର ଚୌଧୁରୀ ବିବରଣୀ ପାଠ କରିଥିବାବେଳେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର କଳାକାରମାନେ ବନ୍ଦେ ଉତ୍କଳ ଜନନୀ ପରିବେଷଣ କରିଥିଲେ। କ୍ଲବ୍‌ର ଉପସଭାପତି ପ୍ରଶାନ୍ତ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ସାମ୍ବାଦିକ ଦେବାଶିଷ ମିଶ୍ର ସଂଯୋଜନା କରିଥିବାବେଳେ ବରିଷ୍ଠ ସଦସ୍ୟ ଡକ୍ଟର ବନବିହାରୀ ମିଶ୍ର, ଜିତେନ୍ଦ୍ର କୁମାର ଦାସ, ରାମଚନ୍ଦ୍ର ତ୍ରିପାଠୀ, ଜନ୍ମେଜୟ ଦାସ, ସୁଶୀଲ କୁମାର ସାହୁ, ଛବିନ୍ଦ୍ର କୁମାର ସାହୁ, ଭାଗିରଥି ସାହୁ ଓ ଶରତ ଚନ୍ଦ୍ର ଜେନା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ୨୪ଜଣଙ୍କୁ ମିଳିଲା ପିପିଏଲ୍ ଓଡ଼ିଆ ୟୁଥ୍ ଲିଡ଼ରସିପ୍ ଆୱାର୍ଡ଼



ଭୁବନେଶ୍ୱର (ଭାସ୍କର ନ୍ୟୁଜ): ପିପିଏଲ୍ ଓଡ଼ିଆ ତରଫରୁ ୟୁଥ୍ ଲିଡ଼ରସିପ୍ ଆୱାର୍ଡ୍ ୨୦୨୪ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବାରବାଟି କଟକ ବିଧାୟିକା ସୋଫିଆ ଫିରଦୋସ୍ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ନାରୀନେତ୍ରୀ ଶ୍ରୀମୟୀ ମିଶ୍ର, ଯୁବ ସମାଜସେବୀ ପ୍ରହଲ୍ଲାଦ ପଲାଇ, ଡାକ୍ତର ସୁଜାତା କର, ବିଶିଷ୍ଟ ଅଭିନେତ୍ରୀ ତଥା ଓଡ଼ିଶୀ ନୃତ୍ୟଶିଳ୍ପୀ ପ୍ରତିଭା ପଣ୍ଡା, ହାସ୍ୟାଭିନେତା ହରିହର ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସମାଜପାଇଁ ଅତୁଳନୀୟ ଅବଦାନ ପାଇଁ ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବିଡିଓ କ୍ଷୀରୋଦ ଚନ୍ଦ୍ର ସାହୁ, କ୍ରୀଡ଼ା କ୍ଷେତ୍ର ପାଇଁ ଅଲିମ୍ପିଆନ୍ ଶ୍ରାବଣୀ ନନ୍ଦ, ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ମଣିପାଲ ହସ୍ପିଟାଲ ଭୁବନେଶ୍ୱରର ଅପରେସନ ହେଡ୍ ରାଜଶ୍ରୀ ଉପାଧ୍ୟାୟ, ଶିକ୍ଷା କ୍ଷେତ୍ରରେ ଯଶୋବନ୍ତ ସିଂଲାଲ୍, ମହିଳା ଉଦ୍ୟୋଗୀ ମୃଣାଳ ମଧୁଛନ୍ଦା, ସିନେମା କ୍ଷେତ୍ର ପାଇଁ ଲୋକପ୍ରିୟ ଅଭିନେତ୍ରୀ ଭୂମିକା ଦାଶ ଓ କଣ୍ଠଶିଳ୍ପୀ ପ୍ରଜ୍ଞା ହୋତା, ହାସ୍ୟାଭିନେତା ଟୁକୁନା ଷ୍ଟାଇଲିସ୍, ସାମ୍ବାଦିକତା କ୍ଷେତ୍ର ପାଇଁ ନ୍ୟୁଜ ୭ର ସାମ୍ବାଦିକା ଅନିତା ଦାସ, ଯୁବ ଉଦ୍ୟୋଗୀ ସୌମ୍ୟ ଭୂଷଣ ଶତପଥି ପ୍ରମୂଖଙ୍କୁ ସମ୍ମାନିତ କରାଯାଇଥିଲା । ସେହିପରି ସ୍ୱତନ୍ତ୍ର ବିଭାଗରେ ସୋମେନ୍ ଅଗରବତୀ, କାରପ୍ଲେକ୍ସ, ମଧୁଲିକା ଏଣ୍ଟରପ୍ରାଇଜେସ୍ ଓ ଆଞ୍ଜେଲିନା ଏଣ୍ଟରପ୍ରାଇଜେସ୍‌କୁ ସମ୍ମାନିତ କରାଯାଇଥିଲା । ପିପିଏଲ୍ ଓଡ଼ିଆ ଆଗାମୀ ଦିନରେ ଯୁବ ପ୍ରତିଭାମାନଙ୍କ ପାଇଁ ଏହିଭଳି କାର୍ଯ୍ୟକ୍ରମ ଜାରି ରଖିବ ବୋଲି ପିପିଏଲ୍ ଓଡ଼ିଆର ପରିଚାଳନା ନିର୍ଦ୍ଦେଶିକା ଲିପ୍ସା ପଟ୍ଟନାୟକ ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମକୁ ପେରଣା ପ୍ରତୀକ୍ଷା ପରିଚାଳନା କରିଥଲେ ।

# ଝୁଲନ୍ତା ଅବସ୍ଥାରେ ଯୁବକଙ୍କ ମୃତଦେହ ଠାବ ପରିବାର ଓ ସମ୍ପର୍କୀୟ ଆଣିଲେ ହତ୍ୟା ଅଭିଯୋଗ

ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅନ୍ତର୍ଗତ ନଗର ଗ୍ରାମପଞ୍ଚାୟତ ବାଲିପନ୍ତାଳ ଅଧୀନ ସେନାପତି ସାହି ନିକଟରୁ ଝୁଲନ୍ତା ଅବସ୍ଥାରେ ଯୁବକ ମୃତଦେହ ଠାବ କରାଯାଇଛି। ଯୁବକଙ୍କ ପରିବାର ଓ ସମ୍ପର୍କୀୟ ଯୁବକଙ୍କ ମୃତ୍ୟୁକୁ ନେଇ ହତ୍ୟା ଅଭିଯୋଗ ଆଣିଛନ୍ତି। ସୂଚନାଯୋଗ୍ୟ, ବୁଧବାର ସକାଳୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅନ୍ତର୍ଗତ ନଗର ଗ୍ରାମପଞ୍ଚାୟତ ବାଲିପନ୍ତାଳ ଅଧୀନ ସେନାପତି ସାହି ନିକଟରୁ ସବୁଜ ରଙ୍ଗର ଗଞ୍ଜି ଓ କାର୍ଗୋ ଫୁଲ ପ୍ୟାଣ୍ଟ ପିନ୍ଧି ଝୁଲନ୍ତା ଅବସ୍ଥାରେ ଜଣେ ଯୁବକଙ୍କ ମୃତଦେହ ଝୁଲିପଡ଼ିଥିବା ଦେଖିବାକୁ ମିଳିଥିଲା। ମୃତଦେହ ନିକଟରେ ଏକ ସାଇକେଲ, ଚପଲ ଓ କଳା ରଙ୍ଗର ଜରିରେ ଭୋଗ ପଡିରହିଥିଲା। ସକାଳୁ ସ୍ଥାନୀୟ ଅଞ୍ଚଳର ଚାଷୀ ଧାନ କାଟିବା ପାଇଁ ଯିବାବେଳେ ମୃତଦେହ ଦେଖି ପୁଲିସକୁ ସୂଚନା ଦେଇଥିଲେ। ସ୍ଥାନୀୟ ଅଞ୍ଚଳର ଲୋକଙ୍କଠାରୁ ଖବର ପାଇ ଅସ୍ତରଙ୍ଗ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ପରେ ଯୁବକଙ୍କ ନିକଟରୁ ଏକ ପାସବୁକ ଓ ମୋବାଇଲି ଫୋନ୍ ଜବତ କରିଥିଲା। ଯାହାଦ୍ୱାରା ମୃତ ଅଜଣା ଯୁବକଜରଙ୍କ ସମ୍ବନ୍ଧରେ ସୂଚନା ମିଳିଥିଲା। ମୃତକଜଣକ ହେଉଛନ୍ତି କଟକ ଜିଲ୍ଲା ଅଡ଼ଶପୁର ବ୍ଲକ ଶୈଳବେଦପୁର ଅଞ୍ଚଳର କାହ୍ନୁଚରଣ ନାୟକ। ଅସ୍ତରଙ୍ଗ ପୁଲିସ ପରିବାର ଲୋକଙ୍କୁ ଖବର ଦେବା ପରେ ବୁଧବାର ଅପରାହ୍ନରେ ପରିବାର ଲୋକ ପହଞ୍ଚି ମୃତକଙ୍କୁ ଚିହ୍ନଟ କରିଥିଲେ। ପରିବାର ଲୋକ କହିବା ଅନୁଯାୟୀ ୧୨ଡିସେମ୍ବର ଗୁରୁବାର ଦିନ ମୃତ କାହ୍ନୁଚରଣ ନାୟକ (୨୩) ଯୋଡ଼ା ବଡ଼ବିଲରୁ ଘରକୁ ଆସିଥିଲେ। ୧୭ ତାରିଖ ମଙ୍ଗଳବାର ଦିନ ଟଙ୍କା ଉଠାଇବାକୁ ବ୍ୟାଙ୍କଖାତା ନେଇ ଘରୁ ବ୍ୟାଙ୍କକୁ ଆସିଥିବାବେଳେ ରାତି ହୋଇଥିଲେ ମଧ ଘରକୁ ଫେରି ନଥିଲେ। ଏ ସମ୍ବନ୍ଧରେ ପରିବାର ଲୋକ ଓଲଟପୁର ଥାନାରେ ମୃତକଙ୍କର ନିଖୋଜ ବୋଲି ଅଭିଯୋଗ ମଧ କରିଥିଲେ। ଅନ୍ୟପଟେ ପୁରୀ ସାଇଣ୍ଟିଫିକ ଅଫିସର ଆଦିତ୍ୟ ରଞ୍ଜନ ନାୟକଙ୍କ ନେତୃତ୍ୱରେ ଏକ ୩ଜଣିଆ ଟିମ୍ ଲ୍ୟାବ ଆଟେଣ୍ଡାଣ୍ଟ ବିଶ୍ୱଜିତି ସାହୁ, କ୍ୟାମେରା ମ୍ୟାନ ରମେଶ ଚନ୍ଦ୍ର ବାରିକି, ଅସ୍ତରଙ୍ଗ ଥାନା ସବ-ଇନ୍ସପେକ୍ଟର ଦୀପକ ସାମନ୍ତ ସିଂହାର ସହ ଥାନାପୁଲିସ ପହଞ୍ଚି ତଦନ୍ତ କରିଥିଲେ। ଘଟଣାସ୍ଥଳରୁ ପୁଲିସ ମୃତ ଯୁବକଙ୍କ ପକେଟରୁ କାନାଡ଼ା ବ୍ୟାଙ୍କ ପାସବୁକ, ମୋବାଇଲିଫୋନ୍, ସାଇକେଲ ଏଟିଏମ୍ କାର୍ଡ, କଳାଜରି ଭୋଗ, ଚପଲ ପ୍ରଭୃତି ଜବତ କରିଛି ପୁଲିସ। ଅସ୍ତରଙ୍ଗ ଥାନା ପୁଲିସ ଏକ ଅପମୃତ୍ୟୁମାମଲା ରୁଜୁ କରି ଘଟଣାର ତଦନ୍ତ ଜାରିରଖିବା ସହ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି।

# ବାଲୁକା କଳାରେ ବିଚ ଭଲିବଲର ମହକ

ପୁରୀ (ଭାସ୍କର ନ୍ୟୁଜ) : ପୁରୀ ନୀଳାଦ୍ରି ବିଚ ଠାରେ ୬୮ ତମ ଜାତୀୟ ୧୭ ବର୍ଷରୁ କମ ବାଳକ ଓ ବାଳିକା ବିଚ ଭଲିବଲ ଚମ୍ପିୟାନସିପ ଅନୁଷ୍ଠିତ ହେଉଅଛି। ରାଜ୍ୟ ସ୍କୁଲ ସ୍ପୋର୍ଟ୍ସ ଆସୋସିଏସନ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସହଯୋଗରେ ଏହା ଆୟୋଜିତ ହେଉଅଛି। ଏହି ଅବସରରେ ଚମ୍ପିୟାନସିପକୁ ଅଧିକ ଆକର୍ଷଣୀୟ ଓ ସ୍ମରଣୀୟ କରିବାକୁ ବିଶ୍ୱମ୍ଭର ବିଦ୍ୟାପୀଠର ବିଜ୍ଞାନ ଶିକ୍ଷକ ଆଶିଷ କୁମାର ଜେନାଙ୍କ ଦ୍ୱାରା କରାଯାଇଥିଲା ଏକ ବାଲୁକା କଳା। ଚମ୍ପିୟାନସିପକୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିବା ପୁରୀ ବିଧାୟକ ସୁନିଲ କୁମାର ମହାନ୍ତି ଓ ଅନ୍ୟାନ୍ୟ ଅତିଥି ମାନେ ଏହି ବାଲୁକା କଳାକୁ ପରିଦର୍ଶନ କରିବା ସହ ଉଚ୍ଚ କୋଟୀର କଳା ପ୍ରତିଭା ପାଇଁ ଆଶିଷଙ୍କୁ ଧନ୍ୟବାଦ ଦେଇଥିଲେ। ବାଲୁକା କଳାରେ ମହନ୍ତ ଗଦାଧର ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷକ ଚନ୍ଦ୍ରକାନ୍ତ ଦଳବେହେରା ଓ ସୁଖଲତା ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷକ ରବୀନ୍ଦ୍ର ବେହେରା ସହଯୋଗ କରିଥିଲେ।



# ଆମ କଳାହାଣ୍ଡି





## ଦାଦନ ଶ୍ରମିକ ମୃତ



କେସିଙ୍ଗା, (ଭାସ୍କର ନ୍ୟୁଜ): କେସିଙ୍ଗା ବ୍ଲକ ପଥର୍ଲା ପଞ୍ଚାୟତ ଅଧିନସ୍ଥ ବାହାଦୂର ପଦର ଗ୍ରାମର ଭୂପିନ୍ଦ୍ର ପୋଡ଼ (୪୧)ଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ପରିବାର ଲୋକଙ୍କ ସୂଚନା ଅନୁସାରେ, ଗତ ନଭେମ୍ବର ମାସରେ ଭୂପିନ୍ଦ୍ର କିଛି ଲୋକଙ୍କ ସହ ଦାଦନ ଖଟିବାକୁ ଯାଇ ସେଠାରେ ଶ୍ରମିକ ଭାବେ କାମ କରୁଥିଲେ । ତେବେ ସବୁଦିନ ଭଳି ସୋମବାର ମଧ୍ୟ କାମ କରିବାକୁ ଯାଇଥିଲେ ଓ ଫେରି ଖାଇ ସାରିବା ପରେ ଶୋଇଥିବା ସମୟରେ ମୃତ୍ୟୁ ହୋଇଛି । ସୋମବାର ରାତିରେ ଘର ଲୋକଙ୍କୁ ଫୋନ୍ କରି ମୁଁ କାଲି ଘରକୁ ଯିବି ବୋଲି କହିଥିବାରୁ ଯାହାଦ୍ୱାରା ଭୂପିନ୍ଦ୍ରଙ୍କ ମୃତ୍ୟୁକୁ ପରିବାର ଲୋକେ ସହଜରେ ଗ୍ରହଣ କରିପାରୁ ନାହାଁନ୍ତି । ଶବ ବ୍ୟବଚ୍ଛେଦ କରିବା ପାଇଁ ଗାଁକୁ ଶବ ଆମ୍ବୁଲାନ୍ସ ଯୋଗେ ଫେରିବ ବୋଲି ପରିବାରବର୍ଗ ପ୍ରକାଶ କରିଛନ୍ତି । ଘଟଣାଟି ଗାଁରେ ପ୍ରଚାରିତ ହେବା ପରେ ଶୋକର ଛାୟା ଖେଳିଯାଇଛି । ମୃତକଙ୍କ ପରିବାର ଲୋକେ କ୍ଷତିପୂରଣ ସହାୟତା ଯୋଗାଇ ଦେବା ପାଇଁ ଦାବି କରିଛନ୍ତି । ମୃତ ଭୂପିନ୍ଦ୍ରଙ୍କ ଛୋଟ ପୁଅ, ଜଣେ ଝିଅ ଥିବାବେଳେ ମୃତକଙ୍କ ସ୍ତ୍ରୀ ଓ ପରିବାର ଲୋକେ ଭାଙ୍ଗି ପଡିଛନ୍ତି।

## କଳାହାଣ୍ଡିରେ ମୃଦୁ ଭୂମିକମ୍ପ

ଧର୍ମଗଡ଼, (ଭାସ୍କର ନ୍ୟୁଜ): ଭୂମିକମ୍ପ ଝଟକାରେ ଥରିଲା କଳାହାଣ୍ଡି । ଭୟଭୀତ ହୋଇଯାଇଥିଲେ ଲୋକେ । କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଉପଖଣ୍ଡ ଅନ୍ତର୍ଗତ ଧର୍ମଗଡ଼, ଜୁନାଗଡ଼, ଗୋଲାମୁଣ୍ଡା, କୋକସରା ଓ କଲମପୁର ବ୍ଲକ ଅଞ୍ଚଳରେ ମୃଦୁ ଭୂମିକମ୍ପ ଝଟକା ଅନୁଭୂତ ହୋଇଛି । ଫଳରେ ସ୍ଥାନୀୟ ଲୋକମାନେ ଭୟଭୀତ ହୋଇପଡିଛନ୍ତି । ମଙ୍ଗଳବାର ସନ୍ଧ୍ୟା ୭ଟା ୩ମିନିଟ୍‌ରେ ଏହି ଭୂମିକମ୍ପ ଝଟକା ଅନୁଭୂତ ହୋଇଛି । ତେବେ ଭୂମିକମ୍ପର ତୀବ୍ରତା କେତେ ଥିଲା ତାହା ଜଣାପଡି ନାହିଁ । ଅନ୍ୟପଟେ କ୍ଷୟକ୍ଷତି ହୋଇଛି କି ନାହିଁ ତାହାର ସୂଚନା ମିଳିନାହିଁ । ଲୋକଙ୍କ କହିବା ମତେ ୧ସେକେଣ୍ଡ ମଧ୍ୟରେ ଥରି ଉଠିଥିଲା କଳାହାଣ୍ଡି ।

## କଳାହାଣ୍ଡି ଜିଲ୍ଲାରେ ହାଡ଼ଭଙ୍ଗା ଶୀତ





### ଥୁଆମୂଳ ରାମପୁର ବ୍ଲକରେ ତୁଷାରପାତ

ଭବାନୀପାଟଣା, (ଭାସ୍କର ନ୍ୟୁଜ): ବେଶ୍ କିଛି ଦିନ ହେଲା ହାଡଥରା ଶୀତରେ ଥରୁଛି ସାରା କଳାହାଣ୍ଡି ଜିଲ୍ଲା । ଚଳିତ ବର୍ଷର ମୌସୁମୀ ବର୍ଷା ଠିକ୍ ରୂପେ ହୋଇ ନ ଥିବାରୁ ଲୋକଙ୍କ ଧାରଣା ଥିଲା ଯେ ଏ ବର୍ଷ ଶୀତ କମ୍ ପଡିବ ମାତ୍ର ସମସ୍ତଙ୍କ ଧାରଣାକୁ ଭୁଲ୍ ବୋଲି ପ୍ରମାଣିତ କରି ଏ ବର୍ଷ ଶୀତ ତାହାର ପ୍ରବଳ ପ୍ରକୋପକୁ ଜାରି ରଖିଛି । ଏମିତି କି ଗତ ୧୫ତାରିଖ ରାତିରେ ଜିଲ୍ଲାର ଥୁଆମୂଳ ରାମପୁର ବ୍ଲକରେ ସ୍ଥାନେ ସ୍ଥାନେ ବରଫ ପଡିଥିବା ଦେଖିବାକୁ ମିଳିଛି । ରାତିରେ ପ୍ରବଳ ଶୀତ ଲହରୀ ସାଙ୍ଗକୁ ଭୟଙ୍କର କାକର ପଡୁଛି । ସାଧାରଣ ଲୋକମାନେ ଭୋରରୁ ଉଠିବା ତ ଦୂରର କଥା ସୂର୍ଯ୍ୟୋଦୟ ପରେ ମଧ୍ୟ କୁହୁଡି ଓ ଥଣ୍ଡା ପବନ ଯୋଗୁଁ ସହଜରେ ଉଠି ପାରୁନାହାନ୍ତି । ବୁଢାବୁଢ଼ୀ, ବୟସ୍କ ଲୋକ, ଛୋଟପିଲା ଓ ରୋଗୀମାନେ ଶୀତରେ ଖୁବ୍ କଷ୍ଟ ପାଉଛନ୍ତି । ଥଣ୍ଡା ଯୋଗୁଁ ଜ୍ୱର, କାଶ, କଫ ରୋଗୀଙ୍କ ସଂଖ୍ୟା ବଢୁଥିବା ଜିଲ୍ଲା ମୁଖ୍ୟ ଡାକ୍ତରଖାନା ସୂତ୍ରରୁ ଜଣାପଡିଛି । ଜିଲ୍ଲାରେ ଗତ ୧୬ ତାରିଖରେ ତାପମାତ୍ରା ସର୍ବନିମ୍ନ ୭.୮ ସେଲସିୟସ୍‌ରେ ପହଞ୍ଚିଥିବା ସରକାରୀ ଭାବେ ରେକର୍ଡ କରାଯାଇଥିଲା । ଅନ୍ୟପକ୍ଷରେ ଜିଲ୍ଲାରେ ୧୪ ତାରିଖରେ ୧୧ ଡିଗ୍ରୀ, ୧୫ ତାରିଖରେ ୯.୪ ଡିଗ୍ରୀ, ୧୭ ତାରିଖରେ ୯ ଡିଗ୍ରୀ ଏବଂ ୧୮ ତାରିଖ ସକାଳ ୭ଟା ସମୟରେ ୧୧ ଡିଗ୍ରୀ ସେଲସିୟସ୍ ଥଣ୍ଡା ସରକାରୀଙ୍ଗ ଭାବେ ରେକର୍ଡ କରାଯାଇଛି । ଇତିମଧ୍ୟରେ ଥୁଆମୂଳ ରାମପୁର ବ୍ଲକର ବିଭିନ୍ନ ଅଞ୍ଚଳରେ ଦୁଇଦିନ ତଳେ ରାତିରେ ବରଫ ପଡିଥିବା ସୂଚନା ମିଳିଛି । ଫଳରେ ଫସଲ ହାନୀ ସାଙ୍ଗକୁ ଜନଜୀବନ ବିପର୍ଯ୍ୟସ୍ତ ହୋଇପଡିଛି ।

## ଲଡୁଗାଁ କଲେଜର ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପିତ

କୋକସରା,(ଭାସ୍କର ନ୍ୟୁଜ): କୋକସରା ବ୍ଲକ ଲଡୁଗାଁ ମିନି ଷ୍ଟାଡିୟମରେ ଗତ ଦୁଇଦିନ ଧରି ଚାଲିଥିବା ଲଡୁଗାଁ କଲେଜର ୩୦ତମ ବାର୍ଷିକ କ୍ରୀଡ଼ା ଉତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି । କଲେଜ ଅଧ୍ୟକ୍ଷ ଡ. ନିହାର କାନ୍ତ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପିତ ଉତ୍ସବରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ଠାକୁର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଅବସରପ୍ରାପ୍ତ ବ୍ୟାଙ୍କ ମ୍ୟାନେଜର ଶ୍ରୀକାନ୍ତ ପାଢ଼ୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଖେଳ ଶିକ୍ଷକ ବୀରେନ୍ଦ୍ର ନାରାୟଣ ଦାଶ ଓ ଚିଲିଗୁଡ଼ା କସ୍ତୁରବା ଆବାସିକ ବିଦ୍ୟାଳୟର ଶିକ୍ଷକ କିସନ ଢଙ୍ଗଡ଼ାମାଝୀଙ୍କ ନେତୃତ୍ୱରେ ୨୩ଟି କ୍ରୀଡ଼ା ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଏହି ଅବସରରେ କୃତି ଶିକ୍ଷାର୍ଥୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଅଧାପକ ସଞ୍ଜୟ କାମାର ପୁରୋହିତ କର୍ଯ୍ୟକ୍ରମ ସଂଯୋଜନା କରିଥିଲାବେଳେ ପ୍ରଶାନ୍ତ ଯୋଷୀ ପୁରସ୍କାର ବିବରଣୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଅଧାପିକା କଲ୍ୟାଣୀ ମହାନ୍ତି, ଅଙ୍କିତା ଖୁରା, ଭାରତ ଭୂଷଣ ଠାକୁର, ଭଗବନ କଟା, ଶଙ୍କର ସତନାମୀ, ବିଭଞ୍ଜନ ସାହୁ, ଭାନୁମତି ମାଝି ପ୍ରମୁଖ




କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ପ୍ରଧାପକ ପ୍ରେମାନନ୍ଦ ସହା ଧନ୍ୟବାଦ ଅର୍ପଣ କରିଥିଲେ ।

## ଅଷ୍ଟପ୍ରହର ନାମଯଜ୍ଞ

ଧର୍ମଗଡ଼, (ଭାସ୍କର ନ୍ୟୁଜ): ସାଧାରଣତଃ ନାମକରଣ ଉତ୍ସବରେ ପୂଜାର୍ଚ୍ଚନା ବା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ । ଏପରିକି ଭୋଜି ଭାତ ଆସର ବି ଜମେ । ହେଲେ ଧର୍ମଗଡ଼ ବ୍ଲକ ପର୍ଲା ପଞ୍ଚାୟତ ସେମେଲା ଗ୍ରାମରେ ଜଣେ ନବଜାତ ଶିଶୁର ନାମକରଣ ଉତ୍ସବ ଏକ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇ ଚର୍ଚ୍ଚା ପରିସରକୁ ଆସିଛି । ଦମ୍ପତି ଦୁହେଁ କୁମୁଦ ଗୋପାଳ ଓ ଉସା ଗୋପାଳ ନିଜ ଦ୍ୱିତୀୟ ଜନ୍ମିତ ଶିଶୁର ନାମକରଣରେ ଅହରାତ୍ର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଏହି ନାମଯଜ୍ଞରେ କର୍ତ୍ତା ଭାବେ ତୁଲେସ ଗୋପାଳ, କନକ ଗୋପାଳ, ଖଞ୍ଜିବ ଗୋପାଳ ରୁକମନି ଗୋପାଳ ଥିବାବେଳେ ପୂଜକ ସୁବେନ୍ଦୁ ମୁଣ୍ଡ ଓ ନବୀନ ପୁରୋହିତ ଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ପର୍ଲା ପଞ୍ଚାୟତ ସରପଞ୍ଚ ବ୍ରିଜଲାଲ ନାଏକ, ସମ୍ମାନୀୟ ଅତିଥି ଅରୁଣ ଜାଲ, ସୁବାସ ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ । ଏଥିରେ ୮ଟି ସଂକୀର୍ତ୍ତନ ମଣ୍ଡଳୀ ଦଳ ଅଂଶଗ୍ରହଣ କରିଥିଲେ । ଶହ ଶହ ଭକ୍ତ ହରେ କୃଷ୍ଣ ରାମ ନାମରେ ସାମିଲ ହୋଇଥିଲେ।

## ପର୍ଲା ଏ.ପି ଦାସ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ
## ପ୍ରତିଷ୍ଠାତାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ଧର୍ମଗଡ଼, (ଭାସ୍କର ନ୍ୟୁଜ): ଧର୍ମଗଡ଼ ବ୍ଲକ ପର୍ଲା ସ୍ଥିତ ଅନନ୍ତ ପ୍ରସାଦ ଦାସ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଶୁଭାରମ୍ଭ ହୋଇଯାଇଛି । ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ମଶାଲ ଗ୍ରହଣ କରିବା ସମେତ କ୍ରୀଡା ଉତ୍ସବର ଉଦ୍‌ଘାଟନ କରିଥିଲେ । ତିନି ଦିନ ଧରି ଚାଲିବାକୁ ଥିବା ଏହି କ୍ରୀଡ଼ା ଉତ୍ସବରେ ବୁଧବାର ଛାତ୍ରଛାତ୍ରୀଙ୍କ ଦ୍ୱାରା ମଶାଲ ଯାତ୍ରା ଗାଁ ଦେବୀ ଠାକୁରାଣୀ ମନ୍ଦିରରୁ ବାହାରି ବିଦ୍ୟାଳୟ ପରିସରରେ ଥିବା ହାଟ ଗରିଆଣିଙ୍କ ନିକଟରେ ପୂଜାର୍ଚ୍ଚନା କରାଯାଇ ମଞ୍ଚରେ ସ୍ଥାପନ କରାଯାଇଥିଲା । ବିଭିନ୍ନ କ୍ରୀଡାରେ ଛାତ୍ରଛାତ୍ରୀମାନେ ଭାଗ ନେବା ବ୍ୟବସ୍ଥା ଥିବା ବେଳେ ଉର୍ତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ମାନପତ୍ର ସହ ପୁରସ୍କାର ଦିଆଯିବା ବ୍ୟବସ୍ଥା ରହିଛି । ତେବେ ବିଦ୍ୟାଳୟ ପ୍ରତିଷ୍ଠାତାଙ୍କ ପ୍ରତିମୂର୍ତ୍ତିକୁ ଆଜି ଉନ୍ମୋଚିତ କରାଯାଇଛି । ସୂଚନାଯୋଗ୍ୟ ଏହି ବିଦ୍ୟାଳୟ ୧୯୭୫ରେ ପ୍ରତିଷ୍ଠିତ ହୋଇଥିଲା । ସ୍ୱର୍ଗୀୟ ଅନନ୍ତ ପ୍ରସାଦ ଦାସଙ୍କ ନେତୃତ୍ୱରେ ଗାଁ ଲୋକଙ୍କ



ସହଯୋଗରେ ବିଦ୍ୟାଳୟ ପ୍ରତିଷ୍ଠିତ ହୋଇଥିବା ବେଳେ ୧୯୯୪ମସିହାରେ ଏହା ସରକାରୀ ବିଦ୍ୟାଳୟର ମାନ୍ୟତା ପାଇଥିଲା । ଏହି ମୂର୍ତ୍ତି ଉନ୍ମୋଚତ ସ୍ୱର୍ଗୀୟ ଦାସଙ୍କ ସୁପୁତ୍ର ଅବସରପ୍ରାପ୍ତ ଶିକ୍ଷକ ସରୋଜ କୁମାର ଦାସଙ୍କ କରକମଳରେ ଓ ପରିବାରଙ୍କ ଉପସ୍ଥିତିରେ ହୋଇଯାଇଛି । ଅନନ୍ତ ପ୍ରସାଦ ଦାସ ଉଚ୍ଚ ବିଦ୍ୟାଳୟ ଅନେକ ଛାତ୍ରଛାତ୍ରୀଙ୍କ ଜୀବନ ଗଠନରେ ପ୍ରମୁଖ ଭୂମିକା ନେଇଛି । ଏଥିପାଇଁ ବିଦ୍ୟାଳୟ ପ୍ରତିଷ୍ଠାତା ସ୍ୱର୍ଗୀୟ ଶ୍ରୀ ଦାସଙ୍କ ମହାନ ଅବଦାନ ଥିବା ଅସ୍ୱୀକାର କରିହେବ ନାହିଁ । ଜିଲ୍ଲାସ୍ତରରେ ଏବେ ଏହି ବିଦ୍ୟାଳୟ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛି ବୋଲି ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ମନରୋମା ତ୍ରିପାଠୀ କହିଥିଲେ । କାର୍ଯ୍ୟକ୍ରମରେ ବିଦ୍ୟାଳୟ କମିଟିର ସଭାପତି ଧନୁର୍ଯ୍ୟ ଅଦା, ଅବସରପ୍ରାପ୍ତ କିରାଣୀ ସୁଶାନ୍ତ କୁମାର ଦାସ, ରାଧା ମୋହନ ଦାସ, ମୁରଲୀ ଦାସ, ହୃଷିକେଶ ସାହୁ, ସୁଧୀର ବାଗ, ସୁଖାରାମ ମେହେର, ଶିକ୍ଷକ-ତେଜେଶ୍ୱର ସାହୁ, ନବ ସୁନାରୀ, ସାରଦା ଦାସ, ଅର୍ଜୁନ ଗୋପାଳ, ରୁଦ୍ରମଦନ ନାଏକ, ମୁକ୍ତିକାନ୍ତ ଭଇସାଲ, ଶେଷ ବିନ୍ଦୁ କୁମ୍ଭାର, ତୁଷାରଞ୍ଜନ ନାଏକ, ସମରଥ ମିଶ୍ର, ଲକ୍ଷ୍ମୀକାନ୍ତ ମେହେର, ବିକାଶ ସାହୁ, ପ୍ରଜ୍ଞା ପଣ୍ଡା, ବିରେନ୍ଦ୍ର ସୁନାନୀ, ପ୍ରତିଭା ପରିଡା, ଦିବ୍ୟା ଭବାନୀ ନାଏକ ପ୍ରମୁଖ ଉପସ୍ଥିତ ରହିଥିଲେ ।

## ରକ୍ତଦାନ ଶିବିର

କେସିଙ୍ଗା, (ଭାସ୍କର ନ୍ୟୁଜ): ଅଗ୍ରସେନ ଭବନ ଠାରେ ମଙ୍ଗଳବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିର ସକାଳ ୯ ଟାରୁ ଆରମ୍ଭ ହୋଇ ଅପରାହ୍ନ ୪ଟା ବେଳେ ଶେଷ ହୋଇଥିଲା । ଏଥିରେ ୭୫ ୟୁନିଟ୍ ରକ୍ତ ସଂଗୃହିତ ହୋଇଥିଲା । ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ନଗରପାଳ ନୃପରାଜ ଯାଦବ, ସମ୍ମାନିତ ଅତିଥି ରୂପେ କେସିଙ୍ଗା ଆଦର୍ଶ ଥାନା ଆଇଆଇସି ପ୍ରଦ୍ୟୁମ୍ନ କୁମାର ମହାପାତ୍ର, ଅଗ୍ରୱାଲ ସଭା ସଭାପତି ଲଜ୍ଜେରାମ ଅଗ୍ରୱାଲ, ସ୍ଥାନୀୟ ସିଏଚ୍‌ସିର ଶିଶୁ ବିଶେଷଜ୍ଞ ଲଳିତ ଅଗ୍ରୱାଲ ପ୍ରମୁଖ ଯୋଗଦେଇ ଏହି ଶିବିରକୁ ଉଦ୍ଘାଟନ କରିଥିଲା ବେଳେ ରକ୍ତଦାନ ଏକ ମହତ୍ ଦାନ ଏବଂ ଏହାଦ୍ୱାରା ବହୁ ନିରୀହ ଲୋକଙ୍କ ଜୀବନ ରକ୍ଷା ହୋଇପାରୁଛି ବୋଲି ନିଜ ନିଜର ବକ୍ତବ୍ୟରେ କହିଥିଲେ । ଏହି ଶିବିର ପରିଚାଳନାରେ ମାରୱାଡି ଯୁବାମଞ୍ଚ ଅଧ୍ୟକ୍ଷ ଅଙ୍କିତ ଜୈନ, ସଚିନ ସୌରଭ ଅଗ୍ରୱାଲ, ସଦସ୍ୟ ସୁରେଶ ଅଗ୍ରୱାଲ, ବିବେକ ଜୈନ, ସିଦ୍ଧାର୍ଥ ଅଗ୍ରୱାଲଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ଓ ସଦସ୍ୟମାନେ ସହଯୋଗ କରିଥିଲେ।

## ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ




ନର୍ଲା, (ଭାସ୍କର ନ୍ୟୁଜ): ସମାଜର ଜଣେ ସଂସ୍କାରି ମଣିଷ ଗଠନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଶିକ୍ଷା ଅନୁଷ୍ଠାନ ହେଉଛି ସରସ୍ୱତୀ ଶିଶୁ ମନ୍ଦିର । ଆମ ରାଜ୍ୟ ଓଡ଼ିଶାରେ ଶତାଧିକ ଏଭଳି ଶିକ୍ଷା ଅନୁଷ୍ଠାନ ଚାଲିଥିବା ବେଳେ କଳାହାଣ୍ଡି ଜିଲ୍ଲା ନର୍ଲା ସହରରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଅନ୍ୟତମ । ଏହି ଶିକ୍ଷା ଅନୁଷ୍ଠାନଟି ୩୫ ବର୍ଷ ତଳେ ୧୯୯୦ ମସିହା ଅଗଷ୍ଟ ୧୩ ତାରିଖ ଜନ୍ମାଷ୍ଟମୀ ଦିନ ଆରମ୍ଭ ହୋଇଥିଲା । ପ୍ରତି ବର୍ଷ ପରି ଚଳିତ ବର୍ଷ ମଧ୍ୟ ଉକ୍ତ ଶିକ୍ଷାନୁଷ୍ଠାନ ରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଉତ୍ସବର ପ୍ରାରମ୍ଭିକ ପର୍ଯ୍ୟାୟରେ ସଭାପତି ଅବସରପ୍ରାପ୍ତ ଶିକ୍ଷକ ସାରଥୀ ନାୟକଙ୍କ କର କମଳରେ ଦୀପ ପ୍ରଜ୍ୱଳନ ସହିତ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା । ଶିକ୍ଷାନୁଷ୍ଠାନରେ ପାଠ ପଢି ନର୍ଲା ଅଞ୍ଚଳର ଅନେକ ଛାତ୍ରଛାତ୍ରୀ ସରକାରୀ ଓ ବେସରକାରୀ ଚାକିରି କରି ଅନୁଷ୍ଠାନ ସହିତ ନର୍ଲା ଅଞ୍ଚଳର ଗୌରବ ଭାବରେ ନିଜକୁ ପରିଗଣିତ କରିପାରିଛନ୍ତି । ଚଳିତ ବର୍ଷ ଉକ୍ତ ଶିକ୍ଷାନୁଷ୍ଠାନରେ ପାଠ ପଢି ଥିବା ଛାତ୍ର ତୁଳସୀରାମ୍ ମାଝୀ ଓଏଏସ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଉକ୍ତ ସ୍କୁଲ୍ ସହିତ ନର୍ଲା ଅଞ୍ଚଳରେ ଅନ୍ୟମାନଙ୍କ ପାଇଁ ପ୍ରେରଣାର ପାତ୍ର ହୋଇଛନ୍ତି । ମଧ୍ୟ ରାତ୍ର ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିବା ଉକ୍ତ ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ସ୍କୁଲର ଛାତ୍ରଛାତ୍ରୀଙ୍କ ଦ୍ୱାରା ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥିଲା । ପ୍ରଥମେ କୁନି କୁନି ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ନୃତ୍ୟ ପରିବେଷଣ ପରେ ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସହିତ ସ୍ୱଳ୍ପ ସମୟଭିତ୍ତିକ ନାଟକ ଉପସ୍ଥିତ ଦର୍ଶକଙ୍କ ମନକୁ କିଣି ନେଇଥିଲା ।

## ଫଳ ବ୍ୟବସାୟୀଙ୍କୁ ପିଣ୍ଡି ଆବଣ୍ଟନ

କେସିଙ୍ଗା,(ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା କେସିଙ୍ଗା ସହର ମୁଖ୍ୟରାସ୍ତା କଡ଼ରେ ବ୍ୟବସାୟୀମାନେ ଦୀର୍ଘଦିନରୁ ଫଳ ବ୍ୟବସାୟ କରିଆସୁଥିଲେ। ଏଥିଯୋଗୁ ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଟ୍ରାଫିକ ଜାମ୍ ହେଉଥିଲା। ଫଳରେ ଗମନାଗମନ କ୍ଷେତ୍ରରେ ବହୁ ଅସୁବିଧା ହେଉଥିଲା। ଏହି ସମସ୍ୟାର ସମାଧାନ ପାଇଁ କଳାହାଣ୍ଡି ଜିଲ୍ଲାପାଳ ଏନ୍‌ଏସି କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ପରିପ୍ରେକ୍ଷୀରେ ଏନ୍‌ଏସି ସଦ୍‌ଭାବନା ସଭାଗୃହରେ ଅଧ୍ୟକ୍ଷ ନୃପରାଜ ଯାଦବଙ୍କ ନେତୃତ୍ୱରେ ଫଳ ବ୍ୟବସାୟୀଙ୍କ ଉପସ୍ଥିତିରେ ମଙ୍ଗଳବାର ଆଲୋଚନା ହୋଇ ପିଣ୍ଡି ବଣ୍ଟନ ପାଇଁ ଲଟେରି କରାଯାଇଥିଲା । ଲଟେରିରେ ଗଜିନ୍ଦ୍ର ସାହୁ ପ୍ରଥମ, ହୃଷୀକେଶ ସାହୁ ଦ୍ୱିତୀୟ ଓ ଅଚ୍ୟୁତ ସାହୁ ତୃତୀୟ ଏହିପରି



ଫଳ ବ୍ୟବସାୟ କରୁଥିବା ୨୨ଜଣଙ୍କୁ ୱାର୍ଡ ନମ୍ବର ୩ ଅମ୍ବାଜି ମନ୍ଦିରରେ ନିକଟରେ ଥିବା ପିଣ୍ଡି ଆବଣ୍ଟନ କରାଯାଇଛି । ଆସନ୍ତା ଜାନୁଆରୀ ୩ରେ ଅମ୍ବାଜି ମନ୍ଦିର ନିକଟକୁ ଯିବା ପାଇଁ ସମସ୍ତ ଫଳ ଦୋକାନୀ ସ୍ୱଇଚ୍ଛାରେ ରାଜି ହୋଇଛନ୍ତି । ଏଥିରେ ଫଳ ଦୋକାନୀ ବ୍ୟତିକ୍ରମ କଲେ ନିୟମ ଅନୁସାରେ ଦଣ୍ଡନୀୟ ହେବେ ବୋଲି ଚୁକ୍ତିନାମାରେ ସ୍ୱାକ୍ଷରିତ କରିଛନ୍ତି । ଏ ସଂକ୍ରାନ୍ତରେ ନିର୍ବାହୀ ଅଧିକାରୀ ପ୍ରଣବ କୁମାର ଚାନ୍ଦଙ୍କୁ ପଚାରିବାରୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ ସମସ୍ତ ଫଳ ଦୋକାନୀ ଓ ପନିପରିବା ଦୋକାନୀଙ୍କୁ ରାଜରାସ୍ତାରୁ ହଟାଯାଇ ଜାଗା ଦେବା ପାଇଁ ବ୍ୟବସ୍ଥା କରାଯିବ ବୋଲି ପ୍ରକାଶ କରିଥିଲେ ।

### ସିନିୟର ତୀରନ୍ଦାଜ ପ୍ରତିଯୋଗିତା
## କାଂସ୍ୟ ପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଲେ ସଞ୍ଜୟ

ଲାଞ୍ଜିଗଡ଼,(ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ଆଦିବାସୀ ଅଧ୍ୟୁଷିତ ମଦନଗୁଡା ଗ୍ରାମର ଆଦିବାସୀ ଯୁବକ ସଞ୍ଜୟ ମାଝୀ ଜାତୀୟ ଏନ୍‌ଟିପିସି ସିନିୟର ତୀରନ୍ଦାଜ ପ୍ରତିଯୋଗିତାରେ କାଂସ୍ୟ ପଦକ ଜିତିଛନ୍ତି । ଝାଡଖଣ୍ଡର ଜାମସେଦପୁର ସ୍ଥିତ ଗୋପାଲ ମୈଦାନରେ ଡିସେମ୍ବର ୧୫ ରୁ ୨୦ ପର୍ଯ୍ୟନ୍ତ ଚାଲିଥିବା ଜାତୀୟ ଏନ୍‌ଟିପିସି ସିନିୟର ତୀରନ୍ଦାଜ ପ୍ରତିଯୋଗିତାରେ ଲାଞ୍ଜିଗଡର ଆଦିବାସୀ ଯୁବକ ସଞ୍ଜୟ ମାଝୀ କାଂସ୍ୟ ପଦକ ହାସଲ କରି ଓଡ଼ିଶା, ଜିଲ୍ଲା ତଥା ବ୍ଲକ ପାଇଁ ଗୌରବ ଆଣିଛନ୍ତି। କଳାହାଣ୍ଡି ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ଲାଞ୍ଜିଗଡ ବ୍ଲକ ପାହାଡ଼ ପଦର ପଞ୍ଚାୟତର ମଦନଗୁଡା ଗ୍ରାମର ଦାନ ମାଝୀଙ୍କ ପୁଅ ସଞ୍ଜୟ । ସଞ୍ଜୟ ଲାଞ୍ଜିଗଡ ସରକାରୀ



ଏସ୍‌ଏସ୍‌ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରଥମେ ଷଷ୍ଠ ଶ୍ରେଣୀରୁ ଅଧ୍ୟୟନ କରି ଯୁକ୍ତ-୨ ପର୍ଯ୍ୟନ୍ତ ଶିକ୍ଷା ସହିତ କୋଚ୍ ଶୀମାଞ୍ଚଳ କାତ୍ରାକାଙ୍କ ଠାରୁ ତୀରନ୍ଦାଜ ତାଲିମ ମଧ୍ୟ ନେଉଥିଲେ । ଚଳିତବର୍ଷ ବାଣିଜ୍ୟରେ ଉତ୍ତୀର୍ଣ୍ଣ ହେବା ପରେ ଭୁବନେଶ୍ୱରସ୍ଥିତ କିସ୍ ବିଦ୍ୟାଳୟ ଅଧ୍ୟୟନ କରୁଛନ୍ତି। ସେ ଭୁବନେଶ୍ୱର କିସ୍ ବିଦ୍ୟାଳୟ ପକ୍ଷରୁ ଏହି ଜାତୀୟ ଏନ୍‌ଟିପିସି ସିନିୟର ତୀରନ୍ଦାଜ ପ୍ରତିଯୋଗିତାରେ ଇଣ୍ଡିଆନ ରାଉଣ୍ଡ ସିନିୟର ବାଳକ ବିଭାଗରେ ଭାଗ ନେଇ ୫୦ ମିଟରରେ ବ୍ୟବଧାନରେ ୩୨୭ ପଏଣ୍ଟ ଓ ୩୦ ମିଟର ବ୍ୟବଧାନରେ ୩୨୮ ପଏଣ୍ଟ ରଖି ମୋଟ ୬୫୫ ପଏଣ୍ଟ ହାସଲ କରି ତୃତୀୟ ସ୍ଥାନ ଅଧିକାର କରି କାଂସ୍ୟ ପଦକ ହାସଲ କରିଛନ୍ତି । ସଞ୍ଜୟ ଓଡ଼ିଶା, ଜିଲା ତଥା ବ୍ଲକ ପାଇଁ ଗୌରବ ଆଣିଥିବାରୁ ଜିଲ୍ଲା ତଥା ବ୍ଲକ ଅଞ୍ଚଳରେ ବିଭିନ୍ନ ମହଲରୁ ତାଙ୍କୁ ସମ୍ବର୍ଦ୍ଧନା ଜଣାଉଛନ୍ତି ।


## କୋଇଲା ବୋଝେଇ ଟ୍ରେନ୍‌ରେ ନିଆଁ




ନର୍ଲା, (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ରୁପ୍ରାରୋଡ ରେଳ ଷ୍ଟେସନ ଠାରେ ଏକ ମାଲ୍ ବୋଝେଇ ଟ୍ରେନ୍‌ର ଏକ ବଗିରେ ନିଆଁ ଲାଗିଥିବା ଦେଖାଯାଇଛି । କାର୍ଯ୍ୟରତ ରେଳ ବିଭାଗ କର୍ମଚାରୀ ଧନମତ ବାଗ ପ୍ରଥମେ ଏହାକୁ ଦେଖିବାକୁ ପାଇ ଷ୍ଟେସନ ମାଷ୍ଟର ତ୍ରିଲୋଚନ ସାହୁଙ୍କୁ ଖବର ଦେଇଥିଲେ । ତୁରନ୍ତ ନର୍ଲା ଦମକଳ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିବା ଷ୍ଟେସନ ମ୍ୟାନେଜର ଧବଳେଶ୍ୱର ମାଝୀ ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ ଯେ ମାଲ୍ ବୋଝେଇ ଟ୍ରେନ୍‌ଟି ଟିଟିଲାଗଡ଼ ପଟୁ ବିଶାଖାପାଟଣା ଅଭିମୁଖେ ଯାଉଥିଲା । କେଉଁ କାରଣରୁ ବଗିରେ ନିଆଁ ଲାଗିଥିଲା ତାର କାରଣ ସ୍ପଷ୍ଟ ହୋଇନାହିଁ।

## ରାଶିଫଳ

ଗୁରୁବାର, ୧୯ ଡିସେମ୍ବର ୨୦୨୪



**ମେଷ:** ଆଜି ଆପଣ ଅସୁସ୍ଥତା ଏବଂ ଚିନ୍ତା ଅନୁଭବ କରିବେ । ଶରୀରରେ ଥକ୍କାପଣ ଓ ମନରେ ବ୍ୟାକୁଳତା ଅନୁଭବ ହେବ । ଅଭ୍ୟାସରେ ନ୍ୟାୟ ଆଣିବାକୁ ଚେଷ୍ଟା କରନ୍ତୁ । ନିର୍ଦ୍ଦିଷ୍ଟ କାର୍ଯ୍ୟ କରିବାକୁ ଚେଷ୍ଟା କରନ୍ତୁ ।




**ବୃଷ:** ଆଜି କୌଣସି ପ୍ରକାରର ନୂତନ କାର୍ଯ୍ୟ ଆରମ୍ଭ କରନ୍ତୁ ନାହିଁ । ଆଜି ଆପଣଙ୍କ ସ୍ୱାସ୍ଥ୍ୟ ଖରାପ ହୋଇପାରେ । ଖାଦ୍ୟ ଏବଂ ପାନୀୟରେ ବିଶେଷ ଯତ୍ନ ନେବା ଲାଭଦାୟକ ଅଟେ । ଅଫିସରେ କାର୍ଯ୍ୟଭାର ହେତୁ ଆପଣ ଅଧିକ ଥକ୍କା ଅନୁଭବ କରିବେ।




**ମିଥୁନ:** ଆଜି ଆପଣଙ୍କର ଦିନ ଆନନ୍ଦ ଏବଂ ଭୋଗରେ ଅତିବାହିତ ହେବ । ବିପରୀତ ଲିଙ୍ଗର ଲୋକଙ୍କୁ ଭେଟିବେ । ବନ୍ଧୁ ଏବଂ ପ୍ରିୟଜନଙ୍କ ସହିତ ଏକ ଉପଭୋଗ୍ୟ ରହଣି ହୋଇପାରେ । ମିଠା ଖାଦ୍ୟ ମିଳିପାରିବ । ସ୍ୱାସ୍ଥ୍ୟ ଭଲ ହେବ ।



**କର୍କଟ:** ଆଜି ଆପଣଙ୍କର ଭଲରେ ଦିନ କଟିବ। ଘରେ ଶାନ୍ତି ଏବଂ ଆନନ୍ଦର ପରିବେଶ ରହିବ ଏବଂ ଏକ ସୁଖଦ ସମ୍ପର୍କ ଗଢି ଉଠିବ । ଆପଣ ଯାହା ବି କରନ୍ତି ସେଥିରେ ଆପଣ ଖ୍ୟାତି ଅର୍ଜନ କରିବେ । ସ୍ୱାସ୍ଥ୍ୟ ଭଲ ହେବ । ପରିବାର ସଦସ୍ୟଙ୍କ ସହିତ ଘରେ ସମୟ ବିତାଇବେ ।



**ସିଂହ:** ଆଜି ସାଧାରଣ ଲାଭର ଦିନ। ଅଯଥା ଖର୍ଚ୍ଚ ବନ୍ଦ କରିବାକୁ ପଡିବ । ବିଶେଷ ଧ୍ୟାନ ଦିଅନ୍ତୁ ଯେ ପରିବାରରେ ଝଗଡ଼ା ନହୁଏ । ପରିବାରର ସଦସ୍ୟଙ୍କ ମଧ୍ୟରେ ଥିବା ଭୁଲ ବୁଝାମଣାକୁ ଦୂରେଇ ରଖନ୍ତୁ । ଶାରୀରିକ ସମସ୍ୟା ମନରେ ଚିନ୍ତା ଆଣିବ।



**କନ୍ୟା:** ଆଜି ଆପଣଙ୍କ ପାଇଁ ଭଲ ଦିନ ନୁହେଁ। ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ଭଲ ହେବ ନାହିଁ । ଅନେକ ସମସ୍ୟା ହେତୁ ମନ ବିବ୍ରତ ରହିବ । ଶକ୍ତିର ଅଭାବ ରହିବ । ସମ୍ପର୍କୀୟମାନଙ୍କ ସହିତ ମତଭେଦ ହେବ । ମାଆର ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା କରିବେ ।



**ତୁଳା:** ଆଜି ପୂର୍ବର ସମସ୍ୟା ସମାଧାନ ହୋଇଯିବ । ପାରିବାରିକ ଜୀବନ ସୁଖଶାନ୍ତିରେ କଟିବେ । କୌଣସି ନୂତନ କାର୍ଯ୍ୟ କରିବାକୁ ଅଗ୍ରସର ହୋଇ ସଫଳ ହେବେ। କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢିପାରେ ।




**ବିଛା:** ଆପଣଙ୍କ ଦିନ ଶୁଭ ହେବ। ଭାଇମାନଙ୍କ ସହିତ ଭଲ ସମ୍ପର୍କ ରହିବ । ଏକ ଛୋଟ ଧାର୍ମିକ ସ୍ଥାନ ପରିଦର୍ଶନ କରିବା ଏକ ସଫଳ କାର୍ଯ୍ୟକ୍ରମ ହେବ । ଧନ ଲାଭର ସମ୍ଭାବନା । ବିଦେଶରୁ ଭଲ ଖବର ଆସିବ । ବ୍ୟବହାରିକ ପ୍ରସଙ୍ଗ ହେତୁ ଯାତ୍ରା କରିପାରିବ । ଶାରୀରିକ ଏବଂ ମାନସିକ ସ୍ତରରେ ସୁସ୍ଥ ରହିବ । ପୁଞ୍ଜି ନିବେଶକାରୀଙ୍କ ପାଇଁ ଏହା ଏକ ଭଲ ଦିନ



**ଧନୁ:** ଆପଣ ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟର ଯତ୍ନ ନିଅନ୍ତୁ। ଆଜି ଆପଣ ନିର୍ଦ୍ଦିଷ୍ଟ କାର୍ଯ୍ୟ କରିବାକୁ ସକ୍ଷମ ହେବେ । ଆର୍ଥିକ ଲାଭ ହାସଲ ହେବ । ସ୍ଥାନାନ୍ତରଣର ସମ୍ଭାବନା, ବିଶେଷକରି ଧାର୍ମିକ ଯାତ୍ରା ସମ୍ଭାବନା ଅଛି। ସମ୍ପର୍କୀୟଙ୍କ ଘରେ ଏକ ମଙ୍ଗଳ ପ୍ରସଙ୍ଗରେ ଉପସ୍ଥିତ ହେବାର ଏକ ସୁଯୋଗ ଥାଇପାରେ।



**ମକର:** ଆଜି ଆପଣ ସତର୍କ ରହିବାକୁ ସୂଚନା ଆସିଛି । ଆଜି ବ୍ୟବସାୟିକ କାର୍ଯ୍ୟରେ ସହଯୋଗୀ ହସ୍ତକ୍ଷେପ ବୃଦ୍ଧି ପାଇବ । ଖର୍ଚ୍ଚ ସାଧାରଣ ଅପେକ୍ଷା ଅଧିକ ହେବ । ଧାର୍ମିକ, ସାମାଜିକ କାର୍ଯ୍ୟରେ ଯୋଗଦାନ ବୃଦ୍ଧି ପାଇବ ଏବଂ ଖର୍ଚ୍ଚ ମଧ୍ୟ ହୋଇପାରେ । ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା ହେବ ।



**କୁମ୍ଭ:** ଆପଣ ନୂତନ କାର୍ଯ୍ୟ ଆୟୋଜନ ଆରମ୍ଭ କରିବା ପାଇଁ ଆଜି ଶୁଭ ଦିନ । ଚାକିରି ଏବଂ ବ୍ୟବସାୟରେ ଲାଭ ହେବ । ଆପଣ ମହିଳା ସାଙ୍ଗମାନଙ୍କଠାରୁ କାମ ପାଇପାରିବେ । ଲକ୍ଷ୍ମୀ ଦେବୀଙ୍କ ଆଶୀର୍ବାଦ ଆଜି ଆପଣଙ୍କ ଉପରେ ଅଛି । ଆପଣ ବୁଲିବାକୁ ଯୋଜନା କରିପାରିବେ ।



**ମୀନ:** ଆଜି ଆପଣଙ୍କ ଦିନ ବହୁତ ଶୁଭ ହେବ। ଆପଣ ସଫଳତା ଏବଂ ଉଚ୍ଚ ପଦାଧିକାରୀଙ୍କ ଇଚ୍ଛା ହେତୁ ଆଜି ଆପଣଙ୍କ ପାଇଁ ଖୁସିର ଦିନ ହେବ । ବ୍ୟବସାୟୀମାନେ ବ୍ୟବସାୟରେ ଅଭିବୃଦ୍ଧି ଏବଂ ସଫଳତା ପାଇବେ । ଲକ୍ଷ୍ମୀଦେବୀଙ୍କ ଆଶୀର୍ବାଦ ରହିବ । ସ୍ୱାସ୍ଥ୍ୟ ଭଲ ହେବ ।



ଜ୍ୟୋତିଷ ଚର୍ଚ୍ଚା

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରିବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯